RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-296 ◆FRIDAY ◆24 APRIL 2026 ◆PAGE-12 ◆₹ 7.00 | PANIKOILI | ◆ବର୍ଷ-୪୩ ◆ସଂଖ୍ୟା-୨୯୬ ◆ଶୁକ୍ରବାର ◆୨୪ ଏପ୍ରିଲ୍ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦



କିଙ୍ଗ୍: ରିଲିଜ୍ ପୂର୍ବରୁ ୨୫୦ କୋଟି ଆୟ

▶ପୃଷ୍ଠା ୧୧ ଦେଖନ୍ତୁ...

# ସିଝିଲା ଓଡ଼ିଶା

# ଆଉ ୨ ଦିନ କଲବଲ କରିବ ତାତି

## ୪୪ ଡିଗ୍ରୀରେ ଟକ୍‌ଟକ୍ ଫୁଟିଲା ଝାରସୁଗୁଡ଼ା ଓ ତାଳଚେର

- ୨୪ଟି ସ୍ଥାନରେ ତାପମାତ୍ରା ୪୦ ଡିଗ୍ରୀ ଉପରେ
- ରାଜଧାନୀରେ ପାରଦ ୪୨ ଡିଗ୍ରୀ ଛୁଇଁଲା
- ଆଜି ୬ ଜିଲ୍ଲାକୁ ଗ୍ରୀଷ୍ମ ଲହରୀ ସତର୍କତା ଜାରି
- ତାତିରୁ ଉପଶମ ଦେଇପାରେ କାଳବୈଶାଖୀ ବର୍ଷା

■ ଭୁବନେଶ୍ୱର, ୨୩।୪ (ସମିସ): ଦିନ ୧୦ଟା ବେଳକୁ ଅସହ୍ୟ ତାତି ଓ ଗୁଳୁଗୁଳି ଆରମ୍ଭ ହେଉଛି। ପ୍ରବଳ ଖରା ପାଇଁ ଲୋକେ ଘରୁ ଗୋଡ଼ କାଢ଼ିବାକୁ ଭୟ କରୁଥିବା ବେଳେ ଗତ ୪-୫ ଦିନ ହେଲାଣି ତତଲା କଡ଼େଇରେ ସମଗ୍ର ଓଡ଼ିଶା ସିଝୁଛି। ବୁଧବାର ପରି ଗୁରୁବାର ମଧ ରାଜ୍ୟର ଅଧିକାଂଶ ସ୍ଥାନରେ ଅସମ୍ଭାଳ ତାତି ପରିଲିକ୍ଷିତ ହୋଇଛି। ଗୁରୁବାର ରାଜ୍ୟର ୨୪ଟି ସ୍ଥାନରେ ତାପମାତ୍ରା ୪୦ ଡିଗ୍ରୀ ପାର୍ କରିଥିବା ବେଳେ ଝାରସୁଗୁଡ଼ା ଓ ତାଳଚେରରେ ସର୍ବୋଚ୍ଚ ଦିନ ତାପମାତ୍ରା ୪୪ ଡିଗ୍ରୀ ରେକର୍ଡ କରାଯାଇଛି। ରାଜଧାନୀ ଭୁବନେଶ୍ୱରରେ ପାରଦ ୪୨.୧ ଡିଗ୍ରୀ ରହିଥିବା ନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

କେନ୍ଦ୍ରର ସୂଚନା ଅନୁଯାୟୀ ଗୁରୁବାର ଟିଟିଲାଗଡ଼ରେ ପାରଦ ୪୩.୮ ଡିଗ୍ରୀ ଲେସିୟସ୍ ରେକର୍ଡ କରାଯାଇଥିବା ବେଳେ ଢେଙ୍କାନାଳ ଓ ଅନୁଗୋଳରେ ତାପମାତ୍ରା ୪୩.୫ ଡିଗ୍ରୀ ରେକର୍ଡ କରାଯାଇଛି। ହୀରାକୁଦରେ ତାପମାତ୍ରା ▶ପୃଷ୍ଠା-୭

# ଆଗୁଆ ହେବ ଖରାଛୁଟି

■ ଭୁବନେଶ୍ୱର, ୨୩।୪ (ସମିସ): ରାଜ୍ୟରେ ବଢୁଥିବା ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ର ଓ ବିଦ୍ୟାଳୟକୁ ଆଗୁଆ ଖରାଛୁଟି ଘୋଷଣା କରାଯିବ। ରାଜସ୍ୱ ବିଭାଗ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏବଂ ସ୍ୱତନ୍ତ୍ର ରିଲିଫ୍ କମିସନର (ଏସ୍‌ଆର୍‌ସି) ମିଳିତ ଭାବେ ବୈଠକ କରି ଗ୍ରୀଷ୍ମ ପ୍ରବାହର ସମୀକ୍ଷା କରିବା ପରେ ନିଷ୍ପତ୍ତି ହୋଇଛି। ନିଷ୍ପତ୍ତି ସମ୍ପର୍କରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ ରାଜ୍ୟରେ ଗ୍ରୀଷ୍ମ ପ୍ରବାହ କମିବାର ସମ୍ଭାବନା ନାହିଁ। ପାଣିପାଗ ବିଭାଗର ଆକଳନକୁ ଦୃଷ୍ଟିରେ ରଖି ଉଭୟ ଅଙ୍ଗନବାଡ଼ି ▶ପୃଷ୍ଠା-୭

SIKSHA 'O' ANUSANDHAN
SAAT-2026
Empowering students for a brighter future
NURSING PROGRAMMES
- B.Sc. (Nursing) (Basic)
- B.Sc. (Nursing) (Post Basic)
- M.Sc. (Nursing)

APPROVAL & RECOGNITIONS
- Approved by UGC, ONMRC and INC
- Re-accredited by NAAC with A++ Grade
- Granted with Category-1 Graded Autonomy by UGC

NIRF INDIA RANKINGS 2025
- 15th Best in University Category
- 15th Best in Medical Category
- 09th Best in Dental Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through SAAT, Please visit: www.soa.ac.in

# ରେକର୍ଡ ମତଦାନ

## ପଶ୍ଚିମବଙ୍ଗରେ ୯୧.୫୮%
## ତାମିଲନାଡୁରେ ୮୪%

■ କୋଲକାତା/ଚେନ୍ନାଇ, ୨୩।୪ (ଏଜେନ୍ସି): ପ୍ରବଳ ଉତ୍ସାହ ଓ ଉତ୍ତେଜନା ମଧ୍ୟରେ ଆଜି ପଶ୍ଚିମବଙ୍ଗ ବିଧାନସଭା ପାଇଁ ପ୍ରଥମ ପର୍ଯ୍ୟାୟ ଭୋଟ୍ ଗ୍ରହଣ ଶେଷ ହୋଇଥିବା ବେଳେ ତାମିଲନାଡୁର ସମସ୍ତ ୨୩୪ଟି ନିର୍ବାଚନମଣ୍ଡଳୀରେ ମତଦାନ ହୋଇଛି। ଉଭୟ ରାଜ୍ୟରେ ରେକର୍ଡ ମତଦାନ ହୋଇଛି। ପଶ୍ଚିମବଙ୍ଗରେ ୯୧.୫୮ ପ୍ରତିଶତ ମତଦାନ ହୋଇଥିବା ବେଳେ ତାମିଲନାଡୁରେ ୮୪.୨୯ ପ୍ରତିଶତ ମତଦାନ ହୋଇଛି। ସ୍ୱାଧୀନ ଭାରତ ଇତିହାସରେ ଏହି ଦୁଇ ରାଜ୍ୟରେ ଏମିତି ରେକର୍ଡ ମତଦାନ କେ।।ବେ ହୋଇନଥିଲା। ଦୁଇ ରାଜ୍ୟରେ ମତାଦାତା ସେମାନଙ୍କର ଗଣତାନ୍ତ୍ରିକ ଅଧିକାର ସାବ୍ୟସ୍ତ କରିବାରେ ଇତିହାସ ସୃଷ୍ଟି କରିଛନ୍ତି। ଏଥିପାଇଁ



ଭାରତର ନିର୍ବାଚନ କମିସନ ସେମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

ସୂଚନାଯୋଗ୍ୟ ଯେ ଗତ ୨୦୨୧ ବିଧାନସଭା ନିର୍ବାଚନରେ ପଶ୍ଚିମବଙ୍ଗରେ ସର୍ବାଧିକ ୮୨.୩୦ ପ୍ରତିଶତ ମତଦାନ ହୋଇଥିଲା। କୋଭିଡ୍ କଟକଣା ମଧ୍ୟରେ ହୋଇଥିବା ଏହି ନିର୍ବାଚନରେ ମମତା ବାନାର୍ଜୀଙ୍କ ତୃଣମୂଳ କଂଗ୍ରେସ କ୍ରମାଗତ ତୃତୀୟ ଥର ଲାଗି କ୍ଷମତା ବଜାୟ ରଖିଥିଲା। ସେହିଭଳି ତାମିଲନାଡୁରେ ୨୦୧୧ରେ ସର୍ବାଧିକ ୭୮.୨୯ ପ୍ରତିଶତ ଭୋଟ୍ ରେକର୍ଡ କରାଯାଇଥିଲା। ଏହି ନିର୍ବାଚନରେ ଆନ୍ନାଡିଏମ୍‌କେ ବିପୁଳ ବିଜୟ ସହ କ୍ଷମତା ଦଖଲ କରିଥିଲା।

ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନର ପ୍ରଥମ ପର୍ଯ୍ୟାୟରେ ଆଜି ୧୫୨ଟି ଆସନ ପାଇଁ ଭୋଟ୍ ଗ୍ରହଣ କରାଯାଇଛି। କେତେକ ମାମୁଲି ଘଟଣାକୁ ଛାଡ଼ିଦେଲେ ନିର୍ବାଚନ ମୋଟାମୋଟି ଭାବେ ଶାନ୍ତିପୂର୍ଣ୍ଣ ରହିଥିଲା। ଦକ୍ଷିଣ ଦିନାଜପୁରରେ ସର୍ବାଧିକ ୯୪.୩୭ ପ୍ରତିଶତ ମତଦାନ ହୋଇଥିବା ବେଳେ କୁଚ୍ ବିହାରରେ ୯୩ ପ୍ରତିଶତ ମତଦାନ ହୋଇଛି। ନିର୍ବାଚନ କମିସନଙ୍କ ବିବାଦୀୟ ଏସଆଇଆର ପରେ ପ୍ରଥମ ଥର ଲାଗି ନିର୍ବାଚନ ▶ପୃଷ୍ଠା-୭

19001/30/2627



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ଜାତୀୟ ପଞ୍ଚାୟତିରାଜ ଦିବସ- ୨୦୨୬
ରାଜ୍ୟସ୍ତରୀୟ ସମାରୋହ

ମୁଖ୍ୟ ଅତିଥି
ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ

ଗରିମାମୟ ଉପସ୍ଥିତି
ଶ୍ରୀ କନକ ବର୍ଦ୍ଧନ ସିଂହ ଦେଓ
ଉପ ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଶ୍ରୀ ରବି ନାରାୟଣ ନାଏକ
ମନ୍ତ୍ରୀ, ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ

ଡ. ମୁକେଶ ମହାଲିଙ୍ଗ
ମନ୍ତ୍ରୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର, ଇଲେକ୍‌ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା

ଶ୍ରୀମତୀ ସଙ୍ଗୀତା କୁମାରୀ ସିଂହ ଦେଓ
ସାଂସଦ, ବଲାଙ୍ଗିର

ଏବଂ ବିଧାୟକ ବୃନ୍ଦ, ବଲାଙ୍ଗିର



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ ଅବସରରେ

- ଅନ୍ତ୍ୟୋଦୟ ଗୃହ ଯୋଜନାରେ ୫୦,୦୦୦ରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ କରକମଳରେ କାର୍ଯ୍ୟାଦେଶ ବଣ୍ଟନ ଓ ୨୦୦ କୋଟି ଟଙ୍କାର ପ୍ରଥମ କିସ୍ତି ରାଶି ପ୍ରଦାନ।
- ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ଆଭ୍ୟନ୍ତରୀଣ ଅଡ଼ିଟ୍ ପ୍ରକ୍ରିୟାକୁ ଅନଲାଇନ୍ ମାଧ୍ୟମରେ ପରିଚାଳନା ନିମନ୍ତେ "ପଞ୍ଚାୟତିରାଜ ସମୀକ୍ଷା" ପୋର୍ଟାଲର ଉନ୍ମୋଚନ।
- "ବିକଶିତ ଗାଁ, ବିକଶିତ ଓଡ଼ିଶା" ଅଭିଯାନରେ ଗ୍ରାମୀଣ ବିକାଶ କ୍ଷେତ୍ରରେ ମୋଟ ୨୧,୮୦୫ଟି ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଛି।
- ସର୍ବ ଭାରତୀୟ ସ୍ତରରେ ଚଳିତ ବର୍ଷ ଓଡ଼ିଶାର ୫ଟି ପଞ୍ଚାୟତିରାଜ ଅନୁଷ୍ଠାନ ବିଭିନ୍ନ କ୍ଷେତ୍ରରେ ଶ୍ରେଷ୍ଠ ସେବା ପାଇଁ ପୁରସ୍କୃତ ହୋଇଛନ୍ତି।
- ଜିଲ୍ଲା ପରିଷଦ ବୈଠକକୁ ପାରଦର୍ଶିତାର ସହିତ ପରିଚାଳନା କରିବା ନିମନ୍ତେ "ଇ-ପଞ୍ଚାୟତ ସଭା" (ଜିଲ୍ଲା ପରିଷଦ) ପୋର୍ଟାଲର ଉନ୍ମୋଚନ।
- ବିଗତ ୨ ବର୍ଷରେ ଗ୍ରାମୀଣ ଆବାସ ଯୋଜନାରେ ୪.୬୭ ଲକ୍ଷ ଗୃହ ନିର୍ମାଣ ହୋଇଅଛି ସେଥିମଧ୍ୟରୁ ୨୦୨୫-୨୬ ଆର୍ଥିକ ବର୍ଷରେ ୨.୫୮ ଲକ୍ଷ ଗୃହ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରାଯାଇଛି।
- ଓଡ଼ିଶାର ୨୧,୦୩୩ଟି ଗ୍ରାମକୁ ପାଇପ୍ ଯୋଗେ ପାନୀୟ ଜଳ ଯୋଗାଇ ଦିଆଯାଉଛି। ସେହିପରି ୭,୦୯୯ଟି ଗ୍ରାମକୁ ସର୍ବସାଧାରଣ ପାଇପ୍ ଟ୍ୟାପ୍ (Stand Post) ଯୋଗେ ଜଳ ଯୋଗାଣ କରାଯାଉଛି। ଆଗାମୀ ୨୦୨୭ ସୁଦ୍ଧା ସମସ୍ତ ଗ୍ରାମକୁ ପାଇପ୍ ଯୋଗେ ଜଳ ଯୋଗାଇ ଦିଆଯିବ।
- ୨୦୨୫-୨୬ ବର୍ଷରେ ୨୦୦ ଗ୍ରାମ ପଞ୍ଚାୟତ ISO ପ୍ରମାଣପତ୍ର ହାସଲ କରିଛନ୍ତି।

୨୪ ଅପ୍ରେଲ ୨୦୨୬ | ସନ୍ଧ୍ୟା ୫ ଘଟିକା | ଗାନ୍ଧୀ ଷ୍ଟାଡିୟମ, ବଲାଙ୍ଗିର

OIPR-19001/19001/2/26-27/0002

ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ, ଓଡ଼ିଶା ସରକାର

## ଉତ୍ତରାଖଣ୍ଡରେ ଗଭୀର ଖାଇକୁ ଗାଡ଼ି ଖସି ୮ ମୃତ

ଉତ୍ତରାଖଣ୍ଡ, ୨୩।୪(ଏଜେନ୍ସି): ଉତ୍ତରାଖଣ୍ଡର ଟିହରୀ ଗଡ଼ୱାଲ ଜିଲ୍ଲାରେ ଗୁରୁବାର ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଏକ ଯାତ୍ରୀବାହୀ ଗାଡ଼ି ନିୟନ୍ତ୍ରଣ ହରାଇ ଗଭୀର ଗଣ୍ଡକୁ ଖସିପଡ଼ିବାରୁ ୮ ଜଣଙ୍କର ମୃତ୍ୟୁ ଘଟିଛି। ଚମ୍ବା ବ୍ଲକର ଚମ୍ବା-କୋଟି ରାସ୍ତାର ନୈଲ ନିକଟରେ ଏହି ଦୁର୍ଘଟଣା ଘଟିଛି। ଗାଡ଼ିଟି ପ୍ରାୟ ୩୦୦ ମିଟର ଗଭୀର ତଳକୁ ଖସି ପଡ଼ିଥିଲା। ଗାଡ଼ିରେ ମୋଟ ୧୧ ଜଣ ଯାତ୍ରୀ ଥିଲେ। ସେମାନଙ୍କ ମଧ୍ୟରୁ ୮ ଜଣ ପ୍ରାଣ ହରାଇଥିବା ବେଳେ ୨ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି। ଖବର ପାଇ, ଷ୍ଟେଟ୍ ଡିଜାଷ୍ଟର ରେସପନ୍ସ ଫୋର୍ସ (ଏସ୍‌ଡିଆର୍‌ଏଫ୍), ପୁଲିସ ଏବଂ ସ୍ୱାସ୍ଥ୍ୟ ବିଭାଗର ଟିମ୍ ଯୁଦ୍ଧକାଳୀନ ଭିତ୍ତିରେ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ଆହତମାନଙ୍କୁ ବଉରାରୀ ଜିଲ୍ଲା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସେମାନଙ୍କ ଅବସ୍ଥା ବର୍ତ୍ତମାନ ସ୍ଥିର ଥିବା ଡାକ୍ତରଖାନାର ମୁଖ୍ୟ ଚିକିତ୍ସା ଅଧୀକ୍ଷକ ସୂଚନା ଦେଇଛନ୍ତି। ଟିହରୀ ଗଡ଼ୱାଲର ଜିଲ୍ଲାପାଳ ନୀତିକା ଖଣ୍ଡେଲୱାଲଙ୍କ ଅନୁସାରେ ଗାଡ଼ି ଚାଳକଙ୍କୁ ନିଦ ଲାଗିଯିବା କାରଣରୁ ଦୁର୍ଘଟଣା ଘଟିଥିବା ଅନୁମାନ କରାହୋଇଛି। ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମି ଏହି ଦୁର୍ଘଟଣାକୁ ନେଇ ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟ ଏହି ଦୁର୍ଘଟଣାରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ପରିବାର ପାଇଁ ୨ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି। ପ୍ରଶାସନିକ ଅଧିକାରୀ ଏବଂ ଏସଏସପି ଶ୍ୱେତା ଚୌବେ ଘଟଣାସ୍ଥଳରେ ଉପସ୍ଥିତ ରହି ରିଲିଫ୍ ଓ ଉଦ୍ଧାର କାର୍ଯ୍ୟର ତଦାରଖ କରୁଛନ୍ତି।

## ଅମିତ ଯୋଗୀଙ୍କୁ ସୁପ୍ରିମକୋର୍ଟରୁ ଆଶ୍ୱସ୍ତି

ନୂଆଦିଲ୍ଲୀ, ୨୩।୪(ଏଜେନ୍ସି): ୨୦୦୩ ମସିହାର ବହୁଚର୍ଚ୍ଚିତ ଏନସିପି ନେତା ରାମାବତାର ଜଗି ହତ୍ୟା ମାମଲାରେ ଛତିଶଗଡ଼ର ପୂର୍ବତନ ମୁଖ୍ୟମନ୍ତ୍ରୀ ଅଜିତ ଯୋଗୀଙ୍କ ପୁଅ ଅମିତ ଜୋଗୀଙ୍କୁ ସୁପ୍ରିମକୋର୍ଟଙ୍କ ପକ୍ଷରୁ ବଡ଼ ଆଶ୍ୱସ୍ତି ମିଳିଛି। ଗୁରୁବାର ଏକ ଗୁରୁତ୍ୱପୂର୍ଣ୍ଣ ଶୁଣାଣି କରି ସର୍ବୋଚ୍ଚ ନ୍ୟାୟାଳୟ ଛତିଶଗଡ଼ ହାଇକୋର୍ଟଙ୍କ ସେହି ରାୟ ଉପରେ ରୋକ୍ ଲଗାଇଛନ୍ତି, ଯେଉଁଥିରେ ଅମିତଙ୍କୁ ଆଜୀବନ କାରାଦଣ୍ଡାଦେଶ



ଶୁଣାଯାଇଥିଲା। ଜଷ୍ଟିସ ବିକ୍ରମ ନାଥ, ସନ୍ଦୀପ ମେହେଟ୍ଟା ଏବଂ ବିଜୟ ବିଷ୍ଣୋଇଙ୍କ ଖଣ୍ଡପୀଠ ଅମିତ ଯୋଗୀଙ୍କ ଦୋଷୀ ସାବ୍ୟସ୍ତ ଏବଂ ଦଣ୍ଡାଦେଶ ଉପରେ ସ୍ଥଗିତାଦେଶ ଜାରି କରିଛନ୍ତି। ଅମିତଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ବିବେକ ତନଖା ଏବଂ କପିଲ ସିବଲ କୋର୍ଟରେ ଯୁକ୍ତି ଉପସ୍ଥାପନ କରିଥିଲେ। ଅନ୍ୟପକ୍ଷରେ ପୀଡ଼ିତ ପରିବାର ପକ୍ଷରୁ ସିଦ୍ଧାର୍ଥ ଲୁଥ୍ରା ଏବଂ ଗୋପାଳ ଶଙ୍କରନାରାୟଣନ ଏହି ଆବେଦନକୁ ବିରୋଧ କରିଥିଲେ। ସୁପ୍ରିମକୋର୍ଟ ଏହି ମାମଲାରେ ସିବିଆଇକୁ ମଧ୍ୟ ନୋଟିସ୍ ଜାରି କରି ଜବାବ ମାଗିଛନ୍ତି। ଉଲ୍ଲେଖଥାଉ କି, ଜୁନ୍ ୪, ୨୦୦୩ରେ ଏନସିପି ନେତା ରାମାବତାର ଜଗିଙ୍କୁ ହତ୍ୟା କରାଯାଇଥିଲା। ସେତେବେଳେ ଅଜିତ ଯୋଗୀ ଛତିଶଗଡ଼ର ମୁଖ୍ୟମନ୍ତ୍ରୀ ଥିଲେ। ୨୦୦୭ରେ ଏକ ଟ୍ରାଏଲ୍ କୋର୍ଟ ୨୮ ଜଣ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ ମଧ୍ୟ ଅମିତ ଜୋଗୀଙ୍କୁ ପ୍ରମାଣ ଅଭାବରୁ ଖଲାସ କରିଦେଇଥିଲେ। କିନ୍ତୁ ନିକଟରେ ହାଇକୋର୍ଟ ଏହି ମାମଲାର ପୁନଃ ଶୁଣାଣି କରି ଅମିତଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ କାରାଦଣ୍ଡାଦେଶ ଶୁଣାଇଥିଲେ ଏବଂ ତାଙ୍କୁ ଆତ୍ମସମର୍ପଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ହାଇକୋର୍ଟଙ୍କ ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରି ଅମିତ ଜୋଗୀ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଜନତା କଂଗ୍ରେସ ଛତିଶଗଡ଼ର ସଭାପତି ଥିବା ଅମିତଙ୍କ ପାଇଁ ଏହି ନିଷ୍ପତ୍ତି ଏକ ବଡ଼ ରାଜନୈତିକ ଏବଂ ବ୍ୟକ୍ତିଗତ ବିଜୟ ଭାବେ ଦେଖାଯାଉଛି। ବର୍ତ୍ତମାନ ଏହି ମାମଲାର ପରବର୍ତ୍ତୀ ଶୁଣାଣି ସୁପ୍ରିମକୋର୍ଟରେ ଜାରି ରହିବ।

## ପ୍ରିୟ ପୋଷା କୁକୁରକୁ ବିଷ ଦେଇ ନିଜେ କଲେ ଆତ୍ମହତ୍ୟା

ବରେଲି, ୨୩।୪(ଏଜେନ୍ସି): ଉତ୍ତର ପ୍ରଦେଶର ବରେଲି ଜିଲ୍ଲାରେ ଏକ ମର୍ମନ୍ତୁଦ ଘଟଣା ଘଟିଛି। ଜଣେ ୩୩ ବର୍ଷୀୟ ପ୍ରପର୍ଟି ଡିଲର ଆର୍ଥିକ ଅନାଟନ ଏବଂ ଋଣ ବୋଝ ସହିନପାରି ନିଜର ପ୍ରିୟ ପୋଷା କୁକୁରକୁ ବିଷ ଦେଇ ମାରିବା ପରେ ନିଜେ ଆତ୍ମହତ୍ୟା କରିଛନ୍ତି। ପୁଲିସ ମୃତଦେହ ଉଦ୍ଧାର କରି ଘଟଣାର ତଦନ୍ତ ଆରମ୍ଭ କରିଛି। ମୃତ ଯୁବକଙ୍କ ନାମ ନିଖିଲ ଆରୋରା। ସେ ବରେଲିରେ ଏକ ଭଡ଼ା ଘରେ ନିଜର ପୋଷା ଲାବ୍ରାଡର କୁକୁର 'ପ୍ରେମୀ' ସହିତ ଏକାକୀ ରହୁଥିଲେ। ପୁଲିସ ସୂଚନା ଅନୁଯାୟୀ, ନିଖିଲ ନିଜ ବାପା-ମା'ଙ୍କ ଚିକିତ୍ସା ପାଇଁ ନିଜର ଘର ବିକ୍ରି କରିଦେଇଥିଲେ ଏବଂ ତାଙ୍କ ଉପରେ ବହୁତ ବଡ଼ ପରିମାଣର ଋଣ ବୋଝ ରହିଥିଲା। ଦିନକୁ ଦିନ ଆର୍ଥିକ ସ୍ଥିତି ବିଗିଡ଼ି ଯାଉଥିବାରୁ ସେ ଗଭୀର ମାନସିକ ଚାପରେ ରହୁଥିଲେ। ବୁଧବାର ରାତିରେ ନିଖିଲ ତାଙ୍କ ଜଣେ ସାଙ୍ଗଙ୍କ ଘରକୁ ଖାଇବାକୁ ଯିବାର ଥିଲା। ସେ ସେଠାରେ ନପହଞ୍ଚିବାରୁ ସାଙ୍ଗମାନେ ତାଙ୍କ ଘରକୁ ଆସିଥିଲେ, କିନ୍ତୁ ଭିତରୁ କବାଟ ବନ୍ଦ ଥିଲା। ପୁଲିସ ଉପସ୍ଥିତିରେ କବାଟ ଭଙ୍ଗାଯିବା ପରେ ନିଖିଲ ଏବଂ ତାଙ୍କ କୁକୁରର ମୃତଦେହ ପାଖାପାଖି ପଡ଼ିଥିବା ଦେଖିବାକୁ ମିଳିଥିଲା। ତଦନ୍ତରୁ ଜଣାପଡ଼ିଛି ଯେ ନିଖିଲ ଘୋଳ ଦହି ରେ ସଲଫାସ୍ ବଟିକା ମିଶାଇ ପ୍ରଥମେ କୁକୁରକୁ ଦେଇଥିଲେ ଏବଂ ପରେ ନିଜେ ସେବନ କରିଥିଲେ। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ନିଖିଲ ତାଙ୍କ କୁକୁରକୁ ବହୁତ ଭଲ ପାଉଥିଲେ। ସେ ନଥିବା ବେଳେ କୁକୁରଟିର ଯତ୍ନ କିଏ ନେବ, ସେହି ଭୟରେ ସେ ତାକୁ ମଧ୍ୟ ବିଷ ଦେଇଥିବା ସନ୍ଦେହ କରାଯାଉଛି। ପୁଲିସ ଘଟଣାସ୍ଥଳରୁ ସଲଫାସ୍ ବଟିକାର ଖାଲି ଡବା ଏବଂ ଘୋଳ ଦହିର ପ୍ୟାକେଟ୍ ଜବତ କରିଛି। ଉଭୟ ନିଖିଲ ଏବଂ ତାଙ୍କ କୁକୁରର ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ଆର୍ଥିକ ସଙ୍କଟ କିପରି ଜଣେ ବ୍ୟକ୍ତିଙ୍କୁ ଏଭଳି ଚରମ ନିଷ୍ପତ୍ତି ନେବାକୁ ବାଧ୍ୟ କରିପାରେ, ଏହି ଘଟଣା ତାହାର ଏକ ଶୋଚନୀୟ ଉଦାହରଣ।

# ଭାରତ ଉପରେ ଏତେ ରାଗ କାହିଁକି?

## ଭାରତ ଓ ଚୀନ୍‌କୁ ନର୍କ ସହ ତୁଳନା କଲେ ଟ୍ରମ୍ପ



**ଟ୍ରମ୍ପଙ୍କ ସୋସିଆଲ ମିଡିଆ ପୋଷ୍ଟକୁ ନେଇ ବିବାଦ**

ୱାଶିଂଟନ, ୨୩।୪(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଜନ୍ମଗତ ନାଗରିକତା ଆଇନକୁ ନେଇ ପୁଣି ଥରେ ବିବାଦୀୟ ହୋଇପଡ଼ିଛନ୍ତି। ନିକଟରେ ସେ ଆମେରିକୀୟ ରାଜନୈତିକ ସମୀକ୍ଷକ ମାଇକେଲ ସାଭେଜଙ୍କ ଏକ 'ବର୍ଣ୍ଣବୈଷମ୍ୟ' ପୂର୍ଣ୍ଣ ମନ୍ତବ୍ୟକୁ ନିଜ ସୋସିଆଲ ମିଡିଆ ପ୍ଲାଟଫର୍ମ 'ଟ୍ରୁଥ୍ ସୋସିଆଲ'ରେ ରି-ପୋଷ୍ଟ କରିଛନ୍ତି। ଏହି ପୋଷ୍ଟରେ ଭାରତ ଓ ଚୀନ୍ ଭଳି ଦେଶକୁ 'ହେଲ୍-ହୋଲ୍' ଅର୍ଥାତ 'ନର୍କ ସଦୃଶ' ବୋଲି ଚିତ୍ରଣ କରାଯାଇଛି। ମାଇକେଲ ସାଭେଜ ତାଙ୍କ ପୋଡକାଷ୍ଟ 'ସାଭେଜ ନେସନ'ରେ ଭାରତୀୟ ଏବଂ ଚୀନ୍ ଅଭିଭାବକଙ୍କୁ ତୀବ୍ର ସମାଲୋଚନା କରିଛନ୍ତି। ସାଭେଜ ଅଭିଯୋଗ କରିଛନ୍ତି ଯେ ଭାରତ ଓ ଚୀନ୍ ଭଳି ଦେଶର ଲୋକମାନେ କେବଳ ସନ୍ତାନ ଜନ୍ମ କରିବା ପାଇଁ ଆମେରିକା ଆସନ୍ତି, ଯାହାଦ୍ୱାରା ସେମାନଙ୍କ ଶିଶୁଙ୍କୁ 'ତତ୍କାଳ' ଆମେରିକୀୟ ନାଗରିକତା ମିଳିଯାଏ। ସେ ଭାରତୀୟ ଏବଂ ଚୀନ୍ ପ୍ରବାସୀମାନଙ୍କୁ 'ଲ୍ୟାପଟପ୍ ଧାରୀ ଗ୍ୟାଙ୍ଗଷ୍ଟର' ବୋଲି କହିଛନ୍ତି। ତାଙ୍କ ମତରେ ଏହି ଲୋକମାନେ ଆମେରିକାର ପତାକାକୁ ଅପମାନିତ କରୁଛନ୍ତି ଏବଂ ଶ୍ୱେତକାୟ ଆମେରିକୀୟଙ୍କ ଚାକିରି ଛଡ଼ାଇ ନେଉଛନ୍ତି। ରାଷ୍ଟ୍ରପତି ଟ୍ରମ୍ପ ଦୀର୍ଘ ଦିନରୁ ଆମେରିକାରେ ଜନ୍ମଗତ ନାଗରିକତା ଆଇନ ଶେଷ କରିବାକୁ ଚାହୁଁଛନ୍ତି। ଏକ ସାକ୍ଷାତକାରରେ ଟ୍ରମ୍ପ ଦାବି କରିଥିଲେ ଯେ ବିଶ୍ୱର ଅନ୍ୟ କୌଣସି ଦେଶରେ ଜନ୍ମଗତ ନାଗରିକତା ସୁବିଧା ନାହିଁ। କିନ୍ତୁ ପ୍ରକୃତରେ କାନାଡ଼ା, ମେକ୍ସିକୋ ଏବଂ ଅନେକ ଦକ୍ଷିଣ ଆମେରିକୀୟ ଦେଶ ସମେତ ପ୍ରାୟ ୩୦ରୁ ଅଧିକ ଦେଶରେ ଏହି ନିୟମ ପ୍ରଚଳିତ ଅଛି। ଆମେରିକା ସମ୍ବିଧାନର ୧୪ଶ ସଂଶୋଧନ ଅନୁଯାୟୀ ଜନ୍ମଗତ ନାଗରିକତା ଏକ ସାମ୍ବିଧାନିକ ଅଧିକାର। ବର୍ତ୍ତମାନ ଆମେରିକା ସୁପ୍ରିମକୋର୍ଟରେ 'ଟ୍ରମ୍ପ ବନାମ ବାରବରା' ମାମଲାର ଶୁଣାଣି ଚାଲିଛି, ଯେଉଁଥିରେ ଟ୍ରମ୍ପଙ୍କ ଏହି କାର୍ଯ୍ୟକାରୀ ନିର୍ଦ୍ଦେଶକୁ ଚ୍ୟାଲେଞ୍ଜ କରାଯାଇଛି। ଟ୍ରମ୍ପଙ୍କ ଏହି ପୋଷ୍ଟ ପରେ ଆମେରିକାରେ ରହୁଥିବା ଭାରତୀୟ-ଆମେରିକୀୟ ସମ୍ପ୍ରଦାୟ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏକ ସର୍ଭେ ଅନୁଯାୟୀ, ପ୍ରାୟ ୪୦% ଭାରତୀୟ ଆମେରିକୀୟ ବର୍ତ୍ତମାନର ସ୍ଥିତି ଓ ବଢ଼ୁଥିବା ବର୍ଣ୍ଣବୈଷମ୍ୟ ଯୋଗୁଁ ଆମେରିକା ଛାଡ଼ିବାକୁ ଚିନ୍ତା କରୁଛନ୍ତି।

## ଆମେରିକାରେ ୧୦ ପରମାଣୁ, ମହାକାଶ ବିଜ୍ଞାନୀ ନିଖୋଜ

ୱାଶିଂଟନ, ୨୩।୪(ଏଜେନ୍ସି): ଆମେରିକାର ଅତି ଗୁପ୍ତ ଗବେଷଣା କାର୍ଯ୍ୟକ୍ରମ ସହ ଜଡ଼ିତ ପ୍ରାୟ ୧୦ ଜଣ ପ୍ରତିଷ୍ଠିତ ବିଜ୍ଞାନୀଙ୍କ ରହସ୍ୟଜନକ ମୃତ୍ୟୁ ଏବଂ ନିଖୋଜ ଘଟଣା ଏବେ ସାରା ବିଶ୍ୱରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ଏହି ଘଟଣାଗୁଡ଼ିକର ଗୁରୁତ୍ୱକୁ ଦୃଷ୍ଟିରେ ରଖି ଟ୍ରମ୍ପ ପ୍ରଶାସନ ଫେଡେରାଲ୍ ଏଜେନ୍ସିଗୁଡ଼ିକୁ ଏହାର ଗଭୀର ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ବିଜ୍ଞାନୀମାନେ ଆମେରିକାର ସବୁଠାରୁ ଶକ୍ତିଶାଳୀ ଏବଂ ଗୁପ୍ତ ସଂସ୍ଥାଗୁଡ଼ିକ ସହ ଜଡ଼ିତ ଥିଲେ। ଆମେରିକାର ସଂସଦୀୟ କମିଟି ଏହି ଘଟଣା ପଛରେ କୌଣସି 'ଭୟଙ୍କର ଷଡ଼ଯନ୍ତ୍ର' ଥାଇପାରେ ବୋଲି ସନ୍ଦେହ କରି ନିଜସ୍ୱ ତଦନ୍ତ ଆରମ୍ଭ କରିଛି। ଯଦିଓ ସୁରକ୍ଷା ବିଶେଷଜ୍ଞମାନେ ଏପର୍ଯ୍ୟନ୍ତ ଏହି ସବୁ ମାମଲା ମଧ୍ୟରେ କୌଣସି ସ୍ପଷ୍ଟ ସମ୍ପର୍କ ପାଇନାହାନ୍ତି, ତଥାପି ଏତେ ସଂଖ୍ୟକ ଉଚ୍ଚସ୍ତରୀୟ ବିଜ୍ଞାନୀଙ୍କ ନିଖୋଜ ହେବା ଆମେରିକାର ଜାତୀୟ ସୁରକ୍ଷା ପାଇଁ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଉଚ୍ଚ ସୁରକ୍ଷା କ୍ଲିୟରାନ୍ସ ଥିବା ଏହି ବିଜ୍ଞାନୀମାନେ କେଉଁଆଡେ ଗଲେ, ତାହା ଏବେ ଏକ ବଡ଼ ରହସ୍ୟ। ଏହା କୌଣସି ବିଦେଶୀ ଶକ୍ତିର କାମ କିମ୍ବା ଅନ୍ୟ କିଛି, ତାହା ଏଫ୍‌ବିଆଇର ତଦନ୍ତ ପରେ ହିଁ ସ୍ପଷ୍ଟ ହେବ।

## ପେଣ୍ଟାଗନରେ ଗୃହଯୁଦ୍ଧ; ନୌସେନା ସଚିବ ଜନ୍ ଫେଲାନ୍ ବହିଷ୍କୃତ

ୱାଶିଂଟନ, ୨୩।୪(ଏଜେନ୍ସି): ଇରାନ ସହିତ ଯୁଦ୍ଧ ଚାଲିଥିବା ସମୟରେ ଆମେରିକା ପ୍ରତିରକ୍ଷା ବିଭାଗ (ପେଣ୍ଟାଗନ)ରେ ଏକ ବଡ଼ ଧରଣର ନେତୃତ୍ୱ ପରିବର୍ତ୍ତନ ଦେଖିବାକୁ ମିଳିଛି। ଆମେରିକା ନୌସେନା ସଚିବ ଜନ୍ ଫେଲାନ୍‌ଙ୍କୁ ତୁରନ୍ତ ପ୍ରଭାବରୁ ପଦରୁ ବହିଷ୍କୃତ କରାଯାଇଛି। ପୂର୍ବରୁ ପେଣ୍ଟାଗନ ସେନା ମୁଖ୍ୟ ରେଣ୍ଡି ଜର୍ଜଙ୍କୁ ପଦରୁ ବହିଷ୍କାର କରିଥିଲେ। କିଛି ସପ୍ତାହ ପୂର୍ବରୁ ସ୍ଥଳସେନା ମୁଖ୍ୟଙ୍କୁ ବାହାର କରାଯିବା ପରେ ଏହା ଦ୍ୱିତୀୟ ବଡ଼ କାର୍ଯ୍ୟାନୁଷ୍ଠାନ। ଜନ୍ ଫେଲାନ୍‌ଙ୍କ ଅପସାରଣ ପଛରେ କେତେକ ଗୁରୁତ୍ୱପୂର୍ଣ୍ଣ କାରଣ ରହିଥିବା ଜଣାପଡ଼ିଛି। ସେଥିମଧ୍ୟରୁ ଶିପ୍ ବିଲଡିଂ ସଂସ୍କାରରେ ମନ୍ଥରତା ହେଉଛି ଅନ୍ୟତମ ମୁଖ୍ୟ କାରଣ। ନୌସେନାର ଯୁଦ୍ଧ ଜାହାଜ ନିର୍ମାଣ କାର୍ଯ୍ୟରେ ଅହେତୁକ ବିଳମ୍ବ ପାଇଁ ରାଷ୍ଟ୍ରପତି ଟ୍ରମ୍ପ ଅସନ୍ତୁଷ୍ଟ ଥିଲେ। ପୁଣି ଫେଲାନ୍‌ଙ୍କ କାର୍ଯ୍ୟାଳୟ ବିରୋଧରେ ଏକ ନୈତିକତା ସମ୍ବନ୍ଧୀୟ ତଦନ୍ତ ଚାଲିଥିବା ସୂଚନା ମିଳିଛି।



ପ୍ରତିରକ୍ଷା ସଚିବ ପିଟ୍ ହେଗ୍‌ସେଥ୍‌ଙ୍କ ସହ ତାଙ୍କର ସମ୍ପର୍କ ସୁଧୁରି ନଥିଲା ଅର୍ଥାତ ଆଦୌ ଭଲ ନଥିଲା। ବିଶେଷ କରି ସେ ସିଧାସଳଖ ରାଷ୍ଟ୍ରପତିଙ୍କ ସହ ଯୋଗାଯୋଗ କରୁଥିଲେ ଓ ହେଗସେଥଙ୍କ ସହ ଯୋଗାଯୋଗ କରୁ ନଥିବା ଅଭିଯୋଗ ହୋଇଥିଲା। ବର୍ତ୍ତମାନ ଆମେରିକା ନୌସେନା ଇରାନ ଉପରେ କଟକଣା ଲଗାଇବା ସହ ହର୍ମୁଜ ପ୍ରଣାଳୀରେ ଶତ୍ରୁ ଜାହାଜଗୁଡ଼ିକୁ ଅଟକାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି। ଏଭଳି ସଙ୍କଟ ସମୟରେ ବରିଷ୍ଠ ଅଧିକାରୀଙ୍କୁ ବାହାର କରାଯିବା ପେଣ୍ଟାଗନର ଅସ୍ଥିରତାକୁ ଦର୍ଶାଉଛି ବୋଲି ସିନେଟର ଜ୍ୟାକ୍ ରିଡ୍ ପ୍ରକାଶ କରିଛନ୍ତି। ଚୀନର ବଢ଼ୁଥିବା ନୌସେନା ଶକ୍ତିକୁ ମୁକାବିଲା କରିବା ପାଇଁ ଟ୍ରମ୍ପ ପ୍ରଶାସନ ୧.୫ ଟ୍ରିଲିୟନ ଡଲାରର ପ୍ରତିରକ୍ଷା ବଜେଟ୍ ପ୍ରସ୍ତାବ ଦେଇଛି। ଏହା ଅଧୀନରେ ଗୋଲ୍‌ଡେନ ଫ୍ଲିଟ୍ ଅଭିଯାନ ମାଧ୍ୟମରେ ନୂତନ ଯୁଦ୍ଧ ଜାହାଜ ନିର୍ମାଣ ପାଇଁ ୬୫ ବିଲିୟନ ଡଲାର ବ୍ୟୟ କରାଯିବ। ଜନ୍ ଫେଲାନ୍‌ଙ୍କ ସ୍ଥାନରେ ବର୍ତ୍ତମାନ ହଙ୍ଗ କାଓ କାର୍ଯ୍ୟକାରୀ ନୌସେନା ସଚିବ ଭାବେ ଦାୟିତ୍ୱ ତୁଲାଇବେ। ଯୁଦ୍ଧକାଳୀନ ପରିସ୍ଥିତିରେ ଏହି ବଡ଼ ଧରଣର ପରିବର୍ତ୍ତନ ଆଗାମୀ ଦିନରେ ଆମେରିକାର ସାମରିକ ରଣନୀତିକୁ କିପରି ପ୍ରଭାବିତ କରୁଛି, ତାହା ଦେଖିବାକୁ ବାକି ରହିଲା।

# ଭାରତ ସୀମାରେ ୩ଟି ଇରାନୀ ଟ୍ୟାଙ୍କର ଅଟକାଇଲା ଆମେରିକା

**■ ମାଇନ୍ସ ବିଛାଉଥିବା ନୌକାକୁ ଦେଖିବାମାତ୍ରେ ଗୁଳି ନିର୍ଦ୍ଦେଶ**

ୱାଶିଂଟନ/ନୂଆଦିଲ୍ଲୀ, ୨୩।୪(ଏଜେନ୍ସି): ଇରାନ ବିରୋଧରେ ଜାରି ରହିଥିବା ସାମୁଦ୍ରିକ ଅବରୋଧକୁ ଆହୁରି କଡ଼ାକଡ଼ି କରିଛି ଆମେରିକା। ଆମେରିକୀୟ ସେନା ଏସୀୟ ଜଳସୀମାରେ ଇରାନର ଅତିକମରେ ୩ଟି ବଡ଼ ତୈଳ ଟ୍ୟାଙ୍କରକୁ ଅଟକ ରଖିବା ସହ ସେଗୁଡ଼ିକୁ ଭାରତ, ମାଲେସିଆ ଏବଂ ଶ୍ରୀଲଙ୍କା ନିକଟରୁ ଦୂରକୁ ଘଉଡ଼ାଇ ଦେଇଛି। ଇରାନର ସାମୁଦ୍ରିକ ବାଣିଜ୍ୟ ଉପରେ ରୋକ୍ ଲଗାଇବା ପାଇଁ ୱାଶିଂଟନ ଏହି ପଦକ୍ଷେପ ନେଇଛି। ରଏଟର୍ସର ରିପୋର୍ଟ ଅନୁଯାୟୀ, ଆମେରିକୀୟ ନୌସେନା ସୁପରଟ୍ୟାଙ୍କରଗୁଡ଼ିକୁ ଟାର୍ଗେଟ୍ କରିଛି। ଏହି ସୁପରଟ୍ୟାଙ୍କରରେ ପ୍ରାୟ ୨୦ ଲକ୍ଷ ବ୍ୟାରେଲ୍ ଅଶୋଧିତ ତୈଳ ରହିଛି। ଏହା ଭାରତର ଦକ୍ଷିଣ ଉପକୂଳ ନିକଟରେ ଦେଖିବାକୁ ମିଳିଥିଲା ଏବଂ ବର୍ତ୍ତମାନ ଏକ ଆମେରିକୀୟ ଯୁଦ୍ଧ ଜାହାଜ ଏହାକୁ ଭାରତ ମହାସାଗରରେ ନିଜ ନିୟନ୍ତ୍ରଣରେ ରଖିଛି। ଏହି ଦୁଇଟି ଟ୍ୟାଙ୍କରକୁ ମାଲେସିଆ ନିକଟରୁ ଟ୍ରାକ୍ କରାଯାଇଛି। ଅନ୍ୟ ଏକ ଟ୍ୟାଙ୍କର 'ଡେରିଆ' ମଧ୍ୟ ଆମେରିକା କବଜାରେ ଥିବା ସୂଚନା ମିଳିଛି, କାରଣ ଏହା ଭାରତରେ ନିଜର ତୈଳ ଖଲାସ କରିବାରେ ବିଫଳ ହୋଇଥିଲା। ଆମେରିକାର ସେଣ୍ଟ୍ରାଲ କମାଣ୍ଡ ଅନୁଯାୟୀ, ଅବରୋଧ ଆରମ୍ଭ ହେବା ପରଠାରୁ ପ୍ରାୟ ୨୯ଟି ଜାହାଜକୁ ଫେରାଇ ଦିଆଯାଇଛି କିମ୍ବା ବନ୍ଦରକୁ ପଠାଇ ଦିଆଯାଇଛି। ସମୁଦ୍ର ମଧ୍ୟରେ ଜାରି ରହିଥିବା ଏହି ଶକ୍ତି ପ୍ରଦର୍ଶନ ଏବଂ ତୈଳ ଟ୍ୟାଙ୍କର ଜବତ ଘଟଣା ଆଗାମୀ ଦିନରେ ରଣନୀତିକ ସମ୍ପର୍କକୁ ଅଧିକ ଜଟିଳ କରିପାରେ। ଭାରତ ଓ ମାଲେସିଆ ଭଳି ଦେଶଗୁଡ଼ିକର ନିକଟବର୍ତ୍ତୀ ଅଞ୍ଚଳରେ ଆମେରିକାର ଏହି ସାମରିକ ଗତିବିଧି ଆଞ୍ଚଳିକ ନିରାପତ୍ତା ପ୍ରତି ମଧ୍ୟ ଚିନ୍ତା ବଢ଼ାଇଛି। ଇତିମଧ୍ୟରେ ହର୍ମୁଜରେ ମାଇନ୍ସ ବିଛାଉଥିବା ନୌକାକୁ ଦେଖିବାମାତ୍ରେ ଗୁଳି କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ରାଷ୍ଟ୍ରପତି ଟ୍ରମ୍ପ।




# ସଙ୍କଟରେ ନେପାଳରେ ବାଲେନ ଶାହ ସରକାର



**୨୬ ଦିନରେ ୨ ମନ୍ତ୍ରୀଙ୍କ ଇସ୍ତଫା**

କାଠମାଣ୍ଡୁ, ୨୩।୪(ଏଜେନ୍ସି): ନେପାଳର ନବନିର୍ବାଚିତ ପ୍ରଧାନମନ୍ତ୍ରୀ ତଥା ପୂର୍ବତନ ର୍‍ୟାପର୍ ବାଲେନ ଶାହଙ୍କ ନେତୃତ୍ୱାଧୀନ ସରକାର ଗଠନର ମାସେ ନପୁରୁଣୁ ସଙ୍କଟ ଘେରକୁ ଚାଲିଆସିଛି। 'ରାଷ୍ଟ୍ରୀୟ ସ୍ୱତନ୍ତ୍ର ପାର୍ଟି' ମାଧ୍ୟମରେ ସଂସ୍କାର ଏବଂ ସ୍ୱଚ୍ଛ ଶାସନର ପ୍ରତିଶ୍ରୁତି ଦେଇ କ୍ଷମତାକୁ ଆସିଥିବା ୩୫ ବର୍ଷୀୟ ବାଲେନ ଶାହଙ୍କ ପାଇଁ ଏବେ ନିଜ ସରକାରକୁ ବଞ୍ଚାଇବା ଏକ ବଡ଼ ଆହ୍ୱାନ ସାଜିଛି। ସରକାର ଗଠନର ମାତ୍ର ୨୬ ଦିନ ମଧ୍ୟରେ ଦୁଇଜଣ ଶକ୍ତିଶାଳୀ ମନ୍ତ୍ରୀ ପଦରୁ ବିଦା ହୋଇଛନ୍ତି। ଗୃହମନ୍ତ୍ରୀ ସୁଦାନ ଗୁରୁଙ୍ଗ ନିଜର ବ୍ୟକ୍ତିଗତ ନିବେଶ ଏବଂ ଆର୍ଥିକ କାରବାରକୁ ନେଇ ପ୍ରଶ୍ନ ଉଠିବା ପରେ ସେ ପଦରୁ ଇସ୍ତଫା ଦେଇଛନ୍ତି। ପଦବୀ ଅପେକ୍ଷା ନୈତିକତା ବଡ଼ବୋଲି କହି ସେ ନିଜ ପଦ ଛାଡ଼ିଛନ୍ତି। ସେହିପରି ଶ୍ରମମନ୍ତ୍ରୀ ଦୀପକ କୁମାର ଶାହା ନିଜ ପତ୍ନୀଙ୍କୁ ସ୍ୱାସ୍ଥ୍ୟ ବୀମା ବୋର୍ଡରେ ନିଯୁକ୍ତି ଦେବା ପାଇଁ ପଦବୀର ଅପବ୍ୟବହାର କରିଥିବା ଅଭିଯୋଗରେ ସେ ମାତ୍ର ୧୩ ଦିନ ପରେ ଇସ୍ତଫା ଦେବାକୁ ବାଧ୍ୟ ହୋଇଥିଲେ। ପୁଣି ସରକାରଙ୍କର ଏକ ନୂତନ ସୀମା ଶୁଳ୍କ ନୀତିକୁ ନେଇ ଜନସାଧାରଣଙ୍କ ମଧ୍ୟରେ ପ୍ରବଳ ଅସନ୍ତୋଷ ଦେଖାଦେଇଛି। ନୂଆ ନିୟମ ଅନୁଯାୟୀ, ଭାରତରୁ ୧୦୦ ନେପାଳୀ ଟଙ୍କାରୁ ଅଧିକ ମୂଲ୍ୟର ସାମଗ୍ରୀ ଆଣିଲେ କଷ୍ଟମ୍ସ ଡ୍ୟୁଟି (ଶୁଳ୍କ) ଦେବାକୁ ପଡ଼ିବ। ସୀମାବର୍ତ୍ତୀ ଅଞ୍ଚଳର ଲୋକମାନେ ଦୈନନ୍ଦିନ ଅତ୍ୟାବଶ୍ୟକ ସାମଗ୍ରୀ ପାଇଁ ଭାରତ ଉପରେ ନିର୍ଭର କରୁଥିବାରୁ ଏହି ନିୟମ ସେମାନଙ୍କ ପକେଟ୍ ଉପରେ ଚାପ ପକାଇଛି। ଏହି ନିୟମକୁ କଡ଼ାକଡ଼ି ଭାବେ ଲାଗୁ କରାଯାଉଥିବାରୁ ସୀମାରେ ସାଧାରଣ ଜନତା ଓ ଅଧିକାରୀଙ୍କ ମଧ୍ୟରେ ଧସ୍ତାଧସ୍ତି ହେଉଥିବା ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ପୂର୍ବରୁ ୧୫୦ ନେପାଳୀ ଟଙ୍କା ଥିବା ପେଟ୍ରୋଲ ଦର ଏବେ ବୃଦ୍ଧି ପାଇ ୨୨୫ ଟଙ୍କାରେ ପହଞ୍ଚିଛି।

## ଜେଲ ହାଜତରେ ଆଇ-ପିଏସି ସହ ପ୍ରତିଷ୍ଠାତା ବିନେଶ ଚାନ୍ଦେଲ

ନୂଆଦିଲ୍ଲୀ, ୨୩।୪(ଏଜେନ୍ସି): ରାଜନୈତିକ ରଣନୀତି ପ୍ରସ୍ତୁତ କରୁଥିବା ସଂସ୍ଥା ଆଇ-ପିଏଲସିର ସହ-ପ୍ରତିଷ୍ଠାତା ତଥା ନିର୍ଦ୍ଦେଶକ ବିନେଶ ଚାନ୍ଦେଲଙ୍କୁ ଦିଲ୍ଲୀର ଏକ କୋର୍ଟ ମେ' ୭ ତାରିଖ ପର୍ଯ୍ୟନ୍ତ ୧୪ ଦିନିଆ ନ୍ୟାୟିକ ହେପାଜତକୁ ପଠାଇଛନ୍ତି। କୋଇଲା ଚୋରା ଚାଲାଣ ସହ ଜଡ଼ିତ ଏକ ମନି ଲଣ୍ଡରିଂ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡ଼ି) ତାଙ୍କୁ ଗିରଫ କରିଛି। ଚାନ୍ଦେଲ ହୱାଲା ଏବଂ ଅନ୍ୟାନ୍ୟ ଅନୌପଚାରିକ ମାଧ୍ୟମରେ ଅର୍ଥ କାରବାର କରୁଥିବା ନେଇ ଅଭିଯୋଗ ହୋଇଛି। ତଦନ୍ତ ସମୟରେ ଅଭିଯୋଗ ହୋଇଛି ଯେ ସେ କିଛି ଗୁରୁତ୍ୱପୂର୍ଣ୍ଣ ଇମେଲ୍ ଏବଂ ଇଲେକ୍‌ଟ୍ରୋନିକ୍ ରେକର୍ଡଗୁଡ଼ିକୁ ଡିଲିଟ୍ କରିଦେଇଛନ୍ତି। କୋଲକାତାର ବିଧାନ ନଗରସ୍ଥିତ ଆଇ-ପିଏସି କାର୍ଯ୍ୟାଳୟ ଏପ୍ରିଲ ୨୦ରୁ ବନ୍ଦ ଥିବା ରିପୋର୍ଟ ପ୍ରକାଶ ପାଇଛି। ପ୍ରାୟ ୧, ୩୦୦ କର୍ମଚାରୀଙ୍କୁ କାମକୁ ନଆସିବା ପାଇଁ ଚିଠି ଦିଆଯାଇଛି। ମମତା ବାନାର୍ଜୀଙ୍କ ତୃଣମୂଳ କଂଗ୍ରେସ ପାଇଁ ଆଇ-ପିଏସି ସମ୍ପୂର୍ଣ୍ଣ ରଣନୀତି ପ୍ରସ୍ତୁତ କରେ। ବୁଥ୍ ସ୍ତରୀୟ ପରିଚାଳନାରୁ ଆରମ୍ଭ କରି ପ୍ରାର୍ଥୀ ଚୟନ ପର୍ଯ୍ୟନ୍ତ ଏହି ସଂସ୍ଥା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଦଳର ସାଂସଦ ଡେରେକ୍ ଓ'ବ୍ରାଏନ୍ ଏହି ଖବରକୁ ଖଣ୍ଡନ କରି କହିଛନ୍ତି ଯେ ସବୁକିଛି ସ୍ୱାଭାବିକ ଭାବେ ଚାଲିଛି ଏବଂ ସେମାନେ ନିର୍ବାଚନ ପାଇଁ ପ୍ରସ୍ତୁତ ଅଛନ୍ତି। ଆଇ-ପିଏସି ବର୍ତ୍ତମାନର ନିର୍ବାଚନ ପାଇଁ ପଶ୍ଚିମବଙ୍ଗର ପ୍ରତିଟି ବୁଥ୍‌ର ତଥ୍ୟ ବିଶ୍ଳେଷଣ କରିଥିଲା। ଏପରିକି ଦଳ ପ୍ରାୟ ୩୩% ବସିଥିବା ବିଧାୟକଙ୍କୁ ଟିକେଟ୍ ଦେଇନାହିଁ, ଯାହା ଆଇ-ପିଏସି ସର୍ଭେ ଉପରେ ଆଧାରିତ ଥିଲା। ଏହି ସଂସ୍ଥା ପ୍ରାୟ ୧ ଲକ୍ଷ ସ୍ୟାଡୋ ଏଜେଣ୍ଟ ଙ୍କୁ ମୁତୟନ କରି ଭୋଟର ତାଲିକା ଏବଂ ତୃଣମୂଳ ସ୍ତରର ସୂଚନା ସଂଗ୍ରହ କରୁଥିଲା।

## ଚାକରର ନୃଶଂସତା: ୧୨ ଘଣ୍ଟାରେ ଦୁଇଟି ଦୁଷ୍କର୍ମ ଓ ହତ୍ୟା



ନୂଆଦିଲ୍ଲୀ, ୨୩।୪(ଏଜେନ୍ସି): ରାଜସ୍ଥାନର ଅଲୱାର ଏବଂ ଦେଶର ରାଜଧାନୀ ଦିଲ୍ଲୀରେ ଜଣେ ୨୩ ବର୍ଷୀୟ ଯୁବକର ଭୟଙ୍କର ନୃଶଂସତା ସାମ୍ନାକୁ ଆସିଛି। ମାତ୍ର ୧୨ ଘଣ୍ଟା ମଧ୍ୟରେ ଦୁଇଟି ପୃଥକ ସ୍ଥାନରେ ଦୁଷ୍କର୍ମ ଏବଂ ଜଣେ ମେଧାବୀ ଯୁବତୀଙ୍କୁ ହତ୍ୟା କରିଥିବା ଅଭିଯୋଗରେ ରାହୁଲ ମୀନା ନାମକ ଜଣେ ପୂର୍ବତନ ଘରୋଇ ସହାୟକକୁ ପୁଲିସ ଗିରଫ କରିଛି। ରାହୁଲ ଆଲୱାରରେ ପ୍ରଥମ କାଣ୍ଡ ଘଟାଇବା ପରେ ଦିଲ୍ଲୀରେ ରକ୍ତର ହୋଲି ଖେଳିଥିଲା। ମଙ୍ଗଳବାର ରାତି ପ୍ରାୟ ୧୦:୩୦ ସମୟରେ ଅଭିଯୁକ୍ତ ରାହୁଲ ନିଜ ପଡୋଶୀଙ୍କ ଘରେ ପଶି ଜଣେ ମହିଳାଙ୍କୁ ନିର୍ଦ୍ଦୟ ଭାବେ ମାଡ଼ ମାରିବା ସହ ଦୁଷ୍କର୍ମ କରିଥିଲା। ପରିବାର ଲୋକଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେଇ ସେ ସେଠାରୁ ଫେରାର ହୋଇଯାଇଥିଲା। ଏହାର ଠିକ୍ ୧୨ ଘଣ୍ଟା ପରେ, ଅର୍ଥାତ୍ ବୁଧବାର ସକାଳେ ସେ ଦିଲ୍ଲୀର ଅମର କଲୋନୀସ୍ଥିତ ତା'ର ପୂର୍ବତନ ମାଲିକ (ଜଣେ ଆଇଆରଏସ୍ ଅଧିକାରୀ)ଙ୍କ ଘରେ ପହଞ୍ଚିଥିଲା। ଘରେ କେହି ନଥିବାର ସୁଯୋଗ ନେଇ ସେ ଛାତ ଉପରେ ଥିବା ଷ୍ଟଡି ରୁମ୍‌କୁ ଯାଇ ସେଠାରେ ୟୁପିଏସ୍‌ସି ପାଇଁ ପ୍ରସ୍ତୁତ ହେଉଥିବା ୨୨ ବର୍ଷୀୟା ଯୁବତୀଙ୍କୁ ପ୍ରଥମେ ଗଳା ଚିପି ଏବଂ ପରେ ଏକ ଭାରି ବସ୍ତୁରେ ଆକ୍ରମଣ କରି ରକ୍ତାକ୍ତ କରିଦେଇଥିଲା। ଯୁବତୀ ଜଣକ ଅଚେତ ହୋଇଯିବା ପରେ ସେ ତାଙ୍କୁ ଦୁଷ୍କର୍ମ କରିଥିଲା। ହତ୍ୟାକାଣ୍ଡ ପରେ ଅଭିଯୁକ୍ତ ଲୁଟ୍ କରିବା ଉଦ୍ଦେଶ୍ୟରେ ରକ୍ତାକ୍ତ ଯୁବତୀଙ୍କୁ ଘୋଷାରି ନେଇ ଲକର ପାଖକୁ ଆଣିଥିଲା। ଯୁବତୀଙ୍କ ରକ୍ତଭିଜା ଆଙ୍ଗୁଠି ଚିହ୍ନ ବ୍ୟବହାର କରି ଲକର ଖୋଲିବାକୁ ଚେଷ୍ଟା କରିଥିଲା, କିନ୍ତୁ ସଫଳ ହୋଇନଥିଲା। ପରେ ସେ ଏକ ସ୍କ୍ରୁ-ଡ୍ରାଇଭର ସାହାଯ୍ୟରେ ଲକର ଭାଙ୍ଗି ନଗଦ ଟଙ୍କା ଓ ଅଳଙ୍କାର ଲୁଟି ନେଇଥିଲା। ଏପରିକି ନିଜର ରକ୍ତଭିଜା ପୋଷାକ ବଦଳାଇ ମୃତ ଯୁବତୀଙ୍କ ଭାଇଙ୍କ ପୋଷାକ ପିନ୍ଧି ସେଠାରୁ ଖସି ପଳାଇଥିଲା। ଦିଲ୍ଲୀ ପୁଲିସ ୧୫ଟି ଟିମ୍ ଗଠନ କରି ସିସିଟିଭି ଫୁଟେଜ୍ ଆଧାରରେ ତଦନ୍ତ ଆରମ୍ଭ କରିଥିଲା।

# ୪୦% ଭାରତୀୟ ଆମେରିକା ଛାଡ଼ିବାକୁ ଚିନ୍ତା କରୁଛନ୍ତି: ସର୍ଭେ

**ଆମେରିକୀୟ ସ୍ୱପ୍ନରେ ଭଙ୍ଗା**

ୱାଶିଂଟନ, ୨୩।୪(ଏଜେନ୍ସି): କେବେ ଭାରତୀୟମାନଙ୍କ ପାଇଁ ଆମେରିକା ଏକ ସ୍ୱପ୍ନର ଦେଶ ଥିଲା, କିନ୍ତୁ ବର୍ତ୍ତମାନ ସେହି ଆକର୍ଷଣ ଧୀରେ ଧୀରେ ହ୍ରାସ ପାଇବାରେ ଲାଗିଛି। 'କାର୍ନେଗି ଏଣ୍ଡାଓମେଣ୍ଟ' ଏବଂ 'ୟୁଗଭ୍' ପକ୍ଷରୁ କରାଯାଇଥିବା ଏକ ନୂତନ ସର୍ଭେ ଅନୁଯାୟୀ, ଆମେରିକାରେ ରହୁଥିବା ପ୍ରାୟ ୫୨ ଲକ୍ଷ ଭାରତୀୟ ବଂଶୋଦ୍ଭବଙ୍କ ମଧ୍ୟରୁ ପ୍ରାୟ ୪୦% ଲୋକ ବର୍ତ୍ତମାନ ଆମେରିକା ଛାଡ଼ି ଅନ୍ୟତ୍ର ଚାଲିଯିବାକୁ ଚିନ୍ତା କରୁଛନ୍ତି। ସର୍ଭେରେ ଭାଗ ନେଇଥିବା ଲୋକମାନେ ଆମେରିକା ପ୍ରତି ବିମୁଖ ହେବାର ଏକାଧିକ ପ୍ରମୁଖ କାରଣ ରହିଛି। ସର୍ବାଧିକ ଲୋକ ଆମେରିକାର ସାମ୍ପ୍ରତିକ ରାଜନୈତିକ ବାତାବରଣକୁ ନେଇ ଅସନ୍ତୁଷ୍ଟ। ବିଶେଷ କରି ଡୋନାଲ୍ଡ ଟ୍ରମ୍ପଙ୍କ ଦ୍ୱିତୀୟ ପାଳିର ଶାସନ ଶୈଳୀ, ଅର୍ଥନୀତି ଏବଂ ପ୍ରବାସୀ ନୀତିକୁ ନେଇ ପ୍ରାୟ ୭୧% ଲୋକ ନୈରାଶ୍ୟ ପ୍ରକଟ କରିଛନ୍ତି। ଆମେରିକାରେ ଦୁର୍ମୂଲ୍ୟତା ବୃଦ୍ଧି ଏକ ବଡ଼ ସମସ୍ୟା ସାଜିଛି। ସାନଫ୍ରାନ୍ସିସ୍କୋ କିମ୍ବା ନ୍ୟୁୟର୍କ ଭଳି ସହରରେ ଗୋଟିଏ ରୁମ୍‌ର ମାସିକ ଭଡ଼ା ୩, ୦୦୦ ରୁ ୫, ୦୦୦ ଡଲାର ମଧ୍ୟରେ ରହୁଥିବା ବେଳେ ପିଲାଙ୍କୁ ବଡ଼ କରିବା ପାଇଁ ହାରାହାରି ୩ ଲକ୍ଷ ଡଲାରରୁ ଅଧିକ ଖର୍ଚ୍ଚ ହେଉଛି। ପୁଣି ସମାଜରେ ବଢ଼ୁଥିବା ବର୍ଣ୍ଣବୈଷମ୍ୟ ଏବଂ ସୁରକ୍ଷାକୁ ନେଇ ମଧ୍ୟ ଅନେକ ଭାରତୀୟ ଚିନ୍ତିତ ଅଛନ୍ତି। ପୁଣି ଇମିଗ୍ରେସନ ବ୍ୟବସ୍ଥାରେ ବିଫଳତା ଭାରତୀୟଙ୍କ ପାଇଁ ଚିନ୍ତା ସୃଷ୍ଟି କରିଛି। ଭାରତୀୟ ପ୍ରବାସୀମାନଙ୍କ ପାଇଁ ଆମେରିକାର ଇମିଗ୍ରେସନ ବ୍ୟବସ୍ଥା ସବୁଠାରୁ ବଡ଼ ପ୍ରତିବନ୍ଧକ ସାଜିଛି। ବର୍ଷ ବର୍ଷ ଧରି ଗ୍ରୀନ୍ କାର୍ଡ ପାଇଁ ଅପେକ୍ଷା କରିବା ଏବଂ ଭିସା ନିୟମରେ ଅନିଶ୍ଚିତତା ଦକ୍ଷ ଭାରତୀୟ ପେସାଦାରମାନଙ୍କୁ ନିରାଶ କରୁଛି। ଦୀର୍ଘ ଦଶନ୍ଧି ଧରି ଆମେରିକାରେ ରହିବା ପରେ ମଧ୍ୟ ସ୍ଥାୟୀ ନାଗରିକତା ନମିଳିବା ଏହି ସମୁଦାୟକୁ ନିଜ ଭବିଷ୍ୟତ ବଦଳାଇବାକୁ ବାଧ୍ୟ କରୁଛି। ସର୍ଭରୁ ଜଣାପଡ଼ିଛି ଯେ ଭାରତୀୟ-ଆମେରିକୀୟମାନେ ଏବେ କୌଣସି ନିର୍ଦ୍ଦିଷ୍ଟ ଦଳ (ଡେମୋକ୍ରାଟ୍ କିମ୍ବା ରିପବ୍ଲିକାନ୍) ସହ ବାନ୍ଧି ହୋଇ ରହିବାକୁ ଚାହୁଁନାହାନ୍ତି। ପ୍ରାୟ ୩୦% ଲୋକ ଏବେ ନିଜକୁ 'ସ୍ୱାଧୀନ' ଭାବେ ପରିଚୟ ଦେଉଛନ୍ତି। ସେମାନେ ଏବେ ଦଳ ଅପେକ୍ଷା ଚାକିରି ସୁରକ୍ଷା, ପରିବାରର ନିରାପତ୍ତା ଏବଂ ଆର୍ଥିକ ସ୍ଥିରତାକୁ ଅଧିକ ଗୁରୁତ୍ୱ ଦେଉଛନ୍ତି। ସାମାଜିକ ବିଭେଦ, ଆର୍ଥିକ ଚାପ ଏବଂ 'ଆମେରିକା କେବଳ ଆମେରିକୀୟଙ୍କ ପାଇଁ' ଭଳି ସ୍ଲୋଗାନ ଭାରତୀୟ ସମ୍ପ୍ରଦାୟ ମଧ୍ୟରେ ଅଲଗା ହୋଇଯିବାର ଭୟ ସୃଷ୍ଟି କରିଛି। ଯଦି ଏହି ସ୍ଥିତିରେ ସୁଧାର ନଆସେ, ତେବେ ଆଗାମୀ ଦିନରେ ଅଧିକ ସଂଖ୍ୟକ ଭାରତୀୟ ଆମେରିକା ଛାଡ଼ିବା ନିଶ୍ଚିତ।



**ପ୍ଲଟ୍ ବ୍ୟବସାୟୀ ସୁଧୀର ପାତ୍ର ଅପହରଣ ଓ ହତ୍ୟା ଘଟଣାର ପର୍ଦ୍ଦାଫାସ୍**

# କକାଙ୍କୁ ମାରି ବାପା ମୃତ୍ୟୁର ପ୍ରତିଶୋଧ

## ଭାଇ, ଭଉଣୀ ସମେତ ୯ ଗିରଫ



- ବନ୍ଧୁକ ମୁନରେ ଅପହରଣ କରିଥିଲେ ସୁପାରି କିଲର
- ବୋଲେରୋ, କାର୍, ମାଉଜର, ମାଗାଜିନ ଓ ୨ଗୁଳି ସହ ୧୪ ମୋବାଇଲ ଜବତ

ବ୍ରହ୍ମପୁର, ୨୩।୪ (ସମିସ): କକାଙ୍କୁ ମାରି ବାପା ମୃତ୍ୟୁର ପ୍ରତିଶୋଧ। ଗଞ୍ଜାମ ଜିଲ୍ଲା ଗୋପାଳପୁର ଅଞ୍ଚଳର ପ୍ଲଟ୍ ବ୍ୟବସାୟୀ ସୁଧୀର ପାତ୍ର ଅପହରଣ ଓ ହତ୍ୟା ଘଟଣାର ପର୍ଦ୍ଦାଫାସ୍ କରି ପୁଲିସ ଏପରି ଚାଞ୍ଚଲ୍ୟକର ତଥ୍ୟ ଦେଇଛି। ଏହି ଘଟଣାରେ ଗୋପାଳପୁର ପୁଲିସ ସୁଧୀରଙ୍କ ପୁତୁରା ଓ ଝିଆରୀ ସମେତ ମୋଟ ୯ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ, ସୁଧୀରଙ୍କ ବଡ଼ ଭାଇ ସ୍ୱର୍ଗତ ମନୋଜ କୁମାର ପାତ୍ରଙ୍କ ଝିଅ ନିବେଦିତା ପାତ୍ର (୨୩) ଓ ପୁଅ ତୁଷାର କୁମାର ପାତ୍ର (୧୯) ଏବଂ ନିବେଦିତାଙ୍କ ପୁରୁଷବନ୍ଧୁ କାଲୁ ଚରଣ ପ୍ରଧାନ(୨୮), କାଲୁ ଦ୍ୱାରା ନିୟୋଜିତ ସୁପାରି କିଲର୍ ହିଞ୍ଜିଳି ଥାନା ଅନ୍ତର୍ଗତ ଆଳପୁର ଗ୍ରାମର ଜିତୁନ ପଲାଇ (୩୩) ଓରଫ୍ ଛୋଟା ଓରଫ୍ ବାଦ୍‌ଶାହ, ଶୁଭମ୍ ନାୟକ(୨୦), ଶୁଭମ୍ ଗୌଡ଼ (୨୦) ଓରଫ୍ ଗେଡୁ (୨୦), ବୁଗୁଡା ଅଞ୍ଚଳର ନାରାୟଣ ପ୍ରଧାନ ଓରଫ କମଲ (୨୮), ଆଶିଷ ମହାପାତ୍ର (୨୫) ଓରଫ୍ ଟୁଲୁ ଓ ଉତ୍ତରପ୍ରଦେଶର ସୂର୍ଯ୍ୟପ୍ରତାପ ସିଂ ଓରଫ୍ ଗୋଲୁ ଓରଫ୍ ଲମ୍ବୁ। ସମସ୍ତଙ୍କୁ କୋର୍ଟଚାଲାଣ କରାଯାଇଛି।

ଏମାନଙ୍କଠାରୁ ପୁଲିସ ଗୋଟିଏ ବୋଲେରୋ (ଓଆର-୦୭-ୱାଇ-୬୦୮୨) ଏବଂ ଗୋଟିଏ ହ୍ୟୁଣ୍ଡାଇ ଭେନ୍ୟୁ କାର (ଜିଜେ-୦୫-ଆର୍‌କେ-୭୧୪୩), ଗୋଟିଏ ମାଉଜର୍, ଗୋଟିଏ ମାଗାଜିନ୍ ଓ ୨ଟି ଗୁଳି ସହ ୧୪ଟି ମୋବାଇଲ ଜବତ କରିଛି। ଏଥିରେ ଆହୁରି କିଛି ଅଭିଯୁକ୍ତଙ୍କ ସଂପୃକ୍ତି ରହିଛି। ସେମାନଙ୍କୁ ମଧ୍ୟ ଚିହ୍ନଟ କରାଯାଇଛି ଏବଂ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଆଜି ବ୍ରହ୍ମପୁରଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଦକ୍ଷିଣାଞ୍ଚଳ ପୁଲିସ ଆଇଜି ନିତିଶେଖର ଓ ବ୍ରହ୍ମପୁର ଦାୟିତ୍ୱରେ ଥିବା ଗଞ୍ଜାମ ଏସ୍‌ପି ଶୁଭେନ୍ଦୁ କୁମାର ପାତ୍ର କହିଛନ୍ତି।

ସୂଚନାନୁଯାୟୀ, ସୁଧୀର ଓ ତାଙ୍କ ବଡ଼ଭାଇ ମନୋଜ କୁମାର ପାତ୍ର ମିଳିତ ଭାବେ ରିୟଲ ଇଷ୍ଟେଟ୍ ବ୍ୟବସାୟ କରୁଥିଲେ। ୨୦୨୫ ଜୁନ୍ ୯ରେ ମାତ୍ର ୪୯ବର୍ଷ ବୟସରେ ମନୋଜଙ୍କର ଦେହାନ୍ତ ହୋଇଯାଇଥିଲା। କମ୍ ବୟସରେ ହଠାତ୍ ମନୋଜଙ୍କ ଦେହାନ୍ତକୁ ନେଇ ତାଙ୍କ ପରିବାର ଓ ସୁଧୀରଙ୍କ ପରିବାର ମଧ୍ୟରେ ତିକ୍ତତା ଲାଗି ରହିଥିଲା। ପରବର୍ତ୍ତୀ ସମୟରେ ଦୁଇ ପରିବାର ମଧ୍ୟରେ ସମ୍ପତ୍ତିକୁ ନେଇ ବିବାଦ ଉଗ୍ରରୂପ ଧାରଣ କରିଥିଲା। ଫଳରେ ମନୋଜଙ୍କ ପରିବାର ଘରୁ ପୃଥକ୍ ହୋଇ ବ୍ରହ୍ମପୁରରେ ରହି ଆସୁଥିଲେ। କକା ସୁଧୀରଙ୍କ ଯୋଗୁଁ ବାପା ମନୋଜଙ୍କ ଅକାଳ ମୃତ୍ୟୁ ହୋଇଥିବା ସନ୍ଦେହ ତାଙ୍କ ଝିଅ ନିବେଦିତା ଓ ପୁଅ ତୁଷାର ସୁଧୀରଙ୍କୁ ହତ୍ୟା କରିବାକୁ ଯୋଜନା କରିଥିଲେ। ଏଥିପାଇଁ ସେମାନେ ନିବେଦିତାଙ୍କ ପୁରୁଷବନ୍ଧୁ କାଲୁର ସହଯୋଗରେ ଜାନୁଆରୀ ପହିଲାରୁ ବ୍ଲୁ-ପ୍ରିଣ୍ଟ ତିଆରି କରିଥିଲେ। ଏଥିପାଇଁ କାଲୁ ସୁରଟରେ ରହୁଥିବା ଦୁଇ ଅପରାଧୀଙ୍କ ସମେତ ଅନ୍ୟମାନଙ୍କ ସହ ଯୋଗାଯୋଗ କରିଥିଲା। ସୁଧୀରଙ୍କ ସମ୍ପର୍କରେ ବିଭିନ୍ନ ତଥ୍ୟ ସଂଗ୍ରହ କରି ଉଭୟ ତୁଷାର ଓ ନିବେଦିତା କାଲୁକୁ ଜଣାଉଥିଲେ।

ଗତ ୧୫ ତାରିଖରେ ସୁଧୀର ଭଲିବଲ୍ ଖେଳି ଗୋପାଳପୁରରୁ ଘରକୁ ଫେରୁଥିବା ବେଳେ ଅଭିଯୁକ୍ତମାନେ ଭାବିନାରାୟଣପୁର ନିକଟରୁ ବନ୍ଧୁକ ମୁନରେ ତାଙ୍କୁ ଏକ ବୋଲେରୋରେ ଅପହରଣ କରିନେଇଥିଲେ। ମଥୁରା ନିକଟରେ ସେମାନଙ୍କ ଗାଡ଼ି ଖରାପ ହେବାରୁ ଅନ୍ୟ ଏକ କାର୍‌ରେ ସେମାନେ ସୁଧୀରଙ୍କୁ ନେଇଯାଇଥିଲେ। ବ୍ରହ୍ମପୁରରୁ ହିଞ୍ଜିଳି, ଆସିକା ଓ ବୁଗୁଡ଼ା ଯାଇଥିଲେ। ବୁଗୁଡ଼ା ନିକଟସ୍ଥ ରାମପାଦ ଜଙ୍ଗଲରେ ସୁଧୀରଙ୍କୁ ନିସ୍ତୁକ ମାଡ଼ ମାରିବା ସହିତ ଭିଡିଓ କରି ତାଙ୍କ ପରିବାର ସଦସ୍ୟଙ୍କୁ ପଠାଇ ୨କୋଟି ଟଙ୍କା ଦାବି କରିଥିଲେ। ବୁଗୁଡ଼ା ନିକଟରେ ମାଡ଼ ମାରିବା ବେଳେ ହିଁ ସୁଧୀରଙ୍କ ମୃତ୍ୟୁ ଘଟିଥିଲା। ପରେ, ଅପହରଣକାରୀମାନେ ସୁଧୀରଙ୍କ ମର ଶରୀରକୁ ସୋରଡ଼ା ଅଭିମୁଖେ ନେଇ ନିକଟସ୍ଥ ଏକ ଜଙ୍ଗଲ ମଧ୍ୟରେ ଫୋପାଡ଼ି ଦେଇଥିଲେ। ପରେ, ସେଠାରୁ ବାଲିଗୁଡ଼ା ଦେଇ ଛତିଶଗଡ଼ ଅଭିମୁଖେ ଚାଲିଯାଇଥିବା ପୁଲିସ ଜେରା ବେଳେ ଜଣାପଡ଼ିଛି।

ସୁଧୀରଙ୍କ ଗଳିତ ଶବ ଉଦ୍ଧାର ପରେ ପରିବାରଲୋକେ ଚିହ୍ନଟ କରିଥିଲେ। ଗିରଫ ଅଭିଯୁକ୍ତଙ୍କ ମଧ୍ୟରେ ଏକାଧିକ ପୁରୁଣା ତଥା ପେସାଦାର ଅପରାଧୀ ଥିବା ଜଣାପଡ଼ିଛି।

ଘଟଣାରେ ସମ୍ପୃକ୍ତ ଥାଇ ଫେରାର୍ ଥିବା ଅନ୍ୟ ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବାକୁ ଉଭୟ ଜିଲ୍ଲାର ବିଭିନ୍ନ ଥାନାର ସହଯୋଗରେ ଚଢ଼ଉ ଜାରି ରହିଥିବା କହିଛନ୍ତି ଗଞ୍ଜାମ ଏସ୍‌ପି ଶୁଭେନ୍ଦୁ ପାତ୍ର। ଘଟଣା ସମ୍ପର୍କରେ ଅଧିକ ଖୋଳତାଡ଼ କରିବାକୁ ଯାଇ ଅଭିଯୁକ୍ତମାନଙ୍କୁ ରିମାଣ୍ଡରେ ନେବାକୁ କୋର୍ଟରେ ଆବେଦନ କରାଯିବ ବୋଲି ଜଣାପଡ଼ିଛି।

ଅପରପକ୍ଷେ, ଘଟଣା ପରଠାରୁ ମୁଖ୍ୟ କାର୍ପଟଦାର ଭାଇ-ଭଉଣୀ ନିବେଦିତା ଏବଂ ତୁଷାର ପୁଲିସ ଆଖିରେ ଧୂଳି ଦେଇ ନାଟକ କରି ଆସୁଥିଲେ। ଫଳରେ ପୁଲିସର ସନ୍ଦେହଘେରକୁ ମଧ୍ୟ ସେମାନେ ଆସିନଥିଲେ। ସେହିଭଳି ଅପହରଣକାରୀମାନଙ୍କୁ ପୁଲିସ୍ ଟ୍ରାକିଂ କରୁଥିବା ଜାଣି ସେମାନେ ପୁଲିସର ତଦନ୍ତକୁ ବାଟବଣା କରୁଥିଲେ। ଫଳରେ, ଅଭିଯୁକ୍ତମାନଙ୍କୁ ଧରିବା ଓ ଘଟଣାର ପର୍ଦ୍ଦାଫାସ୍ କରିବାରେ ବିଳମ୍ବ ହୋଇଥିବା ସ୍ୱୀକାର କରିଛନ୍ତି ଏସ୍‌ପି ଶୁଭେନ୍ଦୁ ପାତ୍ର।

ପୁଲିସ ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଏସ୍‌ପି ଆଲୋକ କୁମାର ଜେନା, ସଦର ଏସ୍‌ଡିପିଓ ଶୁଭ୍ରାଂଶୁ ଶେଖର ପରିଡା ଓ ଗୋପାଳପୁର ଥାନା ଅଧିକାରୀ ସତ୍ୟ ରଞ୍ଜନ ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ।




- ଜନଗଣନା କାର୍ଯ୍ୟ ସୁରୁଖୁରୁରେ ସମ୍ପାଦନ ପାଇଁ ଆସିଲା ଏସଓପି

# ବାଧା ସୃଷ୍ଟି କଲେ ୩ ବର୍ଷ ଜେଲ୍

- ଦିନ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଜନଗଣନା କାର୍ଯ୍ୟ ରହିବ ସ୍ଥଗିତ
- ସମ୍ବେଦନଶୀଳ ଅଞ୍ଚଳରେ ପୁଲିସ ସୁରକ୍ଷା ମଧ୍ୟରେ ହେବ ତଥ୍ୟ ସଂଗ୍ରହ

ଭୁବନେଶ୍ୱର,୨୩।୪(ସମିସ): ରାଜ୍ୟରେ ଜାରି ରହିଥିବା ଜନଗଣନା ୨୦୨୭ କାର୍ଯ୍ୟକୁ ସୁରୁଖୁରୁରେ ଶେଷ କରିବା ପାଇଁ ରାଜ୍ୟ ସରକାର ଗୁରବାର ଏସଓପି ଜାରି କରିଛନ୍ତି। ବିଭିନ୍ନ ସ୍ଥାନରେ ଜନଗଣନା କର୍ମଚାରୀଙ୍କ ଉପରେ ହେଉଥିବା ଆକ୍ରମଣ ଓ ପ୍ରବଳ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗ ପକ୍ଷରୁ ଏହି ଏସଓଜି ଜାରି କରାଯାଇଛି। ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅରବିନ୍ଦ ପାଢ଼ୀ ଏହି ଏସଓପିକୁ କଡ଼ାକଡ଼ି ଭାବେ ପାଳନ କରିବାକୁ ସମସ୍ତ ଜିଲ୍ଲାପାଳ, ମହାନଗର ନିଗମର କମିଶନର ଓ ଏସପିମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ସରକାରଙ୍କ ଦ୍ୱାରା ଜାରି ଏହି ଏସଓପି ଅନୁଯାୟୀ ଜନଗଣନା କାର୍ଯ୍ୟ ସମ୍ପାଦନ ବେଳେ କର୍ମଚାରୀମାନେ ନିଜର ପରିଚୟ ପତ୍ର ଓ ନିଯୁକ୍ତି ପତ୍ର ସର୍ବଦା ପାଖରେ ରଖିବେ। ପ୍ରବଳ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ଦିନ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଜନଗଣନା କାର୍ଯ୍ୟକୁ ସ୍ଥଗିତ ରଖିବା ନିମନ୍ତେ ଏସଓପିରେ ନିର୍ଦ୍ଦେଶ ଦିଆଯାଇଛି। କ୍ଷେତ୍ରସ୍ତରରେ କାମ କରୁଥିବା ଜନଗଣନା କର୍ମଚାରୀମାନଙ୍କୁ ଓଆରଏସ୍ ଓ ପାନୀୟ ଜଳ ଭଳି ପ୍ରାଥମିକ ଆବଶ୍ୟକତାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଯୋଗାଇ ଦିଆଯାଉଛି କି ନାହିଁ ତାହା ବ୍ୟକ୍ତିଗତ ଭାବେ ତଦାରଖ କରିବାକୁ ମଧ୍ୟ ଜିଲ୍ଲାପାଳମାନଙ୍କୁ କୁହାଯାଇଛି। ଅଂଶୁଘାତ ଏଡ଼ାଇବା ପାଇଁ ସମସ୍ତ ପ୍ରକାରର ପ୍ରତିଷେଧକମୂଳକ ପଦକ୍ଷେପ ନେବାକୁ ଏସଓପିରେ ପରାମର୍ଶ ଦିଆଯାଇଛି। ସମ୍ବେଦନଶୀଳ ଅଞ୍ଚଳରେ ପୁଲିସ ସୁରକ୍ଷା ମଧ୍ୟରେ ତଥ୍ୟ ସଂଗ୍ରହ କରାଯିବ ଓ କୌଣସି ପ୍ରକାର ଉତ୍ତେଜନାମୂଳକ ପରିସ୍ଥିତି ଦେଖାଦେଲେ ସେଠାରେ ଯୁକ୍ତିତର୍କ ନକରି ତୁରନ୍ତ ଫେରିଆସିବାକୁ କର୍ମଚାରୀମାନଙ୍କୁ ପରାମର୍ଶ ଦିଆଯାଇଛି। ସମ୍ବେଦନଶୀଳ ଅଞ୍ଚଳରେ ଜନଗଣନା କର୍ମଚାରୀ ଓ ସୁପରଭାଇଜରଙ୍କ ସହ ଜଣେ ପୁଲିସ କର୍ମୀ ମଧ୍ୟ ରହିବେ। ଏସବୁ ବ୍ୟବସ୍ଥା ଦାୟିତ୍ୱରେ ଥିବା ଅଧିକାରୀ ସୁନିଶ୍ଚିତ କରାଇବେ। ଜନଗଣନା କାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ ସ୍ଥାନୀୟ କମ୍ୟୁନିଟି ଲିଡରଙ୍କ ସହ ଜନଗଣନା କର୍ମଚାରୀ ଯୋଗାଯୋଗ କରି ସେମାନଙ୍କର ଉପସ୍ଥିତି ଓ ସହଯୋଗ ମଧ୍ୟ ଲୋଡ଼ିବେ। ଏପରିକି ସମ୍ବେଦନଶୀଳ ସ୍ଥାନରେ ଜନଗଣନା କର୍ମଚାରୀମାନେ ପରସ୍ପର ସହ ଯୋଡ଼ି ହୋଇ କାର୍ଯ୍ୟ କରିବେ। ସୁପରଭାଇଜର ପ୍ରତି ଘଣ୍ଟାରେ ସେମାନଙ୍କ ସ୍ଥିତି ଯାଞ୍ଚ କରିବେ। ସ୍ଥାନୀୟ ପୁଲିସ ଥାନାରେ ଜନଗଣନାରେ ନିୟୋଜିତ କର୍ମଚାରୀ ଓ ଅଧିକାରୀଙ୍କ ନାମ ଏବଂ ଠିକଣାର ବିସ୍ତୃତ ବିବରଣୀ ରହିବ।

ସେହିପରି ନିକଟବର୍ତ୍ତୀ ଥାନାର ଅଧିକାରୀଙ୍କ ଫୋନ ନମ୍ବର ମଧ୍ୟ ଜନଗଣନା କର୍ମଚାରୀ ଓ ଅଧିକାରୀଙ୍କୁ ପ୍ରଦାନ କରାଯିବ। ଜନଗଣନା କର୍ମଚାରୀଙ୍କ ସୁରକ୍ଷା ଓ ନିରାପତ୍ତା ପାଇଁ ଜାରି ଏସଓପିରେ ସରକାର କଠୋର ଆଭିମୁଖ୍ୟ ପୋଷଣ କରିଛନ୍ତି। ଯେଉଁମାନେ ସରକାରୀ କାର୍ଯ୍ୟ(ଜନଗଣନା)ରେ ବାଧା ସୃଷ୍ଟି କରୁଛନ୍ତି କିମ୍ବା ଶିକ୍ଷକ ଓ ଅନ୍ୟ ଜନଗଣନା କର୍ମଚାରୀଙ୍କୁ ଆକ୍ରମଣ ଓ ଦୁର୍ବ୍ୟବହାର କରୁଛନ୍ତି, ସେମାନଙ୍କ ବିରୋଧରେ ଜନଗଣନା ଆଇନ-୧୯୪୮ ଅନୁଯାୟୀ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏଥିପାଇଁ ଜରିମାନା କିମ୍ବା ୩ ବର୍ଷ ପର୍ଯ୍ୟନ୍ତ ଜେଲଦଣ୍ଡର ବ୍ୟବସ୍ଥା ରହିଛି। ଏପ୍ରିଲ ୧୬ ତାରିଖରୁ ଏହି କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ସ୍ଥାନୀୟ ପ୍ରଶାସନ ଓ ପୁଲିସ ମଧ୍ୟରେ ସମନ୍ୱୟ ରକ୍ଷା କରି ଏହି ଅଭିଯାନକୁ ମଇ ୧୫ ତାରିଖ ସୁଦ୍ଧା ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି।



ଭାରତୀୟ ପ୍ରଶାସନିକ ସେବାର ଦୁଇ ଯୁବ ଅଧିକାରୀ ବାଲେଶ୍ୱର ଉପ-ଜିଲ୍ଲାପାଳ ଶିବ ମାଲଭୀୟ ଏବଂ ବାରିପଦା ଉପ-ଜିଲ୍ଲାପାଳ କସ୍ତୁରୀ ପଣ୍ଡା ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି।

**ଭିସୁଟ୍‌ରେ ରାଗିଂ**

# ୪ ବରିଷ୍ଠ ଛାତ୍ରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ

ସମ୍ବଲପୁର, ୨୩।୪ (ସମିସ): ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ(ଭିସୁଟ୍)ରେ ରାଗିଂ ହୋଇଥିବା ଅଭିଯୋଗ ହୋଇଛି। ପ୍ରଥମ ବର୍ଷର ଜଣେ ଛାତ୍ରଙ୍କୁ ଚାରିଜଣ ବରିଷ୍ଠ ଛାତ୍ର ରାଗିଂ କରିଛନ୍ତି। ଭିସୁଟ୍‌ର ଏକ ଉଚ୍ଚସ୍ତରୀୟ କମିଟି ଏହି ଘଟଣାର ତଦନ୍ତ କରି ଅଭିଯୁକ୍ତ ଛାତ୍ରମାନଙ୍କୁ ଜରିମାନାରେ ଦଣ୍ଡିତ କରାଯାଇଥିବା ଭିସୁଟ୍ କୁଳପତି ପ୍ରଫେସର ଦୀପକ କୁମାର ସାହୁ ସୂଚନା ଦେଇଛନ୍ତି। କୁଳପତି ସ୍ପଷ୍ଟ କରିଛନ୍ତି ଯେ, ଭିସୁଟ୍ କ୍ୟାମ୍ପସ୍‌ରେ ରାଗିଂକୁ ନେଇ ଶୂନ୍ୟ ସହନଶୀଳତା ନୀତି ଆପଣାଯାଇଥାଏ ଏବଂ ୨୦୨୫-୨୬ ଶିକ୍ଷାବର୍ଷର ଏହା ପ୍ରଥମ ଅଭିଯୋଗ। ସମ୍ପୃକ୍ତ ଛାତ୍ରମାନେ ଏଭଳି କାର୍ଯ୍ୟର ପୁନରାବୃତ୍ତି କଲେ, ସେମାନଙ୍କୁ ନିୟମାନୁଯାୟୀ କଠୋର୍ ଦଣ୍ଡ ଦିଆଯିବ।

ସୂଚନାନୁଯାୟୀ, ଏହି ଘଟଣାଟି ପ୍ରାୟ ୧୫ଦିନ ତଳେ ଭିସୁଟ୍ କ୍ୟାମ୍ପସ୍‌ର ଗେଟ୍ ନିକଟରେ ହୋଇଥିଲା। ଜଣେ ପ୍ରଥମ ବର୍ଷ ଛାତ୍ର ଭିଡିଓ କରୁଥିବା ସନ୍ଦେହ କରି ବିଭିନ୍ନ ବିଭାଗର ଚାରିଜଣ ସିନିୟର ଛାତ୍ର ତାଙ୍କ ଫୋନ ଛଡ଼ାଇବା ସହ ଯୁକ୍ତିତର୍କ କରିଥିଲେ। ଏହାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ଗେଟ୍ ନିକଟରେ ନିୟୋଜିତ ସୁରକ୍ଷା କର୍ମୀମାନେ ସମାଧାନ କରିଥିଲେ। ଏହି ଘଟଣା ଭିସୁଟ୍ କର୍ତ୍ତୃପକ୍ଷଙ୍କ ନଜରକୁ ଆସିବା ପରେ ଆଣ୍ଟି ରାଗିଂ ସେଲ୍ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଥିଲା। ତଦନ୍ତ ସମୟରେ ବୈଠକରେ ପୀଡ଼ିତ ଛାତ୍ରଜଣଙ୍କ ଅସନ୍ତୋଷ ପ୍ରକାଶ କରିବାରୁ ତାହାକୁ ଅଧିକ ନିରପେକ୍ଷ କରିବା ପାଇଁ ଏକ ଫ୍ୟାକ୍ଟଫାଇଣ୍ଡିଂ କମିଟି ଗଠନ କରାଯାଇଥିଲା। ସେଥିରେ ସମ୍ବଲପୁର ସଦର ଉପଜିଲ୍ଲାପାଳ ଡା. ପୁଷ୍ପାଞ୍ଜଳି ପଣ୍ଡା, ବୁର୍ଲା ଥାନାର ଜଣେ ଅଧିକାରୀ, ସମ୍ବଲପୁର ବିଶ୍ୱବିଦ୍ୟାଳୟର ଜଣେ ଅଧ୍ୟାପକ, ଆଇନଜୀବୀ, ଭିସୁଟ୍ ଆଭ୍ୟନ୍ତରୀଣ କମିଟି ସଦସ୍ୟ, ଡିନ୍ (ଛାତ୍ର କଲ୍ୟାଣ) ପ୍ରମୁଖ ଅନ୍ତର୍ଭୁକ୍ତ ଥିଲେ। ଏହି କମିଟି ଘଟଣାର ତଦନ୍ତ କରି ଆଣ୍ଟିରାଗିଂ ସେଲ୍‌କୁ ତାହାର ରିପୋର୍ଟ ଗତକାଲି ପ୍ରଦାନ କରିଥିବା ସୂଚନା ମିଳିଛି। ବରିଷ୍ଠ ଛାତ୍ରମାନଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ଗ୍ରେଡ୍ ହ୍ରାସ କରିବା ନୁହେଁ, ଆର୍ଥିକ ଜରିମାନା ପାଇଁ କମିଟି ସୁପାରିଶ କରିଥିବା ଜଣାପଡ଼ିଛି।

କୁଳପତି ପ୍ରଫେସର୍ ଦୀପକ କୁମାର ସାହୁ ଏ ସମ୍ପର୍କରେ ଲିଖିତ ନିର୍ଦ୍ଦେଶନାମା ହସ୍ତଗତ ହୋଇନାହିଁ ଏବଂ ନିର୍ଦ୍ଦେଶନାମା ହସ୍ତଗତ ହେଲା ପରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୂଚନା ଦେଇଛନ୍ତି। କୁଳପତି କହିଛନ୍ତି ଯେ ଏହା ପରିକଳ୍ପିତ ବା ସଂଗଠିତ ରାଗିଂ ନୁହେଁ, ବରଂ ଗେଟ୍ ନିକଟରେ ହୋଇଥିବା ଏକ ସାମାନ୍ୟ ବାଦବିବାଦ, ଯାହା ପରେ ବୃଦ୍ଧି ପାଇଥିଲା। କମିଟିର ସୁପାରିଶ ଅନୁସାରେ ଗ୍ରେଡ୍ ହ୍ରାସ ନ କରି ଭବିଷ୍ୟତରେ ଏଭଳି କାର୍ଯ୍ୟ ପାଇଁ ନିରୁତ୍ସାହିତ କରିବାକୁ ଆର୍ଥିକ ଜରିମାନା କରାଯାଇଛି ବୋଲି କୁଳପତି ପ୍ରଫେସର ସାହୁ କହିଛନ୍ତି।

# ଯୌତୁକ ପାଇଁ ସ୍ତ୍ରୀକୁ ପିଟି ପିଟି ହତ୍ୟା

ମୋରଡ଼ା, ୨୩।୪(ସମିସ): ଯୌତୁକ ପାଇଁ ସ୍ତ୍ରୀକୁ ପିଟିପିଟି ମାରିଦେଲା ସ୍ୱାମୀ। ମୟୂରଭଞ୍ଜ ଜିଲ୍ଲା ମୋରଡ଼ା ଥାନାରେ ଏପରି ଏକ ଅଭିଯୋଗ ହୋଇଛି। ଏହି ଥାନା ଅଧୀନ କୋହି ପଞ୍ଚାୟତ ଅନ୍ତର୍ଗତ ବଗଲାଡିପା ଗ୍ରାମର ଗଣେଶ ପାତ୍ରଙ୍କ ପୁଅ ଜଗଦୀଶ ପାତ୍ର ୭ ବର୍ଷ ତଳେ ବେତନଟୀ ଥାନା ଅଧୀନ ଆଗଡ଼ା ଗ୍ରାମର ମିତା ପାତ୍ରଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ବାହାଘରର କିଛି ବର୍ଷ ପରେ ଅଧିକ ଯୌତୁକ ଦାବି କରି ମିତାଙ୍କୁ ନିର୍ଯାତନା ଦେଇ ଆସୁଥିଲେ ବୋଲି ଅଭିଯୋଗ ହୋଇଛି। ଏନେଇ ପୂର୍ବରୁ ଦୁଇ ପରିବାର ଭିତରେ ଆପୋସ ବୁଝାମଣା ହୋଇଥିଲେ ମଧ୍ୟ କିଛି ଦିନ ପରେ ଜଗଦୀଶ ପୁଣି ମିତାଙ୍କୁ ନିର୍ଯାତନା ଦେଇଥିଲେ। ବୁଧବାର ବିଳମ୍ବିତ ରାତିରେ ଦମ୍ପତିଙ୍କ ମଧ୍ୟରେ ପୁଣିଥରେ କଳହ ହେବାରୁ ଏଥିରେ ଉତ୍କ୍ଷିପ୍ତ ହୋଇ ମିତାଙ୍କୁ ନିସ୍ତୁକ ପିଟିଥିଲେ ଜଗଦୀଶ। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କିଶାନତାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଚିତ୍ରଡ଼ା ଫାଣ୍ଡି ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ପୁଲିସ ଜଗଦୀଶଙ୍କୁ ଅଟକ ରଖି ପଚାରାଉଚରା କରୁଛି। ଏ ସମ୍ପର୍କରେ ଥାନାଧିକାରୀ ସୁମିତ ସୋରେନଙ୍କୁ ପଚାରିବାରୁ ୧୬୬/୨୬ରେ ଏକ ମାମଲା ରୁଜୁ କରି ଆସାମୀ ସ୍ୱାମୀକୁ ଗିରଫ କରାଯାଇଥିବା ବେଳେ ଶୁକ୍ରବାର କୋର୍ଟ ଚାଲାଣ କରାଯିବ ବୋଲି କହିଛନ୍ତି।

**ଜନଗଣନା କର୍ମଚାରୀଙ୍କୁ ମରଣାନ୍ତକ ଆକ୍ରମଣ ଘଟଣା**

# ଅଭିଯୁକ୍ତ ବାପା ଓ ଦୁଇ ପୁଅଙ୍କୁ କୋର୍ଟଚାଲାଣ

କାମାକ୍ଷାନଗର, ୨୩।୪(ସମିସ): କାମାକ୍ଷାନଗରରେ ଜନଗଣନା କରିବାକୁ ଯାଇଥିବା ବେଳେ ୪ଜଣ କର୍ମଚାରୀଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାରେ ଗୁରୁବାର ପୁଲିସ ଅଭିଯୁକ୍ତ ବାପା ଓ ତାଙ୍କ ଦୁଇ ପୁଅଙ୍କୁ କୋର୍ଟଚାଲାଣ କରିଛି। ସେମାନେ ହେଲେ, କାମାକ୍ଷାନଗର ଏନ୍‌ଏସି ୩ନମ୍ବର ୱାର୍ଡ ଅନନ୍ତପୁର ସାହିର ନିକୁଞ୍ଜ ରମଣ ଶତପଥୀ ଓ ତାଙ୍କ ପୁଅ ଉଦିତସ୍ୱପ୍ନ ଶତପଥୀ ଓ ଭାନୁପ୍ରକାଶ ଶତପଥୀ। ବୁଧବାର ଜନଗଣନା କାର୍ଯ୍ୟରେ ନିୟୋଜିତ ରଘୁନାଥ ଦୀକ୍ଷିତ, ମଧୁସ୍ମିତା ବେହେରା, ସ୍ୱର୍ଣ୍ଣଲତା ସାହୁ ଓ ସତୀଶ ବୀରେନ ବେହେରା ନିକୁଞ୍ଜଙ୍କ ଘରକୁ ଜନଗଣନା କରିବା ପାଇଁ ଯାଇଥିଲା ବେଳେ ନିକୁଞ୍ଜ ଓ ତାଙ୍କ ଦୁଇ ପୁଅ ସେମାନଙ୍କୁ ଆକ୍ରମଣ କରିବା ସହ ଜଣେ ମହିଳା କର୍ମଚାରୀଙ୍କ ଗାଡ଼ି ଭାଙ୍ଗି ଦେଇଥିଲେ। ଖବର ପାଇ କାମାକ୍ଷାନଗର ଉପଜିଲ୍ଲାପାଳ ଦୀନମଣି ନାୟକ, ତହସିଲଦାର ଶୁଭଙ୍କର ମହାନ୍ତି, ଏସଡିପିଓ ରଜନୀକାନ୍ତ ସାମଲ, ଥାନା ଅଧିକାରୀ ଜିତେନ୍ଦ୍ର ମଲ୍ଲିକ ଏବଂ ଏନ୍‌ଏସି ନିର୍ବାହୀ ଅଧିକାରୀ ପ୍ରଦତ୍ତ ସାହୁ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚିଥିଲେ। ଅଭିଯୁକ୍ତମାନେ ଏହି ବରିଷ୍ଠ ଅଧିକାରୀମାନଙ୍କୁ ମଧ୍ୟ ଦୁର୍ବ୍ୟବହାର କରିବା ସହ ଆକ୍ରମଣ ଉଦ୍ୟମ କରିଥିଲେ। ପୁଲିସ ତୁରନ୍ତ ତିନି ଅଭିଯୁକ୍ତଙ୍କୁ ଘୋଷାଡ଼ି ଘୋଷାଡ଼ି ଥାନାକୁ ନେଇଥିବା ବେଳେ ଗୁରୁବାର ସମସ୍ତଙ୍କୁ କୋର୍ଟଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତମାନଙ୍କୁ ଜେଲ୍ ପଠାଇ ଦିଆଯାଇଛି।

# ଚାକିରି ଲୋଭ ଦେଖାଇ ଆଦିବାସୀ ଯୁବତୀଙ୍କୁ ଦିଲ୍ଲୀରେ ବିକ୍ରି

- ୫ ବର୍ଷ ପରେ ଘରକୁ ଯୋଗାଯୋଗ କଲେ
- ଅନ୍ୟ ଦୁଇ ଭଉଣୀଙ୍କ ନାହିଁ ଖୋଜଖବର
- ଯୁବତୀଙ୍କୁ ତୁରନ୍ତ ଉଦ୍ଧାର ପାଇଁ ଭଞ୍ଜସେନାର ଦାବି

ରାଇରଙ୍ଗପୁର, ୨୩।୪(ସମିସ): ଚାକିରି ଲୋଭ ଦେଖାଇ ଜଣେ ଆଦିବାସୀ ଯୁବତୀଙ୍କୁ ଦିଲ୍ଲୀରେ ବିକିଦେବା ଓ ୫ ବର୍ଷ ଧରି ଦଲାଲ କବ୍‌ଜାରେ ରହିବା ପରେ ଉଦ୍ଧାର ପାଇଁ ଯୁବତୀଜଣଙ୍କ ଫୋନ୍ ଯୋଗେ ପରିବାରଲୋକଙ୍କୁ ଯୋଗାଯୋଗ କରିବା ଭଳି ଘଟଣା ମୟୂରଭଞ୍ଜ ଜିଲ୍ଲାରେ ତୀବ୍ର ଆଲୋଡ଼ନ ସୃଷ୍ଟି କରିଛି। ଯୁବତୀଜଣଙ୍କ ବାମନଘାଟି ଉପଖଣ୍ଡର ଗୋରୁମହିଷାଣି ଅଞ୍ଚଳର ବୋଲି ଜଣାପଡ଼ିଛି। ତେବେ ତାଙ୍କ ଅନ୍ୟ ଦୁଇ ଭଉଣୀଙ୍କ ମଧ୍ୟ ଖୋଜଖବର ନାହିଁ। ସମସ୍ତଙ୍କୁ ତୁରନ୍ତ ଉଦ୍ଧାର କରିବାକୁ ଭଞ୍ଜସେନା ଦାବି କରିଛି।



କୁକୁଡ଼ିମୁଣ୍ଡି ଗ୍ରାମର ଜେସାଇ ହାଁସଦାଙ୍କ ଝିଅ ସିନଗୋ ହାଁସଦାଙ୍କ ନାବାଳିକା ଅବସ୍ଥାରେ ବିବାହ ହୋଇଥିଲା। ଶଶୁରଘର ଲୋକ ନିର୍ଯାତନା ଦେବାରୁ ସେ ବାପଘରେ ରହୁଥିଲେ। ଚାକିରି ଅନ୍ୱେଷଣ କରୁଥିବା ବେଳେ ସେ ଏକ ଦଲାଲ ହାବୁଡ଼ରେ ପଡ଼ିଥିଲେ। ଦଲାଲଜଣଙ୍କ ଭଲ ଚାକିରି ପ୍ରଲୋଭନ ଦେଖାଇ ସିନଗୋ ସମେତ ତାଙ୍କ ଦୁଇ ଭଉଣୀଙ୍କୁ ଦିଲ୍ଲୀର ଏକ ଧନୀ ପରିବାରକୁ ବିକ୍ରି କରିଦେଇଥିଲା। ସେଠାରେ ସେମାନଙ୍କ ମୋବାଇଲ ଫୋନ୍ ଛଡ଼ାଇ ନିଆଯିବା ସହ ସେମାନଙ୍କୁ ନଜରବନ୍ଦୀରେ ରଖାଯାଇଥିଲା। ଫଳରେ ସେମାନେ ପରିବାର ସହ ଯୋଗାଯୋଗ କରିପାରିନଥିଲେ। ତେବେ ଘରଲୋକଙ୍କ ମୋବାଇଲ ନମ୍ବର ମନେଥିବାରୁ ୫ ବର୍ଷ ପରେ ସୁଯୋଗ ପାଇ ପରିବାରଲୋକଙ୍କୁ ଫୋନ କରିଥିଲେ ସିନଗୋ। ତାଙ୍କ ସହ ଘଟିଥିବା ଅଘଟଣ ଏବଂ ଅନ୍ୟ ଦୁଇ ଭଉଣୀଙ୍କ କୌଣସି ଖୋଜଖବର ନାହିଁ ବୋଲି ଜଣାଇଥିଲେ। ଏ ସଂପର୍କରେ ପରିବାରଲୋକେ ଗୋରୁମହିଷାଣି ଥାନାରେ ଜଣାଇଥିଲେ। କିନ୍ତୁ, ଆଦିବାସୀ ଯୁବତୀଙ୍କୁ ଦିଲ୍ଲୀରୁ ଉଦ୍ଧାର କରି ଆଣିବାରେ ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ତେବେ ଯୁବତୀଙ୍କୁ ତୁରନ୍ତ ଉଦ୍ଧାର କରିବା ପାଇଁ ଭଞ୍ଜସେନା ପକ୍ଷରୁ ଦାବି କରାଯାଇଛି।

ଗଣମାଧ୍ୟମ ଜରିଆରେ ଘଟଣା ସମ୍ପର୍କରେ ଜାଣିବା ପରେ ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା ଜାଣିବା ପରେ ସହାୟତା ହାତ ବଢ଼ାଇଛନ୍ତି। ଭଞ୍ଜସେନାର ବାମନଘାଟି ଉପଖଣ୍ଡ ସଭାପତି ସୁନ୍ଦର ମୋହନ ଟୁଡୁ ଗୋରୁମହିଷାଣିରେ ଯୁବତୀଙ୍କ ପରିବାରବର୍ଗଙ୍କୁ ଭେଟି ସବିଶେଷ ଆଲୋଚନା କରିଛନ୍ତି। ଯୁବତୀଙ୍କ ପରିବାର ଝିଅକୁ ଆଣିବାକୁ ଦିଲ୍ଲୀ ଯିବା ସକାଶେ ଭଞ୍ଜସେନା ଆର୍ଥିକ ସହାୟତା ପ୍ରଦାନ କରିଛି। ଦିଲ୍ଲୀ ଯିବା ଆସିବା ପାଇଁ ଟ୍ରେନ୍ ଟିକଟ ବ୍ୟବସ୍ଥା କରାଯାଇଛି। ମୟୂରଭଞ୍ଜ ଜିଲ୍ଲାକୁ ଫେରାଇ ଆଣିବା ନେଇ ସମସ୍ତ ଖର୍ଚ୍ଚ ସଂଗଠନ ବହନ କରିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏଥିସହିତ ଆଦିବାସୀ ଝିଅଙ୍କୁ ଦଲାଲ କବଳରୁ ଉଦ୍ଧାର କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ ଏକ୍ସ ଯୋଗେ ପ୍ରତିଷ୍ଠାତା ଶ୍ରୀ ଜେନା ନିବେଦନ କରିଛନ୍ତି। ରାଜ୍ୟ ସରକାର ଏଭଳି ଏକ ସମ୍ବେଦନଶୀଳ ଘଟଣା ପ୍ରତି ତୁରନ୍ତ ଦୃଷ୍ଟି ଦେଇ ଯୁବତୀଙ୍କୁ ଉଦ୍ଧାର ନିମନ୍ତେ ପଦକ୍ଷେପ ଗ୍ରହଣ କରିବା ଆବଶ୍ୟକ।

**ୟୁକୋ ବ୍ୟାଙ୍କ ବେତନଟୀ ଶାଖାରେ ବଡ଼ଧରଣର ହେରଫେର୍!**

# ବିଡିଓଙ୍କ ଜାଲ୍ ଦସ୍ତଖତରେ ବ୍ଲକ୍ ଆକାଉଣ୍ଟରୁ ୨.୨୬ କୋଟି ଲୁଟ୍

- ଇ-ବ୍ୟାଙ୍କିଂ ଜରିଆରେ ୨୮ଟି ଆକାଉଣ୍ଟକୁ ଟଙ୍କା ଟ୍ରାନ୍ସଫର୍
- ବ୍ୟାଙ୍କ ମ୍ୟାନେଜର୍‌ଙ୍କ ଏତଲା ପରେ ପୁଲିସର ତଦନ୍ତ ଆରମ୍ଭ
- ବିଡିଓଙ୍କ ସହ ବ୍ୟାଙ୍କର ବରିଷ୍ଠ ଅଧିକାରୀଙ୍କ ଆଲୋଚନା

ବାରିପଦା, ୨୩।୪ (ସମିସ): ବିଡିଓଙ୍କ ଜାଲ୍ ଦସ୍ତଖତ ସହାୟତାରେ ବେତନଟୀ ବ୍ଲକ୍ ଆକାଉଣ୍ଟରୁ ୨.୨୬ କୋଟି ଟଙ୍କା ଲୁଟ୍। ରାଷ୍ଟ୍ରାୟତ୍ତ ୟୁକୋ ବ୍ୟାଙ୍କ ବେତନଟୀ ଶାଖାରେ ଏପରି ଏକ ବଡ଼ଧରଣର ହେରଫେର୍ ହୋଇଥିବା ଜଣାଯାଇଛି। ଏ ସଂପର୍କରେ ବ୍ୟାଙ୍କ ମ୍ୟାନେଜର୍ ଅର୍ପିତା ପାଲ ଏତଲା ଦେବା ପରେ ପୁଲିସ ନମ୍ବର ୧୭୮/୨୬ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ଥାନାଧିକାରୀ କ୍ରିଷ୍ଣା ପିଙ୍ଗୁଆ କହିଛନ୍ତି। ଅପରପକ୍ଷେ, ଆଜି ଏହି ଘଟଣାରେ ବିଡିଓଙ୍କ ସହ ବ୍ୟାଙ୍କର ବରିଷ୍ଠ ଅଧିକାରୀ ଓ ବେତନଟୀ ଏସ୍‌ଡିପିଓ ଆଲୋଚନା କରିଛନ୍ତି।

ଅଭିଯୋଗ ମୁତାବକ, ଗତ ମାର୍ଚ୍ଚ ୨୪ ତାରିଖ, ଦିନ ପ୍ରାୟ ୧ଟାରେ ଜଣେ ଅଣ-ଓଡ଼ିଆ ବ୍ୟକ୍ତି ନିଜକୁ ବେତନଟୀ ବିଡିଓଙ୍କ ପ୍ରତିନିଧି ପରିଚୟ ଦେଇ ବେତନଟୀ ପଞ୍ଚାୟତ ସମିତି କାର୍ଯ୍ୟାଳୟ ଉଲ୍ଲେଖ ଥିବା ଚିଠିରେ ବିଡିଓଙ୍କ ଦସ୍ତଖତ ଏବଂ ସିଲ୍ ଥାଇ ଏକ ଆବେଦନପତ୍ର ବ୍ୟାଙ୍କରେ ଦାଖଲ କରିଥିଲେ। ବେତନଟୀ ପଞ୍ଚାୟତ ସମିତି କାର୍ଯ୍ୟଳୟ ନାମରେ ଥିବା ୨ଟି ସରକାରୀ ଆକାଉଣ୍ଟ ନମ୍ବର ୩୧୫୪୦୧୧୦୦୫୮୭୩୨ ଏବଂ ୩୧୫୪୦୧୧୦୦୩୫୧୪୬ ସମ୍ପର୍କିତ ମୋବାଇଲ ନମ୍ବର ଏବଂ ଇ-ମେଲ ଆଇଡି ଅପଡେଟ୍ ପାଇଁ ଉକ୍ତ ଆବେଦନପତ୍ରରେ ଉଲ୍ଲେଖ କରାଯାଇଥିଲା। ସନ୍ଦିଗ୍ଧ ଅଣ-ଓଡ଼ିଆ ବ୍ୟକ୍ତିଜଣଙ୍କ ପ୍ରଥମ ଦିନରେ ମୋବାଇଲ ନମ୍ବର ଏବଂ ଇ-ମେଲ ଆଇଡି ଅପଡେଟ୍ ନିମନ୍ତେ ଆବେଦନପତ୍ର ଦାଖଲ କରିବା ପରେ ବ୍ୟାଙ୍କ କର୍ତ୍ତୃପକ୍ଷ ତାହା ସମ୍ପାଦନ କରିଥିଲେ। ଏହାର ପର ଦିନ ଅର୍ଥାତ୍ ମାର୍ଚ୍ଚ ୨୫ ତାରିଖରେ ପୁନର୍ବାର ସମ୍ପୃକ୍ତ ସନ୍ଦିଗ୍ଧ ବ୍ୟକ୍ତିଜଣଙ୍କ ବ୍ୟାଙ୍କକୁ ଆସି ପୁଣି ବେତନଟୀ ପଞ୍ଚାୟତ ସମିତି କାର୍ଯ୍ୟାଳୟ ଉଲ୍ଲେଖ ଥିବା ଏବଂ ବିଡିଓଙ୍କ ସିଲ ଓ ଦସ୍ତଖତ ଥିବା ଆବେଦନପତ୍ର ଦାଖଲ କରି ସମ୍ପୃକ୍ତ ଦୁଇଟି ଆକାଉଣ୍ଟ ନାମରେ ଇ-ବ୍ୟାଙ୍କିଂ ୟୁଜର ଆଇଡି ଓ ପାସୱାର୍ଡ ଆବେଦନ କରିଥିଲେ। ତେବେ ଗତ ୨୧ ତାରିଖରେ ବ୍ଲକ କର୍ତ୍ତୃପକ୍ଷ କୌଣସି କାମରେ ୟୁକୋ ବ୍ୟାଙ୍କକୁ ଆସିଥିବା ବେଳେ ଏହି କେଲେଙ୍କାରୀ ସଂପର୍କରେ ସୂଚନା ପାଇଥିଲେ। ସେତେବେଳକୁ ଇ-ବ୍ୟାଙ୍କିଂ ଜରିଆରେ ବ୍ଲକ୍ ଆକାଉଣ୍ଟରୁ ୨୮ଟି ଭିନ୍ନଭିନ୍ନ ଆକାଉଣ୍ଟକୁ ୨ କୋଟି ୨୬ ଲକ୍ଷ ଟଙ୍କା ଟ୍ରାନ୍ସଫର୍ ହୋଇଥିବା ଜାଣିବାକୁ ପାଇଥିଲେ। ଖୋଳତାଡ଼ କରିବାରୁ ଏହି ବଡ଼ଧରଣର ଠକେଇ ପଦାକୁ ଆସିଛି। ଏନେଇ ବ୍ୟାଙ୍କ ମ୍ୟାନେଜର୍ ଅର୍ପିତା ପାଲଙ୍କୁ ଯୋଗାଯୋଗ କରିବାରୁ ସେ ଏନେଇ କୌଣସି ଏତଲା ବେତନଟୀ ଥାନାରେ ଦାଏର କରିନାହାନ୍ତି ବୋଲି କହିଛନ୍ତି।

ଏଭଳି ଏକ ସମ୍ବେଦନଶୀଳ ମାମଲାକୁ ନେଇ ଗୁରୁବାର ବିଡିଓ ସୁଶାନ୍ତ କୁମାର ସୂତାରଙ୍କ କାର୍ଯ୍ୟାଳୟରେ ୟୁକୋବ୍ୟାଙ୍କର ପଦସ୍ଥ ଅଧିକାରୀଙ୍କ ସମେତ ବେତନଟୀ ଏସଡିପିଓ ମିନତି ବିଶ୍ୱାଳ, ଆଇଆଇସି କ୍ରିଷ୍ଣା ପିଙ୍ଗୁଆ ପ୍ରମୁଖ ଦୀର୍ଘ ସମୟ ଧରି ଆଲୋଚନା କରିଥିଲେ।

# ଶ୍ରମ ବିଭାଗର ନିର୍ଦ୍ଦେଶନାମାକୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଫୁଁ

ବାଲେଶ୍ୱର, ୨୩।୪ (ସମିସ)



ରାଜ୍ୟରେ ପ୍ରବଳ ଗ୍ରୀଷ୍ମ ପ୍ରବାହରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଥିବା ବେଳେ ଏଥିରୁ ବାଦ ପଡ଼ିନି ବାଲେଶ୍ୱର ଜିଲ୍ଲା। ବାଲେଶ୍ୱର ଜିଲ୍ଲାର ଗ୍ରୀଷ୍ମ ପ୍ରବାହରେ ପାରାଦ ବଢ଼ି ବଢ଼ି ଚାଲିଛି। ରାଜ୍ୟ ସରକାରଙ୍କ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ ପକ୍ଷରୁ ମାର୍ଚ୍ଚ ୨୩ ତାରିଖରେ ଚିଠି ମାଧ୍ୟମରେ ରାଜ୍ୟରେ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଏପ୍ରିଲ ୧ ତାରିଖ ଠାରୁ ଜୁନ ୧୫ ତାରିଖ ପର୍ଯ୍ୟନ୍ତ ଶ୍ରମିକଙ୍କ ନିରାପତ୍ତା ପାଇଁ ଦିନ ୧୧ ଘଟିକା ଠାରୁ ଅପରାହ୍ନ ୩ ଘଟିକା ପର୍ଯ୍ୟନ୍ତ ଶ୍ରମିକଙ୍କୁ କାର୍ଯ୍ୟରେ ନ ଲଗାଇବା ପାଇଁ ନିର୍ଦ୍ଦେଶନାମା ଜାରୀ କରିଥିଲେ। ହେଲେ ଶ୍ରମିକଙ୍କ ନିରାପତ୍ତା ପାଇଁ ଜାରି ହୋଇଥିବା ନିର୍ଦ୍ଦେଶନାମା ଖୋଦ ବାଲେଶ୍ୱର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅବମାନନା କରାଯାଇଛି। ଶ୍ରମିକଙ୍କ ନିରାପତ୍ତାକୁ ଧ୍ୟାନ ଦେବା ପରିବର୍ତ୍ତେ ସ୍ୱାର୍ଥ ପାଇଁ ଶ୍ରମିକଙ୍କ ଜୀବନକୁ ଢ଼ହଢ଼ହ ଖରାରେ ବାଜିରେ ଲଗା ଯାଉଛି।

ଖବର ଅନୁସାରେ ବାଲେଶ୍ୱର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ପୁରୁଣା ବିଲଡିଂରେ ନିର୍ମାଣ କାର୍ଯ୍ୟ ଜାରି ରହିଛି। ଏହି ନିର୍ମାଣ କାର୍ଯ୍ୟରେ ନିୟୋଜିତ ଥିବା ଶ୍ରମିକଙ୍କ ମଧ୍ୟରୁ ୫ରୁ ଉର୍ଦ୍ଧ୍ୱ ଶ୍ରମିକ ବୁଧବାର ଢ଼ହଢ଼ହ ଖରାରେ ୧. ୩୦ ପର୍ଯ୍ୟନ୍ତ କାର୍ଯ୍ୟ କରୁଥିବାର ଦେଖିବାକୁ ମିଳିଥିଲା। ସେପଟେ ଜିଲ୍ଲାପାଳ ବିଭିନ୍ନ ବିଭାଗ ସହ ବୈଠକ କରି ଗ୍ରୀଷ୍ମ ପ୍ରବାହ ଯୋଗୁଁ ଶ୍ରମିକଙ୍କ ନିରାପତ୍ତା ଦୃଷ୍ଟିରୁ ଦିନ ୧୧ ଘଟିକା ଠାରୁ ଅପରାହ୍ନ ୩ ଘଟିକା ପର୍ଯ୍ୟନ୍ତ ନିର୍ମାଣ କାର୍ଯ୍ୟ ବନ୍ଦ କରିବାକୁ ନିର୍ଦ୍ଦେଶ

**ପ୍ରହସନ ପାଲଟିଛି ଶ୍ରମିକ ନିରାପତ୍ତା**

ଦେଇଥିଲେ, ଏମିତି କି ନିୟମ ନ ମାନିଲେ କାର୍ଯ୍ୟ କରୁଥିବା ଏଜେନ୍ସି ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାର ଚେତାବନୀ ଦେଇଥିଲେ। ହେଲେ ସରକାରୀ ନିର୍ଦ୍ଦେଶନାମାକୁ ଦୀର୍ଘ ୨୨ ଦିନ ବିତିଥିଲେ ସୁଦ୍ଧା ବିଭିନ୍ନ ବିଭାଗ ପକ୍ଷରୁ ଟେଣ୍ଡର ନେଇ କାର୍ଯ୍ୟ କରୁଥିବା ଏଜେନ୍ସି ମାନେ ଏହି ନିୟମକୁ ଫୁଁ କରି ଦେଇଛନ୍ତି। ଜିଲ୍ଲାର ପୂର୍ତ୍ତ, ଗ୍ରାମ୍ୟ ଉନ୍ନୟନ, ରେଳ ବିଭାଗ ପକ୍ଷରୁ ହେଉଥିବା ନିର୍ମାଣ କାର୍ଯ୍ୟରେ ଶ୍ରମିକଙ୍କ ସ୍ୱାର୍ଥକୁ ଜଳାଞ୍ଜଳି ଦେଇ ଶ୍ରମିକଙ୍କ ଉହଡହ ଖରାରେ କାର୍ଯ୍ୟରେ ଲଗାଯାଇଛି। ଖରାରେ ଶ୍ରମିକଙ୍କ ଜୀବନ ବାଜିରେ ଲାଗୁଥିବା ବେଳେ ପୂର୍ତ୍ତ, ଗ୍ରାମ୍ୟ ଉନ୍ନୟନ, ରେଳ ବିଭାଗର ବିଭାଗୀୟ ଅଧିକାରୀ ମଧ୍ୟ ଏଥିପ୍ରତି ଧ୍ୟାନ ଦେଉନାହାନ୍ତି। ଏପରିସ୍ଥଳେ ଜିଲ୍ଲାର ଅଧିକାରୀ ଜିଲ୍ଲାପାଳ ନିୟମକୁ ଅନୁପାଳନ ପାଇଁ ନିର୍ଦ୍ଦେଶନାମା ଜାରୀ କରୁଥିବା ବେଳେ ଖୋଦ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ବୁଧବାର ୧.୩୦ ପର୍ଯ୍ୟନ୍ତ ଶ୍ରମିକଙ୍କୁ ଟାଣ ଖରାରେ ନିୟୋଜିତ କରାଯିବା ସ୍ଥଳେ ଜିଲ୍ଲାପାଳଙ୍କ ଦୃଷ୍ଟି ନ ପଡ଼ିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଜିଲ୍ଲାର ଖୋଦ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ନିର୍ଦ୍ଦେଶ ଅନୁପାଳନ କରାଯାଉନଥିବା ବେଳେ ଜିଲ୍ଲାର ଅନ୍ୟ ସ୍ଥାନ ମାନଙ୍କରେ କିଭଳି ଶ୍ରମିକଙ୍କ ନିରାପତ୍ତା ଯୋଜନା କାର୍ଯ୍ୟ କରୁଥିବ ଏଠାରୁ ଜଳ ଜଳ ହୋଇ ଦିଶୁଛି। ଠିକାଦାର ନିଜର ସ୍ୱାର୍ଥ ସାଧାନ ପାଇଁ ଶ୍ରମିକଙ୍କ ଜୀବନକୁ ବାଜିରେ ଲଗାଇବା ଘଟଣାରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଦାବି ହୋଇଛି। ଏ ନେଇ ଜିଲ୍ଲାପାଳଙ୍କୁ ଯୋଗାଯୋଗ କରାଯାଇଥିଲେ ସୁଦ୍ଧା ତାଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

## ତିନି ଦିନ ପାଇଁ ସ୍କୁଲ ଛୁଟି

**ବାଲେଶ୍ୱର, ୨୩।୪(ସମିସ):** ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଆଖି ଆଖି ଆଗରେ ରଖି ଆଜି ଠାରୁ ଆସନ୍ତା ୨୫ ତାରିଖ ତିନିଦିନ ଧରି ସ୍କୁଲ ଛୁଟି ଘୋଷଣା କରିଛନ୍ତି ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ। ଏହି ତିନି ଦିନ ଜିଲ୍ଲାର ସମସ୍ତ ଶିଶୁ ବାଟିକା ଠାରୁ ଆରମ୍ଭ କରି ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ସରକାରୀ, ସରକାରୀ ଅନୁଦାନପ୍ରାପ୍ତ ସ୍କୁଲ, ବେସରକାରୀ ସ୍କୁଲ ତଥା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପାଇଁ ଏହି ନିର୍ଦ୍ଦେଶନାମା ଜାରି କରାଯାଇଛି। ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ଜାରି କରାଯାଇଥିବା ସରକାରୀ ନିର୍ଦ୍ଦେଶାନାମା ଅନୁସାରେ ଆଜି ଗୁରୁବାର ଠାରୁ ଆସନ୍ତା ଶନିବାର ପର୍ଯ୍ୟନ୍ତ ସ୍କୁଲ ସବୁ ବନ୍ଦ ରହିବ। ସେହିପରି ଜିଲ୍ଲାର ସମସ୍ତ ଛାତ୍ରାବାସ ଓ ଛାତ୍ରୀ ନିବାସ ମଧ୍ୟ ବନ୍ଦ ରହିବା ସହ ଛାତ୍ରଛାତ୍ରୀମାନଙ୍କୁ ଘରକୁ ଫେରାଇ ନେବା ପାଇଁ ଅଭିଭାବକମାନଙ୍କୁ ପରାମର୍ଶ ଦିଆଯାଇଛି। ଖରା ସମୟରେ କୋମଳମତି ଛାତ୍ରଛାତ୍ରୀମାନଙ୍କ ସ୍ୱାସ୍ଥ୍ୟ ଏବଂ ସୁରକ୍ଷାକୁ ପ୍ରାଥମିକତା ଦେଇ ଏହି ପ୍ରତିଷେଧକ ମୂଳକ ନିଷ୍ପତି ନିଆଯାଇଛି। ଏହାଛଡା ଏହି ନିୟମ କଡାକଡି ଭାବେ ପାଳନ କରିବା ପାଇଁ ସମସ୍ତ ବ୍ଲକ ଶିକ୍ଷା ଅଧିକାରୀ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ଶିକ୍ଷୟିତ୍ରୀ ତଥା ଅଭିଭାବକମାନଙ୍କୁ ଅଗବତି କରାଯାଇଛି। ଅନ୍ୟପଟେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି ଏକ ଘରୋଇ ସ୍କୁଲ କ୍ଷେତ୍ରରେ। ସେରଗଡ଼ ସ୍ଥିତ ଏକ ଘରୋଇ ସ୍କୁଲରେ ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ହୋଇଥିବା ଛୁଟି ସତ୍ୱେ ସେଠାରେ ପାଠପଢ଼ା ହୋଇଥିଲା। ଏପରିକି ଛାତ୍ରଛାତ୍ରୀ ଆଜି ସ୍କୁଲରୁ ଅପରାହଣ ୨ଟା ୩୦ମିନିଟ ସମୟରେ ବସ୍‌ଯୋଗେ ଫେରିଥିବା ଦେଖିବାକୁ ମିଳିଛି। ଜିଲ୍ଲା ଶିକ୍ଷା ଅଧିକାରୀ ବସନ୍ତ କୁମାର ନାୟକଙ୍କୁ ଯୋଗାଯୋଗ କରିବାରୁ ସେ କହିଛନ୍ତି ଯେ, ଗ୍ରୀଷ୍ମ ପ୍ରବାହକୁ ଆଖି ଆଗରେ ରଖି ତିନି ଦିନ ପାଇଁ ସ୍କୁଲ ଛୁଟି କରାଯାଇଛି। ଅନ୍ୟପଟେ ଉକ୍ତ ବିଦ୍ୟାଳୟ ସମ୍ପର୍କରେ ପଚରାଯିବାରୁ ସେ କହିଛନ୍ତି ଯେ, ସ୍କୁଲ ଛୁଟି ପାଇଁ ଚିଠି ଡେରିରେ ଖବର ପାଇଥିବାରୁ ଆଜି କ୍ଲାସ ହୋଇଛି। ଏଥିପାଇଁ ସେମାନେ କ୍ଷମା ପ୍ରାର୍ଥନା ମଧ୍ୟ କରିଛନ୍ତି।

## ଅସହ୍ୟ ତାତିରେ ସନ୍ତୁଳି ହେଉଛି ବାଲେଶ୍ୱର ସହର

**ବାଲେଶ୍ୱର, ୨୩।୪(ସମିସ):** ବାଲେଶ୍ୱରରେ ଦିନକୁ ଦିନ ତାପମାତ୍ରା ବୃଦ୍ଧି ପାଇବାରେ ଲାଗିଛି। ଏହାଫଳରେ ଲୋକେ ବହୁ ଅସୁବିଧାରେ ସମ୍ମୁଖିନ ହେଉଥିବା ବେଳେ ସକାଳ ୮ଟା ଠାରୁ ଏହି ଖରାର ପ୍ରକୋପ ଆସ୍ତେ ଆସ୍ତେ ବୃଦ୍ଧି ପାଇବାରେ ଲାଗୁଛି। ଫଳରେ ଦିନ ୧୧ଟା ସମୟରୁ ହିଁ ରାସ୍ତାଘାଟ ଶୂନଶାନ ହୋଇପଡୁଛି। ଗ୍ରୀଷ୍ମ ପ୍ରବାହ ପାଇଁ ଜିଲ୍ଲାପାଳ ଆଜି ଠାରୁ ତିନି ଦିନ ସ୍କୁଲ ଛୁଟି ପାଇଁ ନିର୍ଦ୍ଦେଶ ମଧ୍ୟ ଦେଇଛନ୍ତି। ଅନ୍ୟପଟେ ଦେଖିବାକୁ ଗଲେ ବର୍ତ୍ତମାନ ସମୟରେ ଏହି ଗ୍ରୀଷ୍ମ ପ୍ରବାହକୁ ଆଖି ଆଗରେ ସକାଳେ ସମସ୍ତ ସରକାରୀ କାର୍ଯ୍ୟାଳୟ ସକାଳୁଆ ମଧ୍ୟ ହେଉଛି। ଆଜି ବାଲେଶ୍ୱର ଜିଲ୍ଲାରେ ୩୬ଡିଗ୍ରୀ ସେଲସିୟସ ତାପମାତ୍ରା ରେକର୍ଡ କରାଯାଇଥିବା ବେଳେ ଅଧିକମାତ୍ରାରେ ଗୁଳୁଗୁଳି ପରିଲିକ୍ଷିତ ହେଉଛି। ଚଳିତ ମାସ ୨୨ତାରିଖରେ ସର୍ବାଧିକ ୩୯.୫ଡିଗ୍ରୀ ସେଲସିୟସ ତାପମାତ୍ରା ରେକର୍ଡ କରାଯାଇଥିଲା। ସେହିପରି ଚଳିତ ମାସ୨୧ତାରିଖରେ ଦ୍ୱିତୀୟ ସର୍ବାଧିକ ୩୮.୪ଡିଗ୍ରୀ ସେଲସିୟସ ତାପମାତ୍ରା ରେକର୍ଡ କରାଯାଇଛି। ଅନ୍ୟପଟେ ୨୦୨୪ମସିହାରେ ଜିଲ୍ଲାରେ ଏପ୍ରିଲ ମାସ ୩୦ତାରିଖରେ ସର୍ବାଧିକ ୪୬ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଥିବା ବେଳେ୨୦୨୩ମସିହାରେ ଏପ୍ରିଲ ମାସ୨୦ତାରିଖରେ ୪୧.୧ଡିଗ୍ରୀ, ୨୦୨୨ମସିହା ମେ ମାସରେ ୪୦.୪ ଡିଗ୍ରୀ ଏବଂ ୨୦୨୧ମସିହା ମାର୍ଚ୍ଚ ମାସ ୩୧ତାରିଖରେ ୪୩ଡିଗ୍ରୀ ସେଲସିୟସ ତାପମାତ୍ରା ରେକର୍ଡ କରାଯାଇଥିଲା ବୋଲି ପାଣିପାଗ ବିଭାଗର ବାଲେଶ୍ୱର ଅଧିକାରୀ ମୋହନ ଦାସ ସୂଚନା ଦେଇଛନ୍ତି। ତାଙ୍କ ସୂଚନା ଅନୁସାରେ ଚଳିତ ବର୍ଷ ଏହି ଗ୍ରୀଷ୍ମ ପ୍ରବାହ ବୃଦ୍ଧି ପାଇ ୪୦ରୁ ୪୩ଡିଗ୍ରୀ ସେଲସିୟସ ପର୍ଯ୍ୟନ୍ତ ହେବାର ସମ୍ଭାବନା ରହିଛି ବୋଲି କହିଛନ୍ତି। ଏହା ଆଗକୁ ଅଧିକ ବଢ଼ିବାର ସମ୍ଭାବନା ମଧ୍ୟ ରହିଛି। ଜିଲ୍ଲା ଜରୁରୀକାଳୀନ ଅଧିକାରୀ ସାଇକୃଷ୍ଣ ଜେନା କହିଛନ୍ତି ଯେ, ବର୍ତ୍ତମାନ ଗ୍ରୀଷ୍ମ ପ୍ରବାହକୁ ଆଖି ଆଗରେ ରଖି ଜିଲ୍ଲା ସ୍ତରରେ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି। ସମସ୍ତ ବ୍ଲକମାନଙ୍କରେ ସୂଚନା ପତ୍ର ପ୍ରଦାନ କରାଯାଉଥିବା ବେଳେ ଏକ ଗାଡି ଲୋକମାନଙ୍କୁ ଏହି ଅଂଶୁଘାତରୁ ରକ୍ଷା ପାଇବା ପାଇଁ ସଚେତନତା ବାର୍ତ୍ତା ପ୍ରଦାନ କରୁଛି। ଏହାବ୍ୟତିତ ବିଭିନ୍ନ ଅଙ୍ଗନୱାଡି, ସ୍କୁଲ, କଲେଜରେ ପଢ଼ା ସମୟ ପରିବର୍ତ୍ତନ ହୋଇଥିବା ବେଳେ ଦିନ୧୧ଟାରୁ ୩ଟା ପର୍ଯ୍ୟନ୍ତ ଯେପରି ଶ୍ରମିକମାନେ ଭାରି କାର୍ଯ୍ୟ ନ କରନ୍ତି ସେଥିପ୍ରତି ଦୃଷ୍ଟି ଦିଆଯାଉଥିବା ବେଳେ କୌଣସି ଅଂଶୁଘାତ ଜନିତ ଖବର ଆସିଲେ ତୁରନ୍ତ ମେଡିକାଲରେ ରୁମ ଏବଂ ବେଡର ମଧ୍ୟ ବ୍ୟବସ୍ଥା କରାଯାଇଛି। ଏହାବ୍ୟତିତ ବିଭିନ୍ନ ସ୍ଥାନରେ ଜଳଛତ୍ର ଖୋଲାଯାଇଥିବା ବେଳେ ଓଆରଏସ ପାଣି ମଧ୍ୟ ଯୋଗାଯାଉଛି।

## ୨୦୨୬-୨୭ ଜନଗଣନାରେ ଆଦିବାସୀଙ୍କୁ ସାମିଲ ଦାବି

**ବାଲେଶ୍ୱର, ୨୩।୪(ସମିସ):** ୨୦୨୬-୨୭ରେ ହେଉଥିବା ଜନଗଣନାରେ ଆଦିବାସୀମାନଙ୍କୁ ସାମିଲ କରାଯିବା ନେଇ ଆଜି ଜିଲ୍ଲାପାଳଙ୍କ ଠାରେ ମାଝି ପାରଗନା ଜିଲ୍ଲା କମିଟି ପକ୍ଷରୁ ଜିଲ୍ଲାପାଳଙ୍କ ଠାରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିରେ କୁହାଯାଇଛି ଯେ, ଭାରତର ଜନଗଣନା କେନ୍ଦ୍ର ସରକାରଙ୍କ ଦ୍ୱାରା ୨୦୨୬-୨୭ କରାଯାଉଛି। ଭାରତରେ ୯୨ପ୍ରତିଶତ ଧର୍ମାବଲମ୍ବୀ ଆଉ ୮ପ୍ରତିଶତ ହେଉଛନ୍ତି ଆଦିବାସୀ। ଅର୍ଥାତ ଭାରତର ସର୍ବୋତମ ଉଚ୍ଚନ୍ୟାୟଙ୍କ ଆଦେଶ କୈଳାସ ବନାମ ମହାରାଷ୍ଟ୍ର ୨୦୧୧ଅନୁସାରେ ୮ପ୍ରତିଶତ ଆଦିବାସୀ ଅଟନ୍ତି। ଆଦିବାସୀମାନେ କୌଣସି ଧର୍ମ ଦ୍ୱାରା ପରିଚିତ ହୁଅନ୍ତି ନାହିଁ। ଆଦିବାସୀମାନଙ୍କୁ ସମ୍ବିଧାନ ଅନୁସାରେ ଅନୁସୂଚିତ ଜନଜାତି ବର୍ଗରେ ନିର୍ଦ୍ଦିଷ୍ଟ କରାଯାଇଛି। ତେଣୁ ଜନଗଣନାରେ ଅନୁସୂଚିତ ଜନଜାତି ମାଧ୍ୟମରେ ଚିହ୍ନଟ କରାଯାଉଛି ବା ଜନଗଣନାରେ ସାମିଲ କରାଯାଉଛି। ଆଦିବାସୀ ସମ୍ପ୍ରଦାୟର ଅନେକ ଆଦିବାସୀମାନେ ଖ୍ରୀଷ୍ଟଧର୍ମ ଗ୍ରହଣ କରିଛନ୍ତି। ଆଦିବାସୀମାନେ ଧର୍ମ ଗ୍ରହଣ କଲେ ଅନୁସୂଚିତ ଜନଜାତିର ସଂରକ୍ଷଣରୁ ବଞ୍ଚିତ ହେବେ। ସମ୍ବିଧାନର ୩୪୨ଧାରା ଅନୁସାରେ ଅନୁସୂଚିତ ଜନଜାତି ତାଲିକା ବହିର୍ଭୁକ୍ତ ହୋଇପାରିବ। ଏଣୁ ଜନଗଣନାକାରୀମାନେ ଆଦିବାସୀଙ୍କୁ ଜନଗଣନା ସମୟରେ ଗ୍ରାମର ମାଝୀ ବାବାଙ୍କର ଅନୁମତି ଅନୁସାରେ ଜନଗଣନା କରାଯାଉ ବୋଲି ଜିଲ୍ଲା ପାରଗାନାର ବୁଧିରାମ ମାଝୀ, ଜିଲ୍ଲା ଜଗ ପାରଗାନାର ବିଜୟ କୁମାର ମୁର୍ମୁ, ସଦର ବ୍ଲକ ପାରଗାନା ରାଜକେଶ୍ୱର ଟୁଡୁ, ସଦର ବ୍ଲକ ଜଗ ପାରଗାନା ଦୁଃଖିରାମ ମାଝୀ, ଜଳେଶ୍ୱର ପାରଗାନା ବିକ୍ରମ ଟୁଡୁ ପ୍ରମୁଖଙ୍କ ସହ ମଣ୍ଟୁ ମାଝୀ, ସୁନିଲ ବାସ୍କେ, ଗୌତମ ମୁର୍ମୁ, ଗୋପଲ ମାଝୀ ପ୍ରମୁଖ ଦାବି କରିଛନ୍ତି।

## ଫକୀରମୋହନ ବିଶ୍ୱବିଦ୍ୟାଳୟ ଓ ଓକେସିଏଲ୍ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷର

**ବାଲେଶ୍ୱର, ୨୩।୪(ସମିସ):** ଫକୀରମୋହନ ବିଶ୍ୱବିଦ୍ୟାଳୟ ଓ ଓଡ଼ିଶା ନଲେଜ କର୍ପୋରେସନ ଲିମିଟେଡ୍ (ଓକେସିଏଲ୍), ଭୁବନେଶ୍ୱର ମଧ୍ୟରେ 'ଏଆଇ କ୍ଷମତା ବିକାଶ' ବିଷୟରେ ବୁଝାମଣାପତ୍ର ସ୍ୱାକ୍ଷର ସହ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି।




ଏହା ବିଶ୍ୱବିଦ୍ୟାଳୟର ଆଭ୍ୟନ୍ତରୀଣ ଗୁଣବତ୍ତା ନିଶ୍ଚିତତା ବିଭାଗ (ଆଇକ୍ୟୁଏସି) ସହଯୋଗରେ ସଂଗଠିତ କରାଯାଇଥିଲା। କାର୍ଯ୍ୟକ୍ରମର ଆରମ୍ଭରେ ଆଇକ୍ୟୁଏସି ର ନିର୍ଦ୍ଦେଶକ ପ୍ରଫେସର ପଙ୍କଜ କୁମାର ପାରହୀ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଏହି ବୁଝାମଣାପତ୍ର ଦ୍ୱାରା ସହଯୋଗ ମାଧ୍ୟମରେ କାର୍ଯ୍ୟ କ୍ଷେତ୍ରରେ ନୂତନତ୍ୱ ଓ ସୁଯୋଗର ଦ୍ୱାର ଖୋଲିବ ବୋଲି ଆଶାବ୍ୟକ୍ତ କରିଥିଲେ। କୁଳସଚିବ କୁକୁମୀନା ଦାସ ଓ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା ଉଚ୍ଚ ଶିକ୍ଷାରେ କୃତ୍ରିମ ମେଧାର ପରିବର୍ତ୍ତନଶୀଳ ଭୂମିକାକୁ ଉଲ୍ଲେଖ କରିଥିଲେ। ବାଲେଶ୍ୱର ସ୍ଥିତ ଆରଜେଏସଏମଏସ ର ନିର୍ଦ୍ଦେଶକ ଡ଼କ୍ଟର ଶାନ୍ତନୁ କୁମାର ପାଣି, ଭବିଷ୍ୟତ ପାଇଁ ପ୍ରସ୍ତୁତ ଗବେଷକ ଓ ଛାତ୍ରଛାତ୍ରୀଙ୍କ ପାଇଁ କୌଶଳମୂଳକ ଶିକ୍ଷାର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଥିଲେ। ଏହି ଅବସରରେ ଓକେସିଏଲ ର ଏକ କର୍ପୋରେଟ୍ ଭିଡିଓ ପ୍ରଦର୍ଶିତ ହୋଇଥିଲା। ଓକେସିଏଲର ବ୍ୟବସ୍ଥାପନ ନିର୍ଦ୍ଦେଶକ ଡ଼କ୍ଟର ମନୋରଞ୍ଜନ ପୁଥାଲ ସଂଗଠନର ଦୃଷ୍ଟିକୋଣ ବିଷୟରେ କହିଥିଲେ। କାର୍ଯ୍ୟକ୍ରମରେ ଦୁଇଟି ପ୍ରାୟୋଗିକ ଶିକ୍ଷା ଅଧିବେଶନ ମଧ୍ୟ ଆୟୋଜିତ ହୋଇଥିଲା। ଶ୍ରୀ ସୁଶାନ୍ତ ଜେ. ଦାସ ଶିକ୍ଷାଗତ ଓ ପ୍ରଶାସନିକ କ୍ଷେତ୍ରରେ ଉତ୍ପାଦକତା ବୃଦ୍ଧି ପାଇଁ ଏଆଇ କୌଶଳର ବ୍ୟବହାର ବିଷୟରେ ଉପସ୍ଥାପନା କରିଥିଲେ। ପରେ ଶ୍ରୀ ନୀଳାଦ୍ରି ବିହାରୀ ରାୟ ଓକେସିଏଲ ରେ ଛାତ୍ରଛାତ୍ରୀଙ୍କ ଇଣ୍ଟର୍ନସିପ୍ ଇକୋସିଷ୍ଟମ୍‌ର ଲାଇଭ୍ ଡେମୋ ପ୍ରଦର୍ଶନ କରି, ଶିଳ୍ପ-ପ୍ରସ୍ତୁତ କୌଶଳଗୁଡିକ ଅବଗତ କରାଇଥିଲେ। ଡ. ରାଜଶ୍ରୀ ଦତ୍ତଙ୍କ ଦ୍ୱାରା କାର୍ଯ୍ୟକ୍ରମଟି ସଂଯୋଜିତ ହୋଇଥିଲା ଓ ଶେଷରେ ଡ଼କ୍ଟର ପ୍ରହ୍ଲାଦ ଖିଲ୍ଲା ଧନ୍ୟବାଦ ଜ୍ଞାପନ କରିଥିଲେ।

## ନୂତନ ଗୋଷ୍ଠୀ କେନ୍ଦ୍ର କାମକୁ ନେଇ ଅସନ୍ତୋଷ

**ନୀଳଗିରି, ୨୩।୪ (ସମିସ):** ନୂତନ ଗୋଷ୍ଠୀ କେନ୍ଦ୍ର କାମକୁ ନେଇ ତେଜିଛି ଅସନ୍ତୋଷ। ମନମାନିରେ ଚାଲିଛି ଗୋଷ୍ଠୀ କେନ୍ଦ୍ର କାମ, ନା ଅଛନ୍ତି ଯନ୍ତ୍ରୀ ନା କୌଣସି କର୍ମଚାରୀ। ସବୁଠାରୁ ରୋଚକ ବିଷୟ ଏହି କାମ ଜଙ୍ଗଲ ଜମିରେ ହେଉଥିବାକୁ ନେଇ



କାମ ଚାଲିଥିବା ସମୟରେ କେହି ପ୍ରକଳ୍ପର ସୂଚନା ଫଳକକୁ ଭାଙ୍ଗି ଦେଇଛନ୍ତି। ନୀଳଗିରି ବ୍ଲକ ଗରଡିହି ପଞ୍ଚାୟତ ଚନ୍ଦ୍ରପୁର ଗ୍ରାମ ପାଖ ଏକ ଜଙ୍ଗଲକୁ ଲାଗିଥିବା ପଡ଼ିଆ ନିକଟରେ ଓଡ଼ିଶା ସରକାରଙ୍କ ୨୦୨୫-୨୬ ଆର୍ଥିକ ବର୍ଷରେ ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାରେ ନାମଫଳକ ବନାଯାଇ ପ୍ରକଳ୍ପ କାର୍ଯ୍ୟ ଚାଲିଛି। ଉକ୍ତ କାମର ଗ୍ରେଡ୍ ବିମ୍ ପଡ଼ିଥିବା ବେଳେ ପିଲର ରେ ବାଲି ଫିଲିଂ ସ୍ଥାନରେ ମରମ ଫିଲିଂ, ସେହି ସ୍ଥାନଟି ଜଙ୍ଗଲ ଜମିରେ ହେଉଥିବା ସହ କାମ ପାଖରେ ନା ଅଛନ୍ତି ଯନ୍ତ୍ରୀ ନା କୌଣସି କର୍ମଚାରୀ ଆଦି ଏକାଧିକ ବିଷୟକୁ ନେଇ କିଛି ଲୋକଙ୍କ ମଧ୍ୟରେ ବଢ଼ିଛି ଅସନ୍ତୋଷ। ଏହାର ପ୍ରଭାବରେ କେହି ଅଜଣା ଲୋକେ ପ୍ରକଳ୍ପର ଫଳକକୁ ଭାଙ୍ଗି ଦେଇଛନ୍ତି। ତେବେ ଚନ୍ଦ୍ରପୁର ଗ୍ରାମ ପାଖରେ ଚାଲିଥିବା ଏହି କାମଟି ବିଷୟରେ ଆସିଥିବା ଘଟଣା ଉପରେ ବିଧିବଦ୍ଧ ତଦନ୍ତ କରାଗଲେ ଘଟଣାର ସତ୍ୟତା ଜଣା ପଡ଼ିବା ସହ ହୋଇଥିବା ଅନିୟମିତତାର ପର୍ଦ୍ଦାଫାସ ହୋଇ ପାରିବ ବୋଲି ସ୍ଥାନୀୟ ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।

## ଶଶୁର ଘରେ ନିଆଁ ଲଗାଇଦେଲା ଜ୍ୱାଇଁ

**ସୋର, ୨୩।୪ (ସମିସ):** ସୋର ଥାନା ଆଟପୁର ପଞ୍ଚାୟତ ବେଲଦା ଆଦିବାସୀ ସାହିରେ ମଦ୍ୟପ ଜ୍ୱାଇଁ ଶଶୁର ଘରେ ନିଆଁ ଲଗାଇ ଦେଇଥିବା ଜଣାପଡ଼ିଛି। ବସ୍ତା ଅଞ୍ଚଳର କାଳୀ ଚରଣ ମାଝୀ ବେଲଦା ଆଦିବାସୀ ସାହିର ବାସନ୍ତୀ ସୋରେନଙ୍କ ଝିଅକୁ ବିବାହ କରିଥିଲେ। କିଛି ମାସ ପୂର୍ବରୁ ତାଙ୍କ ସ୍ତ୍ରୀ ତାଙ୍କୁ ଛାଡି ଦେବା ଫଳରେ ସେ ଶଶୁର ଘରେ ରହୁଥିଲେ। କିନ୍ତୁ ଆଜି ଘରେ କେହି ନଥିବା ବେଳେ କାଳନ୍ଦୀ ଘରେ ନିଆଁ ଲଗାଇଥିଲେ। ଖବର ପାଇ ସୋର ଅଗ୍ନିଶମ ବିଭାଗର କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥଲେ। ମାତ୍ର ସେତେବେଳକୁ ଗୋଟିଏ ବଖରା ଘର ପୋଡି ନଷ୍ଟ ହୋଇଯାଇଥିଲା। ଏନେଇ ଶାଶୂ ବାସନ୍ତି ସୋରେନ ସୋର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି କାଳନ୍ଦୀକୁ ଅଟକ ରଖି ଘଟଣାର ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି।



## ମାଛ ବ୍ୟବସାୟୀଙ୍କୁ ଆକ୍ରମଣ ଘଟଣାରେ ୨ ଗିରଫ

**ରାଜଘାଟ, ୨୩।୪ (ସମିସ):** ବସ୍ତା ଥାନା ବାଉଁଶମୁଖା ଗ୍ରାମର ଜଣେ ମାଛ ବ୍ୟବସାୟୀ ଓ ତାଙ୍କର ଜଣେ ସହଯୋଗୀଙ୍କୁ କିଛି ଯୁବକ ମରଣାନ୍ତକ ଆକ୍ରମଣ କରି ଲହୁଲୁହାଣ କରିଥିବା ଘଟଣାରେ ପୁଲିସ ଦୁଇଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଗଉଡ଼ସାହି ଗ୍ରାମର ଦେବାଶିଷ କବି ଓରଫ୍ ଦେବୁ ଏବଂ ମନ୍ମଥ କବି। ଗ୍ରାମର ପିଣ୍ଟୁ ବୈଠା ମାଛ ବ୍ୟବସାୟ କରି ପରିବାର ପ୍ରତିପୋଷଣ କରି ଆସୁଥିଲେ। ଗତ ଅପ୍ରେଲ ୧୧ରେ ପିଣ୍ଟୁ ତାଙ୍କର ସହଯୋଗୀ ବେଣୁଧର ବେହେରାଙ୍କ ସହ ଜଳେଶ୍ୱର ଯାଇ ବେପାର ଟଙ୍କା ଧରି ଫେରୁଥିଲେ। ଦିନ ଦ୍ୱିପ୍ରହରରେ ମାଛ ବାବଦରେ କଥା ଅଛି କହି ଏକ ଅଜଣା ନମ୍ବରରେ ପିଣ୍ଟୁଙ୍କ ମୋବାଇଲକୁ ଫୋନ ଆସିବା ସହ ୧୬ ନମ୍ବର ଜାତୀୟ ରାଜପଥର କୁଡ଼ିଆ ପୋଲ ପାର୍ଶ୍ୱ ବସୁନ୍ଧରା ହୋଟେଲକୁ ଆସିବାକୁ ବ୍ୟକ୍ତି ଜଣକ କହିଥିଲେ। ପିଣ୍ଟୁ ଏବଂ ବେଣୁଧର ଉକ୍ତ ହୋଟେଲରେ କାରରୁ ଓହ୍ଲାଇବା କ୍ଷଣି ସ୍ଥାନୀୟ ସଦାନନ୍ଦପୁର ଅଞ୍ଚଳର ଦେବାଶିଷ କବି, ଦିଲ୍ଲୀପ ବେହେରା, ସ୍ନେହାଶିଷ ବାରିକ, କାହ୍ନୁ ଚରଣ ବାରିକ, ମନ୍ମଥ କବି, ହିତେଶ ବାରିକଙ୍କ ସମେତ ୧୦/୧୨ ଜଣ ଦୁର୍ବୃତ୍ତ ବିଭିନ୍ନ ମାରଣାସ୍ତ୍ର ଧରି ପିଣ୍ଟୁଙ୍କୁ ଗାଡ଼ିରୁ ଘୋଷାଡ଼ି ଆଣି ତାଙ୍କ ଉପରକୁ ଅତର୍କିତ ଆକ୍ରମଣ କରିବା ସହ ପାଖରେ ଥିବା ୪ଲକ୍ଷରୁ ଅଧିକ କଲେକ୍ସନ ଟଙ୍କା ଓ ସୁନାଗହଣାକୁ ଲୁଟି ନେଇଥିଲେ। ବେଣୁଧର ପ୍ରତିବାଦ କରିବାରୁ ତାଙ୍କୁ ମଧ୍ୟ ହାଣି ରକ୍ତାକ୍ତ କରିବା ସହିତ ତାଙ୍କୁ ଜୀବନରୁ ମାରିଦେବା ନିମନ୍ତେ ଗୋଡାଇବାରୁ ବେଣୁଧର କୌଶଳ କ୍ରମେ ସେଠାରୁ ଖସି ଆସି ଅନ୍ୟମାନଙ୍କୁ ଖବର ଦେଇଥିଲେ। ଫଳରେ ସମସ୍ତେ ଘଟଣା ସ୍ଥଳରେ ପହଞ୍ଚି ଅଚେତ୍ ହୋଇ ମୁମୂର୍ଷୁ ଅବସ୍ଥାରେ ପଡ଼ିଥିବା ପିଣ୍ଟୁଙ୍କୁ ତୁରନ୍ତ ଚିକିତ୍ସା ପାଇଁ ରେମୁଣା ମେଡିକାଲ କଲେଜକୁ ନେଇଥିଲେ। ତେବେ ଦୋଷୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସ୍ତ୍ରୀ ସୁମିତ୍ରା ବସ୍ତା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା। ମାତ୍ର ଘଟଣାକୁ ୧୦ଦିନ ବିତିଯାଇଥିଲେ ବି ପୁଲିସ ଅଭିଯୁକ୍ତ ମାନଙ୍କୁ ଗିରଫ୍ କରୁନଥିବାରୁ ସେମାନଙ୍କ ପ୍ରତି ଅହେତୁକ ଅନୁକମ୍ପା ପ୍ରଦର୍ଶନ କରୁଥିବା ପରିବାର ପକ୍ଷରୁ ଦୁଇଦିନ ପୂର୍ବେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ ହୋଇଥିଲା। ଫଳରେ ସମସ୍ତ ଅଭିଯୁକ୍ତଙ୍କ ମଧ୍ୟରୁ ଆଜି ପୁଲିସ ଦୁଇ ଜଣଙ୍କୁ ଗିରଫ୍ କରି କୋର୍ଟ ଚାଲାଣ କରିଛି। ଅନ୍ୟ ଅଭିଯୁକ୍ତଙ୍କୁ ଧରିବା ପାଇଁ ପୁଲିସ ଚେଷ୍ଟା ଚଳାଇଛି।

## ରନ୍ଧନଗ୍ୟାସ ଯୋଗାଣ ସରଳୀକରଣ ଲାଗି ସମୀକ୍ଷା ବୈଠକ

**ଜଳେଶ୍ୱର, ୨୩।୪(ସମିସ):** ମଧ୍ୟପ୍ରାଚରେ ଯୁଦ୍ଧ ଲାଗି ରହିଥିବାରୁ ଏହାର ପ୍ରଭାବ ଭାରତରେ ପଡ଼ିଥିବା ବେଳେ ରନ୍ଧନ ଗ୍ୟାସ୍ ଯୋଗାଣରେ କଟକଣା ଜାରି ହୋଇଛି। ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ଘରୋଇ ଉପଭୋକ୍ତାଙ୍କୁ ପ୍ରତି ୨୫ ଦିନରେ ଗୋଟିଏ ସିଲିଣ୍ଡର ମିଳିବାକୁ ଥିବା ବେଳେ ତାହା ମଧ୍ୟ ସହଜରେ ଉପଲବ୍ଧ ହେଉନାହିଁ। ସହରରେ କେତେକ ଉଠାଦୋକାନୀ କିମ୍ବା ହୋଟେଲ ଶିଳ୍ପରେ କମର୍ସିଆଲ ଗ୍ୟାସ ଠିକ୍‌ଭାବେ ମିଳୁନଥିବା କିମ୍ବା ଅଧିକ ଦରରେ ଗ୍ୟାସ କିଣୁଥିବାରୁ ସେମାନଙ୍କ ସାମଗ୍ରୀ ଚଢାଦରରେ ବିକ୍ରି କରୁଛନ୍ତି। ଫଳରେ ଏହାର ପ୍ରଭାବ ସାଧାରଣ ଲୋକଙ୍କ ଉପରେ ପଡୁଛି। ଏହାକୁ ସରଳୀକରଣ କରିବା କିମ୍ବା କଳାବଜାରକୁ ରୋକିବା ଲାଗି ପୌରପାଳ ପ୍ରତିପ କୁମାର ପ୍ରଧାନଙ୍କ ପୌରହିତ୍ୱରେ କାର୍ଯ୍ୟନିର୍ବାହୀ ଅଧିକାରୀ ହେମନ୍ତ ସିଂ, ଯୋଗାଣ ଅଧିକାରିଣୀ ଅବନ୍ତିକା ସାହୁ, ସହର ମଧ୍ୟରେ ଥିବା ଭାରତଗ୍ୟାସ୍ ଭେଣ୍ଡର ପ୍ରତିନିଧି ମନୋରଞ୍ଜନ ମଣ୍ଡଳ ଓ ଇଣ୍ଡେନଗ୍ୟାସ ଗ୍ରାମାଞ୍ଚଳ ବିତରଣକାରୀ ର ପ୍ରତିନିଧି କମଳ ମଣ୍ଡଳ ପ୍ରମୁଖ ସମୀକ୍ଷାରେ ଭାଗ ନେଇଥିଲେ। ଉପଭୋକ୍ତା ମାନଙ୍କୁ ଠିକ୍ ସମୟରେ ଯୋଗାଇବା ସହିତ ସେମାନଙ୍କ ଠାରୁ ବିତରଣ ଲାଗି ଅଧିକ ଅର୍ଥ ଆଦାୟ ନ କରିବାକୁ ପରାମର୍ଶ ଦିଆଯାଇଥିଲା। ଏପରିକି ସମସ୍ତ ପେଟୋଲପମ୍ପ ମାନଙ୍କରେ ୫ କେଜିଆ ରନ୍ଧନ ଗ୍ୟାସ୍ ପର୍ଯ୍ୟାପ୍ତଭାବେ ଯୋଗାଇବାକୁ ଶ୍ରୀ ପ୍ରଧାନ ଆଲୋଚନା କରିଥିଲେ। ଏହି ସମୀକ୍ଷା ବୈଠକରେ ପାରିଷଦ କାଉନ୍‌ସିଲରମାନେ ଉପସ୍ଥିତ ଥିଲେ।

## ରାମେଶ୍ୱର ମନ୍ଦିର ପ୍ରତିଷ୍ଠା ଉତ୍ସବ ଉଦ୍‌ଯାପିତ



**ରେମୁଣା, ୨୩।୪ (ସମିସ):** ରେମୁଣା ବ୍ଲକ ଅନ୍ତର୍ଗତ ଗୁଡୁନ୍ଦା ଗ୍ରାମ ପଞ୍ଚାୟତର ଟୁଟାପଡ଼ା ଗାଁରେ ତିନି ଦିନ ଧରି ଚାଲିଥିବା ମନ୍ଦିର ପ୍ରତିଷ୍ଠା ଉତ୍ସବ ଉଦଯାପିତ ହୋଇଯାଇଛି। ଅଧିବାସ ଦିନ ସନ୍ଧ୍ୟାରେ ଆୟୋଜିତ ସଭାରେ ଶିବତତ୍ତ୍ୱ ଉପରେ ଆଲୋଚନା ଚକ୍ରରେ ରାଧାଗୋବିନ୍ଦ ମାହାର୍ଣ୍ଣଙ୍କ ସଭାପତିତ୍ୱରେ ବାବାଜୀ ସନତ ସୁଜାତାନନ୍ଦ ଦାସ, ନିରଞ୍ଜନ ସାହୁ, ଶଶିକାନ୍ତ ବେହେରା, ଭାନୁମତି ଘୋଷ ପ୍ରମୁଖ ଆଲୋଚନା କରିଥିଲେ। ପ୍ରାରମ୍ଭରେ ରେମୁଣା ସାହିତ୍ୟ ସଂସଦ ସୌଜନ୍ୟରେ ଏକ ଆଧ୍ୟାତ୍ମିକ କବିତା ପାଠୋତ୍ସବ ଡ଼. ସିନ୍ଧୁ ସେନ, ଡ଼ ରତ୍ନାକର ସିଂହ, ସତ୍ୟଭାମା ମୁଦୁଲି, ପ୍ରଦୀପ ମିଶ୍ର, ଯୋଗେଶ୍ଚନ୍ଦ୍ର ବେହେରା, ଜୟଶ୍ରୀ ମିଶ୍ର, ପ୍ରଭାକର ସାହୁ, ହରେକୃଷ୍ଣ ପଲେଇ ଆଦି କବି ମାନେ କବିତା ପାଠ କରିଥିଲେ। ପ୍ରତିଷ୍ଠାଦିନ ସନ୍ଧ୍ୟାରେ ଡ଼. ଭାଗବତ ପ୍ରସାଦ ଦାସଙ୍କ ସଭାପତିତ୍ୱରେ ଡ଼. ସୁଭାସ ଚନ୍ଦ୍ର ପାତ୍ର, ମନୋଜ କୁମାର ପାଢ଼ୀ, ଜଗବନ୍ଧୁ ବେହେରା ପ୍ରମୁଖ ଶିବତତ୍ତ୍ୱ ଉପରେ ଅତ୍ୟନ୍ତ ଆଧ୍ୟାତ୍ମିକ ପ୍ରସଙ୍ଗ ମାନ ଆଲୋଚନା କରିଥିଲେ। ତୃତୀୟ ତଥା ଉଦଯାପନୀ ସନ୍ଧ୍ୟାରେ ମନ୍ଦିର ପ୍ରତିଷ୍ଠା କମିଟି ଉପଦେଷ୍ଟା ପ୍ରଦୀପ କୁମାର ମିଶ୍ରଙ୍କ ସଭାପତିତ୍ୱରେ ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ କୁଳପତି ଫକୀର ମୋହନ ବିଶ୍ୱବିଦ୍ୟାଳୟ, ମନୋଜା ମଞ୍ଜରୀ ଦେବୀ ମହାରାଣୀ ନୀଳଗିରି, ଡ଼. ଲକ୍ଷ୍ମୀକାନ୍ତ ତ୍ରିପାଠୀ ସଦସ୍ୟ କେନ୍ଦ୍ର ସାହିତ୍ୟ ଏକାଡେମୀ, ବାବାଜୀ ଦୟାନନ୍ଦ ଦାସ ମହାରାଜ ମଠାଧୀଶ ତ୍ରିବେଣୀଶ୍ୱର ଆଶ୍ରମ, ଆକାଂକ୍ଷା ବେହେରା ନିର୍ଦ୍ଦେଶକ ଓରିପୋଲ, ଡ଼. ଭାଗବତ ପ୍ରସାଦ ଦାସ ପ୍ରାକ୍ତନ ଓଡ଼ିଶା ସାହିତ୍ୟ ଏକାଡେମୀ ସଦଶ୍ୟ ପ୍ରମୁଖ ଯୋଗଦେଇ ଶିବକଥାମୃତ ଆଲୋଚନା ଚକ୍ରରେ ଅଂଶ ଗ୍ରହଣ କରିଥିଲେ। ସଂଯୋଜକ ତଥା ଚିତ୍ରଶିଳ୍ପୀ ନିତ୍ୟାନନ୍ଦ ସାହୁଙ୍କ ଦ୍ୱାରା ଧନ୍ୟବାଦ ଦିଆଯିବା ସହ ମନ୍ଦିର ନିର୍ମାଣ କରିଥିବା ଶିଳ୍ପୀ ମାନଙ୍କୁ ମଧ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା।

## କଣ୍ଟେନର ଧକ୍କାରେ ୩ ଗୋରୁ ମୃତ, ଖଲାସି ଅଟକ

**ସୋର, ୨୩।୪ (ସମିସ):** ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ତଳନଗର ନିକଟରେ ଏକ କଣ୍ଟେନର ଧକାରେ ତିନୋଟି ଗୋରୁ ମୃତ୍ୟୁବରଣ କରିଥିବା ବେଳେ ପୁଲିସ ଗାଡିଟିକୁ ଥାନାରେ ଅଟକ ରଖିଛି। ଆଜି ଅପରାହ୍ଣରେ ଟିଏନ ୩୪ ଏମଏ ୪୧୦୮ ନମ୍ବର ବିଶିଷ୍ଟ ଏକ କଣ୍ଟେନର କଲିକତାରୁ ଆନ୍ଧ୍ରପ୍ରଦେଶ ଅଭିମୁଖେ ଯାଉଥିବାବେଳେ ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ତଳନଗର ନିକଟରେ ତିନୋଟି ଗୋରୁଙ୍କୁ ଧକା ଦେଇଥିଲା। ଫଳରେ ଘଟଣାସ୍ଥଳରେ ସେମାନଙ୍କର ମୃତ୍ୟୁ ହୋଇଥିଲା। ଏହା ଦେଖି ସ୍ଥାନୀୟ ଯୁବକ ମାନେ ଗାଡିକୁ ଅଟକ ରଖି ସୋର ପୁଲିସକୁ ଖବର ଦେଇଥିଲେ। ସୋର ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଗାଡିର ଚାଳକ ଫେରାର ଥିବାରୁ ଖଲାସୀକୁ ଅଟକ ରଖିବା ସହିତ ଗାଡିକୁ ଜବତ କରି ଥାନାରେ ରଖିଥିବା ଜଣାପଡ଼ିଛି।

**ଜିଲ୍ଲା କଂଗ୍ରେସର ସାମ୍ବାଦିକ ସମ୍ମିଳନୀ**

## 'ମହିଳା ସଂରକ୍ଷଣ ପାଇଁ ବିଜେପି କୁମ୍ଭୀର କାନ୍ଦଣା ବନ୍ଦ କରୁ'

ବାଲେଶ୍ୱର, ୨୩।୪(ସମିସ)



ନାରୀଶକ୍ତି ବନ୍ଦନ ଅଧିନିୟମକୁ ନେଇ ଏବେ ବିଜେପି ଲୋକମାନଙ୍କ ମଧ୍ୟରେ ଭ୍ରମାତ୍ମକ ବାର୍ତ୍ତା ସୃଷ୍ଟି କରୁଛି। ୨୦୨୩ମସିହାରୁ ଏହି ବିଲ୍ ପାସ ହୋଇଥିବା ଆଇନ ୨୦୨୪ ନିର୍ବାଚନରେ କାହିଁକି କାର୍ଯ୍ୟକାରୀ କରାଗଲା ନାହିଁ। ୫୪୩ ଆସନରୁ ପ୍ରଥମେ ଏକ ତୃତୀୟାଂଶ ଅର୍ଥାତ ୧୮୧ଜଣ ମହିଳାଙ୍କୁ ଲୋକସଭାରେ ଦେଖିବାରୁ କିଏ ବଞ୍ଚିତ କରିଛି ବୋଲି ଆଜି ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ କଂଗ୍ରେସ ସିଧାସଳଖ ଭାବେ ବିଜେପିକୁ ପ୍ରଶ୍ନ କରିଛି। କଂଗ୍ରେସର ଅଭିଯୋଗ ଅନୁସାରେ, କଂଗ୍ରେସ ଠାରୁ କମ ଅନୁପାତରେ ଲୋକସଭାକୁ ବିଜେପି ୧୨.୯ପ୍ରତିଶତ ହାରରେ ମହିଳାଙ୍କୁ ପଠାଇଛି। ତେବେ ମହିଳା ବିରୋଧୀ କିଏ ବୋଲି ପ୍ରଶ୍ନ କରାଯାଇଛି। ଏହାଛଡା ବିଜେପି ଏପଟେ ମହିଳା ସଂରକ୍ଷଣ କଥା କହୁଛନ୍ତି ହେଲେ ନିଜ ମର୍ଜି ଅନୁସାରେ ଡିଲିମିଟେସନ କରାଇନେଇ ସବୁଦିନ କ୍ଷମତାରେ ରହିବାର ଅଭିସନ୍ଧି କରୁଛି ବୋଲି କୁହାଯାଇଛି। ଏହାଛଡା ସଂସଦରରେ ୨୦୨୩ମସିହାରେ ସର୍ବ ସମ୍ମତି କ୍ରମେ ପାରିତ ହେବାର ତିନିବର୍ଷ ମହିଳା ସଂରକ୍ଷଣ ଆଇନକୁ କାର୍ଯ୍ୟକାରୀ କଣ ପାଇଁ ବିଜେପି କରିନାହିଁ। ତେବେ ୧୬ତାରିଖ ବିଳମ୍ବିତ ରାତିରେ ଗେଜେଟ ନୋଟିଫିକେସନ କରିବାର କାଣ କଣ ବୋଲି ପଚାରିଛନ୍ତି। ଅନ୍ୟପଟେ ମହିଳା ସଂରକ୍ଷଣ ବିଲକୁ ଡିଲିମିଟେସନ ସହ କ'ଣ ପାଇଁ ଯୋଡା ଯାଉଛି। ଏହାଛଡା ଜାତି ଜନଗଣନା ସମ୍ବନ୍ଧୀୟ କୌଣସି ସ୍ୱଷ୍ଟତା ସରକାର ଏହି ବିଲରେ କଣ ପାଇ ରଖିନାହାନ୍ତି ବୋଲି କୁହାଯାଇଛି। ୪ଟି ରାଜ୍ୟ ଓ ଗୋଟିଏ କେନ୍ଦ୍ରଶାସିତ ଅଞ୍ଚଳରେ ଗୁରୁତ୍ୱପୂର୍ଣ୍ଣ ବିଧାନସଭା ନିର୍ବାଚନ ଚାଲିଥିବା ବେଳେ ଦୁଇଟି ରାଜ୍ୟରେ ଭୋଟିଂ ଆହୁରି ବାକି ଥିବା ବେଳେ ମହିଳାମାନଙ୍କୁ ପ୍ରଲୋଭିତ କରିବା ପାଇଁ ବିଜେପି ସରକାର ଏହି ଉଦ୍ୟମ କରିଛନ୍ତି ବୋଲି କହିଛନ୍ତି। ଏହାଛଡା ଅନ୍ୟାନ୍ୟ ବିଷୟ ଉପରେ ମଧ୍ୟ ଗୁରୁତ୍ୱାରୋପ କରାଯାଇଛି। ଏହି ସାମ୍ବାଦିକ ସମ୍ମିଳନୀ ଜିଲ୍ଲା କଂଗ୍ରେସ ସଭାପତି ସତ୍ୟଶିବ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବା ବେଳେ ବିଧାନସଭାରେ କଂଗ୍ରେସ ଦଳର ଉପନେତା ଅଶୋକ ଦାସ, ପ୍ରଦେଶ କଂଗ୍ରେସର ବରିଷ୍ଠ ମୁଖପାତ୍ର ରଜନୀ ମହାନ୍ତି, ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ସଞ୍ଜୀବ ଗିରି, ବସ୍ତା ବାଲିଆପାଳ ନେତା ବିଜନ ନାୟକ, ଅର୍ଚ୍ଚନା ନନ୍ଦୀ, ବାଲିଆପାଳ ବ୍ଲକ ଅଧ୍ୟକ୍ଷା ରଞ୍ଜିତା ନାୟକ, ଜିଲ୍ଲା କଂଗ୍ରେସ ଉପସଭାପତି ସରୋଜ ଲେଙ୍କା, ଉର୍ମିଳା ମାଝୀ, ଜିଲ୍ଲା ଦଳିତ କଂଗ୍ରେସ ସଭାପତି ବିଧାନ ଜେନା ପ୍ରମୁଖ ମଞ୍ଚାସୀନ ଥିଲେ। ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ବିଜୟ ମହାନ୍ତି, ତୁଷାରକାନ୍ତି ତପସ୍ୱୀ, ଦେବୁଦତ ଦାସ, ନିଶିତ ବାରିକ, ପଶୁପତି ଉପାଧ୍ୟାୟ ପ୍ରମୁଖ ଏହି ସାମ୍ବାଦିକ ସମ୍ମିଳନୀକୁ ପରିଚାଳନା କରିଥିଲେ।

## 'ହେ ସରକାର୍, ଆମର ପାଣି ଦରକାର'

# କାଳିଆପାଣିରେ ଗରା ବାଲ୍‌ଟି ଧରି ମହିଳାଙ୍କ ଧାରଣା



**କାଳିଆପାଣି, ୨୩।୪(ସମିସ)**

ଯାଜପୁର ଜିଲ୍ଲାର ସୁକିନ୍ଦା ବ୍ଲକ ଅନ୍ତର୍ଗତ କାଳିଆପାଣି ଖଣି ଅଞ୍ଚଳରେ ଏବେ ଗଭୀର ପାଣି ସଙ୍କଟ ଦେଖାଦେଇଛି। ଯାହା ଫଳରେ ସ୍ଥାନୀୟ ଲୋକମାନଙ୍କ ଜୀବନ ଦୁର୍ଦ୍ଦଶାମୟ ହୋଇପଡ଼ିଛି। ପିଇବା ପାଣିର ଅଭାବକୁ ନେଇ ଆଜି ଖଣି ସଂଲଗ୍ନ ମାଙ୍କେଡିଆ ବସ୍ତିର ମହିଳାମାନେ ହାଣ୍ଡି, ମାଠିଆ ଧରି ଟାଟା ଷ୍ଟିଲ ମାଇନ୍ସ ଫାଟକ ସମ୍ମୁଖରେ ଧାରଣାରେ ବସିଥିଲେ। 'ହେ ମୋହନ ସରକାର, ଆମର ପାଣି ଦରକାର୍' ଭଳି ନାରା ଦେଇ ସେମାନେ ସରକାରଙ୍କ ଦୃଷ୍ଟିଆକର୍ଷଣ କରିବାକୁ ଚେଷ୍ଟା କରିଥିଲେ। ସ୍ଥାନୀୟ ଲୋକମାନଙ୍କ କହିବା ଅନୁସାରେ, ଏହି ସମସ୍ୟା ପୂର୍ବରୁ ଏତେ ଗଭୀର ନଥିଲା, କିନ୍ତୁ ପ୍ରାୟ ଦୁଇ ବର୍ଷ ହେଲା ପରିସ୍ଥିତି ଭୟାବହ ରୂପ ନେଇଛି। ସରକାର ପରିବର୍ତ୍ତନ ପରେ ଏହି ଅଞ୍ଚଳରେ ମୌଳିକ ସୁବିଧା ଯୋଗାଣରେ ଅବହେଳା ହୋଇଥିବା ଅଭିଯୋଗ ଉଠିଛି। ସ୍ଥାନୀୟ ପ୍ରତିନିଧିମାନେ ସାଧାରଣ ଲୋକଙ୍କ ଦୈନନ୍ଦିନ ସମସ୍ୟା ସମାଧାନ କରିବାରେ ବିଫଳ ହୋଇଥିବାରୁ ଲୋକମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ପୂର୍ବ ସମୟରେ, ପୂର୍ବତନ ବିଧାୟକଙ୍କ ନିର୍ଦ୍ଦେଶରେ ଖଣି କର୍ତ୍ତୃପକ୍ଷ ପକ୍ଷରୁ ଟ୍ୟାଙ୍କର ମାଧ୍ୟମରେ ମାଗଣା ପାଣି ଯୋଗାଣ ହୋଇଆସୁଥିଲା। କିନ୍ତୁ ବର୍ତ୍ତମାନ ସେହି ବ୍ୟବସ୍ଥା ପ୍ରାୟ ବନ୍ଦ ହୋଇଯାଇଥିବାରୁ ଲୋକମାନେ ଦୈନିକ ଜୀବନ ଜୀବିକା ଚାଲାଇବାରେ ଭାରି ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ପାଣି ପାଇଁ ସେମାନେ ପ୍ରାୟ ୨ କିଲୋମିଟର ଦୂରରେ ଥିବା ଡମଶାଳା ନାଳର ଦୂଷିତ ଜଳ ଉପରେ ନିର୍ଭର କରୁଛନ୍ତି, ଯାହା ସ୍ୱାସ୍ଥ୍ୟ ପାଇଁ ଗଭୀର ହାନିକାରକ। ସ୍ଥାନୀୟମାନଙ୍କ ଅଭିଯୋଗ ଯେ, ପ୍ରଶାସନ ଓ ଖଣି କର୍ତ୍ତୃପକ୍ଷ ଏହି ଗଭୀର ସମସ୍ୟା ପ୍ରତି ଅନୁଦାନଶୀଳ ଅବସ୍ଥାନ ନେଇଥିବା ବେଳେ ଲୋକମାନଙ୍କ ଦୁଃଖ କଷ୍ଟ ପ୍ରତି ଅବହେଳା ଦେଖାଯାଉଛି। ସେମାନେ କୁମ୍ଭକର୍ଣ୍ଣ ନିଦ୍ରାରେ ରହିଥିବା ଭଳି ଲାଗୁଛି ବୋଲି ମଧ୍ୟ କହିଛନ୍ତି। ଏହି ପରିପ୍ରେକ୍ଷୀରେ ଗ୍ରାମବାସୀମାନେ ଶୀଘ୍ର ପଦକ୍ଷେପ ନେଇ ସୁଚିନ୍ତ୍ର ପିଇବା ପାଣି ଯୋଗାଇବାକୁ ସରକାର ଓ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଦାବି କରିଛନ୍ତି। ମୌଳିକ ଅଧିକାର ଭାବେ ପିଇବା ପାଣି ସୁବିଧା ଦେବାକୁ ସରକାର ଯଦି ଗୁରୁତ୍ୱ ଦେଇ ପଦକ୍ଷେପ ନେବେ, ତେବେ ଏହି ଅଞ୍ଚଳର ହଜାର ହଜାର ଲୋକ ଉପକୃତ ହେବେ ବୋଲି ସାଧାରଣରେ ଆଶା ପ୍ରକାଶ ପାଉଛି।

# ଅବସରପ୍ରାପ୍ତ କର୍ମଚାରୀ ସଂଘ ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କୁ ଦାବିପତ୍ର



**କୁଆଖିଆ, ୨୩।୪(ସମିସ):** ରସୁଲପୁର ବ୍ଲକ ଅବସରପ୍ରାପ୍ତ କର୍ମଚାରୀ ସଂଘ ପକ୍ଷରୁ ରସୁଲପୁର ବିଡିଓଙ୍କ ଜରିଆରେ ଏକ ୧୦ଦଫା ସମ୍ବଳିତ ଦାବିପତ୍ର ଭାରତର ପ୍ରଧାନମନ୍ତ୍ରୀ ଓ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। କେନ୍ଦ୍ର ସରକାରଙ୍କ ପକ୍ଷରୁ ଅବସରପ୍ରାପ୍ତ କର୍ମଚାରୀଙ୍କ ପେନସନ ବୃଦ୍ଧି ନ କରିବା ପାଇଁ ସଂସଦରେ ରଖାଯାଇଥିବା ପ୍ରସ୍ତାବକୁ ସଂଘ ପକ୍ଷରୁ ଦୃଢ଼ ଭାବେ ବିରୋଧ କରାଯାଇଛି। ଚଳିତବର୍ଷ ୨୫ମାର୍ଚ୍ଚରେ କେନ୍ଦ୍ର ସରକାର ସଂସଦରେ ଅଷ୍ଟମ ବେତନ କମିଶନ ପ୍ରସ୍ତାବରେ ଅବସରପ୍ରାପ୍ତ କର୍ମଚାରୀଙ୍କ ପେନସନ ବୃଦ୍ଧି ନ କରିବାକୁ ପ୍ରସ୍ତାବ ଗୃହୀତ ହୋଇଯାଇଛି। ଏହି ପ୍ରସ୍ତାବକୁ ସରକାର ତୁରନ୍ତ ପ୍ରତ୍ୟାହାର କରିନିଅନ୍ତୁ ବୋଲି ଦାବିପତ୍ର ଜରିଆରେ ସରକାରଙ୍କୁ ଅନୁରୋଧ କରାଯାଇଛି। ପୂର୍ବ ବେତନ କମିଶନ ଅନୁଯାୟୀ ଅଷ୍ଟମ ବେତନ କମିଶନରେ ସମାନ ସୁବିଧା ପ୍ରଦାନ କରିବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଏହାଛଡ଼ା କେନ୍ଦ୍ର ସରକାର ଅବସରପ୍ରାପ୍ତ କର୍ମଚାରୀଙ୍କ ଆଧାରରେ ରାଜ୍ୟ ସରକାରଙ୍କ ଅବସରପ୍ରାପ୍ତ କର୍ମଚାରୀଙ୍କୁ ପେନସନ ପ୍ରଦାନ, ରେଳ ଓ ବସ୍ ଯାତ୍ରାରେ ରିହାତି ସୁବିଧା, ସ୍ୱାସ୍ଥ୍ୟବୀମା ଯୋଜନାରେ କର୍ମଚାରୀଙ୍କୁ ଅର୍ନ୍ତଭୁକ୍ତ କରିବା, ପେନସନଧାରୀଙ୍କୁ ଆୟକର ଆଇନ ପରସରଭୁକ୍ତ ନ କରାଇବା ଭଳି ୧୦ଗୋଟି ପ୍ରମୁଖ ଦାବି ପୂରଣ କରିବାକୁ ନେଇ ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ଅବସରରେ ସଂଘର ସଭାପତି ସୁଧାଂଶୁ ଭୂଷଣ ମିଶ୍ର, ସମ୍ପାଦକ ଲକ୍ଷ୍ମୀଧର ପଣ୍ଡା, ଉପ-ସଭାପତି ଜଳଧର ସାହୁ, ସଂଗଠନ ସମ୍ପାଦକ ବିଜୟ କୁମାର ଦାଶ, ପଦ୍ମନାଭ ସାହୁ ପ୍ରମୁଖ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ବ୍ଲକର ମୁଖ୍ୟ କିରାଣିଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ସରକାରଙ୍କ ପକ୍ଷରୁ କର୍ମଚାରୀଙ୍କ ଦାବିକୁ ଗୁରତ୍ୱ ପ୍ରଦାନ କରାନଗଲେ ସଂଘ ପକ୍ଷରୁ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯାଇଛି।

# ୨୬ରେ ବିରଜା ଜ୍ୟୋତି ରଜତ ଜୟନ୍ତୀ ସମାରୋହ

**ଯାଜପୁର ୨୩।୪(ସମିସ):** ମା' ବିରଜା ଓ ଯାଜପୁରର ଐତିହ୍ୟ ଓ ସଂସ୍କୃତି ଆଧାରିତ ଗବେଷଣା ଧର୍ମୀ ସାଂସ୍କୃତିକ ପତ୍ରିକା ବିରଜା ଜ୍ୟୋତିର ୨୫ ବର୍ଷ ପୂର୍ତ୍ତି ଉପଲକ୍ଷେ ଆସନ୍ତା ୨୬ ତାରିଖ ଯାଜପୁର ଗୌତମବୁଦ୍ଧ ସଂସ୍କୃତି ଭବନଠାରେ ପତ୍ରିକାର ରଜତ ଜୟନ୍ତୀ ସମାରୋହ ଅନୁଷ୍ଠିତ ହେବ। ଏଥିରେ ୩ ଗୋଟି ସୋପାନରେ ବିରଜା ସାହିତ୍ୟଚର୍ଚ୍ଚା, ବିରଜା କବିତା ପାଠୋତ୍ସବ ଓ ସମ୍ବର୍ଦ୍ଧନା ପର୍ବ ହେବ। ସମାରୋହରେ ଓଡ଼ିଆ ବିଶ୍ୱବିଦ୍ୟାଳୟ ଓ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ଦୁଇ କୁଳପତିଙ୍କ ସହ ଅନ୍ୟବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେବେ। ଚଳିତ ବର୍ଷ ବିରଜା ଜ୍ୟୋତି ଗବେଷକ ସମ୍ମାନ ବିଶିଷ୍ଟ ଐତିହ୍ୟ ଗବେଷକ ଡଃ ଦୁଷ୍ମନ୍ତ କୁମାର ନାୟକଙ୍କୁ ପ୍ରଦାନ କରାଯିବା ସହ ବିରଜା ସଂସ୍କୃତି ପ୍ରଚାର ପ୍ରସାରରେ ଅବଦାନ ପାଇଁ ୨୫ରୁ ଊର୍ଦ୍ଧ୍ୱ ବ୍ୟକ୍ତି ବିଶେଷଙ୍କୁ ସମ୍ମାନିତ କରାଯିବାର କାର୍ଯ୍ୟକ୍ରମ ରହିଛି ବୋଲି ପତ୍ରିକାର ମୁଖ୍ୟ ସମ୍ପାଦକ ତଥା ବିରଜା ଚେତନା ଗବେଷଣା ପରିଷଦର ଅଧ୍ୟକ୍ଷ ଡଃ ଜ୍ଞାନରଞ୍ଜନ ପତି ଜଣାଇଛନ୍ତି।

# ହରଚଣ୍ଡୀ ପୀଠରେ ଭଜନ ସମାରୋହ

**ସିଂହପୁର, ୨୩।୪(ସମିସ):** ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଜରି ଗ୍ରାମପଞ୍ଚାୟତ ନାଉବାଙ୍କ ଗ୍ରାମରେ ମା' ହରଚଣ୍ଡୀ ନୂତନ ମନ୍ଦିର ପ୍ରତିଷ୍ଠା ଉପଲକ୍ଷେ ଭଜନ ସମାରୋହ ଅନୁଷ୍ଠିତ ହୋଇଯାଇଛି।ଏହି ସମାରୋହରେ ମା' ଯଶୋଦା କଳା ପରିଷଦର ଗୁରୁ ସଙ୍ଗୀତ ନିର୍ଦ୍ଦେଶକ ଦୀନେଶ କୁମାର ମଲ୍ଲିକଙ୍କ ପରିଚାଳନାରେ ଭଜନ ପରିବେଷଣ ହୋଇଥିଲା। ସୁନାମଧନ୍ୟ ଗାୟିକା ବିଜୟିନୀ ଦାଶ, ପ୍ରମିଜ୍ ଶତପଥୀ, ଅମୂଲ୍ୟ କୁମାର ଓ ଚନ୍ଦ୍ରକାନ୍ତ ରାଉତ ଭଜନ ପରିବେଷଣ କରିଥିଲେ। ସଙ୍ଗୀତ ନିର୍ଦ୍ଦେଶକ ଦିନେଶ କୁମାର ମଲ୍ଲିକ ଓ ସମାଜସେବୀ ରାଜେନ୍ଦ୍ର ରାଉତ ରାୟଙ୍କୁ କମିଟି ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ସମସ୍ତ କଳାକାରଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷାବିତ ରତ୍ନାକର ସାହୁ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ନାବାଳିକା ଦୁଷ୍କର୍ମ ଘଟଣାରେ ଅଭିଯୁକ୍ତକୁ ୨୦ବର୍ଷ କାରାଦଣ୍ଡ

**ଯାଜପୁର, ୨୩।୪(ସମିସ):** ୧୪ବର୍ଷର ନାବାଳିକାକୁ ଦୁଷ୍କର୍ମ ଘଟଣାରେ ଅଭିଯୁକ୍ତକୁ ୨୦ବର୍ଷ କାରାଦଣ୍ଡାଦେଶ ଶୁଣାଇଛନ୍ତି ଯାଜପୁରର ସ୍ୱତନ୍ତ୍ର ପୋକ୍ସୋ କୋର୍ଟ। ଅଭିଯୁକ୍ତ ହେଲେ କାଳିଆପାଣି ଥାନା ଅଞ୍ଚଳର ସଞ୍ଜୟ ମହାରଣା। ୨୦୨୫ରେ ଜେନାପୁର ଥାନା ଅଞ୍ଚଳର ଜଣେ ୧୪ବର୍ଷୀୟା ନାବାଳିକାକୁ ଅପହରଣ କରି ଅଭିଯୁକ୍ତ ନିଜ ସମ୍ପର୍କୀୟଘରେ ଦୁଷ୍କର୍ମ କରିଥିଲା। ଏ ନେଇ ପୀଡ଼ିତାଙ୍କ ପରିବାରବର୍ଗ ଜେନାପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ଦୁଷ୍କର୍ମକାରୀ ସଞ୍ଜୟ ମହାରଣାକୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା।



ଆଜି ଏହି ମାମଲାର ଶୁଣାଣି କରିଛନ୍ତି ସ୍ୱତନ୍ତ୍ର ପୋକ୍ସୋ ଅଦାଲତ।୧୩ ଜଣଙ୍କ ସାକ୍ଷ୍ୟ ପ୍ରମାଣକୁ ଆଧାର କରି ଅଭିଯୁକ୍ତକୁ ୨୦ବର୍ଷ କାରାଦଣ୍ଡାଦେଶ ସହ ୫୦ ହଜାର ଟଙ୍କା ଜରିମାନା ଶୁଣାଇଛନ୍ତି। ଏଥି ସହିତ ଅନାଦେୟ ୧୨ମାସ ଅଧିକ କାରାଦଣ୍ଡାଦେଶ ସହ ପୀଡ଼ିତାଙ୍କୁ ୮ ଲକ୍ଷ ଟଙ୍କାର କ୍ଷତିପୂରଣ ପ୍ରଦାନ କରିବାକୁ ମଧ୍ୟ ଆଇନ ସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ତଥା ସ୍ୱତନ୍ତ୍ର ପୋକ୍ସୋ ବିଚାରପତି ଅଭିଳାଷ ସେନାପତି। ଏହି ମାମଲାଟିକୁ ସରକାରୀ ଓକିଲ ଶ୍ରୀନିବାସ ସାହୁ ପରିଚାଳନା କରିଥିଲେ।

## ଯାଜପୁର ଗସ୍ତରେ କେନ୍ଦ୍ର ଷ୍ଟିଲ ମନ୍ତ୍ରାଳୟର ଯୁଗ୍ମ ସଚିବ

# ଯୁବପିଢ଼ିଙ୍କ ଦକ୍ଷତା ବିକାଶ ନେଇ ସମୀକ୍ଷା



**ଯାଜପୁର, ୨୩।୪(ସମିସ):** ଭାରତ ସରକାରଙ୍କ ଇସ୍ପାତ ମନ୍ତ୍ରାଳୟର ଯୁଗ୍ମ ସଚିବ ତଥା ବିଜୁ ପଟ୍ଟନାୟକ ଜାତୀୟ ଷ୍ଟିଲ ପ୍ରତିଷ୍ଠାନର ଅଧ୍ୟକ୍ଷ ଦୟା ନିଧାନ ପାଣ୍ଡେ, ଆଇଏଏସ୍ ଯାଜପୁର ଜିଲ୍ଲାର ସୁକିନ୍ଦା ଗସ୍ତରେ ଆସିଥିଲେ। ଯୁଗ୍ମସଚିବ ଶ୍ରୀ ପାଣ୍ଡେ ସୁକିନ୍ଦାରେ ବିଜୁ ପଟ୍ଟନାୟକ ଜାତୀୟ ଷ୍ଟିଲ ପ୍ରତିଷ୍ଠାନ ସ୍ଥାପନ ସହ ଶିଳ୍ପ ତାଲିମ ଅନୁଷ୍ଠାନରୁ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀଙ୍କ ଦକ୍ଷତା ବିକାଶ ସମ୍ବନ୍ଧରେ ଜିଲ୍ଲାପାଳ ଅମ୍ବର କୁମାର କରଙ୍କ ସହ ସବିଶେଷ ଆଲୋଚନା କରିଥିଲେ। ଏହି ଅନୁଷ୍ଠାନରେ ମୁଖ୍ୟତଃ ଆସିଷ୍ଟାଣ୍ଟ ଫିଟର, ରିଗର, ଇଲେକ୍ଟ୍ରିସିଆନ୍, ମେକାନିକ୍ ଭଳି ଚାରୋଟି ଶିଳ୍ପ ପାଠ୍ୟକ୍ରମର ଛାତ୍ରଛାତ୍ରୀ ଦକ୍ଷତା ବିକାଶ ତାଲିମ ନେବେ। ଇସ୍ପାତ ଉତ୍ପାଦନ କ୍ଷେତ୍ରରେ ଯାଜପୁର ସାରା ଦେଶରେ ଏକ ଅଗ୍ରଣୀ ଜିଲ୍ଲା। ବିଜୁ ପଟ୍ଟନାୟକ ଜାତୀୟ ଷ୍ଟିଲ ପ୍ରତିଷ୍ଠାନରୁ ପାସ୍ କରିଥିବା ଯୁବପିଢ଼ି ଯେଭଳି କେବଳ ଯାଜପୁର ନୁହେଁ ବରଂ ସାରା ଓଡ଼ିଶାରେ ବିଭିନ୍ନ ଶିଳ୍ପ ସଂସ୍ଥାଗୁଡିକରେ ନିଯୁକ୍ତି ସୁଯୋଗ ପାଇବେ, ସେ ଉପରେ ଯୁଗ୍ମସଚିବ ଗୁରୁତ୍ୱାରୋପ କରିଥିଲେ। ଆଇଟିଆଇ ପାସ୍ କରିଥିବା ଛାତ୍ରଛାତ୍ରୀ ଜଣେ ଦକ୍ଷ କୁଶଳୀ ଟେକ୍ନିସିଆନ ଭାବେ କ୍ୟାରିୟର ଗଢ଼ିବା ଦିଗରେ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରୟାସ କରାଯିବ ବୋଲି ଜିଲ୍ଲାପାଳ କହିଥିଲେ। ଅଧିକ ଛାତ୍ରଛାତ୍ରୀଙ୍କୁ ଆଡମିଶନ୍ କରିବା ନିମନ୍ତେ ଉତ୍ସାହିତ କରିବା ପାଇଁ ସାଧାରଣ ବର୍ଗର ଛାତ୍ରଛାତ୍ରୀଙ୍କ ଶୁଳ୍କ ୨୦୦୦ ଟଙ୍କାକୁ ଏବଂ ଅନୁସୂଚିତ ଜାତି ଓ ଜନଜାତି ବର୍ଗ ପାଇଁ ୧୦୦୦ ଟଙ୍କାକୁ ହ୍ରାସ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ବିଜୁ ପଟ୍ଟନାୟକ ଜାତୀୟ ଷ୍ଟିଲ ପ୍ରତିଷ୍ଠାନକୁ ଏକ ଜାତୀୟ ସ୍ତରର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଭାବେ ଗଢ଼ି ତୋଳିବା ପାଇଁ ଭାରତ ସରକାରଙ୍କ ଇସ୍ପାତ ମନ୍ତ୍ରଣାଳୟ ପକ୍ଷରୁ ସବୁ ପ୍ରକାର ସହଯୋଗ କରାଯିବ ବୋଲି ଯୁଗ୍ମସଚିବ ଦୟା ନିଧାନ ପାଣ୍ଡେ କହିଥିଲେ। ଏହି ଗସ୍ତ କାର୍ଯ୍ୟକ୍ରମରେ କଳିଙ୍ଗନଗର ଅତିରିକ୍ତ ଜିଲ୍ଲାପାଳ ସପନ କୁମାର ନନ୍ଦ ଏବଂ ପ୍ରଶାସନର ଅଧିକାରୀଗଣ ଉପସ୍ଥିତ ଥିଲେ।

## ଏବେ ବି ବଞ୍ଚିଛି ମାନବିକତା

# ୭ ଲକ୍ଷ ଟଙ୍କା ପାଇ ଫେରାଇଲେ ଯୁବକ



**ଯାଜପୁର, ୨୩।୪(ସମିସ):** ସମାଜରେ ଆଜି ବି ବଞ୍ଚି ରହିଛି ମାନବିକତା। ଲୋକଙ୍କ ପାଖରେ ରହିଛି ସଚ୍ଚୋଟପଣିଆ। ଟଙ୍କା ପାଇଁ କେଉଁଠି ଝଗଡ଼ା ତ ଆଉ କେଉଁଠି ସମ୍ପର୍କ ଖରାପ। ପୁଣି କେତେବେଳେ ଏହି ଟଙ୍କା ପାଇଁ ଲୋକେ ଜୀବନ ନେବାକୁ ବି ପଛାଉନାହାନ୍ତି। କିନ୍ତୁ ଏମିତି ଜଣେ ବ୍ୟକ୍ତି ଯିଏକି ଲକ୍ଷାଧିକ ଟଙ୍କା ପାଇଲା ପରେ ମଧ୍ୟ ଲୋଭଗ୍ରସ୍ତ ନ ହୋଇ ପାଇଥିବା ଟଙ୍କାକୁ ଖୁସି ମନରେ ଫେରାଇଛନ୍ତି। ଯାଜପୁର ଜିଲ୍ଲା ବଡ଼ଚଣା ଥାନା ଅନ୍ତର୍ଗତ ରାଧାଦେଇପୁର ଗ୍ରାମର ଯୁବକ ସନ୍ତୋଷ କୁମାର ନାୟକ। ଗତ ଡିସେମ୍ବର ମାସରେ ହଠାତ ସନ୍ତୋଷଙ୍କ ବ୍ୟାଙ୍କ ଆକାଉଣ୍ଟକୁ ୭ ଲକ୍ଷ ୫୦ହଜାର ଟଙ୍କା ଏକ ଅଜଣା ନମ୍ବରରୁ ମ୍ୟାସେଜ୍ ଆସିଥିଲା। ଏତେ ଟଙ୍କା ଆସିଥିବା ଦେଖି ପ୍ରଥମେ ସନ୍ତୋଷ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ପରେ ବଡ଼ଚଣା ଥାନାରେ ଲିଖିତ ଆକାରରେ ଜଣାଇଥିଲେ। ଏଥିସହ ସନ୍ତୋଷ ତୁରନ୍ତ ବ୍ୟାଙ୍କ ଅଧିକାରୀଙ୍କ ସହ ଯୋଗାଯୋଗ କରିଥିଲେ। ତେବେ ବିହାର ନିବାସୀ ସୁନୀଲ କୁମାରଙ୍କ ଆକାଉଣ୍ଟରୁ ଏହି ଟଙ୍କା ଆସିଥିବା ଜାଣିବାକୁ ପାଇଥିଲେ। ମୋବାଇଲ ନମ୍ବର ସଂଗ୍ରହ କରି ତାଙ୍କ ସହ ଯୋଗାଯୋଗ କରିଥିଲେ। ସୁନୀଲ ସିଲିଗୁଡ଼ି ଫୌଜରେ ଯବାନ ଭାବେ କାର୍ଯ୍ୟରତ ଥିବା ବେଳେ ଏତେଗୁଡ଼ିଏ ଟଙ୍କା ଭୁଲରେ ଅନ୍ୟ ଏକ ଆକାଉଣ୍ଟକୁ ଟ୍ରାନ୍ସଫର୍ ହୋଇଯାଇଥିବାରୁ ସେ ମଧ୍ୟ ଚିନ୍ତାରେ ଥିଲେ। ତେବେ ଉଭୟଙ୍କ ମଧ୍ୟରେ ଟେଲିଫୋନରେ ଯୋଗାଯୋଗ ହୋଇଥିଲା। ଚାକିରିରୁ ଛୁଟି ମିଳିବା ପରେ ସୁନୀଲ କୁମାର ଗତକାଲି ବଡ଼ଚଣାରେ ପହଞ୍ଚିଥିଲେ। ବଡ଼ଚଣା ଥାନାରେ ସନ୍ତୋଷ ଓ ସୁନୀଲଙ୍କ ମଧ୍ୟରେ ଦେଖା ସାକ୍ଷାତ ହେବା ସହ ପୁଲିସ ଉପସ୍ଥିତିରେ ଲେଖାପଢ଼ା ହୋଇ ଉକ୍ତ ଟଙ୍କାକୁ ଫେରସ୍ତ କରିଥିଲେ। ଏଥିପାଇଁ ସୁନୀଲ କୁମାର ସନ୍ତୋଷଙ୍କୁ ଧନ୍ୟବାଦ ଦେବା ସହ ଓଡ଼ିଶାବାସୀଙ୍କ ହୃଦୟକୁ ପ୍ରଶଂସା କରିଥିଲେ।

## କଳିଙ୍ଗନଗରରେ ପୃଥିବୀ ଦିବସ

# ମିୟାୱାକି ଜଙ୍ଗଲ ସୃଷ୍ଟି ପାଇଁ ଚାରା ରୋପଣ



**ଦାନଗଦି, ୨୩।୪(ସମିସ):** ପରିବେଶ ସୁରକ୍ଷା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ଟାଟା ଷ୍ଟିଲ କଳିଙ୍ଗନଗର ପକ୍ଷରୁ ବୁଧବାର କାରଖାନା ପରିସରରେ ଏକ ବୃହତ ଚାରାରୋପଣ କାର୍ଯ୍ୟକ୍ରମ ସହ ପୃଥିବୀ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ମିୟାୱାକି ଜଙ୍ଗଲ ସୃଷ୍ଟି କରିବାର ଏକ ମହତ୍ତ୍ୱାକାଂକ୍ଷୀ ଯୋଜନାର ଅଂଶ ଭାବେ ୧, ୪୦୦ଟି ଚାରା ରୋପଣ କରାଯାଇଛି। ଏହି ଉତ୍ସବରେ ଟାଟା ଷ୍ଟିଲ କଳିଙ୍ଗନଗରର ମେକାନିକାଲ ମେଣ୍ଟେନାନ୍ସ ଚିଫ ଶଙ୍କର ବିଶ୍ୱାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଇଲେକ୍ଟ୍ରିକାଲ ମେଣ୍ଟେନାନ୍ସ ଚିଫ୍ ପଙ୍କଜ ଭୁରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଶିଳ୍ପାୟନର ଅଭିବୃଦ୍ଧି ଏବଂ ପରିବେଶ ସୁରକ୍ଷା ମଧ୍ୟରେ ସନ୍ତୁଳନ ରକ୍ଷା କରିବା ଦିଗରେ ଏପରି ସବୁଜ ପଦକ୍ଷେପ କିଭଳି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ, ସେ ସମ୍ପର୍କରେ ଉପସ୍ଥିତ ଅତିଥିମାନେ ଆଲୋକପାତ କରିଥିଲେ। ପରିବେଶ ବିଭାଗ ଦ୍ୱାରା ଆୟୋଜିତ ଏହି ଚାରା ରୋପଣ କାର୍ଯ୍ୟକ୍ରମ, ଦୀର୍ଘସ୍ଥାୟୀ ଏବଂ ଏକ ସବୁଜ ଭବିଷ୍ୟତ ଗଠନ ଦିଗରେ ଟାଟା ଷ୍ଟିଲର ପ୍ରତିବଦ୍ଧତାକୁ ସୂଚାଉଛି।

# ରିଜିଓନାଲ ଡିଗ୍ରୀ କଲେଜରେ ବାଣିଜ୍ୟ ଓ ଅର୍ଥନୀତି ବିଭାଗର ଆଲୋଚନାଚକ୍ର




**ଯାଜପୁର, ୨୩।୪:(ସମିସ):** ଯାଜପୁର ପୌରପାଳିକା ସନ୍ନିକଟ ରାମବାଗରେ ଚଳିତ ମାସ ୨୨ ତାରିଖ ରିଜିଓନାଲ ଡିଗ୍ରୀ କଲେଜରେ ବାଣିଜ୍ୟ ଓ ଅର୍ଥନୀତି ବିଭାଗର ମିଳିତ ଆନୁକୂଲ୍ୟରେ ଏକ ଆଲୋଚନାଚକ୍ର, 'ଇମ୍ପାକ୍ଟ ଅଫ୍ ଡିଜିଟାଲ ଟ୍ରାନ୍ସମିଶନ ଇନ୍ କରେଣ୍ଟ ଏରା' ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଆଲୋଚନାଚକ୍ରକୁ ରିଜିଓନାଲ ଡିଗ୍ରୀ କଲେଜର ଅଧ୍ୟକ୍ଷ ପ୍ରମୋଦ କୁମାର ରାଉତ ଏବଂ +୨ କଲେଜର ଅଧ୍ୟକ୍ଷ ପରମେଶ୍ୱର ନାୟକ ଅନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ବାଣିଜ୍ୟ ବିଭାଗର ଅଧ୍ୟାପକ ବିଜୟ କୁମାର ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶ୍ରୀ ରାଉତଙ୍କ ସଭାପତିତ୍ୱରେ ଉକ୍ତ ଆଲୋଚନା ଚକ୍ରରେ ସାଧୁଗୌରେଶ୍ୱର କଲେଜର ବାଣିଜ୍ୟ ବିଭାଗର ପ୍ରାଧ୍ୟାପକ ଡ. ସୁଧାଂଶୁ କୁମାର ଦାସ ଓ ଅର୍ଥନୀତି ବିଭାଗର ଅଧ୍ୟାପକ ଡ. ସତ୍ୟରଞ୍ଜନ ନାୟକ ରିସୋର୍ସ ପର୍ସନ ଭାବେ ଯୋଗଦେବା ସହିତ ବିଶିଷ୍ଟ ଶିକ୍ଷାବିତ +୨ କଲେଜର ପ୍ରାକ୍ତନ ଅଧ୍ୟକ୍ଷ ଡ. ଶାନ୍ତନୁ କୁମାର ନାୟକ, ବାଣିଜ୍ୟ ବିଭାଗର ମୁଖ୍ୟ ଅଧ୍ୟାପକ ଡ. ଶଶଧର ଦାଶ ଓ ଅର୍ଥନୀତି ବିଭାଗର ଅଧ୍ୟାପିକା କୃଷ୍ଣପ୍ରିୟା ସାହୁ ଓ ଅନିତା ପଣ୍ଡା ବିଷୟ ବସ୍ତୁ ଉପରେ ପେପର ପ୍ରେଜେଣ୍ଟ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ବାଣିଜ୍ୟ ବିଭାଗର ଅନ୍ୟତମ ଅଧ୍ୟାପକ ସନ୍ତୋଷ କୁମାର କର, ସମସ୍ତ ଛାତ୍ରଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକା, ଶିକ୍ଷା କର୍ମଚାରୀ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ପରିଶେଷରେ ବାଣିଜ୍ୟ ବିଭାଗର ମୁଖ୍ୟ ଅଧ୍ୟାପକ ଡ. ଶଶଧର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

# ମିଳୁନି ଗ୍ୟାସ୍; କଳାବଜାରୀଙ୍କ ଗୋଦାମ ଭର୍ତ୍ତି

**ଦଶରଥପୁର, ୨୩।୪(ସମିସ)**



ଗୋଟିଏ ପଟେ ମଧ୍ୟ ପ୍ରାଚ୍ୟରେ ଯୁଦ୍ଧ ପାଇଁ ଗ୍ୟାସ ସଙ୍କଟ। ଅନ୍ୟ ପଟେ ଅସାଧୁ କଳାବଜାରୀଙ୍କ ରାଜୁତି। ଦଶରଥପୁର ବ୍ଲକ ଅଞ୍ଚଳରେ ଏବେ ସାଧାରଣ ଉପଭୋକ୍ତାଙ୍କ ହକକୁ ଲୁଟିଚାଲିଛନ୍ତି ବେଆଇନ ଗ୍ୟାସ ବିକ୍ରେତା। ନିଜ ମୁନାଫା ପାଇଁ କିଛି ଅସାଧୁ ଗୋଷ୍ଠୀ ରନ୍ଧନ ଗ୍ୟାସକୁ ବେଆଇନ ଭାବେ ମହଜୁଦ ରଖି ସାଧାରଣ ଲୋକ, ହୋଟେଲ ଏବଂ ଉଠା ଦୋକାନୀଙ୍କୁ ଚଢ଼ା ଦରରେ ବିକ୍ରି କରୁଥିବାବେଳେ ପ୍ରଶାସନିକ ଶିଥିଳତା ଏଥିପାଇଁ ଖୋରାକ ଯୋଗାଉଥିବା ଅଭିଯୋଗ ହୋଇଛି। ସାରା ରାଜ୍ୟରେ ଗ୍ୟାସ ଯୋଗାଣ ବାଧାପ୍ରାପ୍ତ ହେବାକୁ କିଛି ମୁଷ୍ଟିମେୟ ସିଲିଣ୍ଡର ବିକ୍ରେତା ଏହାକୁ ବଡ଼ ସୁଯୋଗ ଭାବେ ଗ୍ରହଣ କରିଛନ୍ତି। ଏମାନେ ବିଭିନ୍ନ ଉପାୟରେ ଘରୋଇ ସିଲିଣ୍ଡରକୁ ନିଜ କବଜାକୁ ନେଇଯାଉଛନ୍ତି। ଯେଉଁ ସିଲିଣ୍ଡର ଉପଭୋକ୍ତାଙ୍କ ରୋଷେଇ ଘରକୁ ଯିବା କଥା, ତାହା ଏହି ବେଆଇନ ବିକ୍ରେତାଙ୍କ ଜରିଆରେ ଚା ଦୋକାନ ଠାରୁ ଆରମ୍ଭ କରି ଉଠା ଦୋକାନୀ ଏବଂ ହୋଟେଲରେ ପହଞ୍ଚୁଛି। ସିଲିଣ୍ଡର ପିଛା ୨ହଜାରୁ ଅଧିକ ଟଙ୍କାରେ ବିକ୍ରି ହେଉଥିବା ଅଭିଯୋଗ ହୋଉଛି। ବ୍ଲକର ଏକାଧିକ ସ୍ଥାନରେ ଲଗାମ ଛଡ଼ା ଭାବେ ବେଆଇନ ସିଲିଣ୍ଡର ବିକ୍ରୀ ଚାଲିଛି। ଯୋଗାଣ ବିଭାଗ କିନ୍ତୁ ବେଫିକର ହୋଇ ଚେଇଁ ଶୋଇଥିବାର ଅଭିନୟ କରୁଥିବା ଉପଭୋକ୍ତା ମହଲରେ ଅଭିଯୋଗ ହୋଇଛି। ବେଆଇନ ସିଲିଣ୍ଡର ବିକ୍ରେତା ଏହି ସିଲିଣ୍ଡରଗୁଡ଼ିକୁ ନିର୍ଦ୍ଧାରିତ ଦର ଠାରୁ ବହୁ ଅଧିକ ମୂଲ୍ୟରେ ସାଧାରଣ ଖାଉଟି, ହୋଟେଲ, ଫାଷ୍ଟ ଫୁଡ୍ ଓ ଚା ଦୋକାନୀଙ୍କୁ ଯୋଗାଇ ଦେଉଛନ୍ତି। ଫଳରେ ଗରିବ ଉପଭୋକ୍ତା ବୁକିଂ କରି ସିଲିଣ୍ଡର ପାଉନଥିବା ବେଳେ ବେଆଇନ ସିଲିଣ୍ଡର କାରବାର କରୁଥିବା କଳାବଜାରୀଙ୍କ ଚୋରା ଗୋଦାମ ଭର୍ତ୍ତି ହୋଇ ରହୁଛି। କଳାବଜାରୀଙ୍କ ସମ୍ପୂର୍ଣ୍ଣ ଚକ୍ରବ୍ୟୁହ ସମ୍ପର୍କରେ ସବୁ ଜାଣି ମଧ୍ୟ ନିଦାବିଷ୍ଟ ସାଜିଛି ଯୋଗାଣ ବିଭାଗ। କାହାର ଅଦୃଶ୍ୟ ଚାପ କିମ୍ବା ସ୍ୱାର୍ଥ ସାଧନ ପାଇଁ ବିଭାଗୀୟ ଅଧିକାରୀ ବେଆଇନ ସିଲିଣ୍ଡର ବିକ୍ରେତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାଁନ୍ତି ତାହା ଏବେ ସନ୍ଦେହ ଘେରରେ। ସମଗ୍ର ବ୍ଲକ ଅଞ୍ଚଳରେ ଖୋଲାଖୋଲି ଅନିୟମିତତା ଚାଲିଥିବା ବେଳେ ଯୋଗାଣ ବିଭାଗ ଅଧିକାରୀଙ୍କ ଦ୍ୱାରା ଥରେ ହେଲେବି ଚଢ଼ାଉ ନହେବା ସେମାନଙ୍କର ଦାୟିତ୍ୱହୀନତାକୁ ପଦାରେ ପକାଇଛି। ଗ୍ୟାସ ବୁକିଂ ପ୍ରକ୍ରିୟାରେ ଅହେତୁକ ବିଳମ୍ବ ଓ କଳାବଜାରୀଙ୍କ ପାଦୁର୍ଭାବ ଯୋଗୁଁ ସାଧାରଣ ଉପଭୋକ୍ତାଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି।

ସକାଳ
THE SAKALA



# ସମ୍ପାଦକୀୟ



ଋଣ କରିବା ବଦଳରେ ବରଂ, ଭୋକରେ ଶୋଇବା ଶ୍ରେୟସ୍କର।
-ବେଞ୍ଜାମିନ୍ ଫ୍ରାଙ୍କଲିନ୍

## କୂଟନୀତି ବଦଳାଇବାର ସମୟ

ବିଶ୍ୱ ଭୂରାଜନୀତି ଏବେ ଯେଉଁଳି ଭାବେ ମୁହୂର୍ମୁହୁଃ ପରିବର୍ତ୍ତନ ହୋଇଚାଲିଛି ସେଥିରେ କୌଣସି ସ୍ଥିର କିମ୍ବା ଦୀର୍ଘମିଆଦୀ ରଣନୀତି-କୂଟନୀତି ସଫଳ ହେଉନାହିଁ। ତେଣୁ ସମୟୋପଯୋଗୀ ଓ ପରିବର୍ତ୍ତନଶୀଳ ଅଥଚ ପ୍ରଭାବଶାଳୀ ରଣ-କୂଟନୀତି ଉପରେ ବିଶ୍ୱ ଗୁରୁତ୍ୱ ଦେବା ଆରମ୍ଭ କରିଛି। ବସ୍ତୁତଃ ବିଶ୍ୱ ଏବେ ଆଉ ଏକଛତ୍ରବାଦୀ ନେତୃତ୍ୱ ଓ ନିଷ୍ପତ୍ତିକୁ ଗ୍ରହଣ କରିବାକୁ ଯେ ବାଧ୍ୟ ନୁହେଁ ସେହି ଧାରଣା କ୍ରମଶଃ ଦୃଢ଼ ହେଉଛି। ବ୍ୟକ୍ତିକୈନ୍ଦ୍ରିକ ଭୂରାଜନୀତି ଏବେ ଗୋଷ୍ଠୀକୈନ୍ଦ୍ରିକରେ ରୂପାନ୍ତରିତ ହେବାରେ ଲାଗିଛି। ତେଣୁ ରାଷ୍ଟ୍ରମାନେ ଦ୍ୱିପାକ୍ଷିକ ସମ୍ପର୍କର ନୂଆ ସମୀକରଣ ସନ୍ଧାନ କରୁଛନ୍ତି। ଇତିମଧ୍ୟରେ ସାମ୍ପ୍ରତିକ ବିଶ୍ୱର ଦୁଇ ପ୍ରଭାବଶାଳୀ ଓ ଶକ୍ତିଶାଳୀ ରାଷ୍ଟ୍ର ଆମେରିକା ଓ ଚୀନ୍ ବୈଦେଶିକ ନୀତିରେ ଯୁଗୋପଯୋଗୀ ପରିବର୍ତ୍ତନ ଆଣିସାରିଥିବାରୁ ଭାରତ ମଧ୍ୟ ସେ ଦିଗରେ ଦୃଷ୍ଟି ଦେବା ବିଧେୟ।

ସମ୍ପ୍ରତି ବିଶ୍ୱର ଦୃଷ୍ଟି ଓ ଭୂରାଜନୀତି ରୁଷ୍-ୟୁକ୍ରେନ୍ ଯୁଦ୍ଧରୁ ଓହରି ମଧ୍ୟପ୍ରାଚ୍ୟରେ କେନ୍ଦ୍ରୀଭୂତ ହୋଇଛି ଏବଂ ବିଶ୍ୱ ଅର୍ଥନୀତି ଓ କୂଟନୀତି ପାଇଁ ଏକ ନୂଆ ସମୀକରଣ ପ୍ରସ୍ତୁତ କରୁଛି। ଏହି ଯୁଦ୍ଧରେ ଆମେରିକାର ଅର୍ଥନୀତି କ୍ରମଶଃ ଦୁର୍ବଳ ହୋଇଆସୁଥିବା ବେଳେ ରୁଷର ଯୁଦ୍ଧ ପ୍ରପୀଡ଼ିତ ଅର୍ଥନୀତିରେ ଅନେକ ସୁଧାର ଆସିଛି। ସେହିପରି ଚୀନ୍ ମଧ୍ୟ କେବଳ ତୈଳ ଭଣ୍ଡାରଣକୁ ଛାଡ଼ିଦେଲେ ବିଶ୍ୱବାଣିଜ୍ୟ ଓ ଅର୍ଥନୀତିରେ ଦ୍ରୁତ ଅଗ୍ରଗତି କରି ଆମେରିକାକୁ ପଛରେ ପକାଇ ଦେଇଛି।

ବିଗତ ଦଶନ୍ଧିରେ ଆମେରିକା ଓ ଚୀନ୍ ମଧ୍ୟରେ ଲାଗିରହିଥିବା ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱିତା ଚଳିତ ଦଶନ୍ଧିର ପ୍ରାରମ୍ଭରୁ ଅର୍ଥନୈତିକ ପ୍ରତିଦ୍ୱନ୍ଦ୍ୱିତାରେ ପରିବର୍ତ୍ତିତ ହୋଇଛି। ଏହିକ୍ରମରେ ଦୁଇ ଶକ୍ତିକେନ୍ଦ୍ର ମଧ୍ୟରେ ପ୍ରତିଯୋଗିତାର ପ୍ରୟୋଗଶାଳା ରୂପେ ଜନ୍ମ ନେଇଥିବା ଏସିଆ ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳ ବାଣିଜ୍ୟ-ଅର୍ଥନୀତିର ପେଣ୍ଠ ଭାବେ ନୂଆ ସଞ୍ଜ୍ଞା ବହନ କରିଛି। ଏବେ ଆମେରିକା ଆଉ ଚୀନ୍‌ର ପାରମ୍ପରିକ ବିରୋଧୀ ନୁହେଁ, ବରଂ ଚୀନ୍ ସାମଗ୍ରୀ ଉପରେ ମାତ୍ରାଧିକ ନିର୍ଭରଶୀଳ। ଆମେରିକାର ଖାଉଟି ବଜାର, ଇଲେକ୍ଟ୍ରୋନିକ୍ସ ଶିଳ୍ପ ଓ ଅର୍ଥନୀତି ଚୀନ୍ ଆମଦାନୀ ସହିତ ଜଡ଼ିତ। ପରିସ୍ଥିତି ଏପରି ହୋଇଛି ଯେ ଚୀନ୍ ସହିତ ବାଣିଜ୍ୟ ସମ୍ପର୍କକୁ ବାଦ୍ ଦେଇ ଆମେରିକାର ଘରୋଇ ଅର୍ଥନୀତିର ଅଭିବୃଦ୍ଧିର ପରିକଳ୍ପନା କରାଯାଇପାରିବ ନାହିଁ। ଚୀନ୍ ପାଇଁ ମଧ୍ୟ ଆମେରିକାଠାରୁ ବଳି ଭଲ ଖାଉଟି ବଜାରର ବିକଳ୍ପ ନାହିଁ। ଏହି କାରଣରୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଟାରିଫ ଆକ୍ରୋଶରୁ ଚୀନ୍ ନିଜକୁ ସୁରକ୍ଷିତ ରଖିପାରିଛି।

କ୍ରମଶଃ ଅର୍ଥନୀତିର ସ୍ୱରୂପ ବଦଳିବା ସହିତ ଯୋଜନା ଓ ଲକ୍ଷ୍ୟ ମଧ୍ୟ ଦ୍ରୁତ ପରିବର୍ତ୍ତିତ ହେଉଛି। ମଧ୍ୟପ୍ରାଚ୍ୟ ଯୁଦ୍ଧ କେତେକାଂଶରେ ଏହି ଧ୍ରୁବସତ୍ୟକୁ ସାମ୍ନାକୁ ଆଣିଛି। ଏହି ଯୁଦ୍ଧ ପ୍ରମାଣ କରିଛି ଯେ ଆମେରିକା ଏକାକୀ ବିଶ୍ୱ ଅର୍ଥନୀତି କିମ୍ବା ଭୂରାଜନୀତି ଉପରେ ଆଧିପତ୍ୟ ବିସ୍ତାର କରିବା ସ୍ଥିତିରେ ଆଉ ନାହିଁ। ଆମେରିକା ମଧ୍ୟ ହୃଦୟଙ୍ଗମ କରିସାରିଲାଣି ଯେ କେବଳ ସାମରିକ କାର୍ଯ୍ୟାନୁଷ୍ଠାନ ଜରିଆରେ କୌଣସି ଅଞ୍ଚଳର ପ୍ରାକୃତିକ ସମ୍ପଦକୁ ନିଜ ଅଧୀନକୁ ଆଣି ଅର୍ଥନୀତିକୁ ପୁଷ୍କଳ କରାଯାଇପାରିବ ନାହିଁ। ବରଂ ଚୀନ୍ ସୁଲଭ ରଣନୀତି ହିଁ ଅର୍ଥନୀତିର ସ୍ଥିର ଅଭିବୃଦ୍ଧି ଦିଗରେ ସହାୟକ ହୋଇପାରିବ। ବିଶ୍ୱର ସର୍ବବୃହତ୍ ତୈଳ ଓ ପ୍ରାକୃତିକ ବାଷ୍ପଭଣ୍ଡାର ନିର୍ମାଣ ପାଇଁ ଚୀନ୍‌ର ଯୋଜନାକୁ ଆମେରିକା ଭଣ୍ଡୁର କରିବାକୁ ମଧ୍ୟପ୍ରାଚ୍ୟ ଯୁଦ୍ଧ ଓ ଭେନେଜୁଏଲା ଉପରେ କବ୍‌ଜା ନାଟକ ରଚନା କରିବା ପରେ ଚୀନ୍ ଅକ୍ଷୟ ଶକ୍ତି ଉତ୍ପାଦନ ଉପରେ ଧ୍ୟାନ କେନ୍ଦ୍ରୀଭୂତ କରିଛି। ବିଶ୍ୱର ଅନ୍ୟାନ୍ୟ ରାଷ୍ଟ୍ର ଏହି କୌଶଳକୁ ଉପଯୋଗ କରିବା ବେଳକୁ ଚୀନ୍ ବହୁ ଆଗକୁ ଚାଲି ଯାଇଥିବ। ଆମେରିକାର ପେଟ୍ରୋଡଲାର କୂଟନୀତି ଓ ଅର୍ଥନୀତି ବିଫଳ ହେବାକୁ ଯାଉଥିବା ବେଳେ ଚୀନ୍ ନିଜକୁ ଜୈବଇନ୍ଧନ ଆଧାରିତ ରାଷ୍ଟ୍ର(ପେଟ୍ରୋଷ୍ଟେଟ୍)ରୁ ବୈଦ୍ୟୁତିକ ଶକ୍ତି ଆଧାରିତ ରାଷ୍ଟ୍ର(ଇଲେକ୍ଟ୍ରୋଷ୍ଟେଟ୍) କରିବା ପାଇଁ ଯେଉଁ ବିଧିବଦ୍ଧ ଯୋଜନାକୁ କାର୍ଯ୍ୟକାରୀ କରିସାରିଛି ସେଥିରେ ଆମେରିକା ବହୁ ପଛରେ ପଡ଼ିଯିବା ସ୍ୱାଭାବିକ। ତେଣୁ ଏବେ ଆମେରିକା ପୁଣି ପାକିସ୍ତାନମୁହାଁ ହୋଇଛି।

ଏହି ଦ୍ରୁତ ପରିବର୍ତ୍ତନଶୀଳ ଭୂରାଜନୈତିକ ପୃଷ୍ଠଭୂମିରେ ଭାରତର ରଣନୀତି, କୂଟନୀତି ଓ ବୈଦେଶିକ ନୀତିରେ ବ୍ୟାପକ ପରିବର୍ତ୍ତନ ଆବଶ୍ୟକ। ଦ୍ୱିଧ୍ରୁବୀୟ ହେବାକୁ ଯାଉଥିବା ବୈଶ୍ୱିକ ଦୃଶ୍ୟପଟ୍ଟରେ ଏବେ ଭାରତ ଆଗରେ ଆମେରିକା ଓ ଚୀନ୍ ଭଳି ଦୁଇଟି ବିକଳ୍ପ ଉପଲବ୍ଧ। ବୈଦେଶିକ ବ୍ୟାପାର ବିଶାରଦଙ୍କ ମତାନୁଯାୟୀ ଭାରତ ଏହି ଦୁଇ ଧ୍ରୁବ ମଧ୍ୟରେ ଏକ ସମତୁଲ ଓ ସମାନ୍ତରାଳ ସମ୍ପର୍କ ରକ୍ଷା କରି ଚାଲିବା ଦରକାର। ପ୍ରତିରକ୍ଷା, ବୈଷୟିକ ଜ୍ଞାନକୌଶଳ ଆଦି ନିର୍ଦ୍ଦିଷ୍ଟ ସହଯୋଗ କ୍ଷେତ୍ରରେ ଆମେରିକା ସହିତ ସମ୍ପର୍କ ଦୃଢ଼ କରିବା ଉଚିତ। ଅପରପକ୍ଷରେ ଆଞ୍ଚଳିକ ସ୍ୱାର୍ଥରକ୍ଷା ପାଇଁ ଚୀନ୍ ସହିତ ପାଦ ମିଳାଇ ଚାଲିବାକୁ ପଡ଼ିବ। ବିଶେଷକରି ସୀମା ବିବାଦର ଆପୋସ ଶାନ୍ତିପୂର୍ଣ୍ଣ ଦିର୍ଘମିଆଦୀ ସମାଧାନ ହୋଇପାରିଲେ ଚୀନ୍ ସହିତ ବନ୍ଧୁତ୍ୱ ବଢ଼ିବ। ଭାରତ ମଧ୍ୟ କୌଣସି ବିବାଦରେ ମଧ୍ୟସ୍ଥିର ଭୂମିକାରୁ ଦୂରେଇ ରହିବାକୁ ବିଶେଷଜ୍ଞମାନେ ପରାମର୍ଶ ଦେଇଛନ୍ତି। ଏଥିସହିତ ଭାରତ ‘ଆକ୍ଟ ଇଷ୍ଟ ପଲିସି(ପୂର୍ବଏସିୟ ନୀତି)’ର ପୁନଃସମୀକ୍ଷା କରିବା ସହିତ ‘ପଡ଼ୋଶୀ ପ୍ରଥମ(ନେଇବର ଫାଷ୍ଟ) ନୀତି’କୁ ଆହୁରି ସୁଦୃଢ଼ କରିବାକୁ ହେବ। ଭାରତ ପାଖରେ ବିପୁଳ ପ୍ରାକୃତିକ ସମ୍ପଦ ଓ ଅନୁକୂଳ ଭୌଗୋଳିକ ଅବସ୍ଥିତି ରହିଛି। ଏହାକୁ ଉପଯୋଗ କରି ଭାରତ ଅକ୍ଷୟ ଶକ୍ତି ଉତ୍ପାଦନରେ ଆତ୍ମନିର୍ଭରଶୀଳ ଓ ବଳକା ଦେଶ ହୋଇପାରିଲେ ଏକ ସାଲିସ୍‌ବିହୀନ ଦେଶ ଭାବେ ଆତ୍ମପ୍ରକାଶ କରିପାରିବ। ଏବେ ଇନ୍ଧନ ବା ଶକ୍ତି ଚାହିଦା ପୂରଣ ପାଇଁ ଭାରତ ବିଦେଶୀଙ୍କ ପାଖରେ ହାତ ପାତୁଥିବାରୁ ନିଜର ଗୁରୁତ୍ୱ ହରାଇ ବସୁଛି ଏବଂ ଆମେରିକା ନିର୍ଦ୍ଦେଶରେ ପରିଚାଳିତ ହେବାକୁ ବାଧ୍ୟ ହେଉଛି। ଥରେ ଶକ୍ତି କ୍ଷେତ୍ରରେ ଆତ୍ମନିର୍ଭରଶୀଳ ହୋଇଗଲେ ଭାରତକୁ ଆଉ କେହି ବିବଶ ରାଷ୍ଟ୍ର ବୋଲି ଭାବିବାକୁ ସୁଯୋଗ ପାଇବେ ନାହିଁ।

ବାଂଲାଦେଶ, ମାଲଦ୍ୱୀପ ଓ ନେପାଳରେ ଗତ ଦୁଇବର୍ଷ ଭିତରେ ଯାହା ଘଟିଚାଲିଛି ତାହା ପ୍ରମାଣ କରିଛି ଯେ ଆଜିର ସ୍ୱାର୍ଥସର୍ବସ୍ୱ ଦୁନିଆରେ କେହି କାହାର ଚିର ମିତ୍ର କିମ୍ବା ଶତ୍ରୁ ନୁହନ୍ତି। ଶତ୍ରୁର ଶତ୍ରୁକୁ ମିତ୍ରତାର ହାତ ବଢ଼ାଇବାରେ ଅସୁବିଧା ନାହିଁ। କୂଟନୀତିରେ ନୈତିକତା ଗୁରୁତ୍ୱହୀନ ହେଉଥିବାରୁ ଭାରତକୁ ମଧ୍ୟ ନିଜ ଚିନ୍ତାଧାରା, ଆଭିମୁଖ୍ୟ, ନୀତି ଓ ଆଦର୍ଶରେ ଯୁଗୋପଯୋଗୀ ପରିବର୍ତ୍ତନ ଆଣିବାକୁ ପଡ଼ିବ। ●

# ପଞ୍ଚାୟତିରାଜ ଭିତ୍ତିଭୂମିରୁ ଅନ୍ତ୍ୟୋଦୟ

**ରବି ନାରାୟଣ ନାଏକ**

ଇଂରେଜମାନଙ୍କ ବିରୋଧରେ ଚାଲିଥିବା ସ୍ୱାଧୀନତା ଆନ୍ଦୋଳନ ପଛରେ ଆମ ନେତୃମଣ୍ଡଳୀର ସ୍ୱପ୍ନ ଥିଲା, ଆମ ଦେଶର ଶାସନ ଆମେ କରିବା ଏବଂ ଗଣତନ୍ତ୍ର ବ୍ୟବସ୍ଥା ସ୍ଥାପନ କରିବା। ଗଣତନ୍ତ୍ର ଶାସନ ଆସିଲେ ସମାଜର ସବୁଠାରୁ ତଳସ୍ତରରେ ଥିବା ଲୋକଟିର କଥା ଶୁଣିବାକୁ ଅଗ୍ରାଧିକାର ଦିଆଯିବ। ସ୍ୱାଧୀନ ଭାରତରେ ଗଣତାନ୍ତ୍ରିକ ପ୍ରକ୍ରିୟା ସହିତ ଜଡ଼ିତ ହୋଇ ଆରମ୍ଭ ହେଲା ପଞ୍ଚାୟତିରାଜ ବ୍ୟବସ୍ଥା। ସମ୍ବିଧାନର ୭୩ ତମ ସଂଶୋଧନ ପଞ୍ଚାୟତିରାଜ ବ୍ୟବସ୍ଥାକୁ ଏକ ସାମ୍ବିଧାନିକ ମର୍ଯ୍ୟାଦା ପ୍ରଦାନ କଲା। ଯାହାଫଳରେ ସ୍ଥାନୀୟ ଅଧିବାସୀଙ୍କ ସକ୍ରିୟ ସହଯୋଗରେ ତୃଣମୂଳ ଗଣତନ୍ତ୍ର ପ୍ରତିଷ୍ଠା ସହିତ ରାଷ୍ଟ୍ର ନିର୍ମାଣରେ ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କଲା।

ରାଜ୍ୟରେ ୨୦୨୪ ମସିହାରେ ଲୋକଙ୍କ ସରକାର ଗଠନ ହେଲା ପରେ ବିକାଶ ମଡେଲ ୬ଟି ନୀତି ଉପରେ ଆଧାରିତ ହେଲା। ସେଗୁଡ଼ିକ ହେଲା - ‘ଲୋକ ପ୍ରଥମେ ଆଧାରିତ ବିକାଶ’, ‘ଗ୍ରାମ ସଶକ୍ତିକରଣ’, ‘ଅନ୍ତର୍ଭୁକ୍ତି ଅଭିବୃଦ୍ଧି’, ‘ପ୍ରଯୁକ୍ତି ବିଦ୍ୟାର ଉନ୍ନତି’, ‘ସାଂସ୍କୃତିକ ଅସ୍ମିତା’ ଏବଂ ‘ଦାୟିତ୍ୱପୂର୍ଣ୍ଣ ଶାସନ’। ଏହାକୁ ପାଥେୟ କରି ପଞ୍ଚାୟତିରାଜ ବିଭାଗ ଆଗକୁ ବଢ଼ିଚାଲିଛି। ପଞ୍ଚାୟତିରାଜ ପ୍ରତିଷ୍ଠାନଗୁଡ଼ିକ ଶାସନ ବିକେନ୍ଦ୍ରୀକରଣର ପ୍ରଥମ ସୋପାନ। ଭିତ୍ତିଭୂମିର ବିକାଶ, ମୌଳିକ ସେବା ଯୋଗାଣ, ଦାରିଦ୍ର୍ୟ ଦୂରୀକରଣ, କର୍ମ ନିଯୁକ୍ତି ଓ ଦକ୍ଷତା ବୃଦ୍ଧି ଇତ୍ୟାଦି କାର୍ଯ୍ୟକ୍ରମ ମାଧ୍ୟମରେ ଗ୍ରାମାଞ୍ଚଳର ବିକାଶ ଆମ ଲକ୍ଷ୍ୟ। କେନ୍ଦ୍ର ଓ ରାଜ୍ୟ ଅର୍ଥ କମିଶନ ସୁପାରିସଗୁଡ଼ିକୁ କାର୍ଯ୍ୟକାରୀ କରି ପଞ୍ଚାୟତିରାଜ ବ୍ୟବସ୍ଥାକୁ ସୁଦୃଢ଼, ସଶକ୍ତ ଓ କ୍ରିୟାଶୀଳ କରିବା ପଥରେ ଆମେ ଅଗ୍ରସର। ସହରୀକରଣର ଆଁ ଭିତରେ ଗାଁ ଗୁଡ଼ିକୁ ହଜିଯିବାକୁ ଦିଆଯିବ ନାହିଁ - ଏହା କେବଳ ଆମ ପ୍ରଚେଷ୍ଟା ନୁହେଁ, ଏହା ଆମ ପ୍ରତିବଦ୍ଧତା। ଗ୍ରାମାଞ୍ଚଳ ଅଧିବାସୀଙ୍କୁ ସର୍ବନିମ୍ନ ସୁବିଧା ଯଥା ଘର, ରାସ୍ତା ଓ ପାନୀୟ ଜଳ ଯୋଗାଇଦେବା ପଞ୍ଚାୟତିରାଜ ବିଭାଗର ପ୍ରମୁଖ କାର୍ଯ୍ୟ। ପୂର୍ବରୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ମାଧ୍ୟମରେ ହିତାଧିକାରୀମାନଙ୍କୁ ଘର ଯୋଗାଇ ଦିଆଯାଉଥିଲା। ତେବେ ଅନେକ ସ୍ଥଳରେ ସରକାରୀ ଦିଶାନିର୍ଦ୍ଦେଶର ପ୍ରତିବନ୍ଧକକୁ ଅତିକ୍ରମ କରି ଗରିବ, ଅସହାୟ ଓ ଯୋଗ୍ୟ ହିତାଧିକାରୀଙ୍କୁ ଘରଟିଏ ଦେବା ସମ୍ଭବ ହୋଇପାରୁ ନ ଥିଲା। ଏଭଳି କ୍ଷେତ୍ରରେ ସମସ୍ତେ କିଂକର୍ତ୍ତବ୍ୟବିମୂଢ଼ ହୋଇ ରହିବାକୁ ବାଧ୍ୟ ହେଉଥିଲେ। ଏହି ସମସ୍ୟାକୁ ଅନୁଭବ କରି ଆମ ସରକାର ‘ଅନ୍ତ୍ୟୋଦୟ ଗୃହ ଯୋଜନା’ର ଶୁଭାରମ୍ଭ କଲେ। ଏହି ଯୋଜନା ମାଧ୍ୟମରେ ଦଳିତ, ନିଷ୍ପେଷିତ, ଅସହାୟ, ଭିନ୍ନକ୍ଷମ, ବିଧବା, ସ୍ୱାମୀ ପରିତ୍ୟକ୍ତା, ପ୍ରାକୃତିକ ଦୁର୍ବିପାକ ପୀଡ଼ିତ ଓ ସମାଜର ଅବହେଳିତ ବର୍ଗକୁ ବାସଗୃହ ଯୋଗାଇ ଦିଆଯାଇ ପାରୁଛି। ଗ୍ରାମାଞ୍ଚଳବାସୀଙ୍କ ପାଇଁ ଏହା ବରଦାନ ସଦୃଶ ହୋଇଛି।

ରାଜ୍ୟରେ ଅନୁନ୍ନତ ଜିଲ୍ଲା ଓ ପଛୁଆ ଅଞ୍ଚଳରେ ବାସ କରୁଥିବା ଜନଜାତି ସମ୍ପ୍ରଦାୟର ଭାଇଭଉଣୀମାନଙ୍କ ସାମଗ୍ରିକ ବିକାଶ ସହିତ ସେମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ପ୍ରଧାନମନ୍ତ୍ରୀ ଜନଜାତି ଆଦିବାସୀ ନ୍ୟାୟ ମହାଭିଯାନ(ପିଏମ୍ ଜନମନ) ଯୋଜନା ମାଧ୍ୟମରେ ଜନଜାତି ଗୋଷ୍ଠୀଗୁଡ଼ିକର ବିକାଶ କ୍ଷେତ୍ରରେ ଥିବା ପ୍ରତିବନ୍ଧକ ସବୁକୁ ଅଗ୍ରାଧିକାର ଭିତ୍ତିରେ ଦୂର କରିବାର ପ୍ରୟାସ ଆରମ୍ଭ ହୋଇଛି। ଏହି ଯୋଜନା ମାଧ୍ୟମରେ ଅନୁସୂଚିତ ଜନଜାତି ବର୍ଗର ୪୨୦୦୦ ରୁ ଅଧିକ ଅନୁନ୍ନତ ପରିବାରକୁ ବାସଗୃହ ଯୋଗାଇ ଦିଆଯାଇଛି। କେବଳ ଭିତ୍ତିଭୂମିର ବିକାଶ ନୁହେଁ ଅନୁସୂଚିତ ଜନଜାତି ଅଞ୍ଚଳରେ ‘ପେସା’ ଆଇନକୁ ଅଧିକ ପ୍ରଭାବଶାଳୀ ଓ ସଶକ୍ତ କରିବା କାର୍ଯ୍ୟ ଜାରିରହିଛି। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଜନଜାତି ସଶକ୍ତିକରଣ, ଗ୍ରାମସଭା ସଶକ୍ତିକରଣ ଓ ପାରମ୍ପରିକ ଶାସନ ପ୍ରଣାଳୀ ମାଧ୍ୟମରେ ବିବାଦର ସମାଧାନ ଉପରେ ଗୁରୁତ୍ୱ ଦିଆଯାଉଛି। ବର୍ତ୍ତମାନ ଆମ ରାଜ୍ୟରେ ୧୫ଟି ଆଦିବାସୀ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ଏହି ଯୋଜନା ସାମାଜିକ ସମରସତା କ୍ଷେତ୍ରରେ ଏକ ଯୁଗାନ୍ତକାରୀ ପଦକ୍ଷେପ।

ବହୁଦିନ ବ୍ୟବଧାନରେ ଗାଁକୁ ଫେରୁଥିବା ଜଣେ ବ୍ୟକ୍ତି ତାଙ୍କ ଗାଁକୁ ଲମ୍ବିଥିବା ସୁନ୍ଦର ସଡ଼କକୁ ଦେଖି ବହୁତ ଖୁସି ହେଲେ, ତେବେ ଗାଁରେ ପହଞ୍ଚି ସାରିଲା ପରେ ଦୀର୍ଘଶ୍ୱାସଟିଏ ମାରି କହିଲେ, ‘ସଡ଼କ ତମେ ଏବେ ଆମ ଗାଁକୁ ଆସିଲ ଯେତେବେଳେ ଆମ ଗାଁର ଅଧିକାଂଶ ଲୋକ ଗାଁ ଛାଡ଼ି ସହରକୁ ଚାଲିଗଲେଣି।’ ଏହାର ଅର୍ଥ କେବଳ ସଡ଼କ, ପୋଲ, କୋଠାବାଡ଼ି ଭଳି ଭୌତିକ ବିକାଶ ହେଲେ ଲୋକେ ଗାଁରେ ରହିବେ ନାହିଁ କିମ୍ବା ପଳାୟନ ବନ୍ଦ କରାଯାଇ ପାରିବ ନାହିଁ। ସେଥିପାଇଁ ଆବଶ୍ୟକ ଗାଁର ସର୍ବାଙ୍ଗୀନ ବିକାଶ। ଏଥିପାଇଁ ଆମ ସରକାରଙ୍କ ନିଜସ୍ୱ ଯୋଜନା ‘ବିକଶିତ ଗାଁ ବିକଶିତ ଓଡ଼ିଶା’ କାର୍ଯ୍ୟକାରୀ ହେଉଛି। ଏହି ଯୋଜନା ମାଧ୍ୟମରେ ଗ୍ରାମୀଣ ସଡ଼କ, ସେତୁ ସହିତ ଗ୍ରାମବାସୀଙ୍କ ଆବଶ୍ୟକ ମୁତାବକ କଲ୍ୟାଣ ମଣ୍ଡପ, କମ୍ୟୁନିଟି ସେଣ୍ଟର, ପାଠାଗାର, ଡ୍ରେନ, ପୋଖରୀ, ଗାଧୁଆ ତୁଠ, ପୋଷାକ ପରିବର୍ତ୍ତନ ଗୃହ, ବଜାର, ହାଟ, ଜଳ ଅମଳ ପ୍ରକଳ୍ପ, କ୍ରୀଡ଼ା ଭିତ୍ତିଭୂମି, ପର୍ଯ୍ୟଟନ ଭିତ୍ତିଭୂମିର ବିକାଶ, ଭାଗବତ ଟୁଙ୍ଗି ନିର୍ମାଣ ଏବଂ ଅନ୍ୟାନ୍ୟ ଅଭିନବ ପ୍ରକଳ୍ପ ନିର୍ମାଣ କରାଯାଇପାରିବ। ୨୦୩୬ ମସିହାରେ ଆମ ରାଜ୍ୟ ଗଠନର ୧୦୦ ବର୍ଷ ପୂର୍ତ୍ତି ହେବ। ଏହାକୁ ଆଖି ଆଗରେ ରଖି ଏହି ଯୋଜନା ମାଧ୍ୟମରେ ଗ୍ରାମାଞ୍ଚଳକୁ ବିକଶିତ, ସ୍ୱଚ୍ଛ, ସୁନ୍ଦର ଓ ଆତ୍ମନିର୍ଭରଶୀଳ କରିବାର ଏକ ଦୀର୍ଘମିଆଦୀ ଖସଡ଼ା ପ୍ରସ୍ତୁତ କରାଯାଇଛି। ବିକାଶ କହିଲେ କେବଳ ଅନ୍ୟ ଉପରେ ନିର୍ଭର କରିବା ଓ ସବୁ କିଛି କିଣି ଖାଇବାକୁ ଯଦି ବୁଝାଏ ତେବେ ଆମ ପାଇଁ ବିକାଶର ଏହି ଛବିଳ ବର୍ଣ୍ଣବୋଧ ଲୋଡ଼ା ନାହିଁ। ଆମ ପାଇଁ ବିକାଶ ମାନେ ସରଳ, ପରିପୂର୍ଣ୍ଣ ଓ ଆତ୍ମନିର୍ଭର ଜୀବନ ଜିଇଁବାର ସ୍ୱାଧୀନତା। ସେଥିପାଇଁ ଆମର ଏହି ପୂର୍ବ ପ୍ରସ୍ତୁତି।

ଆମ ପାଇଁ ସବୁଠାରୁ ବଡ଼ ଆହ୍ୱାନ ହେଉଛି ଦାଦନ ସମସ୍ୟାର ସ୍ଥାୟୀ ସମାଧାନ ଓ ପଳାୟନ ରୋକିବା। ଗ୍ରାମାଞ୍ଚଳରେ ନିଶ୍ଚିତ କର୍ମ ନିଯୁକ୍ତି ପାଇଁ ଉଦ୍ଦିଷ୍ଟ କାର୍ଯ୍ୟକ୍ରମ ମନରେଗା ପରିବର୍ତ୍ତେ ଅନ୍ୟ ଏକ ମହତ୍ୱାକାଂକ୍ଷୀ ଯୋଜନା ‘ଭିବି ଜୀ ରାମ ଜୀ’ ଆରମ୍ଭ ହୋଇଛି। ଏହି ଯୋଜନାରେ ପୂର୍ବରୁ ଥିବା ୧୦୦ ଦିନର ନିଶ୍ଚିତ କର୍ମ ନିଯୁକ୍ତିକୁ ୧୨୫ ଦିନକୁ ବୃଦ୍ଧି କରାଯାଇଛି ଏବଂ ଦିନକୁ ଦିନ ଆମ କୃଷି କ୍ଷେତ୍ର ସାମ୍ନା କରୁଥିବା ସମସ୍ୟାକୁ ଅନୁଭବ କରି ଚାଷ ଦୁଇ ମାସ ଅର୍ଥାତ ୬୦ ଦିନକୁ ଏଥିରୁ ବାଦ ଦିଆଯାଇଛି। ଫଳରେ କୃଷକ ଭାଇମାନେ ନିଜ ଚାଷ କାମ ସମ୍ପୂର୍ଣ୍ଣ କରି ବଳକା ସମୟରେ ୧୨୫ ଦିନର ନିଶ୍ଚିତ କର୍ମ ନିଯୁକ୍ତି ସୁଯୋଗ ପାଇପାରିବେ। ବିଶେଷକ୍ଷେତ୍ରରେ ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କୁ ଅବଗତ କରି ଏହାକୁ ବୃଦ୍ଧି ମଧ୍ୟ କରିପାରିବେ। କେବଳ ଭିବି ଜୀ ରାମ ଜୀ ନୁହେଁ, ଶିକ୍ଷା ଓ ପ୍ରଶିକ୍ଷଣ ମାଧ୍ୟମରେ ଅନ୍ୟାନ୍ୟ ଅନେକ କ୍ଷେତ୍ରରେ ନିଯୁକ୍ତି ପାଇଁ ଗ୍ରାମାଞ୍ଚଳ ଅଧିବାସୀଙ୍କୁ ଯୋଗ୍ୟ କରିବାକୁ ଆମ ସରକାର ଉଦ୍ୟମ କରୁଛନ୍ତି। ଏଥିପାଇଁ ଏକ ମନ୍ତ୍ରିସ୍ତରୀୟ କମିଟି ଓ ସଚିବସ୍ତରୀୟ ଟାସ୍କ ଫୋର୍ସ ଗଠନ କରି ଯୋଜନା ପ୍ରସ୍ତୁତ କରାଯାଉଛି।

ଓଡ଼ିଶା ଗ୍ରାମ୍ୟ ଉନ୍ନୟନ ଓ ବିପଣନ ସମିତି ମାଧ୍ୟମରେ ଗ୍ରାମୀଣ ଉତ୍ପାଦର ବଜାର ସୃଷ୍ଟି କରାଯାଇଛି। ଦିନଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ବିକାଶ ଯୋଜନା ମାଧ୍ୟମରେ ଗ୍ରାମାଞ୍ଚଳରେ କର୍ମନିଯୁକ୍ତି ପ୍ରଶିକ୍ଷଣ ପ୍ରଦାନ କରାଯାଉଛି। ନୂତନ ଯୁଗର ଦକ୍ଷତା ତାଲିମ ମାଧ୍ୟମରେ ଶ୍ରମବଜାର ଆବଶ୍ୟକତାକୁ ଆଖି ଆଗରେ ରଖି ଶିଳ୍ପ ନେତୃତ୍ୱାଧୀନ ପଦ୍ଧତି ମାଧ୍ୟମରେ ଗ୍ରାମାଞ୍ଚଳର ଯୁବକଯୁବତୀମାନଙ୍କୁ ପ୍ରଶିକ୍ଷଣ ଯୋଗାଇ ଦିଆଯାଉଛି। ଜୀବିକା ବିକାଶ କାର୍ଯ୍ୟକ୍ରମ ମାଧ୍ୟମରେ ଗ୍ରାମାଞ୍ଚଳର ଉତ୍ପାଦକୁ ନେଇ ଉଦ୍ୟୋଗ ପ୍ରତିଷ୍ଠା କରିବା କ୍ଷେତ୍ରରେ ପଞ୍ଚାୟତିରାଜ ବିଭାଗ କାର୍ଯ୍ୟ କରିଆସୁଛି। ଏହି ସବୁ ଯୋଜନା ଓ କାର୍ଯ୍ୟକ୍ରମ ଦାଦନ ସମସ୍ୟା ଓ ପଳାୟନ ରୋକିବାରେ ସହାୟକ ହେବ।

ବିକଶିତ ଓଡ଼ିଶା ଗଠନର ଦୀର୍ଘମିଆଦୀ ଖସଡ଼ା ସାମାନ୍ୟ ବିଳମ୍ବିତ; କିନ୍ତୁ ବିଡ଼ମ୍ବିତ ନୁହଁ। ଏହି ରୂପାନ୍ତରଣ ପ୍ରକ୍ରିୟାର ଅନେକ ଗୌରବମୟ ଉଦାହରଣ ସବୁ ଉପଲବ୍ଧ ହେଲାଣି। ଆମେ କିଛିବାଟ ଅତିକ୍ରମ କରିସାରିଲୁଣି ଏବଂ ଆମ ଚାରିପାଖରେ ଅପାର ସମ୍ଭାବନା ଭରିରହିଛି। ସମାଜର ଅନ୍ତିମ ସୋପାନରେ ଥିବା ଲୋକଟିକୁ ସମ୍ମାନ ଓ ସୁଯୋଗ ପ୍ରଦାନ କରିବା ପାଇଁ ଆମର ଅନ୍ତ୍ୟୋଦୟ ସ୍ୱପ୍ନ କ୍ରମାଗତ ଭାବେ ଆମକୁ ମାର୍ଗଦର୍ଶନ କରିଚାଲିଛି। ●

*ମାନ୍ୟବର ମନ୍ତ୍ରୀ, ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ - ଓଡ଼ିଶା ସରକାର*

# ଯୁଦ୍ଧଭୂମିରେ ଦୁଃସାହସିକ ସାମ୍ବାଦିକତା

**ଡ. ପ୍ରଦୀପ କୁମାର ନାୟକ**

ସାମ୍ବାଦିକତା ଏକ ଏହିପରି ବୃତ୍ତି, ଯେଉଁଥିରେ ସତ୍ୟର ଅନ୍ୱେଷଣ କରିବାର ରୋମାଞ୍ଚ ସହିତ ଜଟିଳ ଅସମାହିତ ରହସ୍ୟ ଉନ୍ମୋଚନ କରିବାର ଦୁଃସାହସିକତା ମଧ୍ୟ ଭରିରହିଛି। ସାମ୍ବାଦିକମାନେ ଗଣତନ୍ତ୍ରର ପ୍ରହରୀ। ସେମାନେ ଜୀବନକୁ ପାଣି ଛଡ଼େଇ ଅନେକ ଦୁଃସାହସିକ କାର୍ଯ୍ୟ କରିଥା’ନ୍ତି ସତ୍ୟର ଉନ୍ମୋଚନ ପାଇଁ। ଏହିପରିକି ଯୁଦ୍ଧ କ୍ଷେତ୍ରକୁ ମଧ୍ୟ ସ୍ୱତନ୍ତ୍ର ତଥ୍ୟ ସଂଗ୍ରହକାରୀ ସାମ୍ବାଦିକ(ଏମ୍ବେଡେଡ୍ ଜର୍ଣ୍ଣାଲିଷ୍ଟ)ମାନେ ଯାଇଥା’ନ୍ତି ଯୁଦ୍ଧରେ କ୍ଷୟକ୍ଷତି, ମୃତାହତ ସାଧାରଣ ନାଗରିକଙ୍କ ପ୍ରକୃତ ଅବସ୍ଥା, ମାନବୀୟ ଅଧିକାରର ଉଲ୍ଲଘଂନକୁ ସ୍ୱଚକ୍ଷୁରେ ଦେଖିବା ଏବଂ ଭୟାବହ ଯୁଦ୍ଧର ବାସ୍ତବ ଚିତ୍ର ପୃଥିବୀର ଜନସାଧାରଣଙ୍କ ଦୃଷ୍ଟିକୁ ଆଣିବା ଉଦ୍ଦେଶ୍ୟରେ।

ସମ୍ପ୍ରତି ଇରାନ ଓ ଇସ୍ରାଏଲ-ଆମେରିକାର ମିଳିତ ଶକ୍ତି ମଧ୍ୟରେ ଫେବୃଆରୀ ୨୮ ତାରିଖରୁ ମଧ୍ୟପ୍ରାଚ୍ୟରେ ଯେଉଁ ଯୁଦ୍ଧ ଲାଗିଛି ତାହାର ଗ୍ରାଉଣ୍ଡ ଜିରୋରୁ ଯେଉଁ ନିର୍ଭୀକ ସାମ୍ବାଦିକମାନେ ଭୟାବହ ଫଟୋ ଓ ଖବର ଇଲେକ୍ଟ୍ରୋନିକ ଗଣମାଧ୍ୟମ ଓ ଖବରକାଗଜମାନଙ୍କୁ ପଠଉଛନ୍ତି ସେମାନଙ୍କୁ ପ୍ରଶଂସା ନ କରି ରହିହେବନି। ଇସ୍ରାଏଲ, ଇରାନ, କୁଏତ, କ୍ୱାତାର, ସାଉଦି ଆରବ ଓ ଦୁବାଇ ସ୍ଥିତ ଆମେରିକୀୟ ସାମରିକ ଘାଟିମାନଙ୍କ ଉପରେ ବୋମା ଓ ମିସାଇଲ ମାଡ଼ରେ ଯେଉଁ କ୍ଷୟକ୍ଷତି ହୋଇଛି ତଥା ଧ୍ୱଂସସ୍ତୂପରେ ପରିଣତ ହୋଇଥିବା ସେହି ଐଶ୍ୱର୍ଯ୍ୟମୟ ସହରମାନଙ୍କର ପ୍ରତ୍ୟକ୍ଷଦର୍ଶୀ ବିବରଣୀ ଦୁଃସାହସିକ ସାମ୍ବାଦିକମାନେ ପ୍ରତିଦିନ ନିଜ ନିଜ ଜୀବନକୁ ବିପଦରେ ପକେଇ ଗଣମାଧ୍ୟମକୁ ପଠଉଛନ୍ତି।

ଜର୍ଜ ବୁଶ ଆମେରିକାର ରାଷ୍ଟ୍ରପତି ଥିଲା ବେଳେ ୨୦୦୨ ମସିହାରେ ଆମେରିକାର ପ୍ରତିରକ୍ଷା ବିଭାଗ (ପେଣ୍ଟାଗନ)ରେ କାର୍ଯ୍ୟରତ ଜନୈକ ପ୍ରତିରକ୍ଷା ବିଶେଷଜ୍ଞ ଓ ଉପ ସଚିବ ଭିକ୍ଟୋରିଆ କ୍ଲାର୍କ ଏହି ‘ଏମ୍ବେଡେଡ ଜର୍ଣ୍ଣାଲିଷ୍ଟ’ ଶବ୍ଦକୁ ସୃଷ୍ଟି କରିଥିଲେ ଏବଂ ଏହା ଅତିଶୀଘ୍ର ଜନପ୍ରିୟ ହୋଇଥିଲା। ୨୦୦୩ ମସିହାରେ ଆମେରିକାର ଇରାକ ଆକ୍ରମଣ ସମୟରେ ଯୁଦ୍ଧ କ୍ଷେତ୍ରରୁ ପ୍ରତ୍ୟକ୍ଷଦର୍ଶୀ ବିବରଣୀ ପ୍ରେରଣ କରିବା ପାଇଁ ଆମେରିକାର ପ୍ରତିରକ୍ଷା ବିଭାଗ ଆଗଧାଡ଼ିର ସାମ୍ବାଦିକମାନଙ୍କ ସହ ଏକ ବୁଝାମଣାପତ୍ର ସ୍ୱାକ୍ଷର କରିଥିଲା। ଏହି ସାମ୍ବାଦିକମାନେ ଏକ ସାମରିକ ୟୁନିଟ (ଏକ କମ୍ପାନୀ -୧୦୦/୨୦୦ ସୈନ୍ୟଠାରୁ ଏକ ବାଟାଲିଅନ-୫୦୦/୭୦୦ ସୈନ୍ୟ) ସହ ନିୟୋଜିତ ହୋଇଥା’ନ୍ତି। କିନ୍ତୁ କୌଣସି ଗୁରୁତ୍ୱପୂର୍ଣ୍ଣ ଓ ସମ୍ବେଦନଶୀଳ ସାମରିକ ତଥ୍ୟ ସେମାନେ ପ୍ରେରଣ କରି ପାରିବେନି।

ସେ ଯା ହେଉ ଆମେରିକା ସରକାର ଏହିପ୍ରକାର ଯୁଦ୍ଧ ରିପୋର୍ଟିଂ ପାଇଁ ଶୃଙ୍ଖଳିତ ବ୍ୟବସ୍ଥା କରିବାର ବହୁପୂର୍ବରୁ ଯୁଦ୍ଧ କ୍ଷେତ୍ରରୁ ପ୍ରତ୍ୟକ୍ଷଦର୍ଶୀ ବିବରଣୀ ଅନେକ ଦୁଃସାହସିକ ସାମ୍ବାଦିକମାନେ ପ୍ରେରଣ କରିଆସୁଛନ୍ତି। ‘ଦି ଲଣ୍ଡନ ଟାଇମସ’ର ସ୍ୱତନ୍ତ ସାମ୍ବାଦିକ ଉଇଲିୟମ ହୋୱାର୍ଡ ରସେଲ ପୃଥିବୀର ପ୍ରଥମ ଯୁଦ୍ଧ ସାମ୍ବାଦିକ ବା ରିପୋର୍ଟର ଥିଲେ ଯେ କି ବ୍ରିଟିଶ ସାମରିକ ବାହିନୀ ସହ କାର୍ଯ୍ୟ କରୁଥିଲେ। ସେ କ୍ରିମିଆ ଯୁଦ୍ଧ(୧୮୫୩ - ୧୮୫୬)ର ତଥ୍ୟ ନିଜ ଜୀବନକୁ ବିପଦରେ ପକେଇ ସଂଗ୍ରହ କରିଥିଲେ। ଏହିଠାରୁ ଗଣମାଧ୍ୟମ ଜଗତରେ ଦୁଃସାହସିକ ସାମ୍ବାଦିକତା ଆରମ୍ଭ ହୋଇଥିଲା। କେତେକ ନିର୍ଭୀକ ଆଗଧାଡ଼ିର ଯୁଦ୍ଧ ରିପୋର୍ଟରଙ୍କ ଅବଦାନ ଦୁନିଆ ଭୁଲି ପାରିବନି।

ସର୍ବପ୍ରଥମେ ଏରନି ପାଇଲ(୧୯୦୦- ୧୯୪୫)ଙ୍କ ବିଷୟରେ ଆଲୋଚନା କରିବା। ସେ ଆମେରିକାର ସ୍କ୍ରିପ୍ସ ହୋୱାର୍ଡ ନିଉଜ ସିଣ୍ଡିକେଟ ଅଧୀନରେ କାର୍ଯ୍ୟ କରୁଥିଲେ ଏବଂ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ତଥ୍ୟ ସଂଗ୍ରହ କଲା ବେଳେ ଶତ୍ରୁପକ୍ଷଙ୍କ ଗୁଳିରେ ୧୯୪୫ ମସିହାରେ ନିହତ ହୋଇଥିଲେ। ଆମେରିକୀୟ ସାମ୍ବାଦିକା ମାର୍ଥା ଗେଲହୋର୍ନ (୧୯୦୮-୧୯୯୮) କୋଲିଏରସ ୱିକଲି ପତ୍ରିକା ପାଇଁ କାର୍ଯ୍ୟ କଲା ବେଳେ ୬୦ ଓ ୭୦ ଦଶକରେ ଘଟିଥିବା ଆରବ-ଇସ୍ରାଏଲ ଯୁଦ୍ଧ ତଥା ୧୯୫୫ ସାଲରୁ ପ୍ରାୟ କୋଡ଼ିଏ ବର୍ଷ ଧରି ଚାଲିଥିବା ଆମେରିକା-ଭିଏତନାମ ଯୁଦ୍ଧରେ ମଧ୍ୟ ସେ ସମ୍ବେଦନଶୀଳ ଯୁଦ୍ଧ ତଥ୍ୟ ସଂଗ୍ରହ କରି ସମସ୍ତଙ୍କୁ ଚକିତ କରି ଦେଇଥିଲେ। ସେହିପରି ମାର୍ଗାରିଟ ହିଗିନସ (ନିଉୟର୍କ ହେରାଲଡ୍ ଟ୍ରିବ୍ୟୁନ), ପିଟର ବାରନେଟ(ଆସୋସିଏଟେଡ ପ୍ରେସ), ମେରି କଲଭିନ (ସଣ୍ଡେ ଟାଇମସ), ଡେଭିଡ ହାଲବେରଷ୍ଟ୍ରାମ (ନିଉୟର୍କ ଟାଇମସ), ଟିମ ଜୁଦା (ଟାଇମସ ଲଣ୍ଡନ) ପ୍ରମୁଖ ସାମ୍ବାଦିକମାନେ ଶ୍ରୀଲଙ୍କା, ସିରିଆ, ମଧ୍ୟପ୍ରାଚ୍ୟ, ୟୁକ୍ରେନ, ଚେଚନିଆ ପରି ଯୁଦ୍ଧରେ ତଥ୍ୟ ସଂଗ୍ରହ କରି ନିଜର ସାହସିକତା ପ୍ରଦର୍ଶନ କରିଥିଲେ।

ଏଠାରେ ସ୍ମରଣ କରାଯାଇପାରେ ଯେ ଅନେକ ସାମ୍ବାଦିକ କର୍ତ୍ତବ୍ୟରତ ଅବସ୍ଥାରେ ଉଗ୍ରପନ୍ଥୀମାନଙ୍କର ଆତଙ୍କର ଶିକାର ହୋଇଛନ୍ତି। ଆସୋସିଏଟେଡ ପ୍ରେସର ଜଣେ କର୍ତ୍ତବ୍ୟନିଷ୍ଠ ସାମ୍ବାଦିକ ଟେରୀ ଅଣ୍ଡରସନ ୧୯୮୫ ରୁ ୧୯୯୧ ମସିହା ପର୍ଯ୍ୟନ୍ତ ଲେବାନନର ହେଜବୋଲା ଆତଙ୍କବାଦୀଙ୍କ ଦ୍ୱାରା ଅପହୃତ ଓ ପଣବନ୍ଦୀ ରୂପେ ଥିଲେ। ସେହିପରି ଆମେରିକାର ୱାଲଷ୍ଟ୍ରିଟ ଜର୍ଣ୍ଣାଲ୍‌ର ସାମ୍ବାଦିକ ଡାନିଏଲ ପର୍ଲଙ୍କୁ ୨୦୦୨ରେ ଅଲକାଏଦା, ଜେମସ ଫଲେ ଓ ଜନ କାଣ୍ଟିଲେଙ୍କୁ ଆଇଏସ୍‌ଆଇଏସ୍ ଆତଙ୍କବାଦୀ ମାନେ ୨୦୧୨ ମସିହାରେ ଓ ଷ୍ଟିଭେନ ସଟଲଫଙ୍କୁ ୨୦୧୩ରେ ଅପହରଣ କରି ନେଇଥିଲେ। ଏଥିରୁ ଅନୁମିତ ହୁଏ ଯୁଦ୍ଧ ତଥ୍ୟ ସଂଗ୍ରହ କରିବା ପାଇଁ ସାମ୍ବାଦିକ ଯେଉଁ ସାହସ ଦେଖାଉଛନ୍ତି ତାହା ଅବିଶ୍ୱସନୀୟ। ସେମାନଙ୍କ ଏହି ଅତୁଳନୀୟ ଅବଦାନ ପାଇଁ ଜଗତ ତାଙ୍କୁ ସର୍ବଦା ସଲାମ କରେ। ●

(ଅବସରପ୍ରାପ୍ତ ଅଧ୍ୟକ୍ଷ)
ଭୁବନେଶ୍ୱର, ମୋ: ୯୪୩୭୬୪୩୪୧

# ଶ୍ୱାନ ମନ୍ଦିର

**ଓଜସ୍ୱିନୀ**

## ବିଚିତ୍ର ବିଶ୍ୱାସ

*ପୂର୍ବପ୍ରକାଶିତ ଉତ୍ତାରୁ...*

ଏହା ବ୍ୟତୀତ କର୍ଣ୍ଣାଟକର ରାମନଗର(ରାମଗୀରି) ଜିଲ୍ଲାସ୍ଥିତ ଚିନ୍ନପଟନା ଗ୍ରାମ ନିକଟସ୍ଥ ଅଗ୍ରହାର ଭଲ୍ଲଗେରହଲି ଗାଁରେ ଗୋଟିଏ କୁକୁର ମନ୍ଦିର ଅଛି। କନ୍ନଡ଼ ଭାଷାରେ ‘ନାଇ ଦେବସ୍ଥାନମ୍’ ନାମରେ ପରିଚିତ ଏହି ମନ୍ଦିରରେ ଅନେକ କୁକୁରଙ୍କର ମୂର୍ତ୍ତି ରହିଛି। ଲୋକମାନଙ୍କର ବିଶ୍ୱାସ ରହିଛି ଯେ, କୁକୁରମାନେ ହେଉଛନ୍ତି ପ୍ରାକୃତିକ ଓ ଅଲୌକିକ ଶକ୍ତିର ଅଧିକାରୀ। ସେମାନେ ସବୁବେଳେ ନକାରାତ୍ମକ ଓ ଦୁଷ୍ଟ ଶକ୍ତିଠାରୁ ଲୋକମାନଙ୍କୁ ରକ୍ଷା କରିଥା’ନ୍ତି। ତେଣୁ ସେମାନଙ୍କର ପୂଜା କଲେ କୌଣସି ନକାରାତ୍ମକ ଶକ୍ତି ଘରେ ପ୍ରବେଶ କରିବ ନାହିଁ। ସେମାନେ ମଧ୍ୟ ଗାଁର ରକ୍ଷାକର୍ତ୍ତା। ଏହି ନିଆରା ମନ୍ଦିରରେ କୁକୁରମାନଙ୍କୁ ଦେବୀ କେମ୍ପମ୍ମାଙ୍କ ରକ୍ଷକ ଭାବେ ଜଣାଯାଏ।

ଗାଜିଆବାଦ୍ ନିକଟସ୍ଥ ଚିପିୟାନା ଗାଁରେ କୁକୁରର ଗୋଟିଏ ସମାଧି ରହିଛି। ଏହି ସମାଧି ନିକଟରେ ଗୋଟିଏ ଛୋଟ ଜଳାଶୟ ରହିଛି। ସ୍ଥାନୀୟ ଲୋକଙ୍କର ବିଶ୍ୱାସ ଅଛି ଯେ, କାହାକୁ କୁକୁର କାମୁଡ଼ିଥିଲେ, ଉକ୍ତ ସମାଧି ନିକଟରେ ପୂଜା କରି ଜଳାଶୟରେ ସ୍ନାନ କଲେ ଆରୋଗ୍ୟ ଲାଭ ହୋଇଥାଏ। ତେଣୁ ଲୋକମାନେ ଏହି ସମାଧିରେ ପ୍ରତିଦିନ ବିଧିବିଧାନର ସହ ପୂଜାର୍ଚ୍ଚନା କରିଥା’ନ୍ତି। ସେହିପରି ସିକନ୍ଦରାବାଦ୍‌ଠାରେ ୧୦୦ବର୍ଷରୁ ଅଧିକ ପୁରୁଣା ସମୟର ଗୋଟିଏ କୁକୁରର କବର ରହିଛି, ଯେଉଁଠି ଲୋକମାନେ ପ୍ରତିଦିନ ପୂଜା କରିବା ସହିତ ଭୋଗ ଅର୍ପଣ କରନ୍ତି। ହୋଲି ଓ ଦୀପାବଳିରେ ଏଠାରେ ଏକ ବଡ଼ ମେଳାର ଆୟୋଜନ ହୋଇଥାଏ। ନବରାତ୍ରି ସମୟରେ ଏଠାରେ ବିଶାଳ ଅନ୍ନଛତ୍ରର ଆୟୋଜନ ମଧ୍ୟ ହୁଏ। ବିଶ୍ୱାସ ରହିଛି ଯେ, ଏହି କବର ନିକଟରେ ପୂଜାର୍ଚ୍ଚନା କରି କୁକୁରର (କୁକୁର ମୂର୍ତ୍ତି) ଗୋଡ଼ରେ କଳା ଫିତା ବାନ୍ଧି ମାନସିକ କଲେ ଖୁବ୍ ଶୀଘ୍ର ପୂରଣ ହୋଇଯାଏ। ତେଣୁ ଦୂରଦୂରାନ୍ତରୁ ଲୋକମାନେ ମନସ୍କାମନା ପୂର୍ଣ୍ଣ କରିବାକୁ ଏଠାକୁ ଆସିଥା’ନ୍ତି। ପ୍ରଚଳିତ ଜନଶ୍ରୁତି ଅନୁସାରେ ଏହି ଶ୍ୱାନକବର ଜଣେ ସାଧୁ ଲଟୁରିୟା ବାବାଙ୍କ ସହିତ ସମ୍ପର୍କିତ। ସାଧୁ ଏଠାରେ ବହୁବର୍ଷ ତପସ୍ୟା କରି ଦେହତ୍ୟାଗ କରିଥିଲେ। ତାଙ୍କ ପାଖରେ ଥିବା ଗୋଟିଏ କୁକୁର ଏକଥା ଜାଣିପାରି ନିମିଷକେ ମଧ୍ୟରେ ନିଜର ପ୍ରାଣତ୍ୟାଗ କରିଥିଲା। ସେହିଦିନଠାରୁ କୁକୁରଟିକୁ ସିଦ୍ଧ ଭାବି ଲୋକମାନେ ତା’ ପାଇଁ ଗୋଟିଏ କବର ନିର୍ମାଣ କରି ପୂଜାର୍ଚ୍ଚନା ଆରମ୍ଭ କରିଥିଲେ।

ଝାନ୍‌ସୀସ୍ଥିତ ମଉରାଣୀପୁର ତହସିଲ୍ ଅନ୍ତର୍ଗତ କକବାରା ଓ ରେବାନ୍ ନାମକ ଦୁଇଟି ଗାଁର ସୀମାନ୍ତ ଅଞ୍ଚଳରେ ମଧ୍ୟ ଏକ ନିଆରା ଶ୍ୱାନ ମନ୍ଦିର ରହିଛି, ଯେଉଁଠି ଲୋକମାନେ ମାଇ କୁକୁରର ମୂର୍ତ୍ତିକୁ ଶ୍ୱାନଦେବୀ ଭାବେ ବିଧିବଦ୍ଧ ପୂଜାର୍ଚ୍ଚନା କରୁଛନ୍ତି। ‘କୁତିୟା ମହାରାଣୀ ମାତା’ ନାମରେ ଖ୍ୟାତ ଏହି ମନ୍ଦିରରେ ଜଣେ ବିଶେଷ ପୂଜାରୀ ଅଛନ୍ତି, ଯିଏକି ପ୍ରତିଦିନ ପୂଜା କରିବା ସହିତ ଭୋଗ ଅର୍ପଣ କରିଥା’ନ୍ତି। ମନ୍ଦିରର ନିର୍ମାଣ ପଛରେ ଥିବା କାହାଣୀ ଅନୁସାରେ ଗୋଟିଏ ମାଇ କୁକୁର କକବାରା ଓ ରେବାନର ଗ୍ରାମବାସୀଙ୍କର ବହୁତ ବିଶ୍ୱସ୍ତ ଥିଲା। ମୃତ୍ୟୁ ହେବା ପରେ କୁକୁରଟିକୁ ଏହି ଦୁଇ ଗ୍ରାମର ସୀମାରେ ପୋତି ଦିଆଗଲା। କିଛିଦିନ ପରେ କୁକୁରର ଶବଟି ଗୋଟିଏ ପଥର ପାଲଟିଗଲା। ଏହି ଅଲୌକିକତା ଦେଖିବା ପରେ ସେହି କବରରେ ଗ୍ରାମବାସୀ ମନ୍ଦିର ନିର୍ମାଣ କରି ପୂଜାର୍ଚ୍ଚନା ଆରମ୍ଭ କଲେ। ମନ୍ଦିରରେ ଗୋଟିଏ କଳା ମାଇ କୁକୁରର ମୂର୍ତ୍ତି ନିର୍ମାଣ କରାଯାଇଛି ଏବଂ ମନ୍ଦିର ସମ୍ମୁଖ ଦ୍ୱାରରେ ‘ଜୟ କୁତିୟା ମହାରାଣୀ ମା’ ବୋଲି ଲେଖାଯାଇଛି। ମହିଳାମାନେ ପରିବାରର ମଙ୍ଗଳକାମନା କରି ପ୍ରତିଦିନ ଏହି ମନ୍ଦିରରେ ପୂଜାର୍ଚ୍ଚନା କରିବା ସହିତ ଜଳ ଅର୍ପଣ କରିଥା’ନ୍ତି। ଏହାଦ୍ୱାରା ନକାରାତ୍ମକ ଶକ୍ତିର ପ୍ରଭାବ ରହେ ନାହିଁ ବୋଲି ବିଶ୍ୱାସ କରାଯାଏ।

ବିଦେଶରେ ମଧ୍ୟ ଅନେକ କୁକୁର ମନ୍ଦିର ରହିଛି। ତାଇୱାନ୍‌ର ଶ୍ୱାନ ମନ୍ଦିର ‘ଏଇଟିନ୍ କିଙ୍ଗ ଟେମ୍ପୁଲ୍’, ଥାଇଲାଣ୍ଡର ଶ୍ୱାନ ମନ୍ଦିର ‘ୱାଟ୍’ର ବିଶେଷ ମହତ୍ତ୍ୱ ଅଛି। ନେପାଳରେ ‘କୁକୁର ତିହାର’ ନାମକ ଏକ ପର୍ବ ପାଳନ କରାଯାଏ, ଯେଉଁଥିରେ କୁକୁରମାନଙ୍କୁ ପୂଜାର୍ଚ୍ଚନା କରିବାର ପରମ୍ପରା ଅଛି। ଜାପାନରେ ମଧ୍ୟ କୁକୁରଙ୍କ ପୂଜାର୍ଚ୍ଚନା ପାଇଁ ‘ଇନୁ ଜିନ୍‌ଜା’ ଓ ‘କନ୍‌ତସୁଜି’ ଭଳି ଅନେକ ମନ୍ଦିର ରହିଛି, ଯେଉଁଠି ଲୋକମାନେ ପରିବାରର ମଙ୍ଗଳ କାମନା କରି କୁକୁର ଆକୃତିର ଏକ ତାବିଜ୍ ପ୍ରସ୍ତୁତ କରିଥା’ନ୍ତି। ଜାପାନର ଅନ୍ୟ ମନ୍ଦିରର ପ୍ରବେଶ ଦ୍ୱାରରେ ସିଂହ-କୁକୁର ସମ୍ମିଳିତ ପ୍ରତିମା ସ୍ଥାପନ କରାଯାଏ, ଯାହାକୁ ‘କୋମାଇନୁ’ କୁହାଯାଏ। ଏହି ପ୍ରତିମା ଦୁଷ୍ଟଆତ୍ମା ଓ ନକାରାତ୍ମକ ଶକ୍ତିଠାରୁ ସୁରକ୍ଷା ପ୍ରଦାନ କରିଥାଏ।(ସମାପ୍ତ) ●

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. ‘ସକାଳ’ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. ‘ସକାଳ’କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୁନ ୧୫ ଦିନ ରହିବ।
୭. ‘ସକାଳ’ ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ ‘ସକାଳ’ ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ ‘ସକାଳ’ କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ଚାଲାଣ ବେଳେ ୭୬୧ କଇଁଛ ଜବତ



କାଲିମେଳା, ୨୩।୪(ସମିସ): ମାଲକାନଗିରି ଜିଲ୍ଲା ମୋଟୁ ବନ ବିଭାଗ ମୋଟୁ ଚେକ୍‌ପୋଷ୍ଟରେ ଚଢ଼ଉ କରି ୭୬୧ଜୀବନ୍ତ କଇଁଛ ଉଦ୍ଧାର କରିବା ସହ ଡ୍ରାଇଭରକୁ ଗିରଫ କରିଛି। ବନ ବିଭାଗ ସୂଚନାନୁସାରେ, ଜବତ କଇଁଛଗୁଡ଼ିକର ମୋଟ ଓଜନ ପ୍ରାୟ ୨୩୦୫ କେଜି। ଏହାର ଆନୁମାନିକ ବଜାର ମୂଲ୍ୟ ପ୍ରାୟ ୭ଲକ୍ଷ ଟଙ୍କା ବୋଲି ଅନୁମାନ କରାଯାଇଛି। ବେଆଇନ ବନ୍ୟଜନ୍ତୁ ଚୋରା ଚାଲାଣ ସମ୍ବନ୍ଧରେ ବିଶେଷ ସୂଚନା ପାଇବା ପରେ ମୋଟୁ ବନବିଭାଗ ଆନ୍ଧ୍ରପ୍ରଦେଶରୁ ଓଡ଼ିଶାକୁ ଆସୁଥିବା ଏକ ସନ୍ଦେହଜନକ

## ଡ୍ରାଇଭର ଗିରଫ

ବୋଲେରୋକୁ ଅଟକାଇ ଯାଞ୍ଚ କରିବା ପରେ ଗାଡ଼ି ଭିତରୁ ଏତେଗୁଡ଼ିଏ କଇଁଛ ମିଳିଥିଲା। ଫଳରେ ବନ ବିଭାଗ ତୁରନ୍ତ ଡ୍ରାଇଭର୍ ସହ ଗାଡ଼ିକୁ ଜବତ କରିଥିଲା। ସୂଚନା ମୁତାବକ, କଇଁଛଗୁଡ଼ିକ ମୋଟୁ ଥାନା ଅଞ୍ଚଳର ଏମ୍‌ପିଭି ୮୩ ଗ୍ରାମର ଶକ୍ତିପଦ ଗାଇନଙ୍କ ପାଖକୁ ପଠାଯାଉଥିଲା। ମୁଖ୍ୟ ଅଭିଯୁକ୍ତ ଶକ୍ତିପଦ ଗିରଫଦାରୀ ଭୟରେ କେଉଁଆଡ଼େ ଫେରାର୍ ହୋଇଯାଇଥିବା ସୂଚନା ମିଳିଛି। ଅଭିଯୁକ୍ତଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଉଥିବା ମୋଟୁ ଫରେଷ୍ଟର୍ ମୁରୁଲୀଧର ଅନୁଗୁଳିଆ କହିଛନ୍ତି।

**ବ୍ୟାଙ୍କ ଠକେଇ ମାମଲାରୁ ବର୍ତ୍ତିବା ପାଇଁ ଅଦାଲତଙ୍କ ଆଦେଶନାମା ଜାଲିଆତି ଘଟଣା**

# ଅଭିଯୁକ୍ତକୁ ଗିରଫ କଲା କ୍ରାଇମବ୍ରାଞ୍ଚ

କଟକ, ୨୩।୪ (ସମିସ): ବ୍ୟାଙ୍କ ଠକେଇ ମାମଲାରୁ ବର୍ତ୍ତିବା ପାଇଁ ଅଦାଲତଙ୍କ ଜାଲ ଆଦେଶନାମା ପ୍ରସ୍ତୁତ କରିବା ସହ ବିଭିନ୍ନ ଠକେଇ ଘଟଣାରେ ସମ୍ପୃକ୍ତ ଜଣେ ଅଭ୍ୟାସଗତ ଅପରାଧିକୁ ଗିରଫ କରିଛି କ୍ରାଇମବ୍ରାଞ୍ଚ । ଗିରଫ ଅଭିଯୁକ୍ତ ଜଣକ ହେଉଛି କୋରାପୁଟ ଜିଲ୍ଲା ଜୟପୁର ଅଞ୍ଚଳର ପ୍ରସନ୍ନ କୁମାର ପାତ୍ର । କ୍ରାଇମବ୍ରାଞ୍ଚ ଟିମ୍ କଟକ ବାରଙ୍ଗ ଥାନା ଅନ୍ତର୍ଗତ ତ୍ରିଶୁଳିଆରେ ଥିବା ଏକ ଭଡ଼ା ଘରୁ ପ୍ରସନ୍ନକୁ ଗିରଫ କରିଛି। ଏହି କ୍ରାଇମବ୍ରାଞ୍ଚ ଥାନାରେ ଗତ ୨୦୨୮ ରେ ଆଇପିସିର ଧାରା ୪୬୫, ୪୬୭ ଓ ୪୭୧ ଅନୁଯାୟୀ ରୁଜୁ ମାମଲାରେ ଅଭିଯୁକ୍ତକୁ ଗିରଫ କରାଯାଇଛି। ପ୍ରସନ୍ନ ନିଜ ଝିଅ ଅମୃତା ପ୍ରିୟଦର୍ଶିନୀ ପାତ୍ରଙ୍କୁ ଏକ ବ୍ୟାଙ୍କ ଠକେଇ ମାମଲାରୁ ବଞ୍ଚାଇବା ପାଇଁ ଓଡ଼ିଶା ଉଚ୍ଚ ନ୍ୟାୟାଳୟଙ୍କ ଏକ ନକଲି ବା ଜାଲ୍ ନିର୍ଦ୍ଦେଶନାମା ପ୍ରସ୍ତୁତ କରିଥିଲେ। ପ୍ରସନ୍ନ ଜଣେ ଅଭ୍ୟାସଗତ ଅପରାଧୀ ବୋଲି କ୍ରାଇମବ୍ରାଞ୍ଚ ପକ୍ଷରୁ କୁହାଯାଇଛି । ସେ ପୂର୍ବରୁ ମାଲଖାନା କିରାଣି ଭାବେ କାର୍ଯ୍ୟ କରୁଥିବା ସମୟରେ ସରକାରୀ ପାଣ୍ଠି ହେରଫେର, ବିଶ୍ୱାସଘାତକତା ଏବଂ ଜାଲିଆତି ଅଭିଯୋଗରେ ଛନ୍ଦି ହୋଇଥିଲେ। ସେହିଭଳି ୧୯୯୩ ମସିହାର କୋରାପୁଟ ଜିଲ୍ଲା ଜୟପୁର ଟାଉନ ଥାନାରେ ରୁଜୁ ଏକ ଠକେଇ ମାମଲାରେ ଦୋଷୀ ସାବ୍ୟସ୍ତ ହୋଇ ୩ ବର୍ଷ ଜେଲ୍ ଦଣ୍ଡ ଭୋଗିଛନ୍ତି। ତାଙ୍କ ବିରୋଧରେ ଅର୍ଥନୈତିକ ଅପରାଧ ଶାଖାରେ ମଧ୍ୟ ଏକ ଜାଲିଆତି ମାମଲା ବି ରହିଛି। ଅଭିଯୁକ୍ତ ଜଣକ ଆଇନଗତ କାର୍ଯ୍ୟାନୁଷ୍ଠାନରୁ ବର୍ତ୍ତିବା ପାଇଁ ବାରମ୍ବାର କୋର୍ଟଙ୍କ ଜାଲ୍ କାଗଜପତ୍ର ପ୍ରସ୍ତୁତ କରୁଥିଲେ। ବର୍ତ୍ତମାନ ଏହି ଘଟଣାରେ ଅଧିକ ତଦନ୍ତ ଜାରି ରହିଛି ବୋଲି କ୍ରାଇମବ୍ରାଞ୍ଚ ପକ୍ଷରୁ ସୂଚନା ଦିଆଯାଇଛି।

# ସିସୋର୍ ଚିଟ୍‌ଫଣ୍ଡ ମାମଲା: ସିବିଆଇକୁ ଜବାବ ଦାଖଲ ନିର୍ଦ୍ଦେଶ

କଟକ, ୨୩।୪ (ସମିସ): ସ୍ୱତନ୍ତ୍ର ସିବିଆଇ ଅଦାଲତରେ ବିଚାରାଧୀନ ସିସୋର୍ ଚିଟ୍‌ଫଣ୍ଡ ମାମଲାକୁ ରଦ୍ଦ କରିବା ପାଇଁ ପ୍ରାର୍ଥନା କରି ପୁଣିଥରେ ପୂର୍ବତନ ବିଧାୟକ ପ୍ରଭାତ ବିଶ୍ୱାଳ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ହାଇକୋର୍ଟ ଆଜି ମାମଲାର ପ୍ରାରମ୍ଭିକ ଶୁଣାଣି କରି ତଦନ୍ତକାରୀ ସଂସ୍ଥା ସିବିଆଇକୁ ନୋଟିସ୍ ଜାରି କରିଛନ୍ତି। ଏଥିସହ ମାମଲାରେ ସିବିଆଇକୁ ପକ୍ଷ ରଖିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଶ୍ରୀ ବିଶ୍ୱାଳଙ୍କ ତରଫରୁ ରୁଜୁ ଆବେଦନର ଶୁଣାଣି କରି ଡ. ଜଷ୍ଟିସ୍ ସଂଜୀବ କୁମାର ପାଣିଗ୍ରାହୀ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଏହି ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ଜୁନ୍ ୨୩କୁ ଧାର୍ଯ୍ୟ କରାଯାଇଛି। ପ୍ରକାଶଥାଉକି ପୂର୍ବରୁ ମଧ୍ୟ ସିବିଆଇ ଅଦାଲତରେ ବିଚାରାଧୀନ ମାମଲାକୁ ରଦ୍ଦ କରିବା ପାଇଁ ପ୍ରାର୍ଥନା କରି ପ୍ରଭାତ ହାଇକୋର୍ଟରେ ଏକ ମାମଲା ଦାୟର କରିଥିଲେ। ହାଇକୋର୍ଟ ତାହାକୁ ଅଗ୍ରାହ୍ୟ କରି ଏହି ମାମଲାର ବିଚାର ଏକ ବର୍ଷ ମଧ୍ୟରେ ଶେଷ କରିବାକୁ ପୂର୍ବରୁ ନିର୍ଦ୍ଦେଶ ଦେଇଥିଲେ। ହାଇକୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ନିମ୍ନ ଅଦାଲତରେ ଏହି ମାମଲା ଦୁଇ ବର୍ଷରୁ ଅଧିକ ସମୟ ଧରି ପଡ଼ି ରହିଛି। ଦୀର୍ଘ ସମୟ ଧରି ମାମଲା ସମାଧାନ ହୋଇପାରୁ ନଥିବାରୁ ଏହାକୁ ରଦ୍ଦ କରିବାକୁ ଆବେଦନକାରୀ ଯୁକ୍ତି ଦର୍ଶାଇଛନ୍ତି। ସିସୋର୍ ଚିଟ୍‌ଫଣ୍ଡ ଦୁର୍ନୀତି ମାମଲାରେ ଏକ ଜମି କାରବାରରେ ସଂପୃକ୍ତି ଅଭିଯୋଗରେ ଚୌଦ୍ୱାର-କଟକର ପୂର୍ବତନ ବିଧାୟକ ପ୍ରଭାତ ବିଶ୍ୱାଳଙ୍କୁ ଗତ ୨୦୧୭ ସେପ୍ଟେମ୍ବରରେ ଗିରଫ କରିଥିଲା ସିବିଆଇ। ଜୁନ୍ ୨୦୧୮ ରେ ହାଇକୋର୍ଟ ତାଙ୍କୁ ଜାମିନ ପ୍ରଦାନ କରିଥିଲେ। ଗତ ୨୦୨୨ଜୁନରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ମନି ଲଣ୍ଡରିଂ ଆକ୍ଟ ଅନୁଯାୟୀ ୩.୯୨ କୋଟି ଟଙ୍କାର ସମ୍ପତ୍ତି ଆଟାଚ୍ କରିଥିଲା। ଗତ ୨୦୨୩ରେ ପ୍ରଭାତ ଏବଂ ତାଙ୍କ ପତ୍ନୀ ଲକ୍ଷ୍ମୀ ବିଳାସିନୀ ବିଶ୍ୱାଳଙ୍କ ବିରୋଧରେ ଭୁବନେଶ୍ୱରସ୍ଥିତ ସିବିଆଇ କୋର୍ଟ ଚାର୍ଜଫ୍ରେମ୍ କରିଥିଲେ।

# ମେ' ୧୫ରୁ ଦ୍ୱିତୀୟ ସିବିଏସଇ ଦଶମ ବୋର୍ଡ ପରୀକ୍ଷା

ଭୁବନେଶ୍ୱର, ୨୩।୪ (ସମିସ): କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସଇ) ର ଦଶମ ଶ୍ରେଣୀ ପରୀକ୍ଷା ଫଳ ପ୍ରକାଶ ପାଇବା ପରେ ଦ୍ୱିତୀୟ ବୋର୍ଡ ପରୀକ୍ଷା ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ମେ' ୧୫ ତାରିଖରୁ ୨୧ ତାରିଖ ଯାଏଁ ଏହି ପରୀକ୍ଷା ଚାଲିବ। ଯେଉଁ ପରୀକ୍ଷାର୍ଥୀମାନେ ପ୍ରଥମ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବେ, ସେମାନେ ଯେକୌଣସି ତିନୋଟି ବିଷୟରେ ନମ୍ବର ବଢ଼ାଇବା ପାଇଁ ଏହି ପରୀକ୍ଷା ଦେଇପାରିବେ। ସକାଳ ସାଢ଼େ ୧୦ରୁ ସାଢ଼େ ୧ ଯାଏଁ ପରୀକ୍ଷା ଚାଲିବ। ଏହି ଦ୍ୱିତୀୟ ବୋର୍ଡ ପରୀକ୍ଷା ସମ୍ପୂର୍ଣ୍ଣ ଇଚ୍ଛାଧୀନ। ଗୋଟିଏ ବିଷୟରେ ମାର୍କ ବଢ଼ାଇବାକୁ ଚାହୁଁଥିବା ପ୍ରାର୍ଥୀମାନେ ଏହି ଇମ୍ପ୍ରୁଭମେଣ୍ଟ ପରୀକ୍ଷା ଦେଇପାରିବେ। ପ୍ରଥମ ଓ ଦ୍ୱିତୀୟ ପରୀକ୍ଷା ଦେବା ପରେ ଯେଉଁ ପରୀକ୍ଷାରେ ଛାତ୍ରଛାତ୍ରୀମାନେ ଭଲ ପ୍ରଦର୍ଶନ କରିଥିବେ ବା ଅଧିକ ମାର୍କ ରହିଥିବା ତାକୁ ହିଁ ଚୂଡ଼ାନ୍ତ ମାର୍କ ଭାବେ ଗଣନା କରାଯିବ। ପରୀକ୍ଷାର ପ୍ରଥମ ଦିନ ଗଣିତ ବିଷୟ ରହିଥିବାବେଳେ ୧୬ରେ ଇଂରାଜୀ, ୧୮ ରେ ବିଜ୍ଞାନ, ୧୯ ରେ ବିଭିନ୍ନ ଭାଷା ପରୀକ୍ଷା ଅନୁଷ୍ଠିତ ହେବ। ସେହିପରି ୨୦ ତାରିଖରେ ଚିତ୍ରକଳା, ସଂସ୍କୃତ, ସୂଚନା ଓ ପ୍ରଯୁକ୍ତି ବିଦ୍ୟା ଓ କୃତ୍ରିମ ବୁଦ୍ଧିମତା ପାଇଁ ପରୀକ୍ଷା ଥିବାବେଳେ ଶେଷ ଦିନ ଅର୍ଥାତ୍ ୨୧ତାରିଖରେ ସାମାଜିକ ବିଜ୍ଞାନ ବିଷୟର ପରୀକ୍ଷା ରହିଛି।

# ନେତାମାନେ ସାମ୍ବିଧାନିକ ପଦର ମର୍ଯ୍ୟାଦା ରଖନ୍ତୁ: ବିଜେଡି

ଭୁବନେଶ୍ୱର,୨୩।୪(ସମିସ): ରାଜ୍ୟରେ ବିଜେପି ସରକାର କ୍ଷମତାସୀନ ହେବା ପରେ ସାମ୍ବିଧାନିକ ପଦରେ ଥିବା ଦଳୀୟ ନେତାମାନେ ବାରମ୍ବାର ନିଜ ପଦ ମର୍ଯ୍ୟାଦାର ଉଲ୍ଲଙ୍ଘନ କରୁଛନ୍ତି। ଏଦିଗରେ ସେମାନେ ସତର୍କ ହେବା ସହ ପଦର ମର୍ଯ୍ୟାଦା ରଖିବାର ଆବଶ୍ୟକତା ରହିଛି ବୋଲି ପରାମର୍ଶ ଦେଇଛି ବିଜେଡି।

- ବାଚସ୍ପତିଙ୍କୁ ଗୋଟିଏ କାର୍ଯ୍ୟକ୍ରମରେ ଧକ୍କା ମରାଯିବା ତାଙ୍କ ପଦର ମର୍ଯ୍ୟାଦାକୁ କ୍ଷୁଣ୍ଣ କରିଛି
- ପଦ ମର୍ଯ୍ୟାଦା ରଖୁନାହାନ୍ତି ମହିଳା କମିସନ ଓ ଶିଶୁ କମିସନ ଦାୟିତ୍ୱରେ ଥିବା ନେତ୍ରୀ

ଗୁରୁବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଜୁ ଛାତ୍ର ଜନତା ଦଳର ସଭାନେତ୍ରୀ ଇପ୍ସିତା ସାହୁ ରାଜ୍ୟରେ ସାମ୍ବିଧାନିକ ପଦବୀରେ ଥିବା ବ୍ୟକ୍ତିମାନେ କିପରି ନିଜ ପଦ ମର୍ଯ୍ୟାଦାର ଉଲ୍ଲଙ୍ଘନ କରିଚାଲିଛନ୍ତି, ତାର ଅନେକ ଉଦାହରଣ ଉପସ୍ଥାପନ କରିଥିଲେ। ସେ କହିଥିଲେ ଯେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀଙ୍କ ଦ୍ୱାରା ଆୟୋଜିତ ହେଉଥିବା ଏକ ରାଲିରେ ବାଚସ୍ପତି ସୁରମା ପାଢ଼ୀଙ୍କୁ ଧକ୍କା ମରାଯାଇଥିବା ଦୃଶ୍ୟ ଭାଇରାଲ ହୋଇଥିଲା। ବାଚସ୍ପତି ପରି ଗରିମାମୟ ପଦବୀରେ ଅଧିଷ୍ଠିତ ଥିବାବେଳେ ଦଳୀୟ କାର୍ଯ୍ୟକ୍ରମ ଗୁଡିକରେ ଉପସ୍ଥିତି ତାଙ୍କ ପଦ ମର୍ଯ୍ୟାଦା ପ୍ରତି ଅସମ୍ମାନ। ଏହା ପୂର୍ବରୁ ମଧ୍ୟ ବିଜେପି କାର୍ଯ୍ୟାଳୟର କାର୍ଯ୍ୟକ୍ରମରେ ମଧ୍ୟ ତାଙ୍କର ଉପସ୍ଥିତିକୁ ନେଇ ପ୍ରଶ୍ନ ଉଠିଛି ।

ଅପରପକ୍ଷରେ ରାଜ୍ୟ ମହିଳା କମିସନ, ରାଜ୍ୟ ଶିଶୁ କମିସନ ଆଦି ସାମ୍ବିଧାନିକ ପଦରେ ନିଯୁକ୍ତ ବିଜେପି ନେତ୍ରୀମାନେ ମଧ୍ୟ ନିଜ ପଦ ମର୍ଯ୍ୟାଦା ରଖୁନାହାନ୍ତି ବୋଲି ଇପ୍‌ସିତା ଅଭିଯୋଗ କରିଛନ୍ତି। ଅନେକ ସମୟରେ ସେମାନଙ୍କୁ ଦଳୀୟ କାର୍ଯ୍ୟକ୍ରମରେ ଦେଖିବାକୁ ମିଳୁଛି । ନିକଟରେ ବ୍ରହ୍ମଗିରି ଅଞ୍ଚଳରେ ଜଣେ ୬ ବର୍ଷର ଶିଶୁକନ୍ୟା ଦୁଷ୍କର୍ମ ଶିକାର ହୋଇ ନ୍ୟାୟ ପାଇଁ ସଂଘର୍ଷ କରୁଥିବା ବେଳେ ବିଜୁ ଜନତା ଦଳର ଏକ ପ୍ରତିନିଧିମଣ୍ଡଳୀ ପୀଡ଼ିତାଙ୍କ ପରିବାରକୁ ଭେଟି ତାଙ୍କୁ ସାନ୍ତ୍ୱନା ପ୍ରଦାନ କରିଥିଲା ବେଳେ ରାଜ୍ୟ ଶିଶୁ କମିସନର ଓ ମହିଳା କମିସନ ସେହି




ସମୟରେ ବିଜେପି ଦ୍ୱାରା ଆୟୋଜିତ ଏକ ଦଳୀୟ ରାଲିରେ ଅଂଶଗ୍ରହଣ କରିଥିଲେ। ତେଣୁ ସାମ୍ବିଧାନିକ ପଦବୀରେ ଥିବା ନେତାମାନେ ଦଳୀୟ ରାଜନୀତିରୁ ଉର୍ଦ୍ଧ୍ୱରେ ରହି ଲୋକଙ୍କ ସମସ୍ୟା କିପରି ସମାଧାନ ହୋଇପାରିବ, ସେଥିନେଇ ଯତ୍ନବାନ ହୁଅନ୍ତୁ ବୋଲି ସେ ପରାମର୍ଶ ଦେଇଛନ୍ତି।

**■ ଆବେଦନ ପରେ ଦେଢ଼ ବର୍ଷ ହେଲା ହେଉନି ପ୍ରକ୍ରିୟା**

# ଜିଆର୍‌ଏସ୍ ନିଯୁକ୍ତି ଅପେକ୍ଷାରେ ୩ ଲକ୍ଷ ଆଶାୟୀ

ଭୁବନେଶ୍ୱର,୨୩।୪(ସମିସ): ୨୦୨୪ ଅଗଷ୍ଟ ମାସରେ ଗ୍ରାମ ରୋଜଗାର ସେବକ (ଜିଆର୍‌ଏସ୍) ନିଯୁକ୍ତି ପାଇଁ ସରକାର ସମସ୍ତ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହି ଅନୁସାରେ ପ୍ରାୟ ୨୫ଜିଲ୍ଲାରେ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ମାତ୍ର ବିଜ୍ଞପ୍ତି ପ୍ରକାଶ ପାଇବାର ଦୀର୍ଘ ଦେଢ଼ବର୍ଷରୁ ଅଧିକ ହେବ, ଏହି ନିଯୁକ୍ତିର କୌଣସି ଖୋଜଖବର ନାହିଁ। ଆଶାୟୀମାନେ ଆବେଦନ କରି ଦୀର୍ଘଦିନ ଅପେକ୍ଷା କରିବା ପରେ ଆଜି ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଭୁବନେଶ୍ୱରସ୍ଥିତ ମନରେଗା ମୁଖ୍ୟାଳୟ ସମ୍ମୁଖରେ ଧାରଣା ଦେବା ସହ ଶୀଘ୍ର ନିଯୁକ୍ତି ଦେବାକୁ ଦାବି କରିଛନ୍ତି।

ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଅଧୀନରେ ପ୍ରାୟ ୫୪୪୩ଟି ପଦ ଖାଲି ରହିଛି। ଜିଲ୍ଲାରେ ଖାଲି ଥିବା ପଦ ଅନୁଯାୟୀ ନିଯୁକ୍ତି ଦେବାକୁ ସରକାର ନିର୍ଦ୍ଦେଶ ଦେବା ପରେ ପ୍ରାୟ ୩ ଲକ୍ଷ ଆଶାୟୀ ଆବେଦନ କରିଛନ୍ତି। ଆବେଦନ ପତ୍ର ପୋଷ୍ଟାଲ ମାଧ୍ୟମରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ପଠାଇବା ପରଠାରୁ ନିଯୁକ୍ତି ପ୍ରକ୍ରିୟା ଅଟକି ରହିଛି। କାହିଁକି ନିଯୁକ୍ତି ପାଇଁ ପ୍ରକ୍ରିୟା କରାଯାଉ ନାହିଁ ବୋଲି ଆଶାୟୀମାନେ ପଚାରିଲେ ମଧ୍ୟ ଜିଲ୍ଲାସ୍ତରରେ କୌଣସି ସନ୍ତୋଷଜନକ ଉତ୍ତର ମିଳୁନାହିଁ। ଅହେତୁକ ବିଳମ୍ବର କାରଣ ସମ୍ପର୍କରେ ଅଧିକାରୀ ଓ ସରକାର କେହି ମୁହଁ ଖୋଲୁ ନଥିବା ବେଳେ ଆବେଦନ କରିଥିବା ପ୍ରାର୍ଥୀଙ୍କ ମଧ୍ୟରେ ଆଶଙ୍କା ବଢୁଛି। ସେମାନଙ୍କ ନିଯୁକ୍ତି ପ୍ରକ୍ରିୟା ହେବ ନା ନାହିଁ ଅନିଶ୍ଚିତତା ଦେଖାଦେଇଥିବା ବେଳେ ହତାଶା ଓ ମାନସିକ ଚାପଗ୍ରସ୍ତ ହୋଇ କାଳାତିପାତ କରୁଛନ୍ତି। ଆନ୍ଦୋଳନକାରୀଙ୍କ ଦାବି ହେଲା ସରକାର ନିଯୁକ୍ତି ନେଇ ସ୍ୱଷ୍ଟତା ଆଣନ୍ତୁ। ନିଯୁକ୍ତି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ତ୍ୱରିତ ପଦକ୍ଷେପ ନିଅନ୍ତୁ। ଅନ୍ୟଥା ଆଗକୁ ଆନ୍ଦୋଳନକୁ ଆହୁରି ତୀବ୍ର କରାଯିବ ବୋଲି ଚେତାବନୀ ଦେଇଛନ୍ତି।


## FOR SALE

1 Number of HCV – TATA LPT 4825/ 2022, Registration No.- OD-09-X-8887, Model- 2022, ENGINE NO – 22F64219708, CHASSIS NO - MAT820003N 1F17914, For Details, contact – 8895219438, SUNDARAM FINANCE LTD., 2ND FLOOR, PLOT NO 454 & amp; 518, NH-6, MADHAPUR, IN FRONT OF MOCHIBANDHA HIGH, SCHOOL, KEONJHAR, KENDUJHAR - 758001

## AFFIDAVIT

By virtue of an Affidavit before Notary Public, Malkangiri, I **Rakhi Mondal,** aged about 22 years, W/o: Sri Mahadev Mondal, resident of village: M.V-39, P.O: Saradapalli, P.S./ Dist: Malkangiri, Odisha, declare by this Affidavit No,: 1118, Date:21.04.2026 that I have changed my name Rakhi Shill to Rakhi Mondal, Henceforth I shall be know as Rakhi Mondal for all furuture purposes.

## AFFIDAVIT

By virtue of an affidavit sworn before in the Court of Executive Magistrate, Basudevpur. I, Srimanta Malik ,S/o- Ratnakar Malik,of Resident At/Po- Padhuan Ps- Basudevpur Dist-Bhadrak. Declared by Affidavit Sl No: - 1017, Dtd-28/04/2022, That, my actual name is SRIMANTA MALIK as per my Aadhar No-702xxxxxx109. But in my L.I.C. Policy No. 584311019, my name wrongly mentioned as SRINATH MALIK instead of SRIMANTA MALIK, S/o- Ratnakar Malik is same and one person for all future purposes.

## AFFIDAVIT

By virtue of an affidavit no.1164 before the Executive Magistrate, Phulbani, Kandhamal, dtd.23.04.2026, I, Pratap Bhukta, Village: Kasinipada, PO: Kasinipadar, PS: Phiringia, Dist: Kandhamal, hereby declare that my minor daughter's name has been changed from Manani Bhukta to Manini Bhukta for Aadhaar Card correction. Henceforth, she shall be known as **Manini Bhukta** for all purposes.

**Sd/- Pratap Bhukta**

## ସାର୍ବଜନୀନ ସୂଚନା

ଏହା ଦ୍ୱାରା ସାଧାରଣ ଲୋକଙ୍କୁ ସୂଚନା ଦିଆଯାଉଛି ଯେ State Environment Impact Assessment Authority (SEIAA), Odisha ଦ୍ୱାରା File No. ୫୪୮୪୫୧/ ୧୩୩-MINB୧/୦୮-୨୦୨୫, EC Identification No. EC୨୫C୩୮୦୧OR୫୬୩୬୬୬N ତାରିଖ ୩୦.୦୩.୨୦୨୬ ରେ "Royal Aikyam" ପ୍ରକଳ୍ପ (Plot No. ୨୮୫ & ୨୮୬, Mouza: Sipasurubuli, Tahasil: Puri, District: Puri, Odisha) ପାଇଁ Environmental Clearance (EC) ପ୍ରଦାନ କରାଯାଇଛି । ଏହି EC ପତ୍ରଟି State Pollution Control Board, Odisha ନିକଟରେ, Parivesh Portal (www.parivesh.nic.in) ରେ ଉପଲବ୍ଧ ଅଛି ଏବଂ କଂପାନୀର ପ୍ରକଳ୍ପ କାର୍ଯ୍ୟାଳୟରେ ମଧ୍ୟ ଉପଲବ୍ଧ ଅଛି ।

Sd/-
**M/s SJ JRG Ventures LLP**

**Office of District Manager** 7001/13/2627
**Odisha State Civil Supplies Corporation Ltd. (OSCSC)**
**JAJPUR (District)**
**Phone:** 9438200043
**District Website: http:// jajpur.odisha.gov.in**

Tender No. 1630 Dt.23.04.2026

District Manager, Odisha State Civil Supplies Corporation Ltd, Jajpur invites tender in Double Cover System through **Online Mode Only** for the works below.

| | | |
|---|---|---|
| 1 | Name of the Work | Selection and appointment (Labour works) for Handling of Food grains (Rice, Wheat etc.) at the RRCs in the of the State of Odihsa |
| 2 | Availability of bid documents in the portal | From Date **24.04.2026** at 04.00 P.M. |
| 3 | Last date / time for receipt of bids in the portal | Date. 07.05.2026 at 04.00 P.M |
| 4 | Date /time of opening of Technical | Date. 08.05.2026 at 11.00 A.M |
| 5 | Name and address of the Officer Inviting Tender | District Manager, OSCSC Ltd, Jajpur |

Tender Documents & other details can be seen from the e-procurement portal www.oscsc.in,www.foododisha.in & www.tendersodisha.gov.in along with district website. Amendments / corrigendum / cancellation / retenders etc. if any shall be published only in above websites.

OIPR-7001/7016/1/26-27/0001 **District Manager, OSCSC Ltd., Jajpur**

13001/291/2627
**ପୌର ପରିଷଦ ହିଞ୍ଜିଳିକାଟୁ**
**HINJILICUT MUNICIPAL COUNCIL**

ହିଞ୍ଜିଳିକାଟୁ, ଜିଲ୍ଲା- ଗଞ୍ଜାମ, ପିନ୍-୭୬୧୧୦୨
ଦୂରଭାଷ-୦୬୮୧୧-୨୮୦୦୨୫, ଟୋଲ ଫ୍ରି-୧୪୪୨୦
At-Hinjilicut, Dist.- Ganjam, Pin-761102
Contact: 06811-280025, Toll Free No.: 14420
Email-hinjilicutmunicipality@gmail.com
hinjilimunicipality@gmail.com

Letter No. 1389/2026 Date 23.04.2026

**QUOTATION CALL NOTICE**

Sealed quotations are invited from the Authorized dealers / Agencies / suppliers / manufactures for supply of following items for Hinjilicut Municipality.

The rate should be quoted against the item excluding taxes. The quotationer are essentially required to enclose their GST Clearance Certificate, PAN card, Aadhaar Card, Warranty / Guarantee Certificate. The quotationer shall be required to produce the original copy of the required document before the undersigned at the time of opening of quotation for verification.

The quotation paper will be available at the Cash Section on payment of Rs.1000/- (Non Refundable) from date: 27.04.2026, 7.00 A.M. to 05.05.2026, 1.00 P.M. in the Office hour except holidays. The quotation should receive on or before dt: 05.05.2026 at 1.00 P.M. on Tender Box / Speed post / Registered post and the same will be opened on dt: 06.05.2026 at 10.00 A.M. in presence of respective quotationers or their authorized representatives. In case of any excygency the opening time or date will be differ.

The Authority reserves the right to accept, cancel or reject any or all offers without assigning any reason thereof.

| Sl No | Description of Items | Unit Cost (Excluding GST) |
|---|---|---|
| 1 | Supply of integrated Traffic Management System with CC TV surveylance. | |

OIPR-13001/13105/1/26-27/0001 **Executive Officer Hinjilicut Municipality**

## ନାମ ପରିବର୍ତ୍ତନ

ଚାନ୍ଦବାଲିର ଏକଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍ ଙ୍କ ସମ୍ମୁଖରେ ଏକ ସତ୍ୟପାଠ (କ୍ରମାଙ୍କ ନମ୍ବର ୧୮୬୮, ତାରିଖ- ୦୮/୦୪/୨୦୨୬) ବଳରେ। ମୁଁ , ଗିଜାଲା ଫିରଦୋଷ, ବୟସ ୨୨ବର୍ଷ, ପିତା- ସେକ୍.ଅସମାତୁଲ୍ଲା, ଗ୍ରାମ/ପୋ- ଗୋଲାଡ଼ିଆ, ଥାନା- ଚାନ୍ଦବାଲି, ଜିଲ୍ଲା- ଭଦ୍ରକ, ଏବଂ ସ୍ୱାମୀ-ମୁକ୍ତାର ସାହାଜି, ଗ୍ରାମ-କୁପୁରା, ପୋ- ସିମୁଳିଆ, ଜିଲ୍ଲା- ବାଲେଶ୍ୱର, ଓଡ଼ିଶାର ବାସିନ୍ଦା, ଘୋଷଣା କରୁଛି ଯେ, ମୁଁ ମୋର **SBI** (ବାଲି ଗାଁ ଶାଖା) ବ୍ୟାଙ୍କ ଆକାଉଣ୍ଟରେ (**A/C No. 34179228714** ମାଧ୍ୟମରେ ) ମୋର ନାମ ଅଗାଜାଲା ଫିରଦୋଷ ରୁ ଗିଜାଲା ଫିରଦୋଷ କୁ ପରିବର୍ତ୍ତନ କରିବାକୁ ଚାହୁଁଛି । ବର୍ତ୍ତମାନଠାରୁ, ମୁଁ ସମସ୍ତ ସରକାରୀ, ବେସରକାରୀ ଏବଂ ଆଇନଗତ ଉଦ୍ଦେଶ୍ୟ ପାଇଁ ଗିଜାଲା ଫିରଦୋଷ (ନୂତନ ନାମ) ଭାବରେ ପରିଚିତ ହେବି ।

## AFFIDAVIT

I, Mohammad Arbaz Ahmed, aged about 23 years, S/o- Muhammed Mamtazuddin, resident of Flat No-402, Arav Palace, Kanan Vihar, Phase-2, Patia, Ps- Chandrasekharpur, Bhubaneswar, Dist-Khurda, Pin- 751024, Odisha do hereby declare by this affidavit No. 801, dtd-22/04/2026, that now onwards I shall be known as **MOHAMMED ARBAZ AHMED** for all future purposes.


## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଆଉ ୨ ଦିନ...

୪୩.୪ ଡିଗ୍ରୀ ରେକର୍ଡ କରାଯାଇଥିବା ବେଳେ ପାରଳାଖେମୁଣ୍ଡି ଓ ସମ୍ବଲପୁରରେ ତାପମାତ୍ରା ୪୩ ଡିଗ୍ରୀ, ବରଗଡ଼ରେ ୪୨.୬ ଡିଗ୍ରୀ, ରାଉରକେଲାରେ ୪୨.୫ ଡିଗ୍ରୀ ରେକର୍ଡ କରାଯାଇଛି। ସେହିପରି କଟକରେ ୪୧.୮ ଡିଗ୍ରୀ, କେନ୍ଦୁଝରରେ ୪୦.୯ ଡିଗ୍ରୀ, ସୁନ୍ଦରଗଡରେ ୪୨.୫ ଡିଗ୍ରୀ, ଭବାନୀପାଟଣାରେ ୪୨ ଡିଗ୍ରୀ, ବଲାଙ୍ଗୀରରେ ୪୨.୩ ଡିଗ୍ରୀ, ଫୁଲବାଣୀରେ ୪୦.୬ ଡିଗ୍ରୀ, ସୋନପୁରରେ ୪୨.୩ ଡିଗ୍ରୀ, ନୟାଗଡରେ ୪୧ ଡିଗ୍ରୀ, ବୌଦ୍ଧରେ ୪୧.୪ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି। ଅନ୍ୟ ପ୍ରମୁଖ ସହର ମଧ୍ୟରେ ଯାଜପୁରରେ ୪୦.୬ ଡିଗ୍ରୀ ତାତି ଅନୁଭୂତ ହୋଇଥିବା ବେଳେ ନୂଆପଡ଼ାରେ ୪୨.୫ ଡିଗ୍ରୀ, ଖୋର୍ଦ୍ଧା ଓ ଜଗତସିଂହପୁରରେ ୪୧ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି।

ଅପରପକ୍ଷେ ଅତିକମ୍‌ରେ ଆହୁରି ୨ ଦିନ ତାତି ରାଜ୍ୟବାସୀଙ୍କୁ କଲବଲ କରିବାର ସମ୍ଭାବନା ଥିବାବେଳେ କାଳବୈଶାଖୀ ବର୍ଷା ତାତିରୁ ଆଶ୍ୱସ୍ତି ପ୍ରଦାନ କରିବାର ସମ୍ଭାବନା ରହିଛି ବୋଲି କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ଶୁକ୍ରବାର ଝାରସୁଗୁଡ଼ା, ସମ୍ବଲପୁର, ବଲାଙ୍ଗିର, କେନ୍ଦୁଝର, ଅନୁଗୋଳ ଓ ରାୟଗଡ଼ା ଜିଲ୍ଲାକୁ ଗ୍ରୀଷ୍ମ ଲହରୀ(ହିଟ୍ ୱେଭ୍) ସତର୍କ ସୂଚନା ଜାରି କରାଯାଇଛି। ସେହିପରି କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଓ ଗଜପତି ଜିଲ୍ଲାରେ ଉଷ୍ମ ଓ ଆର୍ଦ୍ର ପାଣିପାଗ ରହିବା ସହ ପ୍ରବଳ ଗୁଳୁଗୁଳି ଅନୁଭୂତ ହୋଇପାରେ। ବଲାଙ୍ଗିର, ସମ୍ବଲପୁର ଓ କନ୍ଧମାଳରେ ରାତିରେ ଗରମ ଅନୁଭୂତ ହୋଇପାରେ ବୋଲି ପାଣିପାଗ କେନ୍ଦ୍ର ସତର୍କ ସୂଚନା ଜାରି କରିଛି। ତେବେ କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ଗଞ୍ଜାମ, ଗଜପତି ଓ ରାୟଗଡ଼ା ଜିଲ୍ଲାରେ ୩୦ରୁ ୪୦ କିମି ବେଗରେ ପବନ ସହ ବର୍ଷା ସମ୍ଭାବନା ରହିଥିବା ନେଇ ଆକଳନ କରିଛି ପାଣିପାଗ କେନ୍ଦ୍ର। ଶନିବାରଠାରୁ କାଳବୈଶାଖୀର ପ୍ରଭାବ ବଢ଼ିବା ସହ ଏହା ତାତିରୁ ରାଜ୍ୟବାସୀଙ୍କୁ ଉପଶମ ପ୍ରଦାନ କରିପାରେ ବୋଲି ପାଣିପାଗ ବିଜ୍ଞାନୀମାନେ ଆକଳନ କରିଛନ୍ତି।

### ବିଶ୍ୱର ଉତ୍ତପ୍ତ ୨୦ଟି ସହର ମଧ୍ୟରେ ଭାରତର ୧୯ଟି

**-ସବୁଠୁ ଉତ୍ତପ୍ତ ସହର ତାଲିକାରେ ତାଳଚେର**

ଚଳିତ ବର୍ଷ ଏପ୍ରିଲରେ ଭାରତ ବିଶ୍ୱର ଉତ୍ତାପର କେନ୍ଦ୍ରବିନ୍ଦୁ ପାଲଟିଛି। ତଥ୍ୟ ଅନୁଯାୟୀ, ବିଶ୍ୱର ୨୦ଟି ସବୁଠାରୁ ଉତ୍ତପ୍ତ ସ୍ଥାନ ମଧ୍ୟରୁ ୧୯ଟି କେବଳ ଭାରତରେ ରହିଛି। ବର୍ତ୍ତମାନ ଉପମହାଦେଶରେ ଜାରି ରହିଥିବା ଭୟଙ୍କର ଗ୍ରୀଷ୍ମ ପ୍ରବାହ ଫଳରେ ଓଡ଼ିଶା, ବିହାର ଏବଂ ପଶ୍ଚିମବଙ୍ଗରେ ସର୍ବାଧିକ ତାପମାତ୍ରା ରେକର୍ଡ ହୋଇଛି। ବିଶ୍ୱର ସବୁଠାରୁ ଗରମ ସହରଗୁଡ଼ିକ ମଧ୍ୟରେ ଓଡ଼ିଶାର ତାଳଚେର, ବିହାରର ଭାଗଲପୁର ଏବଂ ପଶ୍ଚିମବଙ୍ଗର ଆସାନସୋଲ୍ ରହିଛି। ଏହି ସହରଗୁଡ଼ିକରେ ସର୍ବାଧିକ ୪୪ ଡିଗ୍ରୀ ସେଲସିୟସ୍ ତାପମାତ୍ରା ରେକର୍ଡ କରାଯାଇଛି। ଏହାବ୍ୟତୀତ ବିହାରର ବେଗୁସରାଇ, ମୋତିହାରୀ, ମୁଙ୍ଗେର, ଭୋଜପୁର ଏବଂ ସିୱାନ୍ ସହିତ ଉତ୍ତର ପ୍ରଦେଶର କିଛି ଅଞ୍ଚଳରେ ତାପମାତ୍ରା ୪୩ ଡିଗ୍ରୀ ସେଲସିୟସ୍ ପାଖାପାଖି ରେକର୍ଡ କରାଯାଇଛି। ବିଶ୍ୱର ସର୍ବାଧିକ ଉତ୍ତପ୍ତ ୨୦ ସହର ତାଲିକାରେ ଭାରତ ବାହାରେ କେବଳ ନେପାଳର ଲୁମ୍ବିନୀ ସହର ସ୍ଥାନ ପାଇଛି। ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ଅନୁଯାୟୀ, ଏହି ଗ୍ରୀଷ୍ମ ପ୍ରବାହ ଏପ୍ରିଲ ୨୨ ରୁ ୨୪ ପର୍ଯ୍ୟନ୍ତ ଜାରି ରହିବ। ଅନେକ ସ୍ଥାନରେ ତାପମାତ୍ରା ୪୩ ଡିଗ୍ରୀ ସେଲସିୟସ୍ ଛୁଇଁବାର ସମ୍ଭାବନା ରହିଛି। ପାଣିପାଗ ବିଜ୍ଞାନୀମାନେ ଏହି ଅସ୍ୱାଭାବିକ ଗରମ ପାଇଁ ପ୍ରାକ୍ ମୌସୁମୀ ତୀବ୍ର ସୌର ବିକିରଣ, ଉତ୍ତର ଏବଂ କେନ୍ଦ୍ର ଭାରତରେ ମେଘ ଅଭାବରେ ଭୂପୃଷ୍ଠରେ ସିଧାସଳଖ ସୂର୍ଯ୍ୟକିରଣ, ହିମାଳୟ ଏବଂ ୟୁରେସିଆ ଅଞ୍ଚଳରେ ଚଳିତ ବର୍ଷ କମ୍ ବରଫପାତ, ସମୁଦ୍ରପୃଷ୍ଠର ତାପମାତ୍ରା ବୃଦ୍ଧି ଏବଂ ଶୁଷ୍କ ଉତ୍ତର-ପଶ୍ଚିମ ପବନକୁ ଦାୟୀ କରିଛନ୍ତି। ଜଳବାୟୁ ପରିବର୍ତ୍ତନର ପ୍ରଭାବରେ ଗ୍ରୀଷ୍ମ ପ୍ରବାହରୁ ଏପ୍ରିଲ ଶେଷ ପର୍ଯ୍ୟନ୍ତ ବିଶେଷ ଆଶ୍ୱସ୍ତି ମିଳିବ ନାହିଁ ବୋଲି ବିଶେଷଜ୍ଞମାନେ ଚେତାଇ ଦେଇଛନ୍ତି।

### ଆଗୁଆ ହେବ...

ଓ ବିଦ୍ୟାଳୟଗୁଡ଼ିକୁ ଆଗୁଆ ଛୁଟି ଘୋଷଣା କରାଯିବ। ଏ ସମ୍ପର୍କରେ ମିଳିତ ଆଲୋଚନା ପରେ ଆଗୁଆ ଛୁଟି ଘୋଷଣା କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ ସୁପାରିସ କରାଯାଇଛି। କେବେଠାରୁ ଛୁଟି ହେବ, ସେନେଇ ଦିନ ଦୁଇ ଦିନ ମଧ୍ୟରେ ମୁଖ୍ୟମନ୍ତ୍ରୀ ଚୂଡ଼ାନ୍ତ ନିଷ୍ପତ୍ତି ନେବେ ବୋଲି ଶ୍ରୀ ପୂଜାରୀ କହିଛନ୍ତି। ଆଗୁଆ ଖରାଛୁଟି ହେଲେ ମଧ୍ୟ ଅଙ୍ଗନବାଡ଼ି ପିଲାଙ୍କୁ ପୋଷଣ ପ୍ରଦାନ କରିବାରେ ସମସ୍ୟା ହେବ ନାହିଁ। ପିଲାଙ୍କ ଖାଦ୍ୟ ସାମଗ୍ରୀ ସେମାନଙ୍କ ଘରେ ପ୍ରଦାନ କରାଯିବ ବୋଲି ମଧ୍ୟ ସେ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ରାଜ୍ୟରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଆରମ୍ଭ ହୋଇଥିବାବେଳେ ପ୍ରାୟ ୧୮ ଟି ଜିଲ୍ଲାରେ ସ୍କୁଲ୍ ଛୁଟି ଘୋଷଣା କରାଯାଇଛି। ଆଉ କିଛି ଜିଲ୍ଲାରେ ସକାଳ ସାଢ଼େ ୬ଟାରୁ ସାଢ଼େ ୯ ଟା ପର୍ଯ୍ୟନ୍ତ ପାଠପଢ଼ା ହେବ ବୋଲି ଜିଲ୍ଲାପାଳମାନେ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଆଜି ଖୋର୍ଦ୍ଧା ଜିଲ୍ଲାରେ ମଧ୍ୟ ସକାଳ ସାଢ଼େ ୬ଟାରୁ ସାଢ଼େ ୯ ଟା ପର୍ଯ୍ୟନ୍ତ ପାଠପଢ଼ା ହେବ ବୋଲି ବିଜ୍ଞପ୍ତି ପ୍ରକାଶ ପାଇଛି।

### ରେକର୍ଡ ମତଦାନ...

ହୋଇଛି। ଏସଆଇଆରରେ ୯୦ ଲକ୍ଷରୁ ଅଧିକ ଭୋଟରଙ୍କ ନାମ କାଟି ଦିଆଯାଇଥିବା ବେଳେ ଏହାକୁ ନେଇ ଭୋଟରମାନେ ଆତଙ୍କିତ ହୋଇପଡ଼ିଛନ୍ତି। ଏହାକୁ ନେଇ ସାରା ରାଜ୍ୟରେ ଉତ୍ତେଜନା ପ୍ରକାଶ ପାଇଥିବାରୁ ପରିସ୍ଥିତିର ମୁକାବିଲା ଲାଗି ନିର୍ବାଚନ କମିସନ ଅଭୂତପୂର୍ବ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିଥିଲେ। ଅଢ଼େଇ ଲକ୍ଷ କେନ୍ଦ୍ରୀୟ ସୁରକ୍ଷା ଯବାନଙ୍କୁ ମୁତୟନ କରାଯାଇଥିଲା। ଏହାସତ୍ତ୍ୱେ ଆଜି ବିଭିନ୍ନ ସ୍ଥାନରେ ଟିଏମସି ଏବଂ ବିଜେପି କର୍ମୀଙ୍କ ମଧ୍ୟରେ ସଂଘର୍ଷ ଘଟିଥିବାର ଖବର ମିଳିଛି। ଦକ୍ଷିଣ ମିଦନାପୁରର କୁମାରଗଞ୍ଜ ଆସନର ବିଜେପି ପ୍ରାର୍ଥୀ ସୁଭେନ୍ଦୁ ସରକାରଙ୍କୁ ଏକ ଉଦ୍ଧ୍ୟକ୍ତ ଗୋଷ୍ଠୀ ଗୋଡ଼ାଇ ଗୋଡ଼ାଇ ପିଟିଥିବା ଅଭିଯୋଗ ହୋଇଛି। ସେହିପରି ଆସନସୋଲ ଦକ୍ଷିଣର ବିଜେପି ପ୍ରାର୍ଥୀ ଅଗ୍ନିମିତ୍ରା ପଲ୍ ଏକ ମତଦାନ କେନ୍ଦ୍ରରୁ ବାହାରୁଥିବା ବେଳେ ତାଙ୍କ କାର୍ ଉପରକୁ ପଥରମାଡ଼ ହୋଇଛି। ମୁର୍ଶିଦାବାଦର ନୌଦା ଅଞ୍ଚଳରେ ମତଦାନ ପୂର୍ବରୁ ବୁଧବାର ବିଳମ୍ବିତ ରାତିରେ ବୋମାମାଡ଼ ହୋଇଥିଲା, ଯେଉଁଥିରେ କେତେକ ମହିଳା ଓ ସାଧାରଣ ଲୋକ ଆହତ ହୋଇଛନ୍ତି। ଆମ ଜନତା ଉନ୍ନୟନ ପାର୍ଟି (ଏଜେୟୁପି)ର ମୁଖ୍ୟ ହୁମାୟୁନ କବୀର ଘଟଣାସ୍ଥଳରେ ପହଞ୍ଚିବା ପରେ ଟିଏମସି କର୍ମୀଙ୍କ ସହ ତାଙ୍କର ଧସ୍ତାଧସ୍ତି ହୋଇଥିଲା। ଏହାସତ୍ତ୍ୱେ ମତଦାନ ପ୍ରକ୍ରିୟାରେ ଭୋଟରଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଛି। ପଶ୍ଚିମବଙ୍ଗର ବାକି ୧୪୨ଟି ଆସନ ପାଇଁ ଦ୍ୱିତୀୟ ପର୍ଯ୍ୟାୟ ମତଦାନ ୨୯ ଏପ୍ରିଲରେ ଅନୁଷ୍ଠିତ ହେବ ଏବଂ ନିର୍ବାଚନ ଫଳାଫଳ ୪ ମେ'ରେ ପ୍ରକାଶ ପାଇବ। ନିର୍ବାଚନ କମିସନ ୱେବକାଷ୍ଟିଂ ଜରିଆରେ ବୁଥ୍ ଗୁଡ଼ିକ ଉପରେ କଡ଼ା ନଜର ରଖିଛନ୍ତି।

# ବଦଳିଛି ରଙ୍ଗ; ବଦଳୁନି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଭାଗ୍ୟ

ଭଦ୍ରକ,୨୩।୪(ସମିସ)





ଭଦ୍ରକ ଜିଲ୍ଲାର ସ୍ୱାସ୍ଥ୍ୟସେବା ଦିନକୁ ଦିନ ବିଗିଡ଼ିବାରେ ଲାଗିଛି। ଜିଲ୍ଲାର ଲୋକସଂଖ୍ୟା ୨୦ ଲକ୍ଷରୁ ଅଧିକ ହୋଇଥିବାବେଳେ ଏମାନଙ୍କର ସ୍ୱାସ୍ଥ୍ୟ ସେବା ପାଇଁ ଏକମାତ୍ର ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଡାକ୍ତର ଅଭାବ ସମସ୍ୟା ସହ ଭିତ୍ତିଭୂମିର ବିକାଶ ସମସ୍ୟା ସରକାର ଦୂର କରୁନାହାନ୍ତି। ଫଳରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀ, ରୋଗୀଙ୍କ ସମ୍ପର୍କୀୟମାନେ ଦୁର୍ଦ୍ଦଶା ଭୋଗୁଛନ୍ତି। ବିଜେପି ସରକାରକୁ ଆସିବା ପରେ କେବଳ ରଙ୍ଗ ପରିବର୍ତ୍ତନ କରିବାରେ ବ୍ୟସ୍ତ ରହୁଥିବାବେଳେ ଡାକ୍ତରଖାନାର ସମସ୍ୟା କିମ୍ବା ରୋଗୀଙ୍କ ଉନ୍ନତ ସେବା ଦିଗରେ କୌଣସି ଧ୍ୟାନ ଦେଉ ନ ଥିବା ଅଭିଯୋଗ ହେଉଛି। ସୂଚନାଯୋଗ୍ୟ, ପୂର୍ବ ସରକାର ଅମଳରେ ପ୍ରାୟ ୧୪୬ କୋଟି ଟଙ୍କା ବ୍ୟୟରେ ୩ଶହ ଶଯ୍ୟା ବିଶିଷ୍ଟ ନୂତନ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଗେଲପୁରଠାରେ ନିର୍ମିତ ହେଲା। ଗତ ୮ ମାସରୁ ଅଧିକ ହେବ ଏହା କାର୍ଯ୍ୟକ୍ଷମ ହେଲାଣି। ତେବେ ଅତ୍ୟାଧୁନିକ ଚକାଚକ୍ ଓ ବିରାଟ ପରିସରରେ ନିର୍ମିତ ହୋଇଥିବା ଏହି ନୂତନ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନୂଆ ସରକାର ରଙ୍ଗ ବଦଳାଇ ଦେଲେ। କିନ୍ତୁ ଡାକ୍ତରଖାନାର ଭାଗ୍ୟ ବଦଳାଇ ପାରୁନାହାନ୍ତି। ଫଳରେ ରୋଗୀଙ୍କ ସେବା ବିପର୍ଯ୍ୟସ୍ତ ହେବା ସହ ରୋଗୀଙ୍କ ସମ୍ପର୍କୀୟମାନେ ବି କଲବଲ ହେଉଥିବା ପରିଲକ୍ଷିତ ହେଉଛି।

ସୂଚନାନୁଯାୟୀ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ (ଡିଏଚ୍‌ଏଚ୍)ରେ ୧୭୧ଟି ମଞ୍ଜୁରୀପ୍ରାପ୍ତ ଡାକ୍ତର ପଦ ମଧ୍ୟରୁ ୭୦ଭାଗ ଡାକ୍ତର ନାହାନ୍ତି। ପୂର୍ବ ସରକାର ଅମଳରୁ ଉଦ୍‌ଘାଟିତ ହୋଇଥିଲା ଶିଶୁ ଓ ମାତୃ ଚିକିତ୍ସାଳୟ(ଏମ୍‌ସିଏଚ୍) ଓ ନିର୍ମାଣ ସରିଥିଲା ୩ଶହ ଶଯ୍ୟା ବିଶିଷ୍ଟ ନୂତନ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ। ତେବେ ନୂଆ ସରକାର ଆସିବା ପରେ ଏହାର ସବୁଜ ରଙ୍ଗକୁ ବଦଳାଇଛନ୍ତି। ତେବେ ଜିଲ୍ଲା ହସ୍ପିଟାଲର ନାନା ଅବ୍ୟବସ୍ଥା ନେଇ କିଛି ସୁବନ୍ଦୋବସ୍ତ କରୁନାହାନ୍ତି। ଏବେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀ ଓ ରୋଗୀଙ୍କ ସମ୍ପର୍କୀୟଙ୍କ ଲାଗି ଏକ କ୍ୟାଣ୍ଟିନ୍ ଓ ପାନୀୟ ଜଳର ବ୍ୟବସ୍ଥା ନାହିଁ। ପ୍ରଚଣ୍ଡ ଖରାରେ ରୋଗୀ, ସମ୍ପର୍କୀମାନେ ପାଣି ଓ ଖାଦ୍ୟ ପାଇଁ ଏପଟସେପଟ ହୋଇ ନୟାନ୍ତ ହେଉଛନ୍ତି। ଏଯାଏଁ ପୁରୁଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କ୍ୟାମ୍ପସରୁ ଗୁରୁତ୍ୱପୂର୍ଣ୍ଣ ବ୍ଲଡ୍ ବ୍ୟାଙ୍କ ବା ରକ୍ତ ଭଣ୍ଡାର ନୂତନ ଡିଏଚ୍‌ଏଚ୍ କ୍ୟାମ୍ପସ୍‌କୁ ଆସିପାରିନି। ସେହିଭଳି ଶବ ବ୍ୟବଚ୍ଛେଦ ବା ପୋଷ୍ଟ ମର୍ଟମ କାର୍ଯ୍ୟ ପୁରୁଣା ହସ୍ପିଟାଲରେ ଅଦ୍ୟାବଧି ଚାଲିଛି। ସେହିଭଳି ନୂଆ ମୁଖ୍ୟ ଚିକିତ୍ସାଳୟର କ୍ୟାମ୍ପସ୍‌ରେ ଏକ ପାଚେରି କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ନ ଥିବାରୁ ଏହି ରାସ୍ତାରେ ବେଆଇନ ଯାତାୟାତ ଚାଲିଛି। ଆଉ ମୁଖ୍ୟ ଚିକିତ୍ସାଳୟ ପ୍ରବେଶ ପଥ କଡ଼ରେ ଶତାଧିକ ବେଆଇନ ଜବରଦଖଲ କରି ଜନବସତିକୁ ମଧ୍ୟ ହଟାଯାଉ ନାହିଁ। ନୂଆ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଏବେ ଚୋରି ଓ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଉଛି। ପୁଲିସ ଆଉଟ୍ ପୋଷ୍ଟ ସ୍ୱତନ୍ତ୍ର ଭାବେ ବାହାରେ ଖୋଲାଯାଇନି। ଡାକ୍ତରଖାନା ଭିତରେ ଏହି ପୁଲିସ ଆଉଟ୍ ପୋଷ୍ଟ ଖୋଲାଯାଇଥିଲେ ହେଁ କେହି ଜାଣିପାରୁ ନାହାନ୍ତି କି ସୁରକ୍ଷା ପାଇଁ ତୁରନ୍ତ ଯାଇପାରୁନାହାନ୍ତି। ଏତେ ବଡ଼ ହସ୍ପିଟାଲରେ ଭେଣ୍ଟିଲେଟର ଓ ଆଇସିୟୁ ବ୍ୟବସ୍ଥା ପାଇଁ ସରଞ୍ଜାମ ମହଜୁଦ ଥିଲେ ବି ତାଲିମପ୍ରାପ୍ତ ଡାକ୍ତର ନ ଥିବାରୁ ଏହି ସେବା ଆରମ୍ଭ କରାଯାଇ ପାରୁନି। ଗୁରୁତ୍ୱପୂର୍ଣ୍ଣ କଥା, ଏଯାଏଁ ନୂତନ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଡାକ୍ତର ଓ ଡାକ୍ତରଖାନା କର୍ମଚାରୀଙ୍କ କ୍ୱାର୍ଟର୍ସ ନିର୍ମାଣ ହୋଇନି। ଫଳରେ ଜରୁରୀକାଳୀନ ସେବା ଯୋଗାଇବାକୁ ଡାକ୍ତରମାନେ ଘଣ୍ଟା ଘଣ୍ଟା କାଳ ବିଳମ୍ବରେ ପହଞ୍ଚିବା ଯୋଗୁଁ ରୋଗୀଙ୍କ ଜୀବନ ଅନାୟାସରେ ଚାଲିଯାଉଥିବା ପରିଲକ୍ଷିତ ହୋଇଛି। ତେଣୁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି କେବଳ ରଙ୍ଗ ବଦଳାଯାଇଛି ସତ, ହେଲେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଭାଗ୍ୟ ବଦଳୁନି ବୋଲି ବୁଦ୍ଧିଜୀବୀ ମହଲରେ କ୍ଷୋଭ ପ୍ରକାଶ ପାଇଛି।

## ତିହିଡ଼ି ତହସିଲ୍ ଅଫିସରେ କର୍ମଚାରୀ ମରୁଡ଼ି

ଦୋଳସାହି,୨୩।୪(ସମିସ): ଗଦା ଗଦା ଅଭିଯୋଗର ସମାଧାନ ହୋଇପାରୁନି। ତିହିଡ଼ି ତହସିଲ କାର୍ଯ୍ୟାଳୟରେ କର୍ମଚାରୀ ଅଭାବ ନେଇ ହଜାର ହଜାର ଅଭିଯୋଗ ଗଦା ହୋଇ ରହିବା ସହ ଅଭିଯୋଗର ସମାଧାନ ଦୀର୍ଘ ବର୍ଷ ଧରି ହୋଇପାରୁ ନ ଥିବା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

ସୂଚନାଯୋଗ୍ୟ ଯେ, ତିହିଡ଼ି ତହସିଲ୍ କାର୍ଯ୍ୟାଳୟରେ ୪ଶହରୁ ଅଧିକ ଡିମାରକେସନ ଅଭିଯୋଗ ଦୀର୍ଘ ଏକ ବର୍ଷ ଧରି ପଡ଼ିରହିଛି। ଅମିନ ପଦ ଖାଲି ପଡ଼ିଥିବାରୁ ଏହି ଡିମାରକେସନ ଅଭିଯୋଗର ସମାଧାନ ହୋଇପାରୁ ନ ଥିବା ତହସିଲ୍‌ଦାର ଜୟଦ୍ରଥ ଆଚାର୍ଯ୍ୟ କହିଛନ୍ତି। ଏହି ତହସିଲ୍‌ରେ ଦୁଇ ଜଣ ବରିଷ୍ଠ କିରାଣି, ଚାରି ଜଣ କନିଷ୍ଠ କିରାଣି, ଚାରି ଜଣ ଅମିନ ପଦ ଖାଲି ପଡ଼ିଥିବା ଜଣାଯାଇଛି। ସେହିପରି ଏହି ତହସିଲ୍‌ରେ ବିଭିନ୍ନ ବିଭାଗରେ ପଦ ପଦବୀ ଅଭାବ ଥିବା ଯୋଗୁଁ ସାଧାରଣ ଲୋକଙ୍କ ବିଭିନ୍ନ ସରକାରୀ କାର୍ଯ୍ୟରେ ଆବଶ୍ୟକ ପ୍ରମାଣପତ୍ର ପାଇବାରେ ବହୁ ବିଳମ୍ବ ଘଟୁଥିବା ଯୋଗୁଁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଜିଲ୍ଲା ପ୍ରଶାସନ ତୁରନ୍ତ ଏହି ସମସ୍ତ ପଦ ପୂରଣ ପାଇଁ ସାଧାରଣରେ ଦାବି ହେଉଛି।

## ବାସୁଦେବ ପୀଠରୁ ଚୋରି

ଅସୁରାଳି,୨୩।୪(ସମିସ): ବୈତରଣୀ ନଦୀ କୂଳରେ ଅବସ୍ଥିତ ଧାମନଗର ବ୍ଲକ୍‌ର ଅର୍ଜ୍ଜୁନପୁର ପଞ୍ଚାୟତସ୍ଥିତ ବାଲିପାଟଣା ବାସୁଦେବ ପୀଠରୁ ଚୋରି ହୋଇଥିବା ଜଣାପଡ଼ିଛି। ଏନେଇ ଧୂଷୁରୀ ପୁଲିସ ପ୍ରାଥମିକ ଅନୁସନ୍ଧାନ କରି ସନ୍ଦେହରେ ଜଣଙ୍କୁ ଅଟକ ରଖିଛି। ମଙ୍ଗଳବାର ବିଳମ୍ବିତ ରାତିରେ ବାସୁଦେବ ପୀଠ ପରିସରରେ ଥିବା କୋଠ ଘର ଭାଙ୍ଗି ଦୁର୍ବୃତ୍ତମାନେ ମନ୍ଦିରରେ ନୀତିକାନ୍ତି ପାଇଁ ବ୍ୟବହାର ହେଉଥିବା ପିତ୍ତଳ, କଂସା ଆଦି ଲକ୍ଷାଧିକ ଟଙ୍କାର ସରଞ୍ଜାମ ସହିତ ପ୍ରସାଦ ପ୍ରସ୍ତୁତି ପାଇଁ ରଖାଯାଇଥିବା ଚାଉଳ, ଡାଲି, ମୁଗ ଆଦିକୁ ନେଇଯାଇଛନ୍ତି। ଏକଥା ବୁଧବାର ସକାଳେ ଜଣାପଡ଼ିଥିଲା। ଏ ସମ୍ପର୍କରେ ଅଭିଯୋଗ ପାଇ ଧୂଷୁରୀ ପୁଲିସ ଅନୁସନ୍ଧାନ କରିଛି। ଘଟଣାରେ ଏକ ମାମଲା ରୁଜୁ କରାଯାଇଛି ଏବଂ ଚୋରି କରିବା ସନ୍ଦେହରେ ଜଣଙ୍କୁ ପୁଲିସ ଅଟକ ରଖି ତଦନ୍ତ ଚଳାଇଛି।

● ୧୦ ମାସ ହେଲା ବର୍ଦ୍ଧିତ ଭତ୍ତାକୁ ଚାହିଁଛନ୍ତି ହିତାଧିକାରୀ

## ୭ ହଜାର ଆବେଦନକାରୀରୁ ପାଇଛନ୍ତି ୭ ଜଣ

ଦୋଳସାହି,୨୩।୪(ସମିସ): ତିହିଡ଼ି ବ୍ଲକ୍‌ର ୩୧ ପଞ୍ଚାୟତରେ ୭ହଜାରରୁ ଅଧିକ ବାର୍ଦ୍ଧକ୍ୟ ଭତ୍ତା ପାଇଁ ଅନ୍‌ଲାଇନ୍ ମାଧ୍ୟମରେ ଆବେଦନ କରିଥିବାବେଳେ ମାତ୍ର ୭ଜଣଙ୍କୁ ଭତ୍ତା ପ୍ରଦାନ କରାଯାଉଥିବା 'ସକାଳ'କୁ ସୂଚନା ମିଳିଛି। ସେହିପରି ଏହି ବ୍ଲକ୍‌ରେ ୮୦ ବର୍ଷରୁ ଉର୍ଦ୍ଧ୍ୱ ୮ଶହରୁ ଅଧିକ ବର୍ଦ୍ଧିତ ଭତ୍ତା ପାଇବାକୁ ଅନାଇ ବସିଥିବା ଜଣାଯାଇଛି। ସେହିପରି ଏହି ବ୍ଲକ୍‌ରେ ୭ ହଜାରରୁ ଅଧିକ ବାର୍ଦ୍ଧକ୍ୟ ଭତ୍ତା ପାଇଁ ଅନ୍‌ଲାଇନ୍ ଆବେଦନ କରିଥିବାବେଳେ କିପରି ଏହି ୭ଜଣ ଭତ୍ତା ପାଇଁ ବିବେଚିତ ହେଲେ ଆବେଦନକାରୀଙ୍କ ମଧ୍ୟରେ ପ୍ରଶ୍ନବାଚୀ ସୃଷ୍ଟି କରିବା ସହ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

## ଖୋଲିଲା ଜଳଛତ୍ର; ନାହିଁ ଜଳ



ଦୋଳସାହି,୨୩।୪(ସମିସ): ତିହିଡ଼ି ବ୍ଲକ୍ ଅଧୀନ ଦୋଳସାହି ଓ ଗୁଆମାଳ ପଞ୍ଚାୟତରେ ଜଳଛତ୍ର ଖୋଲି ନ ଥିବା ନେଇ ମଙ୍ଗଳବାର 'ସକାଳ'ରେ ଖବର ପ୍ରକାଶିତ ହୋଇଥିଲା। ଖବର ପ୍ରକାଶି ହେବା ପରେ ଦୋଳସାହି ପଞ୍ଚାୟତର ସରପଞ୍ଚ ଓ ପଞ୍ଚାୟତ ଅଧିକାରୀଙ୍କ ଦ୍ୱାରା ୩ଟି ସ୍ଥାନରେ ଜଳଛତ୍ର ଖୋଲିଥିଲା। ସେହିପରି ଗୁଆମାଳ ପଞ୍ଚାୟତରେ ଏହି ଜଳଛତ୍ର କାର୍ଯ୍ୟକ୍ରମ ଗୁରୁବାର ଆରମ୍ଭ ହୋଇଥିବା ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଅରୁଣ ପଣ୍ଡା ସୂଚନା ଦେଇଥିବାବେଳେ ଏହି ଜଳଛତ୍ର କେନ୍ଦ୍ରରେ ଜଳ ନ ଥିବା ଦେଖିବାକୁ ମିଳିଛି। ସେହିପରି ଏହି ଜଳଛତ୍ର କାର୍ଯ୍ୟକ୍ରମ କରୁଥିବାବେଳେ ଜଳ ବଣ୍ଟନ ପାଇଁ ପୁରୁଣା ହାଣ୍ଡି (ଜଳପାତ୍ର) ଖୋଜିବା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

● ଘରେ ଓ ବାହାରେ ଅଗ୍ନିବର୍ଷା

## ଆମ୍ବ ଗଛ ମୂଳେ ବିତୁଛି ମଧ୍ୟାହ୍ନ ସମୟ

ବାରିକପୁର,୨୩।୪(ସମିସ): ଗତ ସପ୍ତାହ ପଣା ସଂକ୍ରାନ୍ତିରୁ ଗ୍ରୀଷ୍ମ ପ୍ରବାହ ବୃଦ୍ଧି ପାଉଥିବାବେଳେ ଏବେ ଜନଜୀବନ ଅସ୍ତବ୍ୟସ୍ତ ହୋଇଯାଇଛି। ବିଶେଷ କରି ଦୁଇ ଚାରି ଦିନ ହେବ ଖରା ସାଙ୍ଗକୁ ଗୁଳୁଗୁଳି ଦ୍ୱିଗୁଣିତ ହେବା ଯୋଗୁଁ ଲୋକେ ହନ୍ତସନ୍ତ ହେଉଛନ୍ତି। ରାତିରେ ତାପମାତ୍ରା ବୃଦ୍ଧି ପାଉଥିବା ବେଳେ ଦିନରେ ମଧ୍ୟ ଗରମ ପବନକୁ ଖରାର ପ୍ରକୋପ ବି କିଛି କମ୍ ହେଉନାହିଁ। ସୂଚନା ମୁତାବକ, ଭଣ୍ଡାରିପୋଖରୀ ବ୍ଲକ୍ ଅଞ୍ଚଳରେ ପ୍ରତ୍ୟେକ ଦିନ ତାପମାତ୍ରା ବୃଦ୍ଧି ପାଉଛି। ଗତ ଦୁଇ ଦିନ ଧରି ୪୦ ଡିଗ୍ରୀ ତାପମାତ୍ରା ରହିଥିବାବେଳେ ଗୁରୁବାର ୪୨ ଡିଗ୍ରୀରେ ପହଞ୍ଚିଛି। ଯାହାକି ୪୫ ଡିଗ୍ରୀ ଭଳି ଅନୁଭବ ହେଉଛି। ବଢୁଥିବା ତାପମାତ୍ରାକୁ ଦୃଷ୍ଟିରେ ରଖି ସକାଳ ୬.୩୦ରୁ ୯ଟା ଯାଏଁ ସ୍କୁଲ ଖୋଲିବାକୁ ନିଷ୍ପତ୍ତି ହୋଇଛି। ଏପଟେ ଦୈନନ୍ଦିନ କାର୍ଯ୍ୟ ପାଇଁ ଲୋକେ ଦିନ ୧୦ଟା ପରେ ବାହାରକୁ ଯିବା ପାଇଁ ଭୟ କରୁଛନ୍ତି। ସକାଳ ୬ଟାରୁ ୧୧ଟା ଯାଏଁ ଗ୍ରାମାଞ୍ଚଳରେ ଦୋକାନ ବଜାର ଖୋଲା ରହୁଥିବାବେଳେ ପରେ ସବୁ ଯେମିତି ଖାଁ ଖାଁ ଲାଗୁଛି। ରାସ୍ତାଘାଟରେ ଯାନବାହନ ଚଳାଚଳ ମଧ୍ୟ କମିଯାଉଛି। ଘରେ ଓ ବାହାରେ ସବୁଠି ଯେମିତି ଅଗ୍ନିବର୍ଷା ଭଳି ତାତି ପବନ ହେଉଛି। ଗାଁ ଗହଳିର ବାଡ଼ି ବଗିଚାରେ ଥିବା ଆମ୍ବ ଗଛ ମୂଳେ ପରିବାରକୁ ଧରି ଅନେକ ଲୋକ ମଧ୍ୟାହ୍ନ ସମୟକୁ ଅତିବାହିତ କରୁଥିବା ଦେଖିବାକୁ ମିଳିଛି। ବ୍ଲକ୍‌ର ବିଷ୍ଣୁପୁରଠାରୁ ଆରମ୍ଭ କରି ଆଖୁଆପଦା ଓ ମଞ୍ଜୁରୀରୋଡ୍‌ଠାରୁ ମଣିନାଥପୁର ଯାଏଁ ସବୁଠି ଗ୍ରୀଷ୍ମର ରାଜୁତି ଅନୁଭୂତ ହୋଇଛି।



ଶାସକ ଦଳର ପ୍ରରୋଚନାରେ କାମ କରୁଛନ୍ତି ଏନ୍‌ଏସି ଅଧିକାରୀ

## ଦୁର୍ନୀତି ବିରୋଧରେ ସ୍ୱର ଉଠାଇ ଜେଲ୍ ଗଲେ ବିଜେଡି କର୍ମୀ

ଭଦ୍ରକ,୨୩।୪(ସମିସ)





ସାଧାରଣ ଲୋକଙ୍କ ପାଇଁ ଲଢ଼େଇ କରି କିଛିଦିନ ତଳେ ଜେଲ୍ ଯାଇଥିଲେ ଚାନ୍ଦବାଲି ବିଜେଡିର ଯୁବ ନେତା ଜିତେନ୍ଦ୍ର ପାଣି। ଜେଲ୍‌ରୁ ଫେରିବା ପରେ ସ୍ୱାଗତ କଲା ଯୁବ ବିଜେଡି। ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ଏନ୍‌ଏସି ଅଧିକାରୀ ଓ ଶାସକ ଦଳ ବିରୋଧରେ ଆଣିଲେ ସଙ୍ଗୀନ ଅଭିଯୋଗ। ଅଭିଯୋଗ ମୁତାବକ, ଚାନ୍ଦବାଲି ଏନ୍‌ଏସି ଅଧିକାରୀ ଶାସକ ଦଳର ପ୍ରରୋଚନାରେ କାର୍ଯ୍ୟ କରୁଛନ୍ତି। ବିଜେଡିକୁ ସମର୍ଥନ କରୁଥିବା ସାଧାରଣ ଲୋକଙ୍କୁ ସମସ୍ତ ସରକାରୀ ସୁବିଧାରୁ ବଞ୍ଚିତ କରୁଛନ୍ତି। ବିଶେଷ କରି ପ୍ରଧାନମନ୍ତ୍ରୀ ଆବାସ ପାଇବାର ହକ୍‌ଦାର ଥିବା ହିତାଧିକାରୀଙ୍କୁ ଅଧିକାରରୁ ବଞ୍ଚିତ କରାଯାଉଛି। ଯାହାକୁ ନେଇ ବିଜେଡିର ଯୁବ ନେତା ଜିତେନ୍ଦ୍ର ପାଣି କିଛି ଦିନ ତଳେ ଏନ୍‌ଏସି ଅଫିସରେ ଅଭିଯୋଗ କରିବା ସହ ଉଚ୍ଚ ସ୍ୱରରେ ଅଫିସରଙ୍କ ସହ ଯୁକ୍ତିତର୍କ କରିଥିଲେ। ଯାହାକୁ ନେଇ ଚାନ୍ଦବାଲି ଥାନାରେ ଅଭିଯୋଗ ହୋଇଥିଲା। ଶାସକ ଦଳ ଚାପରେ ତାଙ୍କୁ ଜେଲ୍ ଯିବାକୁ ପଡ଼ିଥିଲା। ଜେଲ୍‌ରୁ ବାହାରିବା ପରେ ଗୁରୁବାର ଶହଶହ ବିଜେଡି ନେତା ଓ କର୍ମୀ ଚାନ୍ଦବାଲି କାଳୀମନ୍ଦିରଠାରୁ ଏକ ବାଇକ୍ ରାଲିରେ ତାଙ୍କୁ ସ୍ୱାଗତ କରି ବସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ ପାଛୋଟି ନେଇଥିଲେ। ଗରିବ ଅସହାୟ ଲୋକଙ୍କ ପାଇଁ ସ୍ୱର ଉତ୍ତୋଳନ କରି ଯଦି ମତେ ବାରମ୍ବାର ଜେଲ୍ ଯିବାକୁ ପଡ଼େ ମୁଁ ସେଥିପାଇଁ ପ୍ରସ୍ତୁତ ଅଛି ବୋଲି ଯୁବ ନେତା ଜିତେନ୍ଦ୍ର ପାଣି ପ୍ରକାଶ କରିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ଯୁବନେତା ଜିତେନ୍ଦ୍ର ପାଣିଙ୍କ ସମେତ ଜିଲ୍ଲା ପରିଷଦ ସଭ୍ୟ ପ୍ରିନ୍ସ ରାକେଶ ନାୟକ, ମାନସ ଦାସ, ଦୀପକ ରଞ୍ଜନ ରାଉତ, ସୋମନାଥ ପରିଡ଼ା, ଅନିଲ ଦାସଙ୍କ ସମେତ ଶହଶହ ଯୁବ ନେତା ଉପସ୍ଥିତ ଥିଲେ।

ମାଟି ଆବରଣ ଉପରେ ମାଫିଆଙ୍କ ଲୋଲୁପ ଦୃଷ୍ଟି

## ଗେଙ୍ଗୁଟି ଗର୍ଭରେ ଲୁଚି ରହିଛି ବୈତରଣୀ ମୁକ୍ତା !

ବାରିକପୁର,୨୩।୪(ସମିସ)

ଭଣ୍ଡାରୀପୋଖରୀ ଦେଇ ଯାଇଥିବା ବୈତରଣୀ ନଦୀର ବାଲି ସବୁଠାରୁ ମୂଲ୍ୟବାନ ଅଟେ। ଭଦ୍ରକ ସମେତ ଯାଜପୁର, ବାଲେଶ୍ୱର ଜିଲ୍ଲାର ବିଭିନ୍ନ ସ୍ଥାନକୁ ଏହି ବାଲି ଚାଲାଣ ହୋଇଥାଏ।



ଏପରିକି ମାଫିଆମାନଙ୍କ ଜରିଆରେ ବୈତରଣୀ ବାଲି ପଶ୍ଚିମବଙ୍ଗ ସୀମାନ୍ତରେ ପହଞ୍ଚିଯାଏ। ଏବେ ନଦୀର କିଛି ସୈରାତରୁ ବାଲି ସମ୍ପୂର୍ଣ୍ଣ ଶେଷ ହୋଇଥିବାବେଳେ ଆଉ କିଛି ସୈରାତ ନିଲାମ ନ ହୋଇ ପଡ଼ି ରହିଛି। ସେଠାରୁ ବେଳେବେଳେ ଚୋରା ଚାଲାଣ ହେଉଥିଲେ ମଧ୍ୟ ପ୍ରଶାସନ ଅଙ୍କୁଶ ଥିବା ହେତୁ ମାଫିଆମାନେ ଖୁଲମ୍‌ଖୁଲା ପରିବହନ କରିପାରୁ ନାହାନ୍ତି। ଏବେ ବୈତରଣୀ ଶାଖା ଗେଙ୍ଗୁଟି ନଦୀ ଉପରେ ବାଲି ବେପାରୀଙ୍କ ନଜର ରହିଛି। ବିଶେଷ କରି ଗେଙ୍ଗୁଟିର ଆରମ୍ଭ ସ୍ଥାନ ମୁଢ଼ାପଦାଠାରୁ ଦାଣ୍ଡକୂଳ, ଟିଖିଳିଆ, ଷଠଗାଁ, ଦୋଳଗୋବିନ୍ଦପୁର, ଗୋହିରାଟିକିରି ନିକଟସ୍ଥ ସ୍ଥାନରୁ ବାଲି ଚୋରି ପାଇଁ ଯୋଜନା କରାଯାଉଛି। ଶୃଙ୍ଖଳା ପଡ଼ିଥିବା ନଦୀପଠାର ମାଟି ଆବରଣ ତଳେ ହଜାର ହଜାର ଟ୍ରିପ୍ ବାଲି ରହିଛି। ଗେଙ୍ଗୁଟି ଗର୍ଭରେ ସତେଯେମିତି ବୈତରଣୀ ମୁକ୍ତା ଲୁଚି ରହିଥିବା କୁହାଯାଉଛି।

ସରକାରୀ ଛୁଟି ଦିବସ ଓ ରାତିରେ ମାଫିଆମାନେ ଜେସିବି ଏବଂ ଟ୍ରାକ୍ଟର ସହାୟତାରେ ମାଟି ଆବରଣକୁ କାଢ଼ି ବାଲି ଉତ୍ତୋଳନ କରୁଥିବା ସୂଚନା ମିଳିଛି। ଅଞ୍ଚଳରେ ଅନେକ ଇଟାଭାଟି ଥିବା ହେତୁ ବାଲି ସହିତ ବେଆଇନ ମାଟି ମଧ୍ୟ ଚାଲାଣ ହେଉଛି। ଏଥିରେ ଲାଭଖୋର ବାଲି ବ୍ୟବସାୟୀ, ଟ୍ରାକ୍ଟର ଓ ଜେସିବି ମାଲିକ ସାମିଲ୍ ଥିବା ଅଭିଯୋଗ ହୋଇଛି। ବେଧଡ଼କ ବାଲି ସହିତ ମାଟି ଉତ୍ତୋଳନ ଯୋଗୁଁ ଗାଈଗୋରୁ ଚାରଣରୁ ବଞ୍ଚିତ ହେଉଥିବାବେଳେ ପରିବେଶ ଉପରେ ମଧ୍ୟ କୁପ୍ରଭାବ ପଡୁଛି। ଏହାଛଡ଼ା ନଦୀର ଗତିପଥ ବଦଳୁଥିବା ବେଳେ ଲକ୍ଷଲକ୍ଷ ଟଙ୍କାର ସରକାରୀ ସମ୍ପତ୍ତି ଲୁଟ୍ ହେଉଛି। ଲଘୁ ଖଣିଜ ପଦାର୍ଥ ସୁରକ୍ଷା ଦାୟିତ୍ୱରେ ଥିବା ଥାନା, ତହସିଲ୍ ଓ ଜିଲ୍ଲା ଖଣି ନିଗମ ଅଧିକାରୀମାନେ ଏଯାଏଁ ଏହା ଉପରେ କୌଣସି ପଦକ୍ଷେପ ଗ୍ରହଣ ନ କରିବା ପରିତାପର ବିଷୟ ପାଲଟିଛି। ଏପରି ବେଆଇନ କାର୍ଯ୍ୟରେ ଜଡ଼ିତ ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ବୁଦ୍ଧିଜୀବୀମାନେ କହିଛନ୍ତି।

## 'ନିରହଂକାରୀ ଶାନ୍ତିଲତା ଜଣେ ସ୍ମରଣୀୟ ବ୍ୟକ୍ତିତ୍ୱ'

ଭଦ୍ରକ,୨୩।୪(ସମିସ): ଭିନ୍ନ ଚିନ୍ତାଧାରା ଭିନ୍ନ ଦୃଷ୍ଟିଭଙ୍ଗୀ ଏକାଧାରରେ ଜଣେ ସାହିତ୍ୟିକା, ଜଣେ ସଂଗଠକ, ଜଣେ ସରଳ ନିଷ୍କପଟ ମଣିଷ ଥିଲେ ଶାନ୍ତିଲତା ବାରିକ (ନାଗ)। ଗାନ୍ଧୀବାଦରେ ବିଶ୍ୱାସ ରଖୁଥିବା ଜଣେ ବ୍ୟକ୍ତିତ୍ୱ। ଜଣେ ଅନୁଷ୍ଠାନ ପ୍ରେମୀ ଓ ପରୋପକାରୀ ମହିଳା ଭାବେ ସେ ଚିରସ୍ମରଣୀୟ ହୋଇ ରହିବେ ବୋଲି ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଅବସରରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ମତପ୍ରକାଶ ପାଇଛି। ବରିଷ୍ଠ ସ୍ତମ୍ଭକାର ବାସୁଦେବ ବାରିକଙ୍କ ସଭାପତିତ୍ୱରେ ଶାନ୍ତିଲତା ସ୍ମୃତି କମିଟି ପକ୍ଷରୁ ଆରଡ଼ି ଛକସ୍ଥିତ ପ୍ରେମ ନଗରରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଡ. ବ୍ରଜମୋହନ ମିଶ୍ର, ମୁଖ୍ୟବକ୍ତା ପବିତ୍ର ପାଣିଗ୍ରାହୀ, ସମ୍ମାନିତ ବକ୍ତା ଡ. ଭାଗବତ ତ୍ରିପାଠୀ ପ୍ରମୁଖ ଯୋଗଦେଇ ସ୍ୱର୍ଗତଃ ଶାନ୍ତିଲତା ଏକ ବିରଳ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ। ସମସ୍ତଙ୍କୁ ନିଜର କରିପାରିବାର ଏକ ସ୍ୱତନ୍ତ୍ର କଳା ତାଙ୍କୁ ଜଣା ଥିଲା। ସେହି ସୂତ୍ରରେ ସେ ଅନେକଙ୍କୁ ବାନ୍ଧି ରଖିବାରେ ସମର୍ଥ ହୋଇଥିଲେ ବୋଲି ଉଲ୍ଲେଖ କରିଥିଲେ। ଏହି ଅବସରରେ କବୟିତ୍ରୀ ସୁଚିତ୍ରା ପାଣିଗ୍ରାହୀଙ୍କୁ 'ପ୍ରଥମ ଶାନ୍ତିଲତା ନାଗ ସ୍ମୃତି ସମ୍ମାନ' ପ୍ରଦାନ କରାଯାଇଥିଲା। କବୟିତ୍ରୀ ସଂଯୁକ୍ତା ବଳଙ୍କ ସଂଯୋଜନାରେ ଆୟୋଜିତ କବିତା ପାଠୋତ୍ସବରେ ଶାନ୍ତିଲତା ବାରିକ, ଗୌରାଙ୍ଗ ବାରିକ, ଅମର ପାଣିଗ୍ରାହୀ, ମନୋରମା ରାୟ, ଜାନକୀ ପାଢ଼ୀ, ବିପ୍ଳବ ହୋତା, ସନାତନ ଦାସ, ରମେଶ ଚନ୍ଦ୍ର ଦାସ, କାଳନ୍ଦୀ ମଲ୍ଲିକ, କବି ଗୋକୁଳାନନ୍ଦ ପ୍ରମୁଖ ସ୍ୱରଚିତ କବିତାପାଠ କରିଥିଲେ। କବି ଚୈତାଳୀ ଖିଲାର ମଞ୍ଚ ଆମନ୍ତ୍ରଣ କରିଥିବାବେଳେ ଅଶୋକ ଦାସ ସ୍ୱାଗତ ଭାଷଣ ଓ ଉପେନ୍ଦ୍ର କୁମାର ବାରିକ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଶାନ୍ତନୁ ରାଉତ, ରମାକାନ୍ତ ମଣ୍ଡଳ, ସୁଧାକର ରାଉତ, ନିର୍ମଳ ରାଉତ, ଗିରିଧାରୀ ନାଥ, ରୂପକ ବିହାରୀ ରାୟ ପ୍ରମୁଖ ସ୍ୱର୍ଗତଃ ନାଗଙ୍କ ସ୍ମୃତିଚାରଣ କରିଥିଲେ। କୈଳାସ ଚନ୍ଦ୍ର ପଣ୍ଡା, ଅତିଶ ବେହେରା, ବିଚିତ୍ରାନନ୍ଦ ଦାସ, ପ୍ରଦୀପ ପଲ୍ଲାଇ, ରାଜେନ୍ଦ୍ର ବାରିକ ଓ ପରିବାର ସଦସ୍ୟ ଉତ୍ସବ ପରିଚାଳନା କରିଥିବାବେଳେ ପ୍ରଫୁଲ୍ଲ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ।



## ଚିହ୍ନଟ ମୌଜାରୁ ବାଲି ଉତ୍ତୋଳନ ବନ୍ଦ

ବାରିକପୁର,୨୩।୪(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ଦେଇ ଯାଇଥିବା ବୈତରଣୀ ନଦୀରୁ ବେଆଇନ ବାଲି ଉତ୍ତୋଳନକୁ ରୋକିବା ପାଇଁ ପ୍ରଶାସନ ନାକେଦମ୍ ହେଲାଣି। କେତେବେଳେ ନଦୀ ପଠାରେ ନାଳ ଚିରା ଯୋଜନା ତ ପୁଣି କେତେବେଳେ ନିଷିଦ୍ଧାଞ୍ଚଳ ଘୋଷଣା କରି ବେଆଇନ ପରିବହନକୁ ରୋକିବା ପାଇଁ ପ୍ରଶାସନ ଚେଷ୍ଟା ଜାରି ରଖିଛି। ଯେଉଁଠି ଅଧିକାରୀମାନେ ବାଲି ପରିବହନ ପଥରେ ନାଳ ଚିରୁଛନ୍ତି ତା' ପରଦିନ ବିପରୀତ ଦିଗରେ ବାଲି ପରିବହନ ହେଉଥିବା ଦେଖାଯାଇଛି। ପ୍ରଶାସନର ମିଛିମିଛିକା ଚେଷ୍ଟା କେବଳ ଧର୍ମକୁ ଆଖିଠାର ଭଳି ହେଉଛି। ଗତ ବୁଧବାର ନଦୀର କେତେକ ସ୍ଥାନରେ ୧୬୩ ଧାରା ଜାରି ହୋଇଥିବାବେଳେ ଉକ୍ତ ସ୍ଥାନକୁ ଚିହ୍ନଟ ମଧ୍ୟ କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ଜଗନ୍ନାଥପ୍ରସାଦ (ଖ) ଖାତା ନଂ ୭୯୯ ଓ ପ୍ଲଟ୍ ନଂ ୧୬୫୩/୨୭୩୩, ୨୭୩୪, ୨୭୩୫ରୁ ବାଲି ଉତ୍ତୋଳନ ପାଇଁ ବାରଣ କରାଯାଇଛି। ସେହିଭଳି ଟିକରାଠାରେ ଖାତା ନଂ ୧୫୪, ପ୍ଲଟ୍ ନଂ ୧, ଯଶୋଟିକିରିଠାରେ ଖାତା ନଂ ୪୧୪, ପ୍ଲଟ୍ ନଂ ୧, ବଳିପୁରଠାରେ ଖାତା ନଂ ୩୪୬, ପ୍ଲଟ୍ ନଂ ୫୮୭, ଝୁଟୁଣାଠାରେ ଖାତା ନଂ ୫୩୧, ପ୍ଲଟ୍ ନଂ ୧, ୧/୨୯୭୭, ୧୮୮୪/୨୯୮୦, ୨/୨୯୮୧ ପ୍ଲଟ୍ ଉପରେ ଧାରା ୧୬୩ ଜାରି ହୋଇଛି। ଅନୁରୂପ ଭାବେ ବଡ଼ବନସ୍ତା 'କ, ଖ ଓ ଗ' ସୈରାତଠାରେ ଖାତା ନଂ ୨୮୦ ଓ ପ୍ଲଟ୍ ନଂ ୯୫, ୯୬ ଏବଂ ୫ରୁ ବାଲି ଉତ୍ତୋଳନ ହେବ ନାହିଁ ବୋଲି ନିର୍ଦ୍ଦେଶନାମା ଜାରି ହୋଇଛି। ଏନେଇ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ଖଣି ଉପନିର୍ଦ୍ଦେଶକଙ୍କୁ ପତ୍ର ଯୋଗେ ସୂଚନା ଦିଆଯାଇଛି।



ଚାନ୍ଦବାଲି ବିଧାନସଭା ନିର୍ବାଚନମଣ୍ଡଳୀର ଉନ୍ନୟନ କମିଟିର ବୈଠକ

## ଉନ୍ନତ ସ୍ୱାସ୍ଥ୍ୟ ସେବା, ଜଳ ସଂକଟ ଦୂର ପାଇଁ ଗୁରୁତ୍ୱାରୋପ

ଭଦ୍ରକ,୨୩।୪(ସମିସ)




ଡିଷ୍ଟ୍ରିକ୍ଟ ପ୍ଲାନିଂ ଏଣ୍ଡ ମନିଟରିଂ କମିଟି ଆନୁକୂଲ୍ୟରେ ସ୍ଥାନୀୟ ବିଜୁ ସ୍ମୃତି ଭବନ ପରିସରରେ ଚାନ୍ଦବାଲି ବିଧାନସଭା ନିର୍ବାଚନମଣ୍ଡଳୀ ନିମନ୍ତେ ଏସିଡିସି ବୈଠକ ବିଧାୟକ ଡ. ବ୍ୟୋମକେଶ ରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ନିର୍ବାଚନମଣ୍ଡଳୀ ନିମନ୍ତେ ଭଦ୍ରକ ଜିଲ୍ଲାର ସମସ୍ତ ବିଭାଗୀୟ ଅଧିକାରୀଙ୍କ ସମେତ ଜନପ୍ରତିନିଧିମାନେ ଅଂଶଗ୍ରହଣ କରି ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଗମନାଗମନ, ପାନୀୟଜଳ, ଶକ୍ତି, ମହିଳା ଓ ଶିଶୁ ବିକାଶ, ବିଭିନ୍ନ ହିତାଧିକାରୀମାନଙ୍କୁ ଭତ୍ତା, ରାସନ କାର୍ଡ ଓ ଗୃହ ଆବଣ୍ଟନ ଆଦି ବିଷୟରେ ଥିବା ସମସ୍ୟା ସମ୍ପର୍କରେ ବିସ୍ତୃତ ପର୍ଯ୍ୟାଲୋଚନା କରାଯାଇ ନିଷ୍କର୍ଷ ସ୍ଥିର କରାଯାଇଥିଲା। ବୈଠକ ଆଲୋଚନାର ମୁଖ୍ୟ ଭାଗରେ ଚାନ୍ଦବାଲି ବିଧାୟକ ଡ. ରାୟ, ଭଦ୍ରକ ଜିଲ୍ଲା ସିଡିଓ ଶୁଭେନ୍ଦ୍ର ସାମଲ, ଡିଡି ପ୍ରହଲ୍ଲାଦ ରଣା, ଚାନ୍ଦବାଲି ବିଡିଓ ସଞ୍ଜୀବ ମହାପାତ୍ର, ଚାନ୍ଦବାଲି ଏନ୍‌ଏସି ଅଧିକାରୀ ଆଭାସ ରଞ୍ଜନ ପାଣିଗ୍ରାହୀ, ତିହିଡ଼ି ବିଡିଓ ନିରଞ୍ଜନ ବାରିକ୍, ଚାନ୍ଦବାଲି ବ୍ଲକ୍ ଅଧ୍ୟକ୍ଷା ମିନତୀ ସୂତାର, ତିହିଡ଼ି ବ୍ଲକ୍ ଅଧ୍ୟକ୍ଷା ଅବନ୍ତୀ ଦାସ ଓ ଚାନ୍ଦବାଲି ଏନ୍‌ଏସି ଅଧ୍ୟକ୍ଷା ଶାନ୍ତିଲତା ସେଠୀ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ। ଚାନ୍ଦବାଲି ବିଧାନସଭା ନିର୍ବାଚନମଣ୍ଡଳୀର ସର୍ବାଙ୍ଗିଣ ଉନ୍ନତି ତଥା ଚାନ୍ଦବାଲିକୁ ଏକ ବିକଶିତ ନିର୍ବାଚନମଣ୍ଡଳୀରେ ପରିଣତ କରିବା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ଆହ୍ୱାନ ଦିଆଯାଇଥିଲା। ବିଶେଷକରି ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକରେ ସମସ୍ତ ବିଭାଗର ଆବଶ୍ୟକ ଡାକ୍ତରୀ ଅଭାବ ଦୂରୀକରଣ ଓ ଉନ୍ନତମାନର ସ୍ୱାସ୍ଥ୍ୟସେବା ପ୍ରଦାନ ବ୍ୟବସ୍ଥା, ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ଥିବା ପାନୀୟଜଳ ସଙ୍କଟ ଦୂରୀକରଣ, ଚାନ୍ଦବାଲି ନିର୍ବାଚନମଣ୍ଡଳୀକୁ ସଂଯୋଗ କରୁଥିବା ସମସ୍ତ ସେତୁର ନିର୍ମାଣ କାର୍ଯ୍ୟ ଶେଷ ଏବଂ ଶିକ୍ଷା କ୍ଷେତ୍ରରେ ଥିବା ଶିକ୍ଷକ ଅଭାବ ସମସ୍ୟାର ଦୂରୀକରଣ ଆଦି ବିଷୟରେ ଗୁରୁତ୍ୱାରୋପ କରି ଏହାର ତୁରନ୍ତ ସମାଧାନ ଦିଗରେ ନିଷ୍ପତ୍ତି ସ୍ଥିରୀକୃତ ହୋଇଥିଲା। ବିଶେଷ କରି ଚାନ୍ଦବାଲି ଡାକ୍ତରଖାନାରେ ରକ୍ତଭଣ୍ଡାର ଖୋଲିବା ପାଇଁ ଚାନ୍ଦବାଲି ବିଧାୟକ ଡ. ରାୟ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ପ୍ରସ୍ତାବ ଦେଇଥିଲେ। ବୈଠକ ସଫଳ ହୋଇଥିବାରୁ ଚାନ୍ଦବାଲି ବିଧାୟକ ଅଂଶଗ୍ରହଣକାରୀ ସମସ୍ତ ବିଭାଗୀୟ କର୍ମକର୍ତ୍ତାଙ୍କୁ କୃତଜ୍ଞତା ଜଣାଇଥିଲେ।

## 'ସକାଳ' ପ୍ରଭାବ: ବଦଳିଲେ ବ୍ଲକ୍ ଯୋଗାଣ ଅଧିକାରୀ

### ଅନିୟମିତତା ଅଭିଯୋଗ ପରେ ଜିଲ୍ଲାପାଳଙ୍କ ପଦକ୍ଷେପ

**ଧାମନଗର, ୨୩।୪(ସମିସ):** ଧାମନଗର ବ୍ଲକରେ କାର୍ଯ୍ୟରତ ଯୋଗାଣ ଅଧିକାରୀ ରସାନନ୍ଦ ସାହୁଙ୍କ ବିରୋଧରେ ଦୁର୍ନୀତି ଓ ବେଆଇନ କାର୍ଯ୍ୟକଳାପ ନେଇ ବିଭିନ୍ନ ପଞ୍ଚାୟତର ବିଜେଡି ସମର୍ଥିତ ଲୋକ ପ୍ରତିନିଧିମାନେ ଜିଲ୍ଲାପାଳ, ଏସ୍‌ପି ଓ ଧାମନଗର ବିଡିଓଙ୍କୁ ଲିଖିତ ଅଭିଯୋଗ ପତ୍ର ପ୍ରଦାନ କରି ତୁରନ୍ତ ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ପାଇଁ ଚଳିତ ମାସ ୧୭ ତାରିଖ ଗୁରୁତର ଅଭିଯୋଗ କରିଥିଲେ। ଅଭିଯୋଗ ପତ୍ରର ଉଲ୍ଲେଖ ଅନୁସାରେ, ଯୋଗାଣ ଅଧିକାରୀ ସରକାରୀ ସାମଗ୍ରୀ ବଣ୍ଟନରେ ଅନିୟମିତତା କରୁଥିବା ସହ ରିଟେଲରମାନଙ୍କଠାରୁ ଅନଧିକୃତ ଭାବରେ ଟଙ୍କା ଆଦାୟ କରୁଛନ୍ତି। ରିଟେଲରମାନଙ୍କୁ ମିଳୁଥିବା ଅର୍ଥରୁ ୧୨ ପ୍ରତିଶତ ଦାବି ସହିତ ଡିଲରଙ୍କ (ରାସନ ଚାଉଳ) ରିନ୍ୟୁଆଲ ପାଇଁ ପ୍ରତି କ୍ୱିଣ୍ଟାଲରେ ଅତିରିକ୍ତ ଟଙ୍କା, ଟ୍ରେଜେରୀ କାମ ପାଇଁ ଅଲଗା ଅର୍ଥ ଓ ବ୍ୟକ୍ତିଗତ ଲାପ୍‌ଟପ୍ କ୍ରୟ ପାଇଁ



ମଧ୍ୟ ଟଙ୍କା ଆଦାୟ ହେଉଥିବା ଅଭିଯୋଗ ରହିଥିଲା। ଲୋକପ୍ରତିନିଧିମାନେ ଦରଖାସ୍ତରେ ସ୍ପଷ୍ଟ କରିଥିଲେ ଯେ, ୭ଦିନ ମଧ୍ୟରେ ତଦନ୍ତ କରି ଦୋଷୀଙ୍କ ବିରୋଧରେ କଠୋର ପଦକ୍ଷେପ ଗ୍ରହଣ କରା ନ ଗଲେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିଜେଡି ପକ୍ଷରୁ ଧାରଣା ଦିଆଯିବ ବୋଲି ଚେତାବନୀ ଦିଆଯାଇଥିଲା। ଏହି ଅନିୟମିତତା ଅଭିଯୋଗର ଖବର ପ୍ରକାଶ ପରେ ଜିଲ୍ଲାପାଳ ଓ ଯୋଗାଣ ବିଭାଗ ପକ୍ଷରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଧାମନଗର ବ୍ଲକ ଯୋଗାଣ ଅଧିକାରୀ ରସାନନ୍ଦ ସାହୁଙ୍କୁ ଭଣ୍ଡାରିପୋଖରୀ ବ୍ଲକର ଯୋଗାଣ ଅଧିକାରୀ ଭାବେ ନିଯୁକ୍ତି ଦିଆଯାଇଥିବାବେଳେ ବନ୍ତ ବ୍ଲକ ଯୋଗାଣ ଅଧିକାରୀ ଶୁଭଶ୍ରୀ ଶୁକ୍ଳାଙ୍କୁ ଧାମନଗରର ନୂତନ ଯୋଗାଣ ଅଧିକାରୀ ଭାବେ ନିଯୁକ୍ତି କରାଯାଇଛି ବୋଲି ବିଭାଗ ପକ୍ଷରୁ ସୂଚନା ମିଳିଛି।

### ଆରଡ଼ି ଷ୍ଟେଟ୍ ବ୍ୟାଙ୍କ ଶାଖାରେ ଗ୍ରାହକଙ୍କୁ ମରଣାନ୍ତକ ଆକ୍ରମଣ

## ଛାତ୍ରବୃତ୍ତି ଟଙ୍କା ଉଠାଇବାକୁ ଆସି ମାଡ଼ ଖାଇଲେ ଗ୍ରାହକ

**ଭଦ୍ରକ/ଆରଡ଼ି, ୨୩।୪(ସମିସ)**

ଭଦ୍ରକ ଜିଲ୍ଲା ଆରଡ଼ି ପୀଠରେ ଥିବା ଏସ୍‌ବିଆଇ(ଭାରତୀୟ ଷ୍ଟେଟ ବ୍ୟାଙ୍କ) ଶାଖାରେ ଗ୍ରାହକଙ୍କୁ ମରଣାନ୍ତକ ଆକ୍ରମଣ କରିଛନ୍ତି ବ୍ୟାଙ୍କର କ୍ୟାସିୟର। ଘଟଣା ଅନୁଯାୟୀ, ଜଣେ କଲେଜ ଛାତ୍ରୀ ତାଙ୍କର ବୃତ୍ତି ଟଙ୍କା ଉଠାଇବା ପାଇଁ ଭାଇ ସହ ଆସି ଧାଡ଼ିରେ ଛିଡ଼ା ହୋଇଥିଲେ। ବ୍ୟାଙ୍କ ଖାତାରୁ ୮ ହଜାର ଟଙ୍କା ଉଠାଇବା ପାଇଁ ଫର୍ମ ପୂରଣ କରି କ୍ୟାସିୟର ଜିତେନ୍ଦ୍ର ପ୍ରସାଦ ଦାସଙ୍କୁ ଦେବାରୁ ୧୦ହଜାର ଟଙ୍କା ତଳକୁ ଉଠାଇହେବ ନାହିଁ ବୋଲି କହିବା ସହ ଆକାଉଣ୍ଟ ଖାତା ଅପଡେଟ୍ କରିବା ପାଇଁ କହିଥିଲେ। ଛାତ୍ରୀଙ୍କ ଭାଇ ଶୁଭଙ୍କର ନାୟକ ଖାତା ଅନ୍ୟ ଏକ କାଉଣ୍ଟରରେ ଆକାଉଣ୍ଟ ଠିକ୍ ଥିବା ଜାଣିବାକୁ ପାଇବା ପରେ ପୁନର୍ବାର କ୍ୟାସିୟର ଶ୍ରୀ ଦାସଙ୍କୁ ଜଣାଇଥିଲେ। ଶ୍ରୀ ଦାସ ବାରମ୍ବାର କାହିଁକି ଆସୁଛ ବୋଲି



କହିବା ସହ ରାଗିଯାଇ ଏକ ଲୁହାଛଡ଼ରେ ବାଡ଼େଇବାବେଳେ ଅଳ୍ପକେ ବର୍ତ୍ତିଯାଇଥିଲେ ଶୁଭଙ୍କର। ଏପରିକି ଉକ୍ତ ଲୁହାଛଡ଼କୁ ବ୍ୟାଙ୍କ ସିକ୍ୟୁରିଟି ଗାର୍ଡ ଜବତ କରିବା ପରେ ଜୋତା ଆଦି ମଧ୍ୟ ପକାଇବାକୁ ପଛାଇ ନ ଥିଲେ କ୍ୟାସିୟର। କ୍ୟାସିୟର ଶ୍ରୀ ଦାସ ଏପରି ଫିଙ୍ଗିବା ଫଳରେ ଗ୍ରାହକମାନେ ବ୍ୟାଙ୍କ ଛାଡ଼ି ପଳାଇଥିଲେ। ଏପରିକି କ୍ୟାସିୟର ଜଣକ ତାଣ୍ଡବ କରିଥିଲେ ମଧ୍ୟ ପରିଚାଳକ ଓ ଅନ୍ୟ କର୍ମଚାରୀ ନିରବଦ୍ରଷ୍ଟା ସାଜିଥିଲେ। ପରେ ଆକ୍ରମଣର ଶିକାର ହୋଇଥିବା ଶୁଭଙ୍କର ଓ ତାଙ୍କ ଭଉଣୀ ନିକଟସ୍ଥ ଆରଡ଼ି ଫାଣ୍ଡିରେ ଅଭିଯୋଗ କରିଥିଲେ। ଅଭିଯୋଗ ହେବାର ୩୬ ଘଣ୍ଟା ବିତିଯାଇଥିଲେ ମଧ୍ୟ ପୁଲିସ ଚୁପ୍ ବସିବା ସାଧାରଣରେ ନାନା ପ୍ରଶ୍ନବାଚୀ ସୃଷ୍ଟିକରିଛି। ଏପରିକି ଅଭିଯୋଗକାରୀ ଓ ତାଙ୍କ ବାପାଙ୍କୁ ବ୍ୟାଙ୍କର ଦଲାଲଙ୍କ ଦ୍ୱାରା ବିଭିନ୍ନ ପ୍ରକାର ଧମକ ଦିଆଯାଉଥିବା ଶୁଭଙ୍କର କହିଛନ୍ତି। ଯଦି ବ୍ୟାଙ୍କ କ୍ୟାସିୟରଙ୍କ ପ୍ରତି କୌଣସି ପଦକ୍ଷେପ ନିଆ ନ ଯାଏ, ତାହେଲେ ପରିବାର ସହ ଧାରଣାରେ ବସିବେ ବୋଲି ଶୁଭଙ୍କର କହିଛନ୍ତି।

## ସନାତନ ରାଉତ ସ୍ମୃତି କମିଟି ପକ୍ଷରୁ ପଣା ବଣ୍ଟନ

**ଭଦ୍ରକ, ୨୩।୪(ସମିସ):** ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ ଅନ୍ତର୍ଗତ ମତୋ ଗ୍ରାମରେ ମା' ଗଜଲକ୍ଷ୍ମୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅବସରରେ ଭକ୍ତଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ଏହି ପବିତ୍ର ଅବସରରେ ସନାତନ ରାଉତ ସ୍ମୃତି କମିଟି ପକ୍ଷରୁ ସତ୍ୟାନନ୍ଦ ରାଉତଙ୍କ ତତ୍ତ୍ୱାବଧାନରେ ଭକ୍ତମାନଙ୍କ ପାଇଁ ପଣା ବଣ୍ଟନ କରାଯାଇଥିଲା। ତୀବ୍ର ଗ୍ରୀଷ୍ମ ଉଷ୍ମତାକୁ ଦୃଷ୍ଟିରେ ରଖି ଏହି ପଣା ବଣ୍ଟନ କାର୍ଯ୍ୟକ୍ରମ ଲୋକଙ୍କ ପାଇଁ ଶୀତଳତା ଓ ସେବାଭାବର ଏକ ଉଦାହରଣ ହୋଇଥିଲା। କମିଟିର ସଦସ୍ୟମାନେ ସକ୍ରିୟ ଭାବେ ଯୋଗଦେଇ ସେବା କାର୍ଯ୍ୟକୁ ସଫଳ କରିଥିଲେ। ଉକ୍ତ ଜଳଛତ୍ରକୁ ଚାନ୍ଦବାଲି ଥାନା ଅଧିକାରୀ ପରେଶ ମହାନ୍ତି ଉଦ୍‌ଘାଟନ କରିଥିଲେ। ଶ୍ରୀ ମହାନ୍ତି କହିଛନ୍ତି, ମାନବ ସେବା ହିଁ ମାଧବ ସେବାକୁ ପାଥେୟ କରି ଏଭଳି ସେବା କାର୍ଯ୍ୟ ବଜାୟ ରଖିବା ଆବଶ୍ୟକ।

## ଷ୍ଟେସନ ଛକରେ ଜଳଛତ୍ର ଉଦ୍‌ଘାଟିତ



**ବାଲେଶ୍ୱର, ୨୩।୪(ସମିସ):** ପୌରପାଳିକା ସହିତ ବିଭିନ୍ନ ସଙ୍ଗଠନ ଓ ବ୍ୟକ୍ତିବିଶେଷଙ୍କ ପକ୍ଷରୁ ପାନୀୟ ଜଳ ପ୍ରଦାନ ନେଇ ଜଳଛତ୍ର ଖୋଲାଯାଉଛି। ଏହି କ୍ରମରେ ଓଡିଆ ଟେଲି ଅଭିନେତ୍ରୀ ତଥା ଆଲବମ ଷ୍ଟାର ଇପସିତା ସାହୁଙ୍କ ଉଦ୍ୟମରେ ସ୍ଥାନୀୟ ଷ୍ଟେସନ ଛକରେ ଏକ ଜଳସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ବାଲେଶ୍ୱର ପୌରାଧ୍ୟକ୍ଷା ସବିତା ସାହୁ ଏହି ଶିବିରକୁ ଉଦଘାଟନ କରିଥିଲେ। ଇପସିତାଙ୍କ ମା' ସନ୍ଧ୍ୟା ସାହୁ, ବାଲେଶ୍ୱର ପୌର ପରିଷଦର କାଉନସିଲର ରଞ୍ଜିତା ମହାପାତ୍ର, ବାଲେଶ୍ୱର ଅର୍ବାନ କୋଅପରେଟିଭ ବ୍ୟାଙ୍କ ସଭାପତି ସୂର୍ଯ୍ୟକାନ୍ତ କର, ଯୁବନେତା ସୀମନ ଦାସମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ରୋଜି ପଟ୍ଟନାୟକ, ସୋନାଲି ସା, ହ୍ରିତିକ ନାୟକ, ସୁପ୍ରକାଶ ସା, ପ୍ରିୟଙ୍କା ରଣା, ସୌରଭ ଅଗ୍ରୱାଲ, ଜୀବନ ସଂଗ୍ରାମ ମିଶ୍ର, ସ୍ନେହା ସା, ଭେରିନା ସା, ବିବେକ ସାହୁ ପ୍ରମୁଖ ଶିବିର ପରିଚାଳନା କରିଥିଲେ।

## ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟିର ପୂର୍ବତନ ସମ୍ପାଦକଙ୍କୁ ଶ୍ରଦ୍ଧାଞ୍ଜଳି



**ରେମୁଣା, ୨୩।୪ (ସମିସ):** ସରକାରୀ ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟି ତରଫରୁ ପ୍ରଫେସର ଶତ୍ରୁଘ୍ନ ମଲ୍ଲିକଙ୍କ ସଭାପତିତ୍ୱରେ ପୂର୍ବତନ ସାଧାରଣ ସମ୍ପାଦକ ଭଗବାନ ରାଉତଙ୍କ ଦଶାହରେ ଏକ ଶୋକସଭା ପାଳିତ ହୋଇଯାଇଛି। ତାଙ୍କର ଆତ୍ମାର ସଦଗତି ନିମିତ୍ତ ଏକ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ସଭାରେ ରେମୁଣା ବ୍ଲକର ସମ୍ପାଦକ ତରୁଣ କୁମାର ଦାସ, ଜିଲ୍ଲା ସାଧାରଣ ସମ୍ପାଦକ ପ୍ରଦୀପ ଦାସ, ବିଧାନ ଚନ୍ଦ୍ର ରାୟ, ଉପ ସଭାପତି ଦୁଷ୍ମନ୍ତ ଦାସ, ଜଗତାନନ୍ଦ ବିଶ୍ୱାଳ, ପ୍ରତିମା ଦାସ ପ୍ରମୁଖ ଯୋଗଦେଇ ୨୦୦୫ ମସିହା ଠାରୁ ଅଦ୍ୟାବଧି କିଭଳି ଭାବରେ ନିରନ୍ତର ଉଦ୍ୟମକରି ଭଗବାନ ରାଉତଙ୍କ ମୃତ୍ୟୁ ପର୍ଯ୍ୟନ୍ତ କାର୍ଯ୍ୟ କରିଥିଲେ ତାହାର ବିବରଣୀ ପ୍ରଦାନ କରାଯାଇଥିଲା।

### ● ଖଣି ବିଭାଗ ଓ ବାଲି ମାଫିଆଙ୍କ ସଲାସୁତରା

## ଦୁର୍ବଳ ହେଉଛି ନଦୀବନ୍ଧ; ବଦଳୁଛି ଗତିପଥ

**ଅସୁରାଳି, ୨୩।୪(ସମିସ):** ଧାମନଗର ତହସିଲ୍ ଅଞ୍ଚଳରେ ବୈତରଣୀ ଓ କୋଚିଳା ନଦୀରୁ ବେଆଇନ ବାଲି ଉତ୍ତୋଳନ ଏବେ ଚରମ ସୀମାରେ ପହଞ୍ଚିଛି। ଖଣି ବିଭାଗର କିଛି ଅସାଧୁ କର୍ମଚାରୀ ଓ ବାଲି ମାଫିଆଙ୍କ ମଧ୍ୟରେ ଥିବା ସଲାସୁତରା ଯୋଗୁଁ ସରକାର ଲକ୍ଷ ଲକ୍ଷ ଟଙ୍କାର ରାଜସ୍ୱ ହରାଉଥିବାବେଳେ ସାଧାରଣ ଜନଜୀବନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବାଲିଘାଟଗୁଡ଼ିକରୁ ଅହରହ ବେଆଇନ ଭାବେ ବାଲି ଉଠାଯିବା ଫଳରେ ନଦୀବନ୍ଧ ଦୁର୍ବଳ ହେବାରେ ଲାଗିଛି। ଏହାଦ୍ୱାରା ନଦୀର ଗତିପଥ ମଧ୍ୟ ପରିବର୍ତ୍ତନ ହୋଇ ଗାଁ ଆଡ଼କୁ ମୁହାଁଇବା ଆଶଙ୍କା ସୃଷ୍ଟି ହୋଇଛି, ଯାହା ଗ୍ରାମବାସୀଙ୍କୁ ଆତଙ୍କିତ କରିଛି। ଶହଶହ ଓଭରଲୋଡ୍ ଟ୍ରକ୍, ଟ୍ରାକ୍ଟର ଓ ହାଇୱା ଚଳାଚଳ ଯୋଗୁଁ ଅଞ୍ଚଳର ମୁଖ୍ୟ ରାସ୍ତାଗୁଡ଼ିକ ଖାଲଖମାରେ ଭରିଗଲାଣି।



ବାଲିବୋଝେଇ ଗାଡ଼ିରୁ ପାଣି ମିଶା ବାଲି ଗଳିବା ଫଳରେ ରାସ୍ତାରୁ ପିଚୁ ଛାଡ଼ିଯାଉଛି। ଗାଡ଼ିଗୁଡ଼ିକରେ ପାଲ ଢଙ୍କା ଯାଉ ନ ଥିବାରୁ ବାଲି ଉଡ଼ି ପଥିକ ଓ ସ୍ଥାନୀୟ ଲୋକଙ୍କ ଆଖିରେ ପଡୁଛି, ଯାହା ଅନେକ ସମୟରେ ଦୁର୍ଘଟଣାର କାରଣ ସାଜୁଛି। ବାଲିପାଟଣା, ବାସୁଦେବପୀଠ ଅର୍ଜୁନପୁର, ହସନାବାଦ, ଅସ୍ତକ ମାମଦୁଲା ଓ ଅନିଲଡିହ ଆଦି ଘାଟରେ ଦିନରାତି ବାଲି ଚୋରା ଚାଲାଣ ଜାରି ରହିଛି। ସ୍ଥାନୀୟ ଲୋକେ ବାରମ୍ବାର ତହସିଲ୍‌ଦାର ଓ ଜିଲ୍ଲା ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ ସୁଦ୍ଧା କୌଣସି ସ୍ଥାୟୀ ସମାଧାନ ହୋଇପାରୁ ନାହିଁ। ଏ ସମ୍ପର୍କରେ ସହକାରୀ ଖଣି ଅଧିକାରୀ ସୌମ୍ୟରଞ୍ଜନ ଦ୍ୱିବେଦୀଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଖୁବ୍‌ଶୀଘ୍ର ଏହାର ଅନୁଧାନ କରାଯାଇ ବେଆଇନ ରାସ୍ତାଗୁଡ଼ିକୁ ମେସିନ ସାହାଯ୍ୟରେ ଖୋଳି ବନ୍ଦ କରାଯିବ।

## ଆର୍‌କେସିଏଟି ଇଞ୍ଜିନିୟରିଂ କଲେଜରେ ରକ୍ତଦାନ ଶିବିର

**ନୀଳଗିରି, ୨୩।୪ (ସମିସ):** ପ୍ରଚଣ୍ଡ ରୌଦ୍ରତାପ ଯୋଗୁଁ ବହୁତ କମ ରକ୍ତଦାନ ଶିବିର ଅନୁଷ୍ଠିତ ହେଉଛି। ଯାହାଦ୍ୱାରା କି ନୀଳଗିରି ଉପଖଣ୍ଡ ଚିକିତ୍ସା ଳୟରେ ରକ୍ତର ଅଭାବ ଦେଖାଦେଇଛି। ନୀଳଗିରି ରକ୍ତଦାତା ସଂଘ ପକ୍ଷରୁ ଆରକେସିଏଟିରେ ରକ୍ତଦାନ ଶିବିର ଅନୁଷ୍ଠିତ କରିବା ପାଇଁ ଅନୁରୋଧ କରାଯାଇଥିଲା। ଉକ୍ତ ଅନୁରୋଧ ରକ୍ଷା କରି ଆରକେସିଏଟି କର୍ତ୍ତୃପକ୍ଷ ରକ୍ତଦାନ ଶିବିର ର ଆୟୋଜନ କରିଥିଲେ। ଉକ୍ତ ଶିବିରରୁ ଅଠର ୟୁନିଟ୍ ରକ୍ତ ସଂଗୃହୀତ ହୋଇଛି। ଉକ୍ତ ଶିବିର କୁ



ଆରକେସିଏଟି ପ୍ରିନ୍ସିପାଲ ପ୍ରେମାନନ୍ଦ ପ୍ରଧାନ ଓ ରକ୍ତଦାତା ସଂଘ ର ସାଧାରଣ ସମ୍ପାଦକ ବିଜୟ କୁମାର ପାତ୍ର ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଉକ୍ତ ଶିବିର ରେ ରକ୍ତଦାତା ସଂଘ ର ବରିଷ୍ଠ ଉପଦେଷ୍ଟା ରବି ରାଉତ, ଭଗବାନ ମହାନ୍ତି, ଗଙ୍ଗାଧର ମହାପାତ୍ର, ପ୍ରଫୁଲ୍ଲ ଦଳେଇ, ବାମନ ଚରଣ ମହାନ୍ତି, ନୀଳଗିରି ରକ୍ତ କେନ୍ଦ୍ର ଅଧିକାରୀ ଡକ୍ଟର ମନୋଜ ବାରିକ, ରାଜେଶ ଦାସ, ଗତିକୃଷ୍ଣ ମହାନ୍ତି, ରାଜେନ୍ଦ୍ର ବେହେରା, ମଞ୍ଜରି ବେହେରା, କାଳିଆ ପାତ୍ର ଉପସ୍ଥିତ ରହି ରକ୍ତଦାନ ଶିବିର ପରିଚାଳନା କରିଥିଲେ।

## ଏପିଜେ ଅବଦୁଲ କଲାମ୍ ସ୍ମାର୍ଟ ପାର୍କ ଉଦ୍‌ଘାଟିତ

**ଜଳେଶ୍ୱର, ୨୩।୪ (ସମିସ):** ଜଳେଶ୍ୱର ସହରର ୩ନଂ ୱାର୍ଡ ସୁବର୍ଣ୍ଣରେଖା ନଦୀକୂଳରେ ନବନିର୍ମିତ ଅବଦୁଲ କାଲାମ୍ ସ୍ମାର୍ଟ ପାର୍କକୁ ଆଜି ଲୋକାର୍ପିତ କରାଯାଇଛି। ସହରବାସୀ ଅବସର ସମୟ ବିତାଇବା ପାଇଁ ୮ନଂ ୱାର୍ଡ ପଞ୍ଚୁଘଣ୍ଟା, ୧୨ନଂ ୱାର୍ଡ ନୂଆବଜାର, ୧୪ନଂ ୱାର୍ଡ ଚୁଡାମଣିପୁର, ୧୫ନଂ ୱାର୍ଡ ନହଞ୍ଚରା, ୧୭ନଂ ୱାର୍ଡ ଭାଦା ଚକବିଷ୍ଣୁ ଠାରେ ପାର୍କ ନିର୍ମାଣ ହୋଇଥିବା ବେଳେ ୩ନଂ ୱାର୍ଡ ସେକବାର୍ଡ ଠାରେ ୮ ୯ ଲକ୍ଷ ଟଙ୍କାରେ ରିଭରଭ୍ୟୁ ପାର୍କ ନିର୍ମାଣ କରାଯାଇଥିଲା। ଆଜି ପୌରପାଳ ପ୍ରତିପ କୁମାର ପ୍ରଧାନ ଓ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ହେମନ୍ତ ସିଂ, କାଉନ୍‌ସିଲର ସ୍ୱାଗତିକା ପାଳ ମିଳିତଭାବେ ଏହି ସ୍ମାର୍ଟ ପାର୍କକୁ ଲୋକାର୍ପିତ କରିଥିଲେ। ପରେ ଅନୁଷ୍ଠିତ ସଭାରେ ସମାଜସେବୀ ସଞ୍ଜୀବ ପାଳ ପୌରହିତ୍ୱ କରିଥିଲେ। ମୁଖ୍ୟଅତିଥି ପ୍ରତିପ କୁମାର ପ୍ରଧାନ, ମୁଖ୍ୟବକ୍ତା ହେମନ୍ତ ସିଂ ଯୋଗଦେଇ ସହରର ପଶ୍ଚିମପଟେ ଥିବା ୩ନଂ ୱାର୍ଡର ବିକାଶ ଓ ସମସ୍ତଙ୍କ ଆକର୍ଷଣୟ କରିବାଲାଗି ଚାରିବର୍ଷ ତଳେ ସବୁଠାରୁ ବଡ ସ୍ମାଟପାର୍କର ପରିକଳ୍ପନା କରାଯାଇଥିବା ବେଳେ ଆଜି ସ୍ୱପ୍ନ ସାକାର ହୋଇଥିବା କହିଛନ୍ତି। ନଦୀରୁ ପାଣି ଉତ୍ତୋଳନ କରି ଏହାକୁ ବିଶୋଧନ ପରେ ସହରବାସୀଙ୍କୁ ପାନୀୟ ଜଳ ଯୋଗାଣ ଲାଗି ନିକଟରେ ନିର୍ମାଣାଧିନ ପ୍ରକଳ୍ପରୁ ୨୪ ଘଣ୍ଟିଆ ପାଣି ଯୋଗାଣ, ସ୍ମାର୍ଟ ଶ୍ମଶାନ ସହିତ ବହୁ ଉନ୍ନତିମୂଳକ କାର୍ଯ୍ୟ ସମ୍ପର୍କରେ ଜଣାଇଥିଲେ।



ପାର୍କରେ ଜନସାଧାରଣ ସେମାନଙ୍କ ଭାଗିଦାରୀ ସ୍ୱରୂପ ୫ଟଙ୍କା ପ୍ରବେଶ ଶୁଳ୍କ ଦେଇ ଉପଭୋଗ କରିପାରିବେ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ କାଉନ୍‌ସିଲର କବିତା ଧଳ, ସୂରଜ ଚୌରାସିଆ, ଆବାସ ଅଲ୍ଲି, ଯୁବନେତା ଆନନ୍ଦ କର, ବିଜୟ କାମିଲା, ଆକବର ଖାନ, ସେକ୍ ଜଫିରୁଦ୍ଦିନ, ଗୁରୁପ୍ରଦାଦ ଚୌରାସୀଆ ପ୍ରମୁଖ ଉପସ୍ଥିତ ଥିବା ବେଳେ ଉମାକାନ୍ତ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

## ପୂର୍ବତନ ସାଂସଦ ଶ୍ୟାମସୁନ୍ଦର ମହାପାତ୍ରଙ୍କ ତିରୋଧାନ ଦିବସ

**ବାଲେଶ୍ୱର, ୨୩।୪(ସମିସ):** ସ୍ଥାନୀୟ ଆଇଟିଆଇ ନିକଟସ୍ଥ ଓଟି ରୋଡ ଠାରେ ସ୍ଥାପିତ ପ୍ରତିମୂର୍ତ୍ତି ନିକଟରେ ବାଲେଶ୍ୱରର ପୂର୍ବତନ ସାଂସଦ, ବିଧାୟକ ଓଡ଼ିଶାର ବରପୁତ୍ର ସ୍ୱର୍ଗତ ଡ ଶ୍ୟାମସୁନ୍ଦର ମହାପାତ୍ରଙ୍କ ତିରୋଧାନ ଦିବସ ପାଳିତ ହୋଇଯାଇଛି। ଶ୍ୟାମସୁନ୍ଦର ମହାପାତ୍ର ସ୍ମୃତି କମିଟି, ଓଡ଼ିଶାର ଆବାହକ ବରିଷ୍ଠ ସାମ୍ବାଦିକ ବିପ୍ଳବ ମହାନ୍ତି ଶ୍ରଦ୍ଧାଞ୍ଜଳି ସଭାରେ ସଭାପତିତ୍ୱ କରିଥିଲେ। ଡ. ମହାପାତ୍ରଙ୍କ ତିରୋଧାନ ଦିବସ ଶ୍ରଦ୍ଧାଞ୍ଜଳି ସଭାରେ ବାଲେଶ୍ୱର ଜିଲ୍ଲା ପରିଷଦର ପୂର୍ବତନ ସଭାପତି ଗିରିଶ ଚନ୍ଦ୍ର ଦାଶ, ପୂର୍ବତନ ଲୋକପାଳ ସୁବ୍ରତ କର, ଡ କ୍ଷିତୀଶ୍ୱର ଦାଶ, ଲକ୍ଷ୍ମୀକାନ୍ତ ତ୍ରିପାଠୀ, ଶିରିଶ ଚନ୍ଦ୍ର ଜେନା, ଲକ୍ଷ୍ମଣ ଚରଣ ବିଶ୍ୱାଳ, ଶତ୍ରୁଘ୍ନ ମଲ୍ଲିକ, ସମରେନ୍ଦ୍ର ଦାସ, ପ୍ରଫୁଲ୍ଲ ଦାସ, ବିଜୟ କୁମାର ଦାସ ଅଧିକାରୀ, ସଞ୍ଜୟ କୁମାର ପଣ୍ଡା, ପ୍ରଭାକର ସାହୁ, କଲ୍ୟାଣୀ ନନ୍ଦ, ସୁଶ୍ରୀ ଗୀତାଞ୍ଜଳି ସିଂ, ଅର୍ଚ୍ଚନା ନନ୍ଦୀ, ପ୍ରତାପ ମହାପାତ୍ର ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ସ୍ୱର୍ଗତ ମହାପାତ୍ରଙ୍କ ଜ୍ୟେଷ୍ଠପୁତ୍ର ଶୁଭଙ୍କର ମହାପାତ୍ର ଉପସ୍ଥିତ ଥିଲେ। ଯୁଗଶ୍ରୀ ଟ୍ରଷ୍ଟର ସମ୍ପାଦିକା ମମତା ମହାପାତ୍ର ଧନ୍ୟବାଦ ଦେଇଥିଲେ।

## ଅନ୍ତରା ମହୋତ୍ସବର ତୃତୀୟ ସନ୍ଧ୍ୟା



**ଖଇରା, ୨୩।୪ (ସମିସ):** ଖଇରା ବ୍ଲକ ଅଧୀନ ଅନ୍ତରା ସ୍କୁଲ ପଡ଼ିଆରେ ଚାଲିଥିବା ଅନ୍ତରା ମହୋତ୍ସବର ବୁଧବାର ଥିଲା ତୃତୀୟ ସଂଧ୍ୟା। ବିଶିଷ୍ଟ କମେଡିଆନ ସୁମନ ଓ ଅନ୍ୟତନ ସୁନାମଧନ୍ୟ ଧାରବାହିକ ଅଭିନେତ୍ରୀ ସସ୍ମିତାଙ୍କ ସଂଳାପ ଦର୍ଶକଙ୍କୁ ବାନ୍ଧି ରଖିବା ଭଳି ଥିଲା। ମହୋତ୍ସବ କମିଟିର ସଭାପତି ତ୍ରିଲୋଚନ ଉପାଧ୍ୟାୟଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ଖଇରା ସମୁଳିଆ ଅଞ୍ଚଳରେ ମହୋତ୍ସବ ମଣିଷ ଭାବେ ପରିଚିତ ଶଶିକୁମାର ସାହୁ, ଧାମନଗରର ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଭଦ୍ରକର ପୂର୍ବତନ ଏମପି ମଞ୍ଜୁଲତା ମଣ୍ଡଳ, ବାଲେଶ୍ୱର-ଭଦ୍ରକ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ର ସଭାପତି ଗଣେଷ ପ୍ରସାଦ ବେହେରା ପ୍ରମୁଖ ବରେଣ୍ୟ ଅତିଥି ଭାବେ ଯୋଗ ଦେଇ ପ୍ରଥମେ ଜଣେ ମଣିଷ ଅନ୍ୟ ଜଣେ ଜଣେ ମଣିଷକୁ ଭଲପାଇବା ଦରକାର। କାରଣ ଭଲପାଇବା ଦ୍ୱାରା ସବୁକୁଛି ହାସଲ କରାଯାଇ ପାରିବ ବୋଲି ପ୍ରକାଶ କରିଥିଲେ। ସରପଞ୍ଚ ରଶ୍ମିତା ଜେନା, ପ୍ରଫୁଲ୍ଲ କୁମାର ଦାସ, ଭାଗବତ ବେହେରା, ଶରତ କୁମାର ବିଶ୍ୱାଳ, ସୁବାଷ ପଣ୍ଡା, ସୁବାଷ ଜେନା ଓ ଅମରେଶ ପଣ୍ଡା ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ବିଶିଷ୍ଟ ଶିକ୍ଷକ ରମେଶ ଚନ୍ଦ୍ର ମଣ୍ଡଳ ଓ ସ୍ୱେଚ୍ଛାସେବୀ ରମାକାନ୍ତ ବରାଳଙ୍କ ସମେତ ଅନ୍ୟ ବହୁ ପ୍ରତିଭାଦାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବସନ୍ତ କୁମାର ବିଶ୍ୱାଳ ମଞ୍ଚ ପରିଚାଳନା କରିଥିଲେ।

## ଶୈଳେନ୍ଦ୍ର ନାଥ ପରିଡ଼ାଙ୍କ ନିମନ୍ତେ ଶ୍ରଦ୍ଧାଞ୍ଜଳି ସଭା

**ବାଲେଶ୍ୱର, ୨୩।୪ (ସମିସ):** ଚାଟାର୍ଡ ଆକାଉଣ୍ଟାଣ୍ଟ ଶୈଳେନ୍ଦ୍ର ନାଥ ପରିଡ଼ାଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକ ଅବସରରେ ଏକ ଶ୍ରଦ୍ଧାଞ୍ଜଳି ସଭା ସିଦ୍ଧି କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ସ୍ୱର୍ଗତଃ ପରିଡ଼ାଙ୍କ ବଡ ପୁତ୍ର ଦେବାଶିଷ ପରିଡ଼ା ଓ ଲଣ୍ଡନରେ ରହୁଥିବା ସାନପୁଅ ଜୀବନ ଜ୍ୟୋତି ପରିଡ଼ାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ସଭା ଆୟୋଜିତ ହୋଇଥିଲା। ଅଗ୍ନିଡେଣା ପତ୍ରିକାର ସମ୍ପାଦକ ଡକ୍ଟର ପଙ୍କଜ କୁମାର ଜେନା ପ୍ରାକ୍ କଥା ରଖିଥିଲେ। ଯେଉଁ ସମୟରେ ଚାଟାର୍ଡ ଆକାଉଣ୍ଟାଣ୍ଟ ହେବା କଷ୍ଟକର ଥିଲା ସେହି ସମୟରେ ଅର୍ଥାତ ୧୯୭୮ ମସିହାରେ ସ୍ୱର୍ଗତଃ ପରିଡ଼ା ସଫଳ ହୋଇ ବାଲେଶ୍ୱର ଜିଲ୍ଲା ପାଇଁ ଆଲୋକବର୍ତିକା ପାଲଟିଥିଲେ ବୋଲି ଶ୍ରଦ୍ଧାଞ୍ଜଳି ସଭାରେ ବକ୍ତାମାନେ କହିଥିଲେ। ସାହିତ୍ୟିକ ଦିଲ୍ଲୀପ କୁମାର ନାୟକ ଓ ଓଡିଆ ଅଧ୍ୟାପିକା ପୁଷ୍ପଲତା ପାଢ଼ୀ ସଭା କାର୍ଯ୍ୟ ସଞ୍ଚାଳନ କରିଥିଲେ। ଚାଟାର୍ଡ ଆକାଉଣ୍ଟାଣ୍ଟ ପ୍ରଦୀପ କୁମାର ପଣ୍ଡା ଏଥିରେ ସ୍ୱର୍ଗତଃ ପରିଡ଼ାଙ୍କ ପେଷାଦାର ତଥା ସଫଳ ବ୍ୟକ୍ତିତ୍ୱ ସମ୍ପର୍କରେ ବକ୍ତବ୍ୟ ଦେଇଥିଲେ। ନାତୁଣୀ ପ୍ରତିକ୍ଷା ବେହେରା, ଜ୍ୱାଇଁ ରାଜକିଶୋର ଭୋଇ, କିଶୋର କୁମାର ମାଝୀ, ବରେନ୍ଦ୍ର ନାଥ ବେହେରା, ବଡଝିଅ ପ୍ରଜ୍ଞାପାରମିତା ବେହେରା, ଶିବ ପ୍ରସାଦ ସାହୁ, ଶରତ କୁମାର ବିଶ୍ୱାଳ, ଆଶିଷ ଭଟ, ସତ୍ୟବ୍ରତ ମହାପାତ୍ର, ଆଶିଷ ବର୍ଦ୍ଧନ, ମୂରଲୀଧର ସାହୁ, ରବୀନ୍ଦ୍ର ନାଥ ରାୟ, ଦିଲ୍ଲୀପ କୁମାର ଦାସ, ଅନୀମା ପରିଡ଼ା, ରୁଦ୍ରନାରାୟଣ ପରିଡ଼ା, ଶୁଭଶ୍ରୀ ମାଝୀ, ସ୍ୱର୍ଣ୍ଣପ୍ରଭା ଭୋଇ, ସୁଶାନ୍ତ ଦାସ ପ୍ରମୁଖଙ୍କ ସହ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ସ୍ୱର୍ଗତଃ ପରିଡ଼ାଙ୍କ ସ୍ମୃତିଚାରଣ କରିଥିଲେ।

## କୋଚିଳା ନାୟକାଣୀ ପୀଠକୁ ପର୍ଯ୍ୟଟନସ୍ଥଳୀ ମାନ୍ୟତା ଦାବି

**ଅସୁରାଳି, ୨୩।୪(ସମିସ)**

ଧାମନଗର ବ୍ଲକ ଅନ୍ତର୍ଗତ ନଦୀଗାଁ ପଞ୍ଚାୟତର ତିନିଘରିଆ ଗ୍ରାମ ନିକଟରେ ଥିବା ଶକ୍ତିପୀଠ କୋଚିଳା ନାୟକାଣୀଙ୍କ ବିଜେସ୍ଥଳୀ ଏକ ଧର୍ମୀୟ ମହତ୍ୱ ବହନ କରେ। କିମ୍ବଦନ୍ତୀ ଅନୁସାରେ, ପ୍ରାୟ ୨ଶହ ବର୍ଷ ହେବ ଠାକୁରାଣୀ ସେଠାରେ ପୂଜା ପାଉଛନ୍ତି। 'ନାୟକାଣୀ' ରୂପେ ନାମିତ ହୋଇଥିଲେ। ଉକ୍ତ ଠାକୁରାଣୀଙ୍କ ନାମାନୁସାରେ ଖନନ କରାଯାଇଥିବା ନଦୀର ନାମ କୋଚିଳା ନଦୀ ରଖାଯାଇଥିଲା। ପୀଠରେ ବ୍ରାହ୍ମଣଙ୍କ ଦ୍ୱାରା ପୂଜାର୍ଚ୍ଚନା ହେବା ସହିତ ପ୍ରତ୍ୟେକ ପୂର୍ଣ୍ଣିମା, ସଂକ୍ରାନ୍ତିରେ ବିଶେଷ ପୂଜା ହୋଇଥାଏ। ଏତଦ୍‌ବ୍ୟତୀତ ପ୍ରତି ବର୍ଷ ପଣା ସଂକ୍ରାନ୍ତି ଦିନ ଏହି ସ୍ଥାନରେ ବେଶ୍ ଭିଡ଼ ଜମାନ୍ତି। ଏହି ସ୍ଥାନକୁ ଆସିବାକୁ ହେଲେ ଭଦ୍ରକ ଓ ଯାଜପୁର ସହରଠାରୁ ପ୍ରାୟ୨୫ କିମି ପଡ଼ିଥାଏ। ଭଦ୍ରକ ଜିଲ୍ଲା ଧୁସୁରୀ ଓ ଯାଜପୁର ଜିଲ୍ଲା ଅହିୟାସଠାରୁ ଏହି ସ୍ଥାନ ପ୍ରାୟ ୫ କିମି। ଏକ କୋଚିଳା ବୃକ୍ଷ ମୂଳରେ ଠାକୁରାଣୀ ପୂଜା ପାଉଥିଲେ। ଉକ୍ତ ଠାକୁରାଣୀଙ୍କୁ ଆଖପାଖର ଲୋକମାନେ ଗ୍ରାମଦେବୀ ରୂପେ ପୂଜାର୍ଚ୍ଚନା କରି ଆସୁଥିଲେ। କୋଚିଳା ବୃକ୍ଷ



ମୂଳରେ ପୂଜା ପାଇଥିବା ଗ୍ରାମଦେବୀଙ୍କୁ ଲୋକମାନେ ପୂଜା କରିଥିଲେ। ସମୟକ୍ରମେ କୋଚିଳା ଗଛଟି ବୃଦ୍ଧାବସ୍ଥା ପ୍ରାପ୍ତ ହୋଇ ମୃତ ହୋଇଯାଇଥିଲା। ଉକ୍ତ ସ୍ଥାନରେ ଏକ ବରଗଛ ତାହାର ସ୍ଥାନ ପୂରଣ କରିଆସୁଛି। ତିନିଘରିଆ, ନଦୀଗାଁ, ଅର୍ଜୁନପୁର, ପଙ୍ଗଟା, ବାଲିପାଟଣା, ସଇଲୋ, ପଧାନୀ, ଫଳପୁର ଓ ଆଖପାଖ ଅଞ୍ଚଳ ତଥା ଦୂରଦୂରାନ୍ତରୁ ଭକ୍ତମାନେ ଏହି ପୀଠକୁ ପ୍ରତ୍ୟେକ ପର୍ବପର୍ବାଣୀରେ ଆସି ନିଜ ନିଜର ମନସ୍କାମନା ପୂରଣ ପାଇଁ ମାନସିକ ରଖିଥାଆନ୍ତି। ଲୋକମାନଙ୍କର ବିଶ୍ୱାସ ଯେ ଭକ୍ତିର ସହିତ ମା'ଙ୍କ ପାଖରେ ମାନସିକ ରଖି ଠାକୁରାଣୀଙ୍କୁ ସ୍ନାନ କରାଇଲେ ନିଶ୍ଚିତ ଭାବରେ ଫଳପ୍ରାପ୍ତି ହୋଇଥାଏ।

ପ୍ରତ୍ୟେକ ଦିନ ମା' କୋଚିଳା ନାୟକାଣୀଙ୍କର ପଣା ସଂକ୍ରାନ୍ତିରେ ମା'ଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ ହେବା ସହ ଭଜନ, ସଂକୀର୍ତ୍ତନ, ପ୍ରବଚନ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ। ଏହି ପୀଠଟି ଭଦ୍ରକ ଓ ଯାଜପୁର ଜିଲ୍ଲା ସୀମାନ୍ତରେ ଥିବା ଯୋଗୁଁ ଏହାର ମହତ୍ୱ ବିଭିନ୍ନ ଦୃଷ୍ଟିରୁ ଅଧିକ ପ୍ରାସଙ୍ଗିକତା ବହନ କରେ। ଏହା ମଧ୍ୟ ପ୍ରିୟ ପିକ୍‌ନିକ୍ ସ୍ପଟ୍ ଭାବେ ଉଭୟ ଜିଲ୍ଲାବାସୀଙ୍କ ପ୍ରଥମ ପସନ୍ଦ ମଧ୍ୟରେ ଅନ୍ୟତମ। ଶୀତଦିନେ ପର୍ଯ୍ୟଟକମାନେ ବଣଭୋଜି କରିବାକୁ ଏଠାରେ ବେଶ୍ ଭିଡ଼ ଜମାନ୍ତି। ଏହି ପୀଠ ପାଇଁ ମା' କୋଚିଳା ନାୟକାଣୀ ପରିଚାଳନା କମିଟି କାର୍ଯ୍ୟ କରୁଥିବାବେଳେ ସ୍ଥାୟୀ ଯଜ୍ଞ ମଣ୍ଡପ, ସଂକୀର୍ତ୍ତନ ମଣ୍ଡପ, ନାଟ୍ୟ ମଣ୍ଡପ, ମୁଖ୍ୟ ଫାଟକରେ ତୋରଣ ସମେତ ୨ଟି ଛୋଟ ଘର ନିର୍ମାଣ ହୋଇଛି। ଏହି ପୀଠର ଉନ୍ନତି ହେଲେ ଏହି ସ୍ଥାନର ଗୁରୁତ୍ୱ ଆହୁରି ବୃଦ୍ଧି ପାଆନ୍ତା। ଏହି ଶକ୍ତିପୀଠ ପ୍ରଶାସନର ଦୃଷ୍ଟି ଆଢୁଆଳରେ ରହିଯାଉଛି। ରାଜ୍ୟର ବିଭିନ୍ନ ପ୍ରସିଦ୍ଧ ଦେବଦେବୀଙ୍କ ମନ୍ଦିରର ସୌନ୍ଦର୍ଯ୍ୟକରଣ ପାଇଁ ରାଜ୍ୟ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ତେଣୁ ଏହି ପୀଠକୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ଲାଗି ସମାଜସେବୀ ନିଶିକାନ୍ତ ନାୟକ, ଅନୁଷ୍ଠାନର ସଭାପତି ରାମଚନ୍ଦ୍ର ପଣ୍ଡା, ସମ୍ପାଦକ ପ୍ରଶାନ୍ତ ପରିଡ଼ା, ସଦସ୍ୟ ଦୁଃଶାସନ ସାହୁ, ସୀତାକାନ୍ତ ପରିଡ଼ା, ନୀଳାମ୍ବର ବସନ୍ତିଆ, ଅନନ୍ତ ସାହୁ, ରତିକାନ୍ତ ନାୟକ, ଲକ୍ଷ୍ମୀନାରାୟଣ ମିଶ୍ର, କାଳନ୍ଦୀ ରାଉତ ପ୍ରମୁଖ ଦାବି କରିଛନ୍ତି।

### ● ସରକାରୀ ଯୋଜନା ସାତ ସପନ

## ଭଙ୍ଗା କୁଡ଼ିଆରେ ବିତୁଛି ଜୀବନ

**ଅସୁରାଳି, ୨୩।୪(ସମିସ):** ସରକାର ଗରିବଙ୍କ ପାଇଁ ଅନେକ ଜନହିତକର ଯୋଜନା ପ୍ରଣୟନ କରୁଥିବାବେଳେ ପ୍ରକୃତ ହିତାଧିକାରୀଙ୍କ ପାଖରେ ଏହା ପହଞ୍ଚି ପାରୁନାହିଁ। ଏହାର ଏକ ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ଧାମନଗର ବ୍ଲକ ଗୋବିନ୍ଦପୁର ପଞ୍ଚାୟତ କୋରୁଆ ଗ୍ରାମରେ। ଗ୍ରାମର ଦୂତୀ ବେହେରା (୬୫) ଓ ତାଙ୍କ ସ୍ୱାମୀ ରଥ ପ୍ରସାଦ ବେହେରା (୭୦) ଦୀର୍ଘ ୨୫ ବର୍ଷ ଧରି ଖଣ୍ଡିଏ ଘର ପାଇଁ ପଞ୍ଚାୟତରୁ ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଦୌଡ଼ି ଦୌଡ଼ି ନୟାନ୍ତ ହେଲେଣି, କିନ୍ତୁ ଆଜି ପର୍ଯ୍ୟନ୍ତ ତାଙ୍କୁ ମିଳିନି ସରକାରୀ ଗୃହ। ଦୂତୀ ଓ ରଥ ପ୍ରସାଦ ଦାରିଦ୍ର୍ୟ ସୀମାରେଖା ତଳେ ବାସ କରନ୍ତି। ରଥ ମୂଲମଜୁରୀ ଲାଗି ଯାହା ଆଣନ୍ତି, ସେଥିରେ ହିଁ ପରିବାର ପ୍ରତିପୋଷଣ ହୁଏ। ମାତ୍ର ବୟସାଧିକ କାରଣରୁ ଏବେ ଶାରୀରିକ ଶ୍ରମ କରିବା ତାଙ୍କ ପାଇଁ କଷ୍ଟକର ହୋଇପଡ଼ିଛି।



ପରିବାର କହିଲେ ଗୋଟିଏ ପୁଅ। ସେ ମଧ୍ୟ ଦାଦନ ଖଟିବାକୁ ବାହାରକୁ ଯାଇଛନ୍ତି। ଆର୍ଥିକ ଅବସ୍ଥା ଏତେ ଶୋଚନୀୟ ଯେ ଗୋଟିଏ ଓଳି ଚୁଲି ଜଳିଲେ ଅନ୍ୟ ଓଳି ଉପାସ ରହିବାକୁ ପଡୁଛି। ଏହି ବୃଦ୍ଧ ଦମ୍ପତି ଏବେ ଏକ ଜରାଜୀର୍ଣ୍ଣ ଅବସ୍ଥାରେ ଛୋଟ ଚାଳ ଘରେ ବାସ କରୁଛନ୍ତି। ବର୍ଷା ଦିନେ ଛାତରୁ ପାଣି ଗଳୁଥିବାବେଳେ ଘରକୁ ପୁନରୁଦ୍ଧାର କରିବା ବା ନୂଆ ଘର ତିଆରି କରିବା ତାଙ୍କ ପାଇଁ ସ୍ୱପ୍ନ ପାଲଟିଛି। ରାସନ କାର୍ଡ ଜରିଆରେ ଯେତିକି ଚାଉଳ ମିଳୁଛି, ସେଥିରେ ହିଁ ଅତି କଷ୍ଟରେ ଜୀବନ ବିତୁଛି। ଏ ସମ୍ପର୍କରେ ଗୋବିନ୍ଦପୁର ପିଇଓ ରାକେଶ ସେନାପତିଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ହିତାଧିକାରୀଙ୍କ ତଥ୍ୟ ଅନ୍‌ଲାଇନ୍ କରାଯାଇଛି। ଖୁବ୍‌ଶୀଘ୍ର ତାଙ୍କୁ ସରକାରୀ ଆବାସ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇ ଘର ପ୍ରଦାନ କରାଯିବ। ପ୍ରଶାସନିକସ୍ତରରେ ତଦନ୍ତ କରି ଏହି ଅସହାୟ ବୃଦ୍ଧ ଦମ୍ପତିଙ୍କୁ ତୁରନ୍ତ ନ୍ୟାୟ ପ୍ରଦାନ କରିବାକୁ ସ୍ଥାନୀୟ ବୁଦ୍ଧିଜୀବୀ ଓ ଗ୍ରାମବାସୀ ଦାବି କରିଛନ୍ତି।

ସକାଳ
THE SAKALA



# ବାଲେଶ୍ୱରରେ ବଢୁଛି ବେଆଇନ ରେଳ ଟିକଟ କାରବାର

ବାଲେଶ୍ୱର, ୨୩।୪ (ସମିସ)



- ବାଲେଶ୍ୱର, ସୋର ଷ୍ଟେସନରୁ ଅଧିକ ମାମଲା
- ୨୩ ଦିନରେ ତିନୋଟି ମାମଲା, ତିନି ଗିରଫ
- ତତ୍କାଳ ଟିକଟ ଚଢ଼ା ଦରରେ ବିକୁଛନ୍ତି ଦଲାଲ ଓ ଏଜେଣ୍ଟ

ବାଲେଶ୍ୱର ଜିଲ୍ଲାର ପ୍ରମୁଖ ରେଳ ଷ୍ଟେସନଗୁଡ଼ିକରେ ବେଆଇନ ଟିକଟ କାରବାର ଓ ଦଲାଲରାଜ ଏବେ ଚରମ ସୀମାରେ ପହଞ୍ଚିଛି। ବିଶେଷ କରି ବାଲେଶ୍ୱର ଏବଂ ସୋର ଷ୍ଟେସନରେ ଏହି ଅଭିଯୋଗ ଅଧିକ ମାତ୍ରାରେ ଦେଖିବାକୁ ମିଳୁଛି। ବିଶେଷକରି ତତ୍କାଳରେ ଟିକଟ ପାଇଁ ଏହି ବେଆଇନ କାରବାର ଅଧିକ ଥିବା ଜଣାପଡ଼ିଛି। ବାଲେଶ୍ୱର ଜିଲ୍ଲାରେ ମାତ୍ର ୨୩ ଦିନ ମଧ୍ୟରେ ଆରପିଏଫ୍ ଏହି ସମ୍ପର୍କିତ ତିନୋଟି ବଡ଼ ମାମଲା ରୁଜୁ କରିବା ସହ ତିନି ଜଣ ଦଲାଲଙ୍କୁ ଗିରଫ କରିଛି।

ଲୋକେ ଘରେ ବସି ଟ୍ରେନ୍ ଟିକଟ୍ ବୁକିଂ କରିବା ଲାଗି ସୁବିଧା କରାଯାଇଛି। ଏଥିପାଇଁ ଆଇଆରସିଟି ତରଫରୁ ସ୍ୱତନ୍ତ୍ର ୱେବସାଇଟ୍ ରହିଛି। କିନ୍ତୁ କେତେଜଣ ଦଲାଲ୍ ଏହି ୱେବସାଇଟର ଅପବ୍ୟବହାର କରି ଅସାଧୁ ଉପାୟରେ ଟଙ୍କା ଉପାର୍ଜନ କରୁଛନ୍ତି। ଦୂରଗାମୀ ଟ୍ରେନ୍‌ଗୁଡ଼ିକରେ ଯାତ୍ରା ପାଇଁ ତତ୍କାଳ ଟିକଟର ଚାହିଦା ଅଧିକ ଥିବାରୁ ଏହାକୁ ହିଁ ମୁଖ୍ୟ ଆୟୁଧ କରିଛନ୍ତି କିଛି ବେଆଇନ ଏଜେଣ୍ଟ ଏବଂ ଦଲାଲ। ସାଧାରଣତଃ ତତ୍କାଳ ଟିକେଟ୍ ପାଇବା କଷ୍ଟକର। କିଛି ଏଜେଣ୍ଟ ଏବଂ ଦଲାଲ ବିଭିନ୍ନ ଉତ୍ସ ଏବଂ ଅବୈଧ ଉପାୟ ବ୍ୟବହାର କରି ଦୀର୍ଘ ରୁଟର ତତ୍କାଳ ଟିକେଟ୍ ହାସଲ କରନ୍ତି ଏବଂ ତା'ପରେ ସେହି ଟିକଟ ଗୁଡ଼ିକୁ ବହୁତ ଅଧିକ ମୂଲ୍ୟରେ ବିକ୍ରି କରନ୍ତି। ତତ୍କାଳରେ ସାଧାରଣ ଯାତ୍ରୀ ଯେତେବେଳେ ଟିକଟ ପାଇବାରେ ବିଫଳ ହେଉଛନ୍ତି, ସେତେବେଳେ ଏହି ଦଲାଲମାନେ ତତ୍କାଳ ଟିକଟକୁ ବେଆଇନ ସଫ୍ଟୱେର୍ କିମ୍ବା ଅନ୍ୟ ମାଧ୍ୟମରେ ହାତେଇ ଚଢ଼ା ଦରରେ ବିକ୍ରି କରୁଛନ୍ତି। ୫ ହଜାର ଟଙ୍କାର ଟିକଟ ପାଇଁ ଯାତ୍ରୀଙ୍କୁ ଅତିରିକ୍ତ ଏକରୁ ଦୁଇ ହଜାର ଟଙ୍କା ଗଣିବାକୁ ପଡୁଛି। ବିଭିନ୍ନ ଇଣ୍ଟରନେଟ୍ ଜୋନ୍ ତଥା ବ୍ୟକ୍ତିଗତ ୟୁଜର୍ ଆଇଡି ବ୍ୟବହାର କରି ଦଲାଲମାନେ ରେଳ ଟିକେଟ୍ ବୁକିଂ କରୁଛନ୍ତି ଏବଂ ପରେ ସେହି ଟିକେଟକୁ ଚଢ଼ା ଦରରେ ବିକ୍ରି କରୁଛନ୍ତି। ବର୍ତ୍ତମାନ ଏହି ବେଆଇନ ଟିକେଟ କାରବାର ବାଲେଶ୍ୱରରେ ବୃଦ୍ଧି ପାଇବାରେ ଲାଗିଛି। ଏପ୍ରିଲ ମାସ ୧ରୁ ୨୩ ତାରିଖ ମଧ୍ୟରେ ୩ ଟି ମାମଲା ହୋଇଛି ଏବଂ ତିନି ଜଣ ଅଭିଯୁକ୍ତ ଗିରଫ ହୋଇଛି।

ବିଶ୍ୱସ୍ତ ସୂଚନା ଆଧାରରେ, ବେଆଇନ ଟିକେଟ କାରବାର ରୋକିବା ପାଇଁ ଆରପିଏଫ ଖଡ଼ଗପୁର ଟିମ୍ ବାଲେଶ୍ୱରରେ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି। ଆରପିଏଫ ଟିମ/ଖଡ଼ଗପୁର, ଆରପିଏଫ/ସିଆଇବି/ଖଡ଼ଗପୁର ଓ ଆରପିଏଫ/ପୋଷ୍ଟ/ବାଲେଶ୍ୱରର ମିଳିତ ଟିମ୍ ଇନ୍ସପେକ୍ଟର-ଇନ-ଚାର୍ଜ, ଆରପିଏଫ ଟିମ/ଖଡ଼ଗପୁରଙ୍କ ତତ୍ତ୍ୱାବଧାନରେ ଚଢ଼ାଉ କରିଥିଲା। ବାଲେଶ୍ୱର ରେଳ ଷ୍ଟେସନ ପୂର୍ବ ପାର୍ଶ୍ୱରେ ସୁଭଦ୍ରା ରେଷ୍ଟ ହାଉସ ନିକଟରେ ସନ୍ଧ୍ୟା ପ୍ରାୟ ୬:୩୦ରେ ଜଣେ ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଅଟକାଯାଇଥିଲା। ପଚରାଉଚରା ବେଳେ ସେ ବାଲେଶ୍ୱର ଜିଲ୍ଲାର ଚନ୍ଦନ କୁମାର ପତି (୩୯ ବର୍ଷ) ବୋଲି ଜଣାପଡ଼ିଥିଲା। ଅଭିଯୁକ୍ତଙ୍କୁ ଖଡ଼ଗପୁର ଆରପିଏଫ୍ ଟିମ୍ କାବୁ କରିବା ପରେ ଏହି ବେଆଇନ ନେଟୱର୍କର ଗୁମର ଫିଟିବାରେ ଲାଗିଛି। ଅଭିଯୁକ୍ତଙ୍କ ନିକଟରୁ ତତ୍କାଳ ଟିକେଟ ସହ ନଗଦ ଟଙ୍କା ଓ ମୋବାଇଲ ଜବତ ହୋଇଛି। ଯାଞ୍ଚ ବେଳେ ତାଙ୍କଠାରୁ ଗୋଟିଏ ତତ୍କାଳ ସଂରକ୍ଷଣ ଟିକେଟ ଟ୍ରେନ ନଂ ୨୨୮୨୩ ବାଲେଶ୍ୱରରୁ ନୂଆଦିଲ୍ଲୀ, ଯାତ୍ରା ତାରିଖ ୨୩.୦୪.୨୦୨୬, ଶ୍ରେଣୀ: ୨ଏସି, ମୂଲ୍ୟ: ୫୧୬୦ ଟଙ୍କା, ଗୋଟିଏ ଆଣ୍ଡ୍ରୋଏଡ ମୋବାଇଲ ଫୋନ ଏବଂ ନଗଦ ୫, ୪୩୦ ଟଙ୍କା ଜବତ କରାଯାଇଥିଲା। ଅଭିଯୁକ୍ତ ବୈଧ ପ୍ରାଧିକରଣ ଦେଖାଇ ପାରି ନ ଥିଲେ ଏବଂ ଆର୍ଥିକ ଲାଭ ପାଇଁ ବେଆଇନ ଉପାୟରେ ଟିକେଟ ସଂଗ୍ରହ କରିଥିବା ସ୍ୱୀକାର କରିଥିଲେ। ମୋବାଇଲ ଯାଞ୍ଚରୁ ବେଆଇନ ଟିକଟ କାରବାର ସମ୍ପର୍କିତ ପ୍ରମାଣ ମଧ୍ୟ ମିଳିଥିଲା। ରେଳ ଅଧିନିୟମ ୧୯୮୯ର ଧାରା ୧୪୩ ଅନୁଯାୟୀ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା। ସମସ୍ତ ଆଇନଗତ ପ୍ରକ୍ରିୟା ପାଳନ କରି ଜବତ ସାମଗ୍ରୀ ସାକ୍ଷୀଙ୍କ ଉପସ୍ଥିତିରେ ଜବତ କରାଯାଇଛି। ଆରପିଏଫ/ପୋଷ୍ଟ/ବାଲେଶ୍ୱରରେ ଧାରା ୧୪୩ ଅନୁଯାୟୀ ମାମଲା ରୁଜୁ ହୋଇଛି। ଅଭିଯୁକ୍ତଙ୍କୁ ବାଲେଶ୍ୱର ଏସଡିଜେଏମ କୋର୍ଟରେ ହାଜର କରାଯିବ। ସେହିପରି ସୋର ଷ୍ଟେସନ ଅଞ୍ଚଳରେ ମଧ୍ୟ ରେଳ ସୁରକ୍ଷା ବଳ ପକ୍ଷରୁ ସ୍ୱତନ୍ତ୍ର ନଜର ରଖାଯାଇଛି। ଆରପିଏଫ୍ ପକ୍ଷରୁ କୁହାଯାଇଛି ଯେ, ବାଲେଶ୍ୱର ଜିଲ୍ଲାର ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରହିଛି। ଆଗାମୀ ଦିନରେ ଏହି କଳାବଜାରୀରେ ସାମିଲ ଥିବା ଅନ୍ୟ ଏଜେଣ୍ଟମାନଙ୍କୁ ମଧ୍ୟ ଜେଲ୍ ପଠାଯିବ। ସାଧାରଣ ଜନତା ଏଭଳି ଦଲାଲଙ୍କ କବଳରେ ନ ପଡ଼ି ସିଧାସଳଖ ରେଳବାଇ କାଉଣ୍ଟର କିମ୍ବା ଅଧିକୃତ ସଫ୍ଟୱେର୍ ମାଧ୍ୟମରେ ଟିକଟ ବୁକ୍ କରିବାକୁ ପରାମର୍ଶ ଦିଆଯାଇଛି।

## ଅଂଶୁଘାତରେ ବୃଦ୍ଧଙ୍କ ମୃତ୍ୟୁ ଅଭିଯୋଗ

ସିମୁଳିଆ, ୨୩।୪(ସମିସ): ପ୍ରଚଣ୍ଡ ଖରା ଓ ଅସହ୍ୟ ଗୁଳୁଗୁଳି ହେଉଥିବାରୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଏହିପରି ସମୟରେ ବୃଦ୍ଧ ଜଣଙ୍କ ଜରି ଗୋଟାଇବାକୁ ଆସି ଜାତୀୟ ରାଜପଥ ପାର୍ଶ୍ୱରେ ପଡ଼ି ମୃତ୍ୟୁବରଣ କରିଥିବା ଜଣା ଯାଇଛି। ସିମୁଳିଆ ଥାନା ଅନ୍ତର୍ଗତ ମାର୍କୋଣା ପଞ୍ଚାୟତର ମାର୍କୋଣା ଗ୍ରାମର ସୁରେନ୍ଦ୍ର ବେହେରା (୬୫) ଜରି ଗୋଟାଇ ପରିବାର ଚଳାଇ ଆସୁଥିଲେ। ସବୁଦିନ ପରି ଆଜି ସକାଳ ସମୟରେ ଜରି ଗୋଟାଇବାକୁ ଘରୁ ବାହାରି ଆସିଥିଲେ। ଜାତୀୟ ରାଜପଥ ମାର୍କୋଣା ବିଦ୍ୟୁତ କାର୍ଯ୍ୟାଳୟ ନିକଟରେ ମୁଣ୍ଡ ବୁଲାଇବା ଯୋଗୁଁ ସେଠାରେ ପଡ଼ି ଯାଇଥିଲେ। ଅପରାହ୍ନ ସମୟରେ ଖବର ପାଇ ୧୦୮ ଆମ୍ବୁଲାନ୍ସ ଉଦ୍ଧାର କରି ସିମୁଳିଆ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା ନିମନ୍ତେ ଭର୍ତ୍ତି କରିଥିଲେ। ମାତ୍ର କାର୍ଯ୍ୟରତ ଡାକ୍ତର ତାକୁ ମୃତ ଘୋଷଣା କରିଥିଲେ।

## ସାପ କାମୁଡ଼ାରେ ପୂର୍ବତନ ୱାର୍ଡସଭ୍ୟଙ୍କ ମୃତ୍ୟୁ

ଜଳେଶ୍ୱର ବ୍ଲକ, ୨୩।୪(ସମିସ): ଜଳେଶ୍ୱର ବ୍ଲକ ଶ୍ରୀରାମପୁର ଗ୍ରାମ ପଞ୍ଚାୟତର ୪ ନମ୍ବର ୱାର୍ଡ଼ର ମହୁଲକୋଲି ଗ୍ରାମର ପୂର୍ବତନ ୱାର୍ଡ଼ ସଭ୍ୟ ସ୍ୱର୍ଗତ ବଦ୍ୟନାଥ ଗିରିଙ୍କ ସାନପୁତ୍ର ଦିନେଶ ଗିରି (୫୦) ଗତ ସନ୍ଧ୍ୟାରେ ଗାଁ ଛକରୁ ଘରକୁ ଫେରୁଥିବା ସମୟରେ ଏକ ସାପ ତାଙ୍କ ଗୋଡ଼ରେ ଦଂଶନ କରିଥିଲା। ଏ ବାବଦରେ ଘରେ ଆସି ପରିବାର ବର୍ଗକୁ ଅବଗତି କରାଇବା ପରେ ପରିବାର ଲୋକେ ଓ ସମ୍ପର୍କୀୟ ପୁତୁରା ଏବଂ ଭଣଜା ଶିବୁ ତୁରନ୍ତ ଜଳେଶ୍ୱର ହସ୍ପିଟାଲକୁ ଆଣିଥିଲେ ସେଠାରେ ଡାକ୍ତର ଚିକିତ୍ସା କରି ଗୁରୁତର ଅବସ୍ଥା ଦେଖି ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ। ରାସ୍ତାରେ ନେବା ସମୟରେ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଅଧିକ ଶୋଚନୀୟ ହେବାରୁ ବସ୍ତା ଡାକ୍ତରଖାନାକୁ ନେଇଥିଲେ ସେଠାରେ ଡାକ୍ତର ତାଙ୍କୁ ଚିକିତ୍ସା ପରେ ମୃତ ଘୋଷଣା କରିଥିଲେ। ପରେ ପରିବାର ପକ୍ଷରୁ ଶବ ବ୍ୟବଚ୍ଛେଦ କରି ଗାଁ ମଶାଣିରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ପୁଅ ସୁଜୟ ଗିରି ମୁଖାଗ୍ନି ଦେଇଥିଲେ। ଏହି ଖବର ଶୁଣିବା ପରେ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ତାଙ୍କର ଏହି ଦୁଃଖଦ ଘଟଣାରେ ପରିବାରବର୍ଗକୁ ସରପଞ୍ଚ ଆଲୋକ କୁମାର ଗିରି, ସମିତି ସଭ୍ୟ ଗୋପାଳ ଚନ୍ଦ୍ର ସାମଲ, ଜୟନ୍ତ ଦାସ ଅଧିକାରୀ, ବିଜୟ ଘୋଷ, ରାମଚନ୍ଦ୍ର ଘୋଷ, ରବୀନ୍ଦ୍ର ଜେନା, ପ୍ରଫୁଲ୍ଲ ଗିରି, ବର୍ତ୍ତମାନଓ ପୂର୍ବତନ ୱାର୍ଡ଼ ସଭ୍ୟ ସଭ୍ୟା ଓ ଗ୍ରାମ ବାସୀ ମାନେ ସମବେଦନା ଜଣାଇବା ସହିତ ତାଙ୍କ ପରିବାରକୁ ଖୁବ୍ ଶୀଘ୍ର ସରକାରୀ ସହାୟତା ପ୍ରଦାନ କରିବା ପାଇଁ ଅନୁରୋଧ କରିଛନ୍ତି।

## ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ହେଉନି କାର୍ଯ୍ୟାନୁଷ୍ଠାନ

ବାଲେଶ୍ୱର ସଦର, ୨୩।୪ (ସମିସ): ବସ୍ତା ତହସିଲ ଅଧୀନସ୍ଥ ଥେଙ୍ଗଡ଼ିଆ ଗ୍ରାମରେ ଥିବା ଖାତା ନମ୍ବର ୨୧୭ରେ ଶ୍ମଶାନ ଜମିରେ ଜବରଦଖଲ ଉଚ୍ଛେଦକୁ ନେଇ ବାରମ୍ବାର ଅଭିଯୋଗ ହୋଇଆସୁଥିଲା। ମାତ୍ର ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ ହେଉନଥିଲା। ଯାହାକୁ ନେଇ ଗ୍ରାମର କିଛି ବ୍ୟକ୍ତି ଏହି ଜମିରୁ ଉଚ୍ଛେଦ ପାଇଁ ଉଚ୍ଚ ନ୍ୟାୟଳୟରେ ଯାଚିକା ଦାଏର କରିଥିଲେ। ଯାହାର ମାମଲା ନମ୍ବର ଡବ୍ଲୁପିସି ୨୫୩୨୬/୨୪ ଗତ ୨୦୨୪ ଜୁଲାଇ ୨୨ ତାରିଖରେ ବିଚାର କରି ଆସନ୍ତା ଚାରି ସପ୍ତାହ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନେବାକୁ ବସ୍ତା ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ, ମାତ୍ର ତହସିଲଦାର ରାଜସ୍ୱ ନିରୀକ୍ଷକଙ୍କ ଦ୍ୱାରା ସର୍ଜମିନ ତଦନ୍ତ କରି ଜବର ଦଖଲ କାରି ୧୩ ଜଣଙ୍କ ବିରୁଦ୍ଧରେ କେବେଳ ମାମଲା ରୁଜୁକରି ଘଟଣାକୁ ଚାପି ରଖିଛନ୍ତି ମାତ୍ର ଏହି ଘଟଣାକୁ ଏକ ବର୍ଷରୁ ଉର୍ଦ୍ଧ୍ୱ ସମୟ ବିତିଯାଇଥିଲେ ହେଁ ତହସିଲ ପକ୍ଷରୁ ଜବର ଦଖଲ ନ ହଟାଇବାରୁ ଅଭିଯୋଗ କାରି ପୁନର୍ବାର ୨୦୨୫ ଅକ୍ଟବର ୬ ତାରିଖରେ ରେ ପୁନର୍ବାର ବାଲେଶ୍ୱର ଜିଲ୍ଲପାଳ ଙ୍କ ନିକଟରେ ଅଭିଯୋଗ କରିଥିଲେ, ମାତ୍ର ଅଭିଯୋଗ ପାଇ ଉପଜିଲ୍ଲାପାଳ ଏଲଇ ଏପିଏଲ ନମ୍ବର ୧୬୩/୨୫ ରେ ଜବର ଦଖଲ ଉଚ୍ଛେଦ ପାଇଁ ନିର୍ଦ୍ଦେଶ ଦେଇଥିଲେ ହେଁ ଆଜି ପର୍ଯ୍ୟନ୍ତ ଜବର ଦଖଲ ହଟୁନାହିଁ ଆଗାମୀ ଏକ ସପ୍ତାହ ମଧ୍ୟରେ ବସ୍ତା ତହସିଲ ପକ୍ଷରୁ ଯଦି କାର୍ଯ୍ୟାନୁଷ୍ଠାନ ନ ହୁଏ ତାହେଲେ ତହସିଲ ସମ୍ମୁଖରେ ଆମରଣ ଅନଶନ ସହିତ କୋର୍ଟ ଅବମାନନା ମାମଲା ରୁଜୁ କରିବାକୁ ଗ୍ରାମବାସୀଙ୍କ ପକ୍ଷରୁ ଝାଡେଶ୍ୱର ପ୍ରଧାନ, ଅନନ୍ତ ଅଣ୍ଡିଆ, ରମେଶ ଚନ୍ଦ୍ର ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ସୁବର୍ଣ୍ଣ ଦାସ ଓ ଦୁର୍ଗାଶଙ୍କର ପ୍ରଧାନ ପ୍ରମୁଖ ପ୍ରକାଶ କରିଛନ୍ତି।

## ପ୍ରକଳ୍ପସ୍ତରୀୟ ପୋଷଣ ପକ୍ଷ ପାଳିତ

ବାଲେଶ୍ୱର, ୨୩।୪ (ସମିସ): ପୌରପାଳିକା ଆଇସିଡିଏସ ପ୍ରକଳ୍ପସ୍ତରୀୟ ପୋଷଣ ପକ୍ଷ ସ୍ଥାନୀୟ ମିସନ୍ ଶକ୍ତି ସଭା ଗୃହରେ ପାଳିତ ହୋଇଯାଇଛି। ସିଡିପିଓ ପ୍ରଭାବତୀ ନନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟଅତିଥି ଭାବେ ପୌରାଧକ୍ଷା ସବିତା ସାହୁ ଯୋଗ ଦେଇ କୁପୋଷଣରୁ ରକ୍ଷା ପାଇବା ପାଇଁ ସୁଷମ ଖାଦ୍ୟ ଖାଇବା ସହ ଅପପୁଷ୍ଟି ରୋକିବା ପାଇଁ ଅନୁରୋଧ କରିଥିଲେ। ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ସିରିଏଲ୍ ଶୁଭ୍ର ପଟେଲ ଶିଶୁମାନଙ୍କୁ ପୁଷ୍ଟିକର ଖାଦ୍ୟ ଖୁଆଇବା ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଶୀୟା ଖାତୁନ, ସାମାଜିକ କର୍ମୀ ଉବାଚକ ମହାନ୍ତି ପ୍ରମୁଖ ପୋଷଣ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ପୁଷ୍ଟିକର ଖାଦ୍ୟ ସମ୍ପର୍କରେ ପ୍ରକଳ୍ପ ତରଫରୁ ଏକ ପ୍ରଦର୍ଶନୀ ଆୟୋଜିତ ହୋଇଥିଲା। ସେକ୍ଟର ସ୍ତରୀୟ ପୋଷଣ କାର୍ଯ୍ୟକ୍ରମରେ କୃତୀ ଅଙ୍ଗନବାଡି କର୍ମୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ମଧୁସ୍ମିତା ପ୍ରଧାନ, ସଞ୍ଚୟିତା ସାମନ୍ତ, ସୁଶ୍ରୀ ଶାଶ୍ୱତୀ ଦେ, ମୁକେଶ ବେହେରା ପ୍ରମୁଖ ପରିଚାଳନା କରିଥିଲେ।

## ବାଇକ ଦୁର୍ଘଟଣାରେ ମୃତ୍ୟୁ

ସିମୁଳିଆ, ୨୩।୪(ସମିସ): ନୀଳଗିରି ଥାନା ପ୍ରତାପ ପଡ଼ା ଗ୍ରାମର ଡମ୍ବୁରୁଧର ବେହେରା ସିମୁଳିଆ ଥାନାରେ ଲିଖିତ ଅଭିଯୋଗ ଅନୁଯାୟୀ ଅନନ୍ତ ବେହେରାଙ୍କ ପୁଅ ଗୋପବନ୍ଧୁ ବେହେରା (୪୮) ଜଣେ ସହଯୋଗୀ ସହ ବାଇକ ଯୋଗେ ଖନ୍ତାପଡ଼ାରୁ ଭଦ୍ରକ ଅଭିମୁଖେ ଯାଉଥିଲେ। ଏହି ସମୟରେ ସିମୁଳିଆ ଥାନା ଅନ୍ତର୍ଗତ ଜାମ୍ବୁଝାଡ଼ି ନେସନାଲ ଢାବା ନିକଟରେ ଏକ ହାଇୱା ଦ୍ରୁତ ବେଗରେ ଆସି ବାଇକକୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକଙ୍କ ସହାୟତାରେ ଆମ୍ବୁଲାନ୍ସ ଯୋଗେ ସିମୁଳିଆ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। କାର୍ଯ୍ୟରତ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି।

- ବେଆଇନ ବାଲି ଉତ୍ତୋଳନ ଉପରେ ପୁଲିସର ରାତି ଅଧିଆ ଚଢ଼ଉ

## ୧୦ ଟ୍ରାକ୍ଟର ଜବତ, ୧୨ ଅଟକ

ଜଳେଶ୍ୱର, ୨୩।୪ (ସମିସ): ବେଆଇନ ବାଲି ଉତୋଳନକୁ ନେଇ ଜଳେଶ୍ୱର ଅଞ୍ଚଳର ନଦୀକୂଳିଆ ଗ୍ରାମବାସୀ ଓ ଜନସାଧାରଣ ଦୀର୍ଘଦିନ ଧରି ଅଭିଯୋଗ କରିଆସୁଥିବା ବେଳେ ଜିଲ୍ଲା ପୁଲିସ ପ୍ରଶାସନ ପକ୍ଷରୁ ରାତି ଅଧିଆ ଚଢ଼ଉ କରାଯାଇଛି। ଏଥିନେଇ ଜଳେଶ୍ୱର ଆଇଆଇସି ଅଶୋକ କୁମାର ବାରିକ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ପ୍ରଦାନ ଦେଇଛନ୍ତି। ବହୁଦିନଧରି ଅଭିଯୋଗ ପରେ ଗତ କାଲି ରାତ୍ରିରେ ଜିଲ୍ଲା ପୁଲିସ ପ୍ରଶାସନ ତରଫରୁ ୬ଟି ସ୍ୱତନ୍ତ୍ର ଟିମ ସହିତ ଜଳେଶ୍ୱର ପୁଲିସ ମିଳିତ ଭାବେ ଜଳେଶ୍ୱର ଥାନା ଅଞ୍ଚଳର ରାଜପୁର, ମହମ୍ମଦନଗର ପାଟଣା, ଚାଲନ୍ତି, ସେକସରାଇ, ଏକତାଳି ଠାରେ ଚାଲିଥିବା ବେଆଇନ ବାଲିଖାଦାନ ଉପରେ ଚଢ଼ଉ କରାଯିବା ସହିତ ଶିଖରପୁର ଓ ରାଜନଗର ଠାରେ ଚାଲିଥିବା ସରକାରୀ ବାଲି ଖାଦାନ ଉପରେ ମଧ୍ୟ ଚଢାଉ କରାଯାଇ ବାଲି ଉତୋଳନ ପାଇଁ ବ୍ୟବହାର ହେଉଥିବା ୩ଟି ଜେସିବି ମେସିନ, ୧୦ଟି ଟ୍ରାକ୍ଟର ଜବତ କରିବା ସହିତ ୧୨ଜଣ ଯୁବକଙ୍କୁ ପୋଲିସ ଅଟକ ରଖିଥିବା ସୂଚନା ଦେଇଛନ୍ତି। ତେବେ ଜବତ ଟ୍ରାକ୍ଟର ଓ ମେସିନ ଗୁଡିକୁ ମାଇନିଂ ବିଭାଗ ପକ୍ଷରୁ ଯାଞ୍ଚ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସାମ୍ବାଦିକ ସମ୍ମିଳନୀରେ ଆଇ.ଆଇ.ସି ସୂଚନା ପ୍ରଦାନ କରିଛନ୍ତି। ଏହି ସମ୍ମିଳନୀରେ ଜଳେଶ୍ୱର ଆଇ.ଆଇ.ସି ଅଶୋକ କୁମାର ବାରିକ, ମାଇନିଂ କନିଷ୍ଠ ଅଧିକାରୀ ତାପସ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ରେମୁଣା ପଞ୍ଚାୟତ ସମିତିର ସାଧାରଣ ବୈଠକ

ରେମୁଣା, ୨୩।୪ (ସମିସ): ରେମୁଣା ବ୍ଲକ ପଞ୍ଚାୟତ ସମିତି ସଭା ଗୃହରେ ଷଷ୍ଠ ପଞ୍ଚାୟତ ସମିତି ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ରେମୁଣା ବ୍ଲକ ଅଧ୍ୟକ୍ଷ ରାଜେନ୍ଦ୍ର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ବୈଠକରେ ସାଂସଦଙ୍କ ପ୍ରତିନିଧି ଉମାକାନ୍ତ ପଣ୍ଡା, ବିଧାୟକ ତଥା ସରକାରୀ ଉପମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସଙ୍କ ପ୍ରତିନିଧି କାର୍ତ୍ତିକ ଚନ୍ଦ୍ର ଗିରି, ସମିତିର ଉପାଧ୍ୟକ୍ଷା ସୁମତି ବେହେରା, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଉତ୍ତମ ଜେନା, ତହସିଲଦାର ରେମୁଣା, ଏବିଡିଓ ବଳରାମ ନାୟକଙ୍କ ସମେତ ସମସ୍ତ ଗ୍ରାମ ପଞ୍ଚାୟତର ସରପଞ୍ଚ, ସମିତି ସଦସ୍ୟ/ସଦସ୍ୟା, ଜିଲ୍ଲା ପରିଷଦ ସଦସ୍ୟ/ସଦସ୍ୟା, ସମସ୍ତ ସରକାରୀ ଅଧିକାରୀ ସମସ୍ତ ବିଭାଗର ବିଭାଗୀୟ ଅଧିକାରୀ ଅଦ୍ୟ ବୈଠକରେ ଉପସ୍ଥିତ ଥିଲେ। ପୂର୍ବ ବୈଠକର ବିବରଣୀ ପାଠ ଓ ଦୃଢୀକରଣ, ସାମାଜିକ ସୁରକ୍ଷା ସମ୍ବନ୍ଧୀୟ ଆଲୋଚନା, ସମନ୍ୱିତ ଶିଶୁ ବିକାଶ ଯୋଜନା ବିଭାଗ ସମ୍ବନ୍ଧୀୟ ଆଲୋଚନା, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ, କୃଷି ବିଭାଗ, ଉଦ୍ୟାନ ବିଭାଗ, ସ୍ୱାସ୍ଥ୍ୟ ବିଭାଗ ସମ୍ବନ୍ଧୀୟ ଆଲୋଚନା କରାଯାଇଥିଲା।



## ଷୋଳସା ପାଣ୍ଠ ଶସ୍ୟ ଶ୍ୟାମଳା

କାଳିପଦା, ୨୩।୪ (ସମିସ): ବାଲିଆପାଳ ବ୍ଲକ କୋଷ୍ଟ କେନାଲ ଦକ୍ଷିଣ ପାର୍ଶ୍ୱ ଷୋଳସା ପାଣ୍ଠ ଏବେ ଶସ୍ୟ ଶ୍ୟାମଳ ରେ ପୂରି ଉଠିଛି। ରବି ହାଇ ଇଲଡିଂ ଧାନ ଚାଷରେ ଚଳିତ ବର୍ଷ ଏହା ରେକର୍ଡ କରିଛି। ସ୍ଥାନୀୟ କୃଷି ବିଜ୍ଞାନ କେନ୍ଦ୍ର ଓ କୃଷି ସୂଚନା ପରାମର୍ଶ କେନ୍ଦ୍ରର ବୈଷୟିକ ସହାୟତା ରେ ମାଇ ଅଣ୍ଡିରା ଧାନ ଚାଷ କରି ପ୍ରାୟେ ଦୁଇ ଗୁଣା ଫାଇଦା ଚାଷୀ ପାଉଛନ୍ତି। ପୂର୍ବରୁ ଷୋଳସା ପାଣ୍ଠ ପାଣ୍ଠ ଜମି ରବି ଋତୁରେ ଶୁଖିଲା ଓ ପଡ଼ିଆ ରହୁଥିଲା। ଏବେ ଘରୋଇ ସେଲୋ ପଏଣ୍ଟ କରି ଚାଷୀମାନେ ଚାଷ କରିବାରେ ସୁବିଧା ପାଉଛନ୍ତି। ଖରିଫ ଧାନ ଚାଷ ଏହି ସବୁ ଜମିରେ ଆଦୌ ହୁଏ ନାହିଁ କହିଲେ ଚଳେ। ବର୍ଷା ଓ ବନ୍ୟା ପାଣି ମାସ ମାସ ଧରି ଏହି ପାଣ୍ଠ ଜମିରେ ଜମିରହେ। ବୁଣା ଧାନ ଚାଷ ଖରିଫ ଋତୁରେ ମଧ୍ୟ ସମ୍ଭବ ହୁଏ ନାହିଁ। ଚଳିତ ବର୍ଷ ସମୁଦାୟ ପାଣ୍ଠ ଜମିର ଏକ ତୃତୀୟାଂଶ ଜମିରେ ରବି ହାଇ ଇଲଡିଂ ଧାନ ଚାଷ ହୋଇଛି। ତେବେ ମାଇ ଅଣ୍ଡିରା ଧାନ ଚାଷରେ ଅଧିକ ଅମଳ ହେଉ ଥିବା ଚାଷୀ ମନ୍ମଥ କୁମାର ପାତ୍ର, ଅନନ୍ତ କୁମାର ଜେନା, ଶରତ ଚନ୍ଦ୍ର ପ୍ରଧାନ, କାଳି ଚରଣ ମଣ୍ଡଳ, ଗଣେଶ ଚନ୍ଦ୍ର ଜେନା, ସୁକୁମାର ପାତ୍ର, ସୁରେନ୍ଦ୍ର ନାଥ ରାଉଳ ପ୍ରମୁଖ କହିଛନ୍ତି। ସରକାରୀ ସ୍ତର ରେ ଉଠା ଜଳ ସେଚନ ପଏଣ୍ଟ ବସିଲେ ଚାଷୀ ଅଧିକ ଲାଭବାନ ହୋଇ ପାରନ୍ତେ ବୋଲି ଚାଷୀମାନେ ମଧ୍ୟ କହିଛନ୍ତି।



## ରଣସାହି ଓ ଅଠଳାମାଳରେ ବିଶ୍ୱ ପୃଥିବୀ ଦିବସ




ବାଲେଶ୍ୱର, ୨୩।୪ (ସମିସ): ସାମାଜିକ ସଂଗଠନ ମୁନ କମ୍ୟୁନିକେସନ ତରଫରୁ ବିଶ୍ୱ ପୃଥିବୀ ଦିବସ ପାଳିତ ହୋଇଯାଇଛି। ସମ୍ପାଦକ ଅବନୀ କୁମାର ଜେନାଙ୍କ ନେତୃତ୍ୱରେ ରଣସାହି ଓ ଅଠଳାମାଳରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଶିକ୍ଷୟିତ୍ରୀ ସବିତା ନାୟକ, ସତ୍ୟଭାମା ଲେଙ୍କା, ରାଉଁଦେ ମୁର୍ମୁ, ଗୋବିନ୍ଦ ଲେଙ୍କା ଯୋଗ ଦେଇ ବିଶ୍ୱ ଜଳବାୟୁ ସଂଗଠନ ରିପୋର୍ଟ ଅନୁଯାୟୀ ଏକ ଦଶନ୍ଧି ଧରି ପୃଥିବୀର ତାପମାତ୍ରା ୧୧ ଡିଗ୍ରୀ ବୃଦ୍ଧି ଫଳରେ ଅହେତୁକ ଗ୍ରୀଷ୍ମ ପ୍ରବାହ, ବନ୍ୟା ଓ ହିମ ବରଫ ତରଳିବା ଭଳି ବିପର୍ଯ୍ୟୟ ସମସ୍ୟା ଦେଖାଦେଇଛି। ପୃଥିବୀକୁ ରକ୍ଷା କରିବାକୁ ହେଲେ ବ୍ୟାପକ ବୃକ୍ଷରୋପଣ, ବନ୍ୟଜୀବ ସଂରକ୍ଷଣ ପ୍ରାକୃତିକ ସମ୍ପଦ ସଞ୍ଚୟ ସହ ସୁପରିଚାଳନା ଓ ସବୁଜ ଶକ୍ତିର ବ୍ୟବହାର ପାଇଁ ଆହ୍ୱାନ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ସ୍ୱୟଂ ସହାୟକ ଗୋଷ୍ଠୀ ସ୍ଥାନୀୟ ଜନସାଧାରଣ ଭାଗ ନେଇ ଏ ବର୍ଷର ବାର୍ତ୍ତା 'ଆମ ପୃଥିବୀ ଆମ ଶକ୍ତି' ପାଇଁ ଆଗାମୀ ବର୍ଷାଋତୁ ଠାରୁ ସାମୁହିକ ଭାବେ ବୃକ୍ଷରୋପଣ, ସୌରଶକ୍ତି ଓ ସବୁଜ ଶକ୍ତି ବ୍ୟବହାର ସହ ଏକ ସବୁଜ ସୁନ୍ଦର ପୃଥିବୀ ପାଇଁ ଶପଥ ପାଠ କରିଥିଲେ।

## ଧାନକିଣାରେ ବ୍ୟାପକ ଅନିୟମିତତା ଅଭିଯୋଗ




ଜଳେଶ୍ୱର ବ୍ଲକ, ୨୩।୪(ସମିସ): ୨୦୨୫-୨୬ ଆର୍ଥିକବର୍ଷର ପଞ୍ଜିକୃତ ଚାଷୀମାନେ ଟୋକନ୍ ଅନୁଯାୟୀ ଧାନ ବିକ୍ରି କରିବାକୁ ସରକାର ଘୋଷଣା କରିଥିଲେ କିନ୍ତୁ ସମିତିର କର୍ମଚାରୀ, ସମବାୟ ସମିତିର ନିର୍ଦ୍ଦେଶକ ଏବଂ ସେମାନଙ୍କ ସମ୍ପର୍କୀୟମାନେ ଶତପ୍ରତିଶତ ଧାନ ବିକ୍ରି କରିଥିବା ବେଳେ ଅନ୍ୟ ଚାଷୀମାନଙ୍କଠାରୁ ମାତ୍ର ୭୦ ପ୍ରତିଶତ ଧାନ କିଣାଯାଇଛି। ସେହିପରି ୨୦୨୬-୨୭ ରବି ଧାନବିକ୍ରି ପାଇଁ ନାମ ପଞ୍ଜୀକରଣ ତାରିଖ ଗତ ମାର୍ଚ୍ଚ ୧୦ରୁ ୨୫ ଯାଏ ଧାର୍ଯ୍ୟ ଥିଲା ହେଲେ ଏହି ସମୟରେ ଚାଷୀଙ୍କୁ ଫର୍ମ ପ୍ରଦାନରେ ପାତରଅନ୍ତର ହୋଇଛି। ସେହିପରି ଧାନବିକ୍ରି ପାଇଁ ପଞ୍ଜିକୃତ ଚାଷୀଙ୍କଠାରୁ ୧ ହଜାର ଟଙ୍କା ଲେଖାଏଁ ଆଦାୟ କରାଯାଉଛି। ଋଣ ଖିଲାପକାରୀ ଚାଷୀଙ୍କୁ ନାମ ପଞ୍ଜୀକରଣ ପାଇଁ ସୁଯୋଗ ମିଳିବନି ବୋଲି କୁହାଯାଇ ସମିତି ସଦସ୍ୟ ଓ କର୍ମଚାରୀ ତଥା ସେମାନଙ୍କ ସମ୍ପର୍କୀୟମାନଙ୍କ ନାମରେ ଋଣ ଥାଇ ମଧ୍ୟ ନାମ ପଞ୍ଜୀକରଣ କରାଯାଇଛି। ଅନ୍ୟପଟେ ସମିତିର କର୍ମଚାରି ନିଯୁକ୍ତିରେ ଅନିୟମିତତା ଏବଂ ଚାଷୀ ମାନଙ୍କୁ ଖରାପ ବ୍ୟବହାର କରିବାକୁ ପଛାଉ ନାହାଁନ୍ତି କର୍ମଚାରୀ। ଏ ନେଇ ଆଜି ଜରହରି ପ୍ରଧାନ, ବ୍ରଜମୋହନ ଦାସ, ସରୋଜ ଦର, ବୀରକିଶୋର ରାଉତ, ତପନ ଘୋଷ, କେଦାର ଘୋଷ, ଶିବପ୍ରସାଦ ବାରିକ, ରବୀନ୍ଦ୍ର ବାରିକ, ସତ୍ୟରଞ୍ଜନ ଦାସ ପ୍ରମୁଖଙ୍କ ସହ ଅନେକ ଚାଷୀ ଜିଲ୍ଲାପାଳଙ୍କୁ ଭେଟିଛନ୍ତି। ଯାହାର ନକଲ ସମବାୟ ମନ୍ତ୍ରୀ, ସଚିବ, ବାଲେଶ୍ୱର ସାଂସଦ ଏଆରସିଏସ୍ ତଥା ଅନ୍ୟ ପ୍ରଶାସନିକ ଅଧିକାରୀଙ୍କୁ ମଧ୍ୟ ପ୍ରଦାନ କରାଯାଉଛି। ସ୍ମାରକପତ୍ରରେ ପଞ୍ଜୀକରଣରୁ ବାଦ୍ ପଡ଼ିଥିବା ସମସ୍ତ ଚାଷୀଙ୍କ ନାମ ପଞ୍ଜୀକରଣ କରିବା, ସମିତିର କର୍ମଚାରୀ ନିଯୁକ୍ତିରେ ହୋଇଥିବା ଅନିୟମିତତାର ତଦନ୍ତ ଏବଂ ସମିତି ଅଫିସ୍‌ରେ ନିଶା ସେବନ ନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରିଛନ୍ତି।

# ବେପରୁଆ ଡମ୍ପର ଚଳାଚଳକୁ ଅଞ୍ଚଳବାସୀଙ୍କ ବିରୋଧ

ରାଜଘାଟ, ୨୩।୪ (ସମିସ)



ମୋରମ, ମାଟି ଓ ବାଲି ମାଫିଆଙ୍କ ଗାଡ଼ି ଚଳାଇବାରେ ଜନସାଧାରଣ ବାଧା ସୃଷ୍ଟି କଲେ ଗାଡ଼ି ଚପାଇ ମାରି ଦେବାକୁ ଖୋଲାଖୋଲି ଭାବେ ଚାଲେଞ୍ଜ ଦେଉଛନ୍ତି। ଯାହାକୁ ନେଇ ଅମର୍ଦାରୋଡ ଅଞ୍ଚଳରେ ଆଜିର ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ଏନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ସୂଚନା ଥାଉ କି ଯେ, ଗତ ୨/୩ ବର୍ଷ ହେବ ରେଳବାଇ ତୃତୀୟ ଲାଇନ ସମ୍ପ୍ରସାରଣ କାର୍ଯ୍ୟ ଚାଲୁ ରହିଛି। ତେବେ ଉକ୍ତ ତୃତୀୟ ଲାଇନ ସମ୍ପ୍ରସାରଣ ପାଇଁ ମାଟି ମୋରମ ଆବଶ୍ୟକ ରହି ଥିବା ବେଳେ ଏସଇପିଏଲ କମ୍ପାନୀ ଦ୍ୱାରା ମାଟି ମୋରମ ଅମର୍ଦାରୋଡ ଦେଇ ବସ୍ତା, ରାଜଘାଟ, ଜଳେଶ୍ୱର, ପଶ୍ଚିମବଙ୍ଗକୁ ପରିବହନ ହେଉଥିବାବେଳେ ଡମ୍ପର ଚାଳକଙ୍କ ବେପରୁଆ ଭାବେ ଡମ୍ପର ଚାଳନା ଓ ଡମ୍ପର ଚାଳକମାନେ ପ୍ରତିଯୋଗିତା ମୂଳକ ଯାନବାହାନ ଚଳାଚଳ ଏବଂ ଟ୍ରାଫିକ ସମସ୍ୟା ଯୋଗୁଁ ପୂର୍ବରୁ ଓ ବର୍ତ୍ତମାନ ଦୁର୍ଘଟଣା ମାନ ଘଟି ଧନ ଜୀବନ ହାନି ଘଟୁଛି। ଫଳରେ ସ୍ଥାନୀୟ ଅଞ୍ଚଳବାସୀ ଡମ୍ପର ଚଳାଚଳକୁ ବିରୋଧ କରି ପ୍ରଶାସନ, କମ୍ପାନୀ ଓ ଡମ୍ପର ମାଲିକ ଉପସ୍ଥିତିରେ ଗାଡ଼ି ଚଳାଚଳର ଏକ ନୀତି ନିୟମ ନିର୍ଦ୍ଧାରିତ ହୋଇଥିଲା। ହେଲେ ନିର୍ଦ୍ଧାରିତ ନିୟମ ରାତ୍ରି ୧୦ ରୁ ଭୋର ୫ ଘଟିକା ପର୍ଯ୍ୟନ୍ତ ଚଳାଚଳ କଲେ କେହି ଅସୁବିଧାର ସମ୍ମୁଖିନ ହେବେ ନାହିଁ ବୋଲି ନିଷ୍ପତି ହୋଇଥିଲା। ହେଲେ ଅଧିକ ଉପାର୍ଜନରେ ବାଧା ସୃଷ୍ଟି ହେଉଥିବାରୁ କମ୍ପାନୀ ମାଲିକ ଓ ଡମ୍ପର ମାଲିକ ମାନେ ନୀତି ନିୟମକୁ ଖାତିର ନକରି ଯୋରଜବରଦସ୍ତ ଡମ୍ପର ଚଳାଉଥିବାରୁ ମଙ୍ଗଳବାର ଏକ ଡ଼ମ୍ପରକୁ ଅଟକାଇ ପୁଲିସରେ ଜିମା ଦେଇ ଥିଲେ। ଜବତ ଡମ୍ପର ମୁକୁଳିବା ପୂର୍ବରୁ ବୁଧବାର ନିୟମ ବିରୁଦ୍ଧ ରେ ଯାଇ ଏକ ଡମ୍ପର ଦିନ ପ୍ରାୟ ୧.୩୦ ମିନିଟ ସମୟରେ ବେପରୁଆ ଗାଡ଼ି ଚାଳନା ଯୋଗୁଁ ବିଦ୍ୟୁତ ଖୁଣ୍ଟ ଭାଙ୍ଗି ଯିବା ଫଳରେ ବିଦ୍ୟୁତ ତାର ଛିଣ୍ଡି ଛିଡା ହୋଇଥିବା ଯାତ୍ରୀବାହୀ ବସରେ ଯାତ୍ରୀ ବସିଥିବା ସମୟରେ ଛିଡି ପଡ଼ିଥିଲା ସ୍ଥାନୀୟ ଲୋକଙ୍କ ଉପସ୍ଥିତ ବୁଦ୍ଧି ଯୋଗୁଁ ବିଦ୍ୟୁତ ବିଭାଗ ଫୋନ ଯୋଗେ ଅବଗତ କରାଇ ବିଦ୍ୟୁତ ସେବା ବନ୍ଦ କରିବା ଫଳରେ ଅଳ୍ପକେ ବର୍ତ୍ତିଯାଇ ଥିଲେ ବସ ଯାତ୍ରୀ। ପ୍ରତିଯୋଗିତା ମୂଳକ ଭାବେ ଡମ୍ପର ଦୃତ ଗତିରେ ଚଳାଚଳ, ଗାଡି ଘୋଡାର ବୈଧ କାଗଜପତ୍ର ନଥିବା, ମୋରମ, ମାଟି ଓ ବାଲି ପରିବହନ ଗୋଟିଏ/ଦୁଇଟା ଟ୍ରାଂଜିଟ ପାସ ଦେଖାଇ ଚୋରାରେ ଚାଲାଣ କରୁଥିବା ଅଭିଯୋଗ ପରେ ବି ପ୍ରଶାସନ ନୀରବ କାହିଁକି? ଏଥିରୁ ସ୍ପଷ୍ଟ ବାରି ହେଉଛି କି ଯେ ପ୍ରଶାସନିକ ଅଧିକାରୀ ଓ ମାଫିଆ ମାନଙ୍କ ମଧୁଚନ୍ଦ୍ରିକା ଯୋଗୁଁ ଡମ୍ପର ମାଲିକ ମାନେ କାହାକୁ ଖାତିର କରୁ ନାହାଁନ୍ତି। ଏନେଇ ଅଭିଯୋଗ ମଧ୍ୟ ହେଉଛି। ଏ ନେଇ ଉଭୟ ବାଲେଶ୍ୱର ଓ ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ, ପୋଲିସ, ତହସିଲ ଦାର ଓ ମାଇନ୍ସ ବିଭାଗ ଦୃଢ଼ ପଦକ୍ଷେପ ନେବାକୁ ଦାବି ହେଉଛି। ଏସଇପିଏଲ କମ୍ପାନୀ ଡମ୍ପର ଦୃଘଟଣାରେ ଚଳିତ ମାସ ୧୧ ତାରିଖ ମଧ୍ୟରାତ୍ରି ରେ ମୟୁରଭଞ୍ଜ ଅଞ୍ଚଳର ଜନୈକ ଯୁବକଙ୍କ ମୃତ୍ୟୁ ପରେ ପୂର୍ବତନ ବିଧାୟକ ଦେବୀ ପ୍ରସନ୍ନ ଚନ୍ଦ, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ଶମ୍ଭୁନାଥ ସେଠୀ, ପ୍ରଦୀପ କୁମାର ବେହେରା, ସମିତି ସଭ୍ୟା ପ୍ରତିନିଧି ଗଣେଶ ଚନ୍ଦ ସମେତ ସ୍ଥାନୀୟ ବୁଦ୍ଧିଜୀବୀ ଓ ଜନସାଧାରଣ ଆଲୋଚନାରେ ନିଷ୍ପତ୍ତି କରିଥିଲେ ହେଁ ଉକ୍ତ କମ୍ପାନୀ ମାଲିକ ସହଜରେ ଗ୍ରହଣ କରିପାରୁ ନାହାଁନ୍ତି। ବୁଧବାର ସନ୍ଧ୍ୟାରେ ଡମ୍ପର ମାଲିକମାନେ ସର୍ବସାଧାରଣଙ୍କ ସମ୍ମୁଖ ରେ ଜନସାଧାରଣଙ୍କୁ ଖୋଲାଖୋଲି ଭାବେ ଧମକ ଓ ଚାଲେଞ୍ଜ ଦେଇଥିବା ବଜାର ଘାଟରେ ଲୋକଙ୍କ ଆଲୋଚନାରୁ ଜଣାପଡ଼ିଛି। ଏପରି ଚେଲେଞ୍ଜକୁ ମୁହଁତୋଡ ଜବାବ ଦିଆଯିବ ବୋଲି କଡା ଚେତାବନୀ ଦେଇଛନ୍ତି ସ୍ଥାନୀୟ ଜନସାଧାରଣ। ଏପରି ସମ୍ବେଦନଶୀଳ ସମସ୍ୟା ପ୍ରତି ପ୍ରଶାସନ ଦୃଷ୍ଟି ଦେଇ କିଛି ଅଘଟଣ ଘଟିବା ପୂର୍ବରୁ ଜନସାଧାରଣଙ୍କ ମୌଳିକ ସମସ୍ୟା ପ୍ରତି ଦୃଷ୍ଟି ଦେଇ ବିହିତ ପଦକ୍ଷେପ ଗ୍ରହଣ ନକଲେ ଆଗକୁ ଅମର୍ଦାରୋଡ ଅଞ୍ଚଳରେ ଅପ୍ରୀତିକର ପରିସ୍ଥିତି ଉପୁଜିବାର ସମ୍ଭାବନା ରହିଛି। ଏହାକୁ ଏଡ଼ାଇ ଦିଆଯାଇ ନ ପାରେ। ପରିବହନ ବିଭାଗ ପକ୍ଷରୁ ନିୟମିତ ଭାବେ ଚଳାଚଳ କରୁଥିବା ଯାନବାହାନ ଗୁଡ଼ିକୁ ଯାଞ୍ଚ କରିବା ଆବଶ୍ୟକ ରହିଛି ବୋଲି ସ୍ଥାନୀୟ ଜନସାଧାରଣ ଦାବି କରିଛନ୍ତି।



## ଆଜିର ରାଶିଫଳ

**ମେଷ:** ବ୍ୟବସାୟରେ ଆଶାଜନକ ପରିଣାମ ମିଳିବ ନାହିଁ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଆର୍ଥିକ ସ୍ଥିତି ଭଲ ରହିବ। ବନ୍ଧୁଙ୍କ ସହାୟତା ମିଳିବ। ନକାରାତ୍ମକ ଚିନ୍ତା ଦୂର ହେବ।

**ବୃଷ:** ଯାତ୍ରା ଯୋଗ ଅଛି। ଯାନବାହନ କିଣିବେ। ନିବେଶରୁ ଦୂରେଇ ରୁହନ୍ତୁ। ଛାତ୍ରଛାତ୍ରୀ ମନପସନ୍ଦ କାର୍ଯ୍ୟରେ ସମୟ ଅତିବାହିତ କରିବେ। ବନ୍ଧୁଙ୍କ ସହ ମନୋମାଳିନ୍ୟ ଦେଖା ଦେବ।

**ମିଥୁନ:** ଧାର୍ମିକ ପୁସ୍ତକ ପ୍ରତି ଆଗ୍ରହ ବଢ଼ିବ। ମନ ପ୍ରସନ୍ନ ରହିବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ। ପରୋପକାର କାର୍ଯ୍ୟରେ ନିଜକୁ ନିୟୋଜିତ କରିବେ। ଘରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ।

**କର୍କଟ:** ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ। କୌଣସି କାର୍ଯ୍ୟରେ ସମସ୍ୟା ଦେଖା ଦେବ। ଅଯଥା ଖର୍ଚ୍ଚ ବୃଦ୍ଧି ପାଇବ। ବିବାହରେ ସମସ୍ୟା ଆସିବ। ପ୍ରତିଯୋଗିତାମୂଳକ ପରୀକ୍ଷାରେ ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ।

**ସିଂହ:** ଚାକିରିରେ ସଫଳତା ମିଳିବ। ଜୀବନସାଥୀଙ୍କ ସହଯୋଗ ମିଳିବ। ବାପାଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଚିନ୍ତାରେ ରହିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**କନ୍ୟା:** ଚାକିରିକୁ ନେଇ କୌଣସି ସମସ୍ୟା ଦେଖା ଦେବ। ପାରିବାରିକ ଜୀବନ ସୁଖମୟ ହେବ। ଘରେ ପୂଜାପାଠ ଆୟୋଜନ କରିବେ। ଅଟକିଥିବା କାର୍ଯ୍ୟ ପୂରା ହେବ। ଆୟର ନୂଆ ଅବସର ପ୍ରାପ୍ତ ହେବ।

**ତୁଳା:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଆର୍ଥିକ ସ୍ଥିତି ମଜଭୁତ୍ ହେବ। ବିବାହ ପ୍ରସ୍ତାବ ଆସିବ। ରାଜନୀତିରେ ସଫଳତା ମିଳିବ। ଛାତ୍ରଛାତ୍ରୀ କ୍ୟାରିୟର ପାଇଁ ନୂଆ ଯୋଜନା କରିବେ।

**ବିଛା:** ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳତା ମିଳିବ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ବୈବାହିକ ଜୀବନ ସୁଖଶାନ୍ତିରେ କଟିବ। ବିଦ୍ୟାର୍ଥୀ ପଢ଼ାରେ ମନୋନିବେଶ କରିବେ।

**ଧନୁ:** ପରିବାର ଲୋକଙ୍କ ସହଯୋଗ ମିଳିବ। ସ୍ୱାସ୍ଥ୍ୟରେ ସୁଧାର ଆସିବ। ଆୟ ତୁଳନାରେ ବ୍ୟୟ ଅଧିକ ହେବ। କଥାରେ ମଧୁରତା ରକ୍ଷା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ।

**ମକର:** ଦିନଟିରେ କର୍ମଚଞ୍ଚଳ ରହିବେ। ବ୍ୟବସାୟରେ ଲାଭ ମିଳିବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। ପଡ଼ୋଶୀଙ୍କ ସହ ମତାନ୍ତର ହେବ। ପୈତୃକ ସମ୍ପତ୍ତିକୁ ଲାଭ ମିଳିବ। ପ୍ରେମ ସମ୍ବନ୍ଧ ସୁଖମୟ ହେବ।

**କୁମ୍ଭ:** ବ୍ୟବସାୟକୁ ନେଇ ଦୂରସ୍ଥାନକୁ ଯାତ୍ରା କରିବେ। ନିବେଶରୁ ଦୂରେଇ ରୁହନ୍ତୁ। ଘରେ ପୂଜାପାଠ ଆୟୋଜନ ହେବ। ବିବାହ ସମସ୍ୟା ସମାଧାନ ହେବ। ଯାନବାହନ କ୍ରୟର ଯୋଗ ଅଛି।

**ମୀନ:** ଚାକିରିକୁ ନେଇ ଚିନ୍ତାରେ ରହିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। ଦୂରସ୍ଥାନକୁ ଯାତ୍ରା କରିବେ। ବିଦ୍ୟାର୍ଥୀ ଖେଳକୁଦରେ ସମୟ ଅତିବାହିତ କରିବେ।

## ଆଜିର ଇତିହାସ

- ୧୮୭୭- ରୁଷ୍ ଅଟୋମନ ସାମ୍ରାଜ୍ୟ ବିରୋଧରେ ଯୁଦ୍ଧ ଘୋଷଣା କଲା।
- ୧୮୯୮- ସ୍ପେନ୍ ଆମେରିକା ବିରୋଧରେ ଯୁଦ୍ଧ ଘୋଷଣା କଲା।
- ୧୯୨୦- ପୋଲାଣ୍ଡ ସେନା ୟୁକ୍ରେନ୍ ଉପରେ ଆକ୍ରମଣ କଲା।
- ୧୯୫୪- ଅଷ୍ଟ୍ରେଲିଆ ସୋଭିଏତ୍ ସଂଘଠାରୁ ରାଜନୈତିକ ସମ୍ପର୍କ ଛିନ୍ନ କଲା।
- ୨୦୦୨- ଆର୍ଜେଣ୍ଟିନାରେ ବ୍ୟାଙ୍କଗୁଡ଼ିକୁ ଅନିଶ୍ଚିତ କାଳ ପାଇଁ ବନ୍ଦ କରି ଦିଆଗଲା।



## ମଶାରୁ ରକ୍ଷା ପାଇବାର ନିଆରା ଉପାୟ

ମଶା ଦାଉରୁ ରକ୍ଷା ପାଇବା ଲାଗି ଲୋକେ ମଶାରି, ମଶାବତୀ, ଅଲଆଉଟ୍, ମସ୍‌କ୍ୟୁଟୋ ର୍ୟାକେଟ୍ ଆଦି ବ୍ୟବହାର କରନ୍ତି। ଏହି କ୍ରମରେ ହାଇଦ୍ରାବାଦର ଜଣେ ସିକ୍ୟୁରିଟି ଗାର୍ଡ ମଶାଦାଉରୁ ନିଜକୁ ସୁରକ୍ଷିତ ରଖିବା ପାଇଁ ଯାହା କରିଛନ୍ତି, ତାହା ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିଛି। ଏହାର ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ସେୟାର୍ ହେବା ପରେ ସମସ୍ତଙ୍କ ନଜରକୁ ଆସିଛି। ସିକ୍ୟୁରିଟି ଗାର୍ଡ ଜଣକ କାମ କରିବା ସମୟରେ ମଶାରି ଘୋଡ଼ି ହୋଇ ବସିଥିବାର ନଜର ଆସିଛନ୍ତି। ଏହି ଦୃଶ୍ୟ ଦେଖିବାକୁ ଯେତିକି ମଜାଦାର ଲାଗୁଛି, ତା'ଠୁ ଅଧିକ ଏହା ଚିନ୍ତାଜନକ। ତେବେ ଏଭଳି କରିବା ପଛରେ ବି କାରଣ ଅଛି। କାରଣ ବିଗତ କିଛି ମାସ ହେଲାଣି ସହରରେ ମଶାଙ୍କ ଉପଦ୍ରବ ବଢ଼ିଛି। ତେଣୁ ଗାର୍ଡ ଜଣକ ରାତିରେ ଡ୍ୟୁଟି ସମୟରେ ମଶାଠାରୁ ସୁରକ୍ଷିତ ରହିବା ପାଇଁ ସମ୍ପୂର୍ଣ୍ଣ ମଶାରି ଘୋଡ଼ି ହୋଇ ବସିଛନ୍ତି। ଅନ୍ୟପଟେ ମଶାଙ୍କ ସଂଖ୍ୟା ଏତେ ବେଶି ବଢ଼ିଛି ଯେ, ସାଧାଣର ଉପାୟ ବି ଫଳପ୍ରଦ ସାବ୍ୟସ୍ତ ହେଉ ନ ଥିବା କୁହାଯାଉଛି। ସିକ୍ୟୁରିଟି ଗାର୍ଡଙ୍କର ଏଭଳି ଯୋଗାଡ଼ିଆ ବ୍ୟବସ୍ଥାକୁ ଲୋକେ ବର୍ଷର ସବୁଠୁ ଉଚ୍ଚକୋଟୀର ଯୋଗାଡ଼ିଆ ବ୍ୟବସ୍ଥା ବୋଲି କହିଛନ୍ତି। ତେବେ ଏହି ଘଟଣାକୁ ନେଇ ଲୋକେ ଭିନ୍ନ ଭିନ୍ନ ପ୍ରତିକ୍ରିୟା ରଖିଛନ୍ତି।

## କ୍ଷତିକାରକ ଷ୍ଟିକର୍ ଯୁକ୍ତ ଫଳ

ସାଧାରଣତଃ ଲୋକେ ବଜାରରେ ବିକ୍ରି ହେଉଥିବା ଫଳ ଓ ପନିପରିବାଗୁଡ଼ିକ ଆଣି ତାକୁ ଧୋଇ ବ୍ୟବହାର କରିଥାନ୍ତି। ତେବେ ଏହାକୁ କେବଳ ପାଣିରେ ଧୋଇବା ସୁରକ୍ଷିତ ନୁହେଁ। ଏବେ ବଜାରରେ ଷ୍ଟିକର୍ ଲାଗିଥିବା ଫଳ ତଥା ପନିପରିବା ବିକ୍ରି ହେଉଛି। ଏହା ସ୍ୱାସ୍ଥ୍ୟ ପକ୍ଷେ କ୍ଷତିକାରକ ହୋଇଥାଏ। ନିକଟରେ ଭାରତୀୟ ଖାଦ୍ୟ ସୁରକ୍ଷା ଓ ମାନକ ପ୍ରାଧିକରଣ ପକ୍ଷରୁ ଫଳ ଓ ପନିପରିବା ଉପରେ ଲାଗିଥିବା ଷ୍ଟିକର୍‌କୁ ନେଇ ଏକ ଚେତାବନୀ ଜାରି କରାଯାଇଛି। ଏଥିରେ କୁହାଯାଇଛି ଯେ, ଏହି ଷ୍ଟିକର୍‌ଗୁଡ଼ିକର ପଛପଟେ ବ୍ୟବହୃତ ଅଠାଜାତୀୟ ପଦାର୍ଥ ଖାଦ୍ୟ ଉପଯୋଗୀ ନୁହେଁ, ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ହୋଇପାରେ। ଷ୍ଟିକର୍‌ରେ ଲାଗିଥିବା ଫଳ ଓ ପନିପରିବାକୁ ଭଲ ଭାବେ ପରିଷ୍କାର କରିବା ଦରକାର। ସେହିପରି ଫଳ ତଥା ପନିପରିବାରେ ଲାଗିଥିବା ଷ୍ଟିକର୍ ମୁଖ୍ୟତଃ ଖାଇବାଯୋଗ୍ୟ ନୁହେଁ। କାରଣ ଏଥିରେ ବ୍ୟବହୃତ ହେଉଥିବା ଅଠା ଅନେକ ସମୟରେ ସିନ୍ଥେଟିକ୍ ହୋଇଥାଏ। ଯାହାକି ପେଟରେ ପାଚନ ସମସ୍ୟା ସୃଷ୍ଟି କରିପାରେ। ଏହାବାଦ୍ ଷ୍ଟିକର୍ ତଳେ କୀଟନାଶକ ଏବଂ ମଇଳା ଜମା ହୋଇପାରେ। ଯାହାକୁ କେବଳ ଧୋଇଦେଲେ ଚାଲି ଯାଏ ନାହିଁ। ତେଣୁ ଏହି ଷ୍ଟିକର୍‌ଯୁକ୍ତ ଫଳ ଓ ପନିପରିବାକୁ ଖାଇଲେ ଜୀବାଣୁ ଶରୀର ଭିତରକୁ ଯାଏ। ତେବେ ଖାଇବା ପୂର୍ବରୁ କେବଳ ଫଳ ଓ ପନିପରିବାକୁ ଧୋଇବା ଯଥେଷ୍ଟ ନୁହେଁ। ପ୍ରଥମେ ଫଳ ଓ ପରିବାରେ ଲାଗିଥିବା ଷ୍ଟିକର୍‌କୁ ବାହାର କରିବା ଦରକାର। ଷ୍ଟିକର୍ ବାହାରି ଯିବା ପରେ ତାକୁ ୨୦ରୁ ୩୦ ସେକେଣ୍ଡ ପର୍ଯ୍ୟନ୍ତ ଭଲ ଭାବେ ପାଣିରେ ରଗଡ଼ି ସଫା କରିବା ଉଚିତ। ଯେଭଳି ସେଥିରୁ ଅଠା ଓ ରସାୟନିକ ତତ୍ତ୍ୱ ଦୂର ହେବ। ଏହାବାଦ୍ ପାଣିରେ ଏକ ଚାମଚ ବେକିଂ ସୋଡ଼ା ମିଶାଇ ଫଳ ତଥା ପରିବାକୁ ଧୋଇବା ଦ୍ୱାରା ରସାୟନିକ ପରସ୍ତ ଛାଡ଼ିଯାଏ।





## 'କିଙ୍ଗ୍' ରିଲିଜ୍ ପୂର୍ବରୁ ଆୟ କଲା ୨୫୦ କୋଟି

ବଲିଉଡ୍‌ର କିଙ୍ଗ୍ ଖାନ୍ ଶାହାରୁଖ୍ ୨୦୨୩ ମସିହାରେ ଲଗାତାର ତିନୋଟି ହିଟ୍ ଫିଲ୍ମ ('ପଠାନ୍', 'ଯବାନ୍' ଓ 'ଡଙ୍କି') ଦେଇଥିଲେ। ସେବେଠାରୁ କିଙ୍ଗ୍ ଖାନ୍‌ଙ୍କ ପ୍ରଶଂସକମାନେ ତାଙ୍କ ଆଗାମୀ ଫିଲ୍ମକୁ ଅପେକ୍ଷା କରିଛନ୍ତି। ଏବେ ଶାହାରୁଖ୍ ପୁଣି ଥରେ ତାଙ୍କ ଆଗାମୀ ଫିଲ୍ମ 'କିଙ୍ଗ୍' ମାଧ୍ୟମରେ ପରଦାକୁ ଫେରୁଛନ୍ତି। ସିଦ୍ଧାର୍ଥ ଆନନ୍ଦ ଏହାର ନିର୍ଦ୍ଦେଶନା ଦେଇଛନ୍ତି। ଏହାର ବଜେଟ୍ ୪୦୦ କୋଟି ରହିଛି। ଇତିମଧ୍ୟରେ 'କିଙ୍ଗ୍'ର ଥିଏଟ୍ରିକାଲ ଡିଷ୍ଟ୍ରିବ୍ୟୁସନ୍ ରାଇଟସ୍‌କୁ ବେଶ୍ ମୋଟା ଅଙ୍କରେ ବିକ୍ରି କରାଯାଇଥିବା ଜଣାପଡ଼ିଛି। ପେନ୍ ମାରୁଧର ବିତରଣ ସଂସ୍ଥା ଏହାର ଥିଏଟର ବିତରଣ ଅଧିକାରକୁ ୨୫୦ କୋଟିରେ କିଣିଛି। ପେନ୍ ମାରୁଧର ବିତରଣ ସଂସ୍ଥାର ଶାହରୁଖ୍‌ଙ୍କ ଫିଲ୍ମ ସହିତ ଦୀର୍ଘ ଦିନର ସଂପର୍କ ରହିଛି। ପୂର୍ବରୁ ଏହା 'ଯବାନ', 'ଡଙ୍କି', 'ଜିରୋ', 'ବଦଲା' ଏବଂ 'ଇତେଫାକ' ଭଳି ଫିଲ୍ମର ଡିଷ୍ଟ୍ରିବ୍ୟୁସନ କରିଛି। 'କିଙ୍ଗ୍'ରେ ଶାହାରୁଖ୍‌ଙ୍କ ବ୍ୟତୀତ ସୁହାନା ଖାନ୍, ଅଭିଷେକ ବଚ୍ଚନ, ଅନୀଲ କପୁର, ଅଭୟ ବର୍ମା ପ୍ରମୁଖ ନଜର ଆସିବେ। ଏହାର କାହାଣୀ ଏକ ଭୟାନକ ଯାତ୍ରାରେ ବାହାରିଥିବା ଜଣେ ଗୁରୁ ଓ ଶିଷ୍ୟଙ୍କ କାହାଣୀ ଉପରେ ଆଧାରିତ। କେମିତି କଠିନ ପରିସ୍ଥିତିରେ ସେମାନେ ବଞ୍ଚିବା ପାଇଁ ସଂଘର୍ଷ କରୁଛନ୍ତି ତାକୁ ନେଇ ଫିଲ୍ମର କାହାଣୀ। ଏଥିରେ ଶାହାରୁଖ୍ ଡବଲ ରୋଲରେ ନଜର ଆସିବେ। ଖଳନାୟକ ଭୂମିକାରେ ଏଥିରେ ଅଭିଷେକ ବଚ୍ଚନ ନଜର ଆସିବେ। ଏହା ଆସନ୍ତା ଡିସେମ୍ବର ୨୪ରେ ରିଲିଜ୍ ହେବ।

## ସଞ୍ଜୀବନୀ

### କାନ କର୍କଟ



ବିଶୃଙ୍ଖଳିତ ଜୀବନଶୈଳୀ, ଚିନ୍ତା, ପ୍ରଦୂଷଣ ଆଦି କାରଣରୁ ଅଧୁନା କର୍କଟ ରୋଗ ନିରନ୍ତର ବୃଦ୍ଧି ପାଉଛି। ତନ୍ମଧ୍ୟରୁ କାନ କର୍କଟ ଏକ ବିରଳ କିନ୍ତୁ ଗମ୍ଭୀର ରୋଗ। ଏହା ବାହ୍ୟ କାନ, କାନ ଭିତରେ ବିକଶିତ ହୋଇପାରେ। ଅସ୍ୱାଭାବିକ କୋଷଗୁଡିକ ଦ୍ରୁତ ଗତିରେ ବୃଦ୍ଧି ପାଇ ଆଖପାଖ ଟିସୁକୁ କ୍ଷତି ପହଞ୍ଚାଏ। ଏହା ହାଡ଼ ଏବଂ ସ୍ନାୟୁକୁ ପ୍ରଭାବିତ କରିପାରେ। ତେଣୁ କାନ ଯନ୍ତ୍ରଣା, କାନରୁ ରକ୍ତ ପଡ଼ିବା ଆଦି ସମସ୍ୟା ଥିଲେ ଏହାକୁ ଅଣଦେଖା ନକରି ଶୀଘ୍ର ରୋଗ ଚିହ୍ନଟ କଲେ ଚିକିତ୍ସା ସହଜ ହୁଏ।

ଦୀର୍ଘ ସମୟ ଧରି ସଂକ୍ରମଣ, ସୂର୍ଯ୍ୟକିରଣର ଅତ୍ୟଧିକ ସଂସ୍ପର୍ଶ, ଚର୍ମ କର୍କଟ, ଧୂମପାନ କିମ୍ବା ଦୁର୍ବଳ ପ୍ରତିରକ୍ଷା ପ୍ରଣାଳୀ ଏହି ରୋଗର ମୁଖ୍ୟ କାରଣ। ଏହି ରୋଗର ପ୍ରାଥମିକ ଲକ୍ଷଣ ମଧ୍ୟରେ ଲଗାତାର କାନରୁ ପୂଜ ବାହାରିବା ଓ ଯନ୍ତ୍ରଣା, କାନ ଚାରିପାଖେ ଏକ ଗଣ୍ଠି, ମୁଖର ଗୋଟିଏ ପାର୍ଶ୍ୱରେ ନିସ୍ତେଜତା, ମୁଣ୍ଡ ବୁଲାଇବା ଆଦି ଅନ୍ତର୍ଭୁକ୍ତ। ଏପରି ଦୀର୍ଘ ସମୟ ଧରି ଲାଗି ରହିଲେ, ଇଏନ୍ଟି ବିଶେଷଜ୍ଞଙ୍କ ସହିତ ପରାମର୍ଶ କରିବା ଆବଶ୍ୟକ। ରୋଗର ସ୍ଥିତି ଅନୁସାରେ ଚିକିତ୍ସା କରାଯାଏ। ଅସ୍ତ୍ରୋପଚାର, ରେଡିଓଥେରାପି ଏବଂ ଔଷଧ ସାହାଯ୍ୟରେ ଅନେକ ରୋଗୀ ସାଧାରଣ ଜୀବନକୁ ଫେରିଆସନ୍ତି।

### ଘର ବଇଦ — ଅଣ୍ଟାଧରାର ଉପଚାର

- ଗଙ୍ଗଶିଉଳି ପତ୍ର ରସ ଦୁଇ ତୋଳାରେ ୧୫ଟି ଗୋଲମରିଚ ଚୂର୍ଣ୍ଣ ମିଶାଇ ଖାଇଲେ ଅଣ୍ଟାଧରା ଯନ୍ତ୍ରଣାରୁ ଆରାମ ମିଳିଥାଏ।
- ଗିଲ ଅଗିକୁ ରାଇବେସର ଗୋଳାଇ ପୋଡ଼ି ପିଠାକରି ଖାଇ ପାରିବେ।
- ପସାରୁଣୀ ପତ୍ର ଓ ଉଷୁନା ଚାଉଳ କଞ୍ଚା କ୍ଷୀରରେ ଖିରିକରି ଖାଇବା ଦ୍ୱାରା ଅଣ୍ଟାଧରାରୁ ଆରାମ ମିଳେ।
- ଦଶମୂଳ କ୍ୱାଥ ବା ଶୁଣ୍ଠୀ କ୍ୱାଥରେ ଜଡ଼ାତେଲ ଏକ ତୋଳା ପାନକଲେ ସକଳ ପ୍ରକାର କଟିଶୂଳ ଶାନ୍ତ ହୁଏ। ଭଲ ହେବା ପର୍ଯ୍ୟନ୍ତ ଖାଇବେ।

(ଲକ୍ଷ୍ମଣ ମିଶ୍ରଙ୍କ ଦ୍ୱାରା ଲିଖିତ ପୁସ୍ତକରୁ ଉଦ୍ଧୃତ)

### ଆଞ୍ଜିଓପ୍ଲାଷ୍ଟି



ହାର୍ଟ ବା ହୃତ୍‌ପିଣ୍ଡ ମଣିଷ ଶରୀରର ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ଏହା ଶରୀରର ପ୍ରତ୍ୟେକ ଅଙ୍ଗକୁ ରକ୍ତ ସଞ୍ଚାଳନ କରିଥାଏ। ହେଲେ ଆଜିକାଲିର ବିଶୃଙ୍ଖଳିତ ଜୀବନଶୈଳୀ, ଅଧିକ ତେଲମସଲାଯୁକ୍ତ ଖାଦ୍ୟ, ଅନିୟନ୍ତ୍ରିତ ଉଚ୍ଚ ରକ୍ତଚାପ, ଓଜନ ବୃଦ୍ଧି, କାର୍ଯ୍ୟଚାପ ଆଦି କାରଣରୁ ହୃଦ୍‌ପିଣ୍ଡରେ ରକ୍ତସଞ୍ଚାଳନରେ ଅନିୟମିତତା ହୋଇଥାଏ। ଯେତେବେଳେ ହୃଦ୍‌ପିଣ୍ଡର ନିର୍ଦ୍ଦିଷ୍ଟ ଅଂଶକୁ ରକ୍ତ ଓ ଅମ୍ଳଜାନ ପହଞ୍ଚିବାରେ ବ୍ୟାଘାତ ସୃଷ୍ଟି ହୁଏ ସେହି ସ୍ଥିତିରେ ହୃଦ୍‌ଘାତ ହୋଇଥାଏ। ଯେଉଁମାନଙ୍କର ହୃଦ୍‌ଯନ୍ତ୍ରର ରକ୍ତନଳୀରେ ଅବରୋଧ ସୃଷ୍ଟି ହୋଇଥାଏ, ସେମାନଙ୍କର ବେଲୁନ୍ ମାଧ୍ୟମରେ ଏହି ଅବରୋଧକୁ ଖୋଲିବା ପଦ୍ଧତିକୁ ଆଞ୍ଜିଓପ୍ଲାଷ୍ଟି କୁହାଯାଏ। ଏହା ଏକ ଆଧୁନିକ ଏବଂ ପ୍ରଭାବୀ ଚିକିତ୍ସା ପଦ୍ଧତି। ବିନା ବଡ଼ ସର୍ଜରୀରେ ହୃଦ୍‌ପିଣ୍ଡର ଅବରୋଧକୁ ଆଞ୍ଜିଓପ୍ଲାଷ୍ଟି ସାହାଯ୍ୟରେ ଖୋଲାଯାଇଥାଏ। କେବଳ ହାତ ବା ଜଙ୍ଘରେ କଣା କରି ସେହି କଣା ମଧ୍ୟରେ 'କାଥେଟ୍‌ର' ମାଧ୍ୟମରେ ହୃଦ୍‌ଯନ୍ତ୍ରର ଧମନୀ ମଧ୍ୟକୁ ପ୍ରବେଶ କରାଯାଇଥାଏ। ପରବର୍ତ୍ତୀ ସୋପାନରେ ଧମନୀ ମଧ୍ୟକୁ ଅତି ସୂକ୍ଷ୍ମ ତାର ପ୍ରବେଶ କରାଯାଇଥାଏ। ସେହି ତାର ଉପରେ ବେଲୁନ୍ ବା ଷ୍ଟେଣ୍ଟ୍ ଦିଆଯାଇ ଅବରୁଦ୍ଧ ଥିବା ଧମନୀକୁ ଖୋଲି ଦିଆଯାଇଥାଏ। ଯେଉଁ ଯାନ୍ତ୍ରିକ ପରୀକ୍ଷାଗାର ମଧ୍ୟରେ ଏହି ପ୍ରକ୍ରିୟା ସମ୍ପାଦନ କରାଯାଇଥାଏ, ତାକୁ "କ୍ୟାଥ୍‌ଲାବ୍" କୁହାଯାଇଥାଏ। ଏହି ପ୍ରକ୍ରିୟା କରୁଥିବା ସମୟରେ ରକ୍ତଜମାଟ ନ ବାନ୍ଧିବା ପାଇଁ ବିଭିନ୍ନ ପ୍ରକାର ଆଧୁନିକ ଔଷଧ ଆବିଷ୍କାର ବିଗତ ତିନି ଦଶନ୍ଧି ମଧ୍ୟରେ ତ୍ୱରାନ୍ୱିତ ହୋଇଛି। ଏହି ଔଷଧଗୁଡ଼ିକ ମଧ୍ୟ ପର୍ଯ୍ୟାୟକ୍ରମେ ଅପେକ୍ଷାକୃତ କମ୍ ଦାମ୍‌ରେ ମିଳିପାରୁଛି।

## ଉତ୍ତମ ପୋଷଣ ପାଇଁ ସ୍ଥାନୀୟ ଖାଦ୍ୟ, ଋତୁକାଳୀନ ଫଳ ଓ ପନିପରିବାର ଗୁରୁତ୍ୱ



**ପୂର୍ବରୁ ଲୋକମାନେ ସନ୍ତୁଳିତ ଖାଦ୍ୟ ଓ ଋତୁକାଳୀନ ଫଳ, ପନିପରିବା ଉପରେ ଗୁରୁତ୍ୱ ଦେଉଥିଲେ। ଭାତ, ପଖାଳ, ଶାଗ, ପରିବା, ଡାଲି, ମାଛ, ଋତୁକାଳୀନ ଫଳ ଆଦି ପାରମ୍ପରିକ ଖାଦ୍ୟ ଖାଉଥିଲେ। ଜଳବାୟୁ, ସଂସ୍କୃତି ଏବଂ ସାମ୍ପ୍ରଦାୟିକ ଜ୍ଞାନ ଦ୍ୱାରା ପ୍ରଭାବିତ ଏହି ଖାଦ୍ୟ ପୋଷଣତତ୍ତ୍ୱରେ ଭରପୂର ଥିବାରୁ ଏହା ଜୀବନଶୈଳୀଜନିତ ରୋଗଠାରୁ ଦୂରେଇ ରଖିଥାଏ। କିନ୍ତୁ ବର୍ତ୍ତମାନ ପରିବେଶ ସହିତ ଖାଦ୍ୟାଭ୍ୟାସ ପରିବର୍ତ୍ତନ ହୋଇଛି। ପିଲାମାନେ ମାଣ୍ଡିଆ ପେଜ, ଚୁଡ଼ା ମିଶ୍ରଣ କିମ୍ବା ଋତୁକାଳୀନ ଫଳ ପରି ପାରମ୍ପରିକ ଖାଦ୍ୟ ଅପେକ୍ଷା ଇନ୍‌ଷ୍ଟାଣ୍ଟ ନୁଡୁଲ୍ସ, ଅଲ୍ଟ୍ରା ପ୍ରକ୍ରିୟାକୃତ ଖାଦ୍ୟ (ୟୁପିଏଫ୍), ବର୍ଗର ଆଦି ଜଙ୍କ୍‌ଫୁଡ ଖାଉଛନ୍ତି। ଏହା ଯୋଗୁଁ ମଧୁମେହ, ହୃଦ୍‌ରୋଗ ଏବଂ ଅନ୍ୟାନ୍ୟ ଅଣସଂକ୍ରାମକ ରୋଗର ଶିକାର ହେଉଛନ୍ତି। ତେଣୁ ସୁସ୍ଥ ଓ ପାରମ୍ପରିକ ଖାଦ୍ୟ ଅଭ୍ୟାସକୁ ପୁନଃ ଆପଣେଇବା ପାଇଁ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଏପ୍ରିଲ ମାସରେ ପୋଷଣ ପକ୍ଷ ପାଳନ କରାଯାଏ।**



ପ୍ରଶାନ୍ତ କୁମାର ଦାଶ

ଏକ ସନ୍ତୁଳିତ ଏବଂ ପୁଷ୍ଟିକର ଖାଦ୍ୟ କେବଳ ବୃଦ୍ଧି ଏବଂ ବିକାଶ ପାଇଁ ନୁହେଁ, ବରଂ ଦୀର୍ଘକାଳୀନ ଅଣସଂକ୍ରାମକ ରୋଗ ଯଥା - ଉଚ୍ଚ ରକ୍ତଚାପ, ମଧୁମେହକୁ ରୋକିବା ଏବଂ ମାନସିକ ସୁସ୍ଥତାକୁ ବଜାୟ ରଖିବା ପାଇଁ ଅତ୍ୟନ୍ତ ଜରୁରି। ହେଲେ ସହରାଞ୍ଚଳ, ଅର୍ଦ୍ଧ-ସହରୀ ଅଞ୍ଚଳ ଏବଂ ଗ୍ରାମାଞ୍ଚଳର ପିଲା ଓ ଯୁବପିଢ଼ିଙ୍କ ଉଦ୍ଦେଶ୍ୟରେ କରାଯାଉଥିବା ବିଜ୍ଞାପନ ଏବଂ ମାର୍କେଟିଂ, ଦ୍ରୁତ ଡେଲିଭରି ପ୍ଲାଟଫର୍ମ ଦ୍ୱାରା ଏବେ ଜଙ୍କ୍‌ଫୁଡ ସହଜରେ ସବୁଠି ଉପଲବ୍ଧ ହେଉଛି। ଏହି ଖାଦ୍ୟ ଦୈନନ୍ଦିନ ଖାଦ୍ୟର ଏକ ନିୟମିତ ଅଂଶ ପାଲଟିଛି। ପିଲା ଏବଂ ଯୁବପିଢ଼ି ଆଧୁନିକ ଖାଦ୍ୟ ପଦାର୍ଥ ପ୍ରତି ବେଶୀ ଆକୃଷ୍ଟ ହେଉଛନ୍ତି। ଅସ୍ୱାସ୍ଥ୍ୟକର ଖାଦ୍ୟ ଯଥା ଅତ୍ୟଧିକ ଲୁଣ, ଚିନି, ଅସ୍ୱାସ୍ଥ୍ୟକର ଚର୍ବିଜାତୀୟ ଏବଂ ଅଧିକ କ୍ୟାଲୋରୀଯୁକ୍ତ ଖାଦ୍ୟରେ ଆବଶ୍ୟକୀୟ ପୋଷଣ ମାତ୍ରା କମ୍ ଥାଏ। ଏହିପରି ଖାଦ୍ୟ ମେଦବୃଦ୍ଧି, ମଧୁମେହ, ହୃଦ୍‌ରୋଗ ଏବଂ ଅନ୍ୟାନ୍ୟ ଅଣ-ସଂକ୍ରାମକ ରୋଗର କାରଣ ହୁଏ।

**ବଢ଼ୁଥିବା ସାର୍ବଜନୀନ ସ୍ୱାସ୍ଥ୍ୟ ଚିନ୍ତା**

ଜଙ୍କଫୁଡ୍ ରେ କୃତ୍ରିମ ସ୍ୱାଦ, ରଙ୍ଗ ଓ ବିଭିନ୍ନ ପ୍ରକାର ରାସାୟନିକ ପଦାର୍ଥ ମିଶ୍ରଣ ଥାଏ। ତେଣୁ ନିୟମିତ ଜଙ୍କଫୁଡର ସେବନ ଅନେକ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରୁଛି। ଭାରତରେ ଏବେ ନନ୍-କମ୍ୟୁନିକେବଲ୍ ଡିଜିଜ୍ (NCDs) ବହୁତ ଦ୍ରୁତ ଭାବରେ ବଢ଼ୁଛି, ଓଡ଼ିଶା ମଧ୍ୟ ଏଥିରୁ ବାଦ ପଡ଼ିନାହିଁ। ଅସ୍ୱାସ୍ଥ୍ୟକର ଖାଦ୍ୟ, ଶାରୀରିକ କ୍ରିୟାକଳାପ, ଖେଳକୁଦର ଅଭାବ ଓ ବେଶୀ ସମୟ ବସି ରହିବା ଅଭ୍ୟାସ ଆଦି ଯୋଗୁଁ ଏବେ ଛୋଟ ପିଲାମାନଙ୍କ ମଧ୍ୟରେ ଉଚ୍ଚ ରକ୍ତଚାପ, ଡାଇବେଟିସ୍ ଓ ମୋଟାପଣ ଦେଖାଯାଉଛି।

**ଉତ୍ତମ ବିକଳ୍ପ ପାଇଁ ଏକ ସାମୂହିକ ପ୍ରୟାସ**

ସରକାର ପୋଷଣଯୁକ୍ତ ଖାଦ୍ୟ ଅଭ୍ୟାସ ବଢ଼ାଇବା ଓ ମୋଟାପଣ ଏବଂ ଅଣସଂକ୍ରାମକ ରୋଗ(NCDs) କମେଇବା ପାଇଁ ଅନେକ କିଛି ପଦକ୍ଷେପ ନେଇଛନ୍ତି। କିନ୍ତୁ ଅଲ୍ଟ୍ରା-ପ୍ରୋସେସ୍ଡ ଖାଦ୍ୟର ବଜାର ବଢ଼ୁଛି। ସେଥିପାଇଁ ନୀତି, ନିୟମ ଓ ଏହାର ଲାଗୁକରଣ ପ୍ରୟାସ ଏବେ ବି ଜାରି ରହିଥିବାବେଳେ ମାର୍କେଟିଂ ପ୍ରଣାଳୀ ଗ୍ରାହକଙ୍କ ଦୈନନ୍ଦିନ ଖାଦ୍ୟ ଚୟନ ବ୍ୟବହାରକୁ ପ୍ରଭାବିତ କରୁଛି। ଖାଦ୍ୟ ପ୍ୟାକେଟ୍‌ର ଆଗ ପଟେ ଭଲ ଲେବେଲିଂ, ଜଙ୍କ ଫୁଡ୍ ବିକ୍ରି ଓ ବିଜ୍ଞାପନ ଉପରେ ନିୟନ୍ତ୍ରଣ ଏବଂ ଅଧିକ କର ଲାଗୁ କରିବା ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ମାତ୍ର ନିୟମ ଓ କାନୁନ ଦ୍ୱାରା ଏହି ସମସ୍ୟାକୁ ପୂରା ଭାବେ ରୋକା ଯାଇପାରିବ ନାହିଁ। ଲୋକଙ୍କ ମଧ୍ୟରେ ପୋଷଣ ସମ୍ପର୍କିତ ଜ୍ଞାନ ବଢ଼ାଇବା ଓ ସେମାନେ ସ୍ୱାସ୍ଥ୍ୟକର ଖାଦ୍ୟ ବାଛିବାକୁ ସହଜ କରିବା ପାଇଁ ଆହୁରି ବ୍ୟାପକ ପ୍ରୟାସ ଆବଶ୍ୟକ। ଏନେଇ କେବଳ ସରକାରୀ ନୀତି ନୁହେଁ—ପରିବାର, ସ୍କୁଲ, ସମୁଦାୟ ଓ ମିଡିଆ ସମସ୍ତଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଅଛି।

**ଭବିଷ୍ୟତ ପାଇଁ ସୁସ୍ଥ ବିକଳ୍ପଗୁଡ଼ିକକୁ ଗଠନ କରିବା**

ଯୁବପିଢ଼ିମାନେ ଏବେ ବଦଳୁଥିବା ଖାଦ୍ୟ ପରିବେଶର ମଧ୍ୟଭାଗରେ ଅଛନ୍ତି। ସମାଧାନ ସୃଷ୍ଟି କରିବାରେ ସେମାନଙ୍କର ମତ ଅତ୍ୟନ୍ତ ଜରୁରି। ସେମାନଙ୍କ ନେତୃତ୍ୱରେ ନିବେଶ କରିବା ଓ ସେମାନଙ୍କୁ ମତ ଦେବାର ସୁଯୋଗ ଦେବା ଆବଶ୍ୟକ। ଏହା ଦ୍ୱାରା ନୀତି, କ୍ୟାମ୍ପେନ୍ ଓ ପ୍ରୋଗ୍ରାମ୍‌ଗୁଡ଼ିକ ସେମାନଙ୍କ ଜୀବନର ସତ୍ୟ ଅନୁଭବକୁ ଧ୍ୟାନରେ ରଖି ପ୍ରସ୍ତୁତ କରାଯାଇପାରିବ। ଯୁବପିଢ଼ି ହିଁ ସମାଜର ଧାରଣାକୁ ପରିବର୍ତ୍ତନ କରିପାରିବେ। ବର୍ତ୍ତମାନ ଓ ଭବିଷ୍ୟତରେ ମଧ୍ୟ ସ୍ୱାସ୍ଥ୍ୟକର ଓ ସ୍ଥାୟୀ ଖାଦ୍ୟ ପାଇଁ ଆଗ୍ରହ ବଢ଼ାଇ ପାରିବେ।

ଲାନ୍‌ସେଟ (LANCET)ରେ ପ୍ରକାଶିତ ସାମ୍ପ୍ରତିକ ରିପୋର୍ଟ ଅନୁଯାୟୀ, ଭାରତରେ ବିଶ୍ୱରେ ସବୁଠାରୁ ଦ୍ରୁତ ଗତିରେ ବଢ଼ୁଥିବା UPF ଶିଳ୍ପ ଅଛି, ଯାହାଦ୍ୱାରା ଶିଶୁ ଏବଂ କିଶୋରମାନେ ବିଶେଷ ଭାବେ ପ୍ରଭାବିତ ହେବେ। ଓଡ଼ିଶାର ଶିଶୁମାନେ ଓ ଆଗାମୀ ପିଢ଼ିଙ୍କ ସ୍ୱାସ୍ଥ୍ୟକୁ ସୁରକ୍ଷା କରିବା ପାଇଁ ସମସ୍ତଙ୍କ ମିଳିତ ପ୍ରୟାସ ଦରକାର। ସଚେତନ ଭାବେ ଖାଦ୍ୟ ଚୟନ କରିବା ଓ ଭଲ ସୁରକ୍ଷା ବ୍ୟବସ୍ଥା ମଧ୍ୟ ଆବଶ୍ୟକ, ଯାହା ପୌଷ୍ଟିକ ଖାଦ୍ୟକୁ ସମର୍ଥନ କରେ। ତେଣୁ ଜଙ୍କ ଫୁଡ୍‌କୁ "ନା" କହିବା ଓ ବିବିଧ, ସ୍ଥାନୀୟ ଓ ଋତୁକାଳୀନ ଖାଦ୍ୟକୁ "ହଁ" କହିବା ପଛକୁ ଯିବା ନୁହେଁ। ଏହା ଏକ ସ୍ୱାସ୍ଥ୍ୟକର ଓ ଶକ୍ତିଶାଳୀ ଓଡ଼ିଶା ଦିଗରେ ଆଗକୁ ବଢ଼ିବାର ପଦକ୍ଷେପ।

- ୟୁନିସେଫ୍ ମୁଖ୍ୟ, ଓଡ଼ିଶା

କ୍ରୀଡ଼ା

ସକାଳ
THE SAKALA
www.sakalaepaper.com

## ମୁମ୍ବାଇ ଇଣ୍ଡିଆନ୍ସ ବନାମ ଚେନ୍ନାଇ ସୁପର କିଙ୍ଗ୍ସ

# ସଞ୍ଜୁ ସାମସନଙ୍କ ବିସ୍ଫୋରକ ଶତକ



ୱାଙ୍ଖଡେ,୨୩।୪(ଏଜେନ୍ସି):

ସ୍ଥାନୀୟ ୱାଙ୍ଖଡେ ଷ୍ଟାଡିୟମ୍‌ରେ ଗୁରୁବାର ଖେଳାଯାଇଥିବା ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷ ଆଇପିଏଲ୍‌ର ୩୩ତମ ମୁକାବିଲାରେ ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ)ର ଓପନର ସଞ୍ଜୁ ସାମସନ ବିସ୍ଫୋରକ ଶତକ ହାସଲ କରିଛନ୍ତି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରିଥିବା ଚେନ୍ନାଇ ପକ୍ଷରୁ ସାମସନ ମାତ୍ର ୨୬ ବଲ୍‌ରେ ୫୦ରନ୍ ପୂରଣ କରି ଦଳକୁ ବିପର୍ଯ୍ୟୟରୁ ରକ୍ଷା କରିଥିଲେ। ତାଙ୍କ ଶତକ ବଳରେ ପ୍ରଥମେ ବ୍ୟାଟିଂ କରିଥିବା ସିଏସ୍‌କେ ନିର୍ଦ୍ଧାରିତ ୨୦ ଓଭରରେ ୬ୱିକେଟ ହରାଇ ୨୦୭ରନ୍ ସଂଗ୍ରହ କରିନେଇଛି। ଦଳ ପକ୍ଷରୁ ସାମସନ ସର୍ବାଧିକ ୧୦୧ ରନ୍ ଅପରାଜିତ ରହିଥିଲେ। ଚଳିତ ଟୁର୍ଣ୍ଣାମେଣ୍ଟରେ ଏହା ତାଙ୍କର ଦ୍ୱିତୀୟ ଶତକ। ଏଥିଲାଗି ସାମସନ ୫୪ବଲ୍‌ର ସାମ୍ନା କରି ୧୦ଟି ଚୌକା ଓ ୬ଟି ଛକା ମାରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧିନାୟକ ଋତୁରାଜ ଗାଏକ୍ୱାଡ ୧୪ବଲ୍‌ରେ ୨୨ ଓ ଶିବମ ଦୁବେ ୮ ବଲ୍‌ରୁ ୫ ରନ୍ କରି ଚଳିତ ଟୁର୍ଣ୍ଣାମେଣ୍ଟରେ ବିଫଳତାର ଧାରା ଅବ୍ୟାହତ ରଖିଛନ୍ତି। ଉଦୀୟମାନ ଖେଳାଳି ଡିୱାଲ୍ଡ ବ୍ରେଭିସ୍ ୧୧ ବଲ୍‌ରେ ୨୧ ରନ୍ କରିଥିଲେ ମଧ୍ୟ ବଡ଼ ସ୍କୋର କରିବାରୁ ବିଫଳ ହୋଇଥିଲେ। ସର୍ଫରାଜ ଖାନଙ୍କଠାରୁ ଏକ ବଡ଼ ସ୍କୋର ଆଶା କରାଯାଉଥିଲେ ମଧ୍ୟ ସେ ମାତ୍ର ୧୪ ରନ୍ କରିଥିଲେ। ଯୁବ ଖେଳାଳି କାର୍ତ୍ତିକ ଶର୍ମା ୧୮ ଓ ଜାମି ଓଭରଟନ୍ ୧୫ ରନ୍ କରିଥିଲେ। ମୁମ୍ବାଇ ପକ୍ଷରୁ ଆଜି ୱିଲ ଜ୍ୟାକ୍ସଙ୍କୁ ଖେଳିବା ସୁଯୋଗ ମିଳି ନ ଥିଲା। ରୋହିତ ଶର୍ମା ଓ ସିଏସ୍‌କେର ମହେନ୍ଦ୍ର ସିଂ ଧୋନି ମଧ୍ୟ ଏହି ମ୍ୟାଚ୍‌ରେ ଅନୁପସ୍ଥିତ ଥିଲେ। ମୁମ୍ବାଇର ଆଲ୍ଲା ଘଜନଫର ଅଶ୍ୱିନ କୁମାର ୨ଟି ଲେଖାଏଁ ୱିକେଟ ପାଇଥିଲେ। ଯଶପ୍ରୀତ୍ ବୁମ୍‌ରା, ମିଚେଲ ସାଣ୍ଟନରଙ୍କୁ ଗୋଟିଏ ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ।

## ଆୟୁଷଙ୍କ ସ୍ଥାନରେ ଆକାଶ

ଚେନ୍ନାଇ: ଫାଷ୍ଟ ବୋଲର ଆକାଶ ମାଧୱାଲଙ୍କୁ ଆହତ ବ୍ୟାଟର ଆୟୁଷ ମାହତ୍ରେଙ୍କ ସ୍ଥାନରେ ସାମିଲ କରାଯାଇଛି। ମାଂସପେସୀରେ ଆଘାତ ଲାଗିଥିବାରୁ ମାହତ୍ରେ ଚଳିତ ଟୁର୍ଣ୍ଣାମେଣ୍ଟର ଅବଶିଷ୍ଟ ମ୍ୟାଚ୍‌ରେ ଖେଳିପାରିବେ ନାହିଁ। ମାଧୱାଲଙ୍କୁ ସିଏସ୍‌କେ ୩୦ ଲକ୍ଷ ଟଙ୍କାରେ ଦଳରେ ସାମିଲ କରିଛି। ୨୦୨୨ରେ ମୁମ୍ବାଇ ଇଣ୍ଡିଆନ୍ସ ପକ୍ଷରୁ ଆଇପିଏଲ୍ କ୍ୟାରିୟର ଆରମ୍ଭ କରିଥିବା ମାଧୱାଲ ୨୦୨୩ରେ ୮ଟି ମ୍ୟାଚ୍‌ରୁ ୧୪ଟି ୱିକେଟ ନେଇ ଶ୍ରେଷ୍ଠ ସଫଳତା ପାଇଥିଲେ। ଏଲ୍‌ଏସ୍‌ଜି ବିପକ୍ଷରେ ୫ ରନ୍‌ରେ ୫ ୱିକେଟ ନେଇଥିଲେ।

### ଆଇପିଏଲ୍ ପଏଣ୍ଟ ଟେବଲ୍

| ଦଳ | ମ୍ୟା. | ବି. | ପ. | ବା. | ପ. | ଏନ୍‌ଆରଆର୍ |
|---|---|---|---|---|---|---|
| ପଞ୍ଜାବ | ୬ | ୫ | ୦ | ୧ | ୧୧ | +୧.୪୨୦ |
| ରାଜସ୍ଥାନ | ୭ | ୫ | ୨ | ୦ | ୧୦ | +୦.୭୯୦ |
| ବେଙ୍ଗାଲୁରୁ | ୬ | ୪ | ୨ | ୦ | ୮ | +୧.୧୭୧ |
| ହାଇଦରାବାଦ | ୭ | ୪ | ୩ | ୦ | ୮ | +୦.୮୨୦ |
| ଦିଲ୍ଲୀ | ୬ | ୩ | ୩ | ୦ | ୬ | -୦.୧୩୦ |
| ଗୁଜରାଟ | ୬ | ୩ | ୩ | ୦ | ୬ | -୦.୮୨୧ |
| ମୁମ୍ବାଇ | ୬ | ୨ | ୪ | ୦ | ୪ | +୦.୦୬୭ |
| ଚେନ୍ନାଇ | ୬ | ୨ | ୪ | ୦ | ୪ | -୦.୭୮୦ |
| ଲକ୍ଷ୍ନୌ | ୭ | ୨ | ୫ | ୦ | ୪ | -୧.୨୭୭ |
| କୋଲକାତା | ୭ | ୧ | ୫ | ୧ | ୩ | -୦.୮୭୯ |



### ଆଜିର ଆଇପିଏଲ୍ ମ୍ୟାଚ୍

ବେଙ୍ଗାଲୁରୁ ବନାମ ଗୁଜରାଟ
ଭେନ୍ୟୁ - ବେଙ୍ଗାଲୁରୁ
ଖେଳ ଆରମ୍ଭ : ରାତି ୭.୩୦
ପ୍ରସାରଣ : ଷ୍ଟାର ସ୍ପୋର୍ଟ୍ସ, ଜିଓହଟ୍‌ଷ୍ଟାର

## ଲକ୍ଷ୍ନୌର କ୍ରମାଗତ ୪ର୍ଥ ପରାଜୟ

ଲକ୍ଷ୍ନୌ: ଚଳିତ ଆଇପିଏଲ୍‌ରେ ଲକ୍ଷ୍ନୌ ସୁପର୍ ଜାଏଣ୍ଟ୍‌ସ କ୍ରମାଗତ ୪ର୍ଥ ପରାଜୟବରଣ କରିଛି। ବୁଧବାର ରାତିରେ ଏକନା ଷ୍ଟାଡିୟମରେ ଅନୁଷ୍ଠିତ ଲିଗ୍‌ର ୩୨ତମ ମ୍ୟାଚରେ ରାଜସ୍ଥାନ ରୟାଲ୍ସ ୪୦ ରନରେ ଘରୋଇ ସୁପର୍ ଜାଏଣ୍ଟ୍‌ସକୁ ମାତ୍ ଦେଇଛି। ଏହି ଲୋ-ସ୍କୋରିଂ ମ୍ୟାଚରେ ରାଜସ୍ଥାନ ପକ୍ଷରୁ ଧାର୍ଯ୍ୟ ୧୬୦ ରନର ଛୋଟିଆ ଲକ୍ଷ୍ୟକୁ ପିଛା କରିଥିବା ଲକ୍ଷ୍ନୌ ୧୮ ଓଭରରେ ୧୧୯ ରନ କରି ଅଲ୍‌ଆଉଟ ହୋଇଯାଇଥିଲା। ଅଷ୍ଟ୍ରେଲୀୟ ଓପନର୍ ମିଚେଲ ମାର୍ଶ ଏକାକୀ ଲଢ଼େଇ କରି ୫୫ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ ମଧ୍ୟ ତାହା ବେକାର ଯାଇଥିଲା। ବୋଲିଂରେ ରାଜସ୍ଥାନ ପାଇଁ ଜୋଫ୍ରା ଆର୍ଚର (୩/୨୦), ନାନ୍ଦ୍ରେ ବର୍ଗର (୨/୨୭) ଓ ବ୍ରିଜେଶ ଶର୍ମା (୨/୧୮) ମିଳିତ ଭାବେ ୭ଟି ୱିକେଟ୍ ନେଇଥିଲେ। ବ୍ୟାଟିଂରେ ୨୯ ବଲରେ ଅପରାଜିତ ୪୩ ରନ ଓ ବୋଲିଂରେ ଗୋଟିଏ ୱିକେଟ ନେଇଥିବା ରାଜସ୍ଥାନର ରବୀନ୍ଦ୍ର ଜାଡେଜା ଶ୍ରେଷ୍ଠ ଖେଳାଳି ହୋଇଥିଲେ। ରାଜସ୍ଥାନ ଏଥିସହ ୭ମ ମ୍ୟାଚରୁ ୫ମ ବିଜୟ ହାସଲ କରି ୧୦ ପଏଣ୍ଟ ସହିତ ଟେବଲର ଦ୍ୱିତୀୟ ସ୍ଥାନକୁ ଉଠିଛି। ଅପରପକ୍ଷରେ ସୁପର୍ ଜାଏଣ୍ଟ୍‌ସ ସମାନ ସଂଖ୍ୟକ ମ୍ୟାଚରୁ ୫ମ ପରାଜୟ ଓ ୨ଟି ବିଜୟ ସହ ୪ ପଏଣ୍ଟ ପାଇ ୯ମ ସ୍ଥାନରେ ସ୍ଥିର ରହିଛି।

## ମା'ଙ୍କ ବିୟୋଗ ସତ୍ତ୍ୱେ ମୁମ୍ବାଇ ବିପକ୍ଷରେ ଖେଳିଲେ ମୁକେଶ



ମୁମ୍ବାଇ, ୨୩।୪ (ଏଜେନ୍ସି): ପାଞ୍ଚଥରର ବିଜେତା ଚେନ୍ନାଇ ସୁପର୍ କିଙ୍ଗ୍ସ ଓ ମୁମ୍ବାଇ ଇଣ୍ଡିଆନ୍ସ ମଧ୍ୟରେ ଚଳିତ ଆଇପିଏଲ୍‌ର ହାଇଭୋଲଟେଜ ମ୍ୟାଚ୍ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ୱାଙ୍ଖେଡେରେ ଅନୁଷ୍ଠିତ ଏହି ମ୍ୟାଚ୍ ଅପେକ୍ଷା ସିଏସକେ'ର ଦ୍ରୁତ ବୋଲର ମୁକେଶ ଚୌଧୁରୀଙ୍କୁ ନେଇ ଚର୍ଚ୍ଚା ଅଧିକ ହୋଇଛି। ଦୁଇଦିନ ତଳେ ମୁକେଶଙ୍କ ମା' ପ୍ରେମ ଦେବୀଙ୍କ ବିୟୋଗ ଘଟିଥିଲା। ମା'ଙ୍କ ଅନ୍ତ୍ୟେଷ୍ଟି କ୍ରିୟା ସାରି ମୁକେଶ ଦଳ ସହ ଯୋଗଦେଇ ଗୁରୁବାର ମୁମ୍ବାଇ ବିପକ୍ଷରେ ଖେଳିଥିଲେ। କ୍ରିକେଟ୍‌ପ୍ରତି ମୁକେଶଙ୍କ ଏହି ଉତ୍ସର୍ଗୀକୃତ ମନୋଭାବକୁ ନେଇ ଏବେ ଚାରିଆଡୁ ତାଙ୍କୁ ପ୍ରଶଂସା କରାଯାଉଛି। ଉଲ୍ଲେଖଯୋଗ୍ୟ, ମୁକେଶଙ୍କ ମା ଅସୁସ୍ଥତା ଲାଗି ମୁମ୍ବାଇର ଟାଟା ହସ୍ପିଟାଲରେ ଚିକିତ୍ସିତ ହେଉଥିବାବେଳେ ମହେନ୍ଦ୍ର ସିଂ ଧୋନି ତାଙ୍କ ସହ ଯୋଗାଯୋଗରେ ରହିଥିଲେ। ଏପରିକି ଧୋନି ହସ୍ପିଟାଲକୁ ଯାଇ ମୁକେଶଙ୍କ ମା'ଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିଥିଲେ। କିନ୍ତୁ ଶେଷରେ ମୁକେଶଙ୍କ ମା ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ମୁକେଶଙ୍କ ମା'ଙ୍କ ସମ୍ମାନାର୍ଥେ ଚେନ୍ନାଇ ଦଳର ସମସ୍ତ ଖେଳାଳି ମୁମ୍ବାଇ ବିପକ୍ଷ ମ୍ୟାଚରେ କଳା ରିବନ ବାନ୍ଧି ଖେଳିଥିଲେ।

■ ଟି-୨୦ ସିରିଜରେ ଭାରତର ହ୍ୟାଟ୍ରିକ ପରାଜୟ

## ଦକ୍ଷିଣ ଆଫ୍ରିକାକୁ ଜିତାଇଲେ ଲୌରା

ଜୋହାନ୍ସବର୍ଗ, ୨୩।୪ (ଏଜେନ୍ସି): ଦକ୍ଷିଣ ଆଫ୍ରିକା ଗସ୍ତରେ ଯାଇଥିବା ଭାରତୀୟ ମହିଳା କ୍ରିକେଟ୍ ଦଳ ଟି-୨୦ ସିରିଜରେ ହ୍ୟାଟ୍ରିକ ପରାଜୟବରଣ କରିଛି। ଗତକାଲି ରାତିରେ ଏଠାରେ ଅନୁଷ୍ଠିତ ତୃତୀୟ ଟି-୨୦ରେ ଘରୋଇ ଦକ୍ଷିଣ ଆଫ୍ରିକା ମହିଳା ଦଳ ୯ ୱିକେଟରେ ଭାରତକୁ ପରାସ୍ତ କରିଛି। ପୂର୍ବରୁ ପ୍ରଥମ ଦୁଇଟି ମ୍ୟାଚକୁ ଯଥାକ୍ରମେ ୬ ୱିକେଟ୍ ଓ ୮ ୱିକେଟରେ ହାରିଥିବା ଭାରତ ଏଥିସହ ୩-୦ରେ ଆଗୁଆ ସିରିଜ ହାରିଯାଇଛି। ସିରିଜର ଶେଷ ଦୁଇଟି ମ୍ୟାଚ ଯଥାକ୍ରମେ ଶନିବାର ଓ ସୋମବାର ଖେଳାଯିବ।

ତୃତୀୟ ଟି-୨୦ରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଭାରତୀୟ ମହିଳା ଦଳ ୨୦ ଓଭରରେ ୪ ୱିକେଟ ହରାଇ ୧୯୨ ରନ ସଂଗ୍ରହ କରିଥିଲା। ଅଧିନାୟିକା ହରମନପ୍ରୀତ କୌର ୬୬, ଶେଫାଳି ବର୍ମା ୬୪, ସ୍ମୃତି ମନ୍ଧାନା ୩୭ ରନ କରିଥିଲେ। ଜବାବରେ ଅଧିନାୟିକା ତଥା ଓପନର ଲୌରା ୱଲଭର୍ଟଙ୍କ ୧୧୫ ରନର ଶତକୀୟ ପାଳି ବଳରେ ଦକ୍ଷିଣ ଆଫ୍ରିକା ଗୋଟିଏ ୱିକେଟ୍ ହରାଇ ୨୧ ବଲ ପୂର୍ବରୁ ଲକ୍ଷ୍ୟ ହାସଲ କରିନେଇଥିଲା। ଲୌରା ତାଙ୍କ ୫୩ ବଲ୍ ପାଳିରେ ୧୪ଟି ଚୌକା ଓ ୫ଟି ଛକା ମାରି ଆଉଟ୍ ହୋଇଥିଲେ। ଆଉଟ୍ ହେବା ପୂର୍ବରୁ ସେ ଅନ୍ୟତମ ଓପନର୍ ସୁନେ ଲସ୍ (ଅପରାଜିତ ୬୪)ଙ୍କ ସହ ଓପନିଂ ୱିକେଟ ଯୋଡ଼ିରେ ରେକର୍ଡ ୧୮୩ ରନର ଭାଗୀଦାରି ଗଢ଼ି ବିଜୟପଥ ପରିଷ୍କାର କରିଥିଲେ।

## ମେ ୧'ରେ ଖେଳିବେ ମିଚେଲ ଷ୍ଟାର୍କ



ନୂଆଦିଲ୍ଲୀ,୨୩।୪(ଏଜେନ୍ସି): ଦିଲ୍ଲୀ କ୍ୟାପିଟାଲ୍ସ ଓ ଆଇପିଏଲ୍ ଫ୍ୟାନ୍‌ଙ୍କ ଲାଗି ଖୁସି ଖବର। ଦିଲ୍ଲୀ ପକ୍ଷରୁ ଖେଳୁଥିବା ଫାଷ୍ଟ ବୋଲର ମିଚେଲ ଷ୍ଟାର୍କଙ୍କୁ ଆଇପିଏଲ୍‌ରେ ଖେଳିବା ଲାଗି କ୍ରିକେଟ ଅଷ୍ଟ୍ରେଲିଆ ଫିଟ୍ ଘୋଷିତ କରିଛି। ଏହାର ଅର୍ଥ ସେ ଏବେ ଆଇପିଏଲ୍ ଖେଳିପାରିବେ। ଏହା ଘୋଷଣା ହେବା ପରେ ଦିଲ୍ଲୀ କ୍ୟାପିଟାଲ୍ସ ଷ୍ଟାର୍କଙ୍କୁ ମେ ୧'ରେ ରାଜସ୍ଥାନ ରୟାଲ୍ସ ସହ ଖେଳାଯିବାକୁ ଥିବା ମୁକାବିଲାରେ ଖେଳିବେ ବୋଲି ଆଶା କରୁଛି। ସୂଚନାଯୋଗ୍ୟ ବାମହାତ କହୁଣୀରେ ଆଘାତ ଲାଗିଥିବାରୁ ତାଙ୍କୁ ବିଶ୍ରାମ ଦେବାକୁ କୁହାଯାଇଥିଲା। ୩୫ ବର୍ଷୀୟ ଏହି ବାମହାତୀ ଫାଷ୍ଟ ବୋଲର ଟେଷ୍ଟ କ୍ରିକେଟରେ ଅଷ୍ଟ୍ରେଲିଆକୁ ଆସେସ ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଅଷ୍ଟ୍ରେଲିଆ ଚଳିତ ସିଜନରେ ଅଧିକ ଟେଷ୍ଟ ଖେଳିବାକୁ ଥିବାରୁ ଷ୍ଟାର୍କ, ପ୍ୟାଟ କମିନ୍ସ ଓ ଜୋଶ ହାଜ୍‌ଲେଉଡ୍‌ଙ୍କୁ ଆଇପିଏଲ୍ ଖେଳାଇବାକୁ ଚାହୁଁ ନ ଥିଲା। କିନ୍ତୁ ବିପୁଳ ପରିମାଣର ଅର୍ଥ ଓ ୨ ବର୍ଷ ଲାଗି ବାସନ୍ଦ ଭୟ ଯୋଗୁଁ କ୍ରିକେଟ ଅଷ୍ଟ୍ରେଲିଆ ଚାପରେ ପଡ଼ି ଏହି ୩ ଖେଳାଳିଙ୍କୁ ପର୍ଯ୍ୟାୟକ୍ରମେ ଆଇପିଏଲ୍ ଖେଳିବାକୁ ଛାଡିଛି। କିନ୍ତୁ ଏମାନେ କ୍ରିକେଟ ଅଷ୍ଟ୍ରେଲିଆର ମେଡିକାଲ ଟିମ୍ ସହ ସର୍ବଦା ଯୋଗାଯୋଗରେ ରହିବେ।

## ବିପଦଜ୍ଜନକ ପିଚ୍ ଯୋଗୁଁ ଅଧାରୁ ମ୍ୟାଚ୍ ବାତିଲ

ଆଣ୍ଟିଗୁଆ, ୨୩।୪ (ଏଜେନ୍ସି): ୱେଷ୍ଟଇଣ୍ଡିଜରେ ଏକ ଘରୋଇ ପ୍ରଥମଶ୍ରେଣୀ କ୍ରିକେଟ୍ ମ୍ୟାଚକୁ ଅଧାରୁ ବାତିଲ କରିବାକୁ ପଡ଼ିଛି। ପିଚ୍‌କୁ 'ବିପଦଜ୍ଜନକ' ଦର୍ଶାଇ ମ୍ୟାଚ୍ ରେଫରୀ ଏଭଳି ନିଷ୍ପତ୍ତି ନେଇଛନ୍ତି। ସ୍ଥାନୀୟ ସାର୍ ଭିଭି ରିଚାର୍ଡ୍ସ ଷ୍ଟାଡିୟମରେ ଲିୱାର୍ଡ ଆଇସଲାଣ୍ଡ ଓ ତ୍ରିନିଦାଦ ଟବାଗୋ ମଧ୍ୟରେ ଏହି ମ୍ୟାଚ୍ ଚାଲିଥିଲା। ଅତ୍ୟଧିକ ଅସମାନ ବାଉନ୍ସି ହେଉଥିବା ଏହି ଟ୍ରାକ୍‌ରେ ପ୍ରଥମେ ବ୍ୟାଟିଂ କରି ଲିୱାର୍ଡ ଆଇସଲାଣ୍ଡ ପ୍ରଥମ ପାଳିରେ ୧୩୧ରେ ସୀମିତ ରହିଥିଲା। ଜବାବରେ ତ୍ରିନିଦାଦ ମଧ୍ୟ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୧୭୫ ରନରେ ଅଲଆଉଟ୍ ହୋଇଥିଲା। ଏହାପରେ ୪୪ ରନ ପଛରେ ପାଇ ଦ୍ୱିତୀୟ ପାଳି ଆରମ୍ଭ କରିଥିବା ଲିୱାର୍ଡ ଦଳ ବୁଧବାର ତୃତୀୟ ଦିବସରେ ୪୭.୩ ଓଭରରେ ୭ ୱିକେଟ୍ ହରାଇ ୧୪୦ ରନ କରିଥିବାବେଳେ ଏକ ଅପ୍ରୀତିକର ଘଟଣା ଦେଖିବାକୁ ମିଳିଥିଲା। ତ୍ରିନିଦାଦ ଦଳର ଦ୍ରୁତ ବୋଲର ଜେଡେନ ସେଲ୍ସଙ୍କ ଏକ ବଲ୍ ହଠାତ ଅପ୍ରତ୍ୟାଶିତ ଭାବେ ଅତ୍ୟଧିକ ବାଉନ୍ସ ହୋଇ ପ୍ରତିପକ୍ଷ ବ୍ୟାଟର୍ ଜେରେମିଆ ଲୁଇସଙ୍କ ହେଲମେଟ୍‌ରେ ବାଜିଥିଲା। ଫଳରେ ଲୁଇସ ପିଚ୍ ଉପରେ ଗଳି ପଡ଼ିଥିଲେ। ପରେ ପିଚ୍‌ର ଏଭଳି ଅସ୍ୱାଭାବିକ ପ୍ରକୃତିକୁ ନେଇ ଲୁଇସ ଉତକ୍ଷିପ୍ତ ହୋଇ ପିନ୍ଧିଥିବା ହେଲମେଟକୁ ବାହାର କରି ଗୋଇଠା ମାରିବା ସହ ପଡ଼ିଆ ଛାଡ଼ି ଚାଲିଯାଇଥିଲେ। ଏହାପରେ କ୍ରିକେଟ୍ ୱେଷ୍ଟଇଣ୍ଡିଜ ପକ୍ଷରୁ ଏକ ବିବୃତି ଜାରି କରାଯାଇଥିଲା।

■ ଆଇରିସ୍ ଓପନ ଚ୍ୟାଲେଞ୍ଜ କପ୍

## କ୍ୱାର୍ଟରରେ ସୁବ୍ରତ-ପିଟର ମୁକାବିଲା



ଭୁବନେଶ୍ୱର,୨୩।୪(ସମିସ): ଓଡ଼ିଶାର ବରିଷ୍ଠ ଖେଳାଳି ସୁବ୍ରତ ଦାସ ଆୟର୍ଲାଣ୍ଡରେ ଚାଲିଥିବା ଆଇରିସ୍ ଓପନ ଚ୍ୟାଲେଞ୍ଜ କପ୍ ବିଲିଆର୍ଡ୍ସ ଟୁର୍ଣ୍ଣାମେଣ୍ଟର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଏବେ ସେ କ୍ୱାର୍ଟର ଫାଇନାଲରେ ୱେଲ୍ସର ପିଟର ଷ୍ଟେୟନରଙ୍କ ସହ ମୁକାବିଲା କରିବେ।

ସେହିପରି ସଭାନ ସମୟରେ ଚାଲିଥିବା ୱାର୍ଲ୍ଡ ମ୍ୟାଚ୍‌ପ୍ଲେ ବିଲିଆର୍ଡ୍ସ ଟୁର୍ଣ୍ଣାମେଣ୍ଟରୁ ସୁବ୍ରତ ବିଦା ହୋଇଛନ୍ତି। ଆଜି ଖେଳାଯାଇଥିବା ପ୍ରି-କ୍ୱାର୍ଟରଫାଇନାଲ ମୁକାବିଲାରେ ଇଂଲଣ୍ଡର ର୍‌ୟାନ୍ ମିୟର୍ସଙ୍କଠାରୁ ସୁବ୍ରତ ୩-୨ ଫ୍ରେମ୍‌ରେ ପରାଜିତ ହୋଇ ଏହି ଟୁର୍ଣ୍ଣାମେଣ୍ଟରୁ ବିଦା ହୋଇଥିଲେ। ଏହା ପୂର୍ବରୁ ଖେଳାଯାଇଥିବା ମୁକାବିଲାରେ ଫ୍ରାନ୍ସର ଅଖିଳେଶ ମୋହନଙ୍କୁ ୪-୧ ଫ୍ରେମ୍‌ରେ ହରାଇଥିଲେ। ଏହି ମୁକାବିଲାରେ ସୁବ୍ରତ ୮୯ ଓ ୫୦ ବ୍ରେକ୍ ହାସଲ କରିଥିଲେ।

■ ୩ୟ ଦିନିକିଆରେ ନ୍ୟୁଜିଲାଣ୍ଡ ପରାସ୍ତ

## ବାଂଲାଦେଶକୁ ସିରିଜ ଜିତାଇଲେ ସାଣ୍ଟୋ, ମୁସ୍ତାଫିଜୁର

ଚଟ୍ଟୋଗ୍ରାମ, ୨୩।୪ (ଏଜେନ୍ସି): ଭ୍ରମଣକାରୀ ନ୍ୟୁଜିଲାଣ୍ଡ ବିପକ୍ଷରେ ଗୁରୁବାର ଏଠାରେ ଅନୁଷ୍ଠିତ ଅନ୍ତିମ ତଥା ୩ୟ ଦିନିକିଆ ମ୍ୟାଚରେ ବାଂଲାଦେଶ ୫୫ ରନରେ ବିଜୟୀ ହୋଇଛି। ନାଜମୋଲ ହୋସେନ ସାଣ୍ଟୋଙ୍କ ଶତକ ଓ ମୁସ୍ତାଫିଜୁର ରେହମାନଙ୍କ ୫ ୱିକେଟ୍ ସଫଳତା ବାଂଲାଦେଶକୁ ଏହି ବଡ଼ ବିଜୟ ଭେଟି ଦେଇଥିଲା। ଫଳରେ ଘରୋଇ ବାଂଲାଦେଶ ୨-୧ରେ ଦିନିକିଆ ସିରିଜକୁ ଜିତିନେଇଛି। ପୂର୍ବରୁ ପ୍ରଥମ ମ୍ୟାଚକୁ ନ୍ୟୁଜିଲାଣ୍ଡ ୨୬ ରନରେ ଓ ଦ୍ୱିତୀୟ ମ୍ୟାଚକୁ ବାଂଲା ଦଳ ୬ ୱିକେଟରେ ବିଜୟୀ ହୋଇଥିଲା। ଆଜି ନିର୍ଣ୍ଣାୟକ ତୃତୀୟ ମ୍ୟାଚକୁ ଜିତି ବାଂଲାଦେଶ ସ୍ମରଣୀୟ ସିରିଜ ବିଜୟୀ ହୋଇଛି। ଗୁରୁବାର ଖେଳାଯାଇଥିବା ଅନ୍ତିମ ଦିନିକିଆରେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ବାଂଲାଦେଶ ୮ ୱିକେଟରେ ୨୬୫ ରନ କରିଥିଲା। ସାଣ୍ଟୋ ୧୦୫ (୧୧୯ ବଲ, ୯ ଚୌକା ଓ ୨ ଛକା) ଓ ଲିଟନ ଦାସ ୭୬ ରନ (୯୧ ବଲ)ର ଉଲ୍ଲେଖନୀୟ ପାଳି ଖେଳିଥିଲେ। ଭ୍ରମଣକାରୀ ଦଳ ପକ୍ଷରୁ ୱିଲିୟମ ଓରୁର୍କୀ ୩, ବେନ୍ ଲିଷ୍ଟ ଓ ଜେଡେନ ଲିନକ୍ସ ୨ଟି ଲେଖାଏ ୱିକେଟ ନେଇଥିଲେ। ଜବାବରେ ନ୍ୟୁଜିଲାଣ୍ଡ ୪୪.୫ ଓଭରରେ ୨୧୦ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଡେନ ଫକ୍ସକ୍ରଫ୍ଟ (୭୫) ଓ ନିକ୍ କେଲୀ (୫୯) ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ ମଧ୍ୟ ଦଳକୁ ଜିତାଇପାରି ନ ଥିଲେ। ସଫଳ ବୋଲର ଭାବେ ମୁସ୍ତାଫିଜୁର ରେହମାନ ୫ଟି ୱିକେଟ୍ ନେଇ କିୱି ଦଳର ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ। ସାଣ୍ଟୋ ମ୍ୟାଚର ଓ ନାହିଦ ରାଣା ସିରିଜର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ।

## 'ଇରାନ ସ୍ଥାନରେ ଇଟାଲୀକୁ ସାମିଲ କରାଯାଉ'




ନ୍ୟୁୟର୍କ,୨୩।୪(ଏଜେନ୍ସି): ଆମେରିକାରେ ଚଳିତବର୍ଷ ଖେଳାଯିବାକୁ ଫିଫା ବିଶ୍ୱକପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ଇରାନ ସ୍ଥାନରେ ଇଟାଲୀକୁ ସାମିଲ କରାଯାଉ ବୋଲି ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ଜଣେ ନିକଟତମ ପ୍ରଶାସନିକ ଅଧିକାରୀ ତଥା ସ୍ୱତନ୍ତ୍ର ଦୂତ ପାଓଲୋ ଜାମ୍ପୋଲି କହିଛନ୍ତି। ତାଙ୍କ ମତରେ ଆମେରିକା- ଇରାନ ମଧ୍ୟରେ ଯୁଦ୍ଧ ଲାଗିଥିବାରୁ ଉଭୟ ଦେଶ ମଧ୍ୟରେ କୂଟନୈତିକ ସମ୍ପର୍କ ତୁଟିଯାଇଛି। ଏଭଳିସ୍ଥଳେ ଆମେରିକାରେ ନ ଖେଳି ଏହି ଟୁର୍ଣ୍ଣାମେଣ୍ଟ ମିଳିତ ଭାବେ ଆୟୋଜନ କରୁଥିବା ମେକ୍ସିକୋ କିମ୍ବା କାନାଡାକୁ ଭେନ୍ୟୁ ସ୍ଥାନାନ୍ତରିତ କରିବାକୁ ଫିଫା ନିକଟରେ ଦାବି କରିଛି। ଏ ସମ୍ପର୍କରେ ଫିଫା ପକ୍ଷରୁ ସ୍ପଷ୍ଟ କରାଯାଇଛି ଯେ, ଇରାନ ଆମେରିକାରେ ଖେଳିବ। କିନ୍ତୁ ଭେନ୍ୟୁ ପରିବର୍ତ୍ତନ କରିବା ସମ୍ପର୍କରେ କିଛି କୁହାଯାଇନାହିଁ। ଆମେରିକାରେ ଖେଳିବ ବୋଲି ଫିଫା କହିବା ପରେ ଇରାନ ପକ୍ଷରୁ ମଧ୍ୟ ଏଯାଏ କିଛି ପ୍ରତିକ୍ରିୟା ପ୍ରକାଶ କରାଯାଇନାହିଁ। ଏହି ସମୟରେ ଆମେରିକା ରାଷ୍ଟ୍ରପତିଙ୍କ ସ୍ୱତନ୍ତ୍ର ଦୂତ ଜାମ୍ପୋଲି ଇଟାଲୀକୁ ଖେଳାଇବା ଲାଗି ଟ୍ରମ୍ପ୍‌ଙ୍କୁ ଅନୁରୋଧ କରିବା ଘଟଣାକୁ ଅଡୁଆ କରିଛି। ସମସ୍ତେ ଏହା ଜାଣିଛନ୍ତି ଯେ ନିୟମ ଅନୁଯାୟୀ ଏଯାଏ କୌଣସି ଚୂଡାନ୍ତ ନିଷ୍ପତ୍ତି ହୋଇନାହିଁ। ଏଣୁ ଇରାନ ନ ଖେଳିବ ବୋଲି କହିବା ଆଦୌ ସମୀଚିନ ନୁହେଁ। ସେହିପରି ଇରାନ ଓ ଆମେରିକା ମଧ୍ୟରେ ସମ୍ପର୍କ ତିକ୍ତ ହୋଇଛି ସତ, କିନ୍ତୁ ଇରାନକୁ ସୁରକ୍ଷା ନ ଦେବା ଲାଗି ଆମେରିକା ପକ୍ଷରୁ ମଧ୍ୟ କିଛି କୁହାଯାଇନାହିଁ। ବିଶ୍ୱକପ୍‌ରେ ଗତ ୩ଟି ସଂସ୍କରଣକୁ ଇଟାଲୀ ଯୋଗ୍ୟତା ଅର୍ଜନ କରିପାରି ନାହିଁ। ଇରାନ କ୍ରମାଗତ ଚତୁର୍ଥ ଥର ବିଶ୍ୱକପ୍ ଖେଳିବାକୁ ଯାଉଛି। ଇରାନ ନ ଖେଳିଲେ ଫିଫା ପକ୍ଷରୁ ଏହି ଜୋନ୍‌ର ଏକ ଶ୍ରେଷ୍ଠ ଦଳକୁ ସୁଯୋଗ ମିଳିବ, କିନ୍ତୁ ଇଟାଲୀକୁ ନୁହେଁ। କିଛି ନ ଜାଣି ଜଣେ ଦୂତ କିମ୍ବା ଟ୍ରମ୍ପ ଚାହିଁଲେ ଇରାନକୁ ବାହାର କରିପାରିବେ ନାହିଁ କିମ୍ବା ଇଟାଲୀକୁ ଫିଫା ବିଶ୍ୱକପ୍‌ରେ ଖେଳାଇ ପାରିବେ ନାହିଁ।

### ଓସିଏ ଆନ୍ତଃଜିଲ୍ଲା ମହିଳା ଟି-୨୦

## ଅନୁଷ୍କା, ମୋନାଲିସାଙ୍କ ଅର୍ଦ୍ଧଶତକ



ଅନୁଷ୍କା ମିଶ୍ର



ମୋନାଲିସା ରାଉତ

ଭୁବନେଶ୍ୱର, ୨୩।୪ (ସମିସ): ଓସିଏ ଆନୁକୂଲ୍ୟରେ ଚାଲିଥିବା ଆନ୍ତଃଜିଲ୍ଲା ମହିଳା ଟି-୨୦ର ଦ୍ୱିତୀୟ ପର୍ଯ୍ୟାୟର ପ୍ରଥମ ଦିବସ ଖେଳ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କେନ୍ଦୁଝର, ଦେଓଗଡ଼, ଜଗତସିଂହପୁର ଦୟନୀୟ ବ୍ୟାଟିଂ ପ୍ରଦର୍ଶନ କରିଛି। ବଲାଙ୍ଗିର ବିପକ୍ଷରେ କେନ୍ଦୁଝର ୫୨ ରନରେ, ନୟାଗଡ଼ ବିପକ୍ଷରେ ଦେଓଗଡ଼ ୬୬ରେ ଓ ମୟୂରଭଞ୍ଜ ବିପକ୍ଷରେ ଜଗତସିଂହପୁର ୭୬ ରନରେ ଅଲଆଉଟ୍ ହୋଇଛି। ଫଳରେ ବଲାଙ୍ଗିର ୮ ୱିକେଟରେ, ନୟାଗଡ଼ ଓ ମୟୂରଭଞ୍ଜ ୯ ୱିକେଟରେ ସହଜ ବିଜୟ ଲାଭ କରିଛି। ସେହିଭଳି ଅନ୍ୟ ମ୍ୟାଚ୍‌ଗୁଡ଼ିକରେ ସୁନ୍ଦରଗଡ଼ ୧୦ ୱିକେଟରେ ନବରଙ୍ଗପୁରକୁ, କଟକ ୭ ୱିକେଟରେ ଭଦ୍ରକକୁ ଓ ମାଲକାନଗିରି ୯୯ ରନରେ କଳାହାଣ୍ଡିକୁ ହରାଇଦେଇଛି। ମାଲକାନଗିରିର ଅନୁଷ୍କା ମିଶ୍ର ଅପରାଜିତ ୯୮ ଓ କଟକର ମୋନାଲିସା ରାଉତ ୬୧ ରନର ଅପରାଜିତ ଅର୍ଦ୍ଧଶତକୀୟ ପାଳି ଖେଳି ଦଳକୁ ବିଜୟୀ କରାଇଥିଲେ।

## କଟକରେ ଆଜିଠାରୁ ରାଜ୍ୟ ତାଏକ୍ୱୋଣ୍ଡୋ ଚାମ୍ପିଅନସିପ୍

ଭୁବନେଶ୍ୱର, ୨୩।୪ (ସମିସ): ଓଡ଼ିଶା ତାଏକ୍ୱୋଣ୍ଡୋ ଆସୋସିଏସନ ଓ କଟକ ଜିଲ୍ଲା ତାଏକ୍ୱୋଣ୍ଡୋ ସ୍ପୋର୍ଟ୍ସ ଆସୋସିଏସନ ଆନୁକୂଲ୍ୟରେ ରାଜ୍ୟ ତାଏକ୍ୱୋଣ୍ଡୋ ଚାମ୍ପିଅନସିପ୍ କଟକର ଜେଏନ୍ ଇଣ୍ଡୋର ଷ୍ଟାଡିୟମ୍‌ରେ ଶୁକ୍ରବାରଠାରୁ ଆରମ୍ଭ ହେବ। ଏପ୍ରିଲ ୨୬ ତାରିଖଯାଏ ୩ ଦିନ ଧରି ହେବାକୁ ଥିବା ଏହି ପ୍ରତିଯୋଗିତାରେ ବିଭିନ୍ନ ୱେଟ୍ କାଟାଗୋରୀରେ ପ୍ରତିଯୋଗୀମାନେ ଅଂଶଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି। ଏହି ପ୍ରତିଯୋଗିତାରୁ ବିଭିନ୍ନ ଜାତୀୟ ଓ ଆମନ୍ତ୍ରଣୀୟ ଟୁର୍ଣ୍ଣାମେଣ୍ଟ ଲାଗି ଖେଳାଳି ଚୟନ କରାଯିବ। ଟୁର୍ଣ୍ଣାମେଣ୍ଟରକୁ ସୁଚାରୁରୂପେ ଆୟୋଜନ କରିବା ଲାଗି ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ ହୋଇଛି ବୋଲି କଟକ ଜିଲ୍ଲା ତାଏକ୍ୱୋଣ୍ଡୋ ସ୍ପୋର୍ଟ୍ସ ଆସୋସିଏସନ ସମ୍ପାଦିକା ସୁଦୀପ୍ତା ନନ୍ଦ ସୂଚନା ଦେଇଛନ୍ତି।

### ଓସିଏ ୧୬ ବର୍ଷରୁ କମ୍ ଆନ୍ତଃଜିଲ୍ଲା ଦିନିକିଆ

## ଜଗତସିଂହପୁର ଓ ବଲାଙ୍ଗିରର ବୃହତ୍ ବିଜୟ



ସମରଜିତ୍ ସାହୁ-ଜଗତସିଂହପୁର



ସିଦ୍ଧେଶ୍ୱର ବାଗ- ବଲାଙ୍ଗିର



ସୋଏବ ଖାନ - ଜଗତସିଂହପୁର



ସୂର୍ଯ୍ୟ ସେଠୀ- ଭଦ୍ରକ

ଭୁବନେଶ୍ୱର, ୨୩।୪ (ସମିସ):

ଓଡ଼ିଶା କ୍ରିକେଟ୍ ଆସୋସିଏସନ (ଓସିଏ) ଆନୁକୂଲ୍ୟରେ ଚାଲିଥିବା ୧୬ ବର୍ଷରୁ କମ୍ ଆନ୍ତଃଜିଲ୍ଲା ଦିନିକିଆ ଟୁର୍ଣ୍ଣାମେଣ୍ଟରେ ଗୁରୁବାର ୬ଟି ମ୍ୟାଚ୍ ଖେଳାଯାଇଛି। ଏଥିରେ ଜଗତସିଂହପୁର ୨୨୨ ରନରେ ରାୟଗଡ଼ାକୁ ଏବଂ ବଲାଙ୍ଗିର ୧୮୦ ରନରେ ପାରାଦୀପକୁ ବୃହତ୍ ବ୍ୟବଧାନରେ ପରାସ୍ତ କରିଛି। ରେଲୱେ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚରେ ଜଗତସିଂହପୁର ପ୍ରଥମେ ବ୍ୟାଟିଂ କରି ସମରଜିତ୍ ସାହୁ (୧୨୬)ଙ୍କ ଶତକ ବଳରେ ୫୦ ଓଭରରେ ୭ ୱିକେଟ୍ ହରାଇ ୨୬୮ ରନ କରିଥିଲା। ଜବାବରେ ରାୟଗଡ଼ା ମାତ୍ର ୪୬ ରନରେ ଅଲ୍‌ଆଉଟ୍ ହୋଇ ଶୋଚନୀୟ ପରାଜୟବରଣ କରିଥିଲା। ବିଜୟୀ ଦଳର ସୋଏବ ଖାନ ୬ ରନରେ ୫ଟି ୱିକେଟ୍ ନେଇଥିଲେ। ସେହିଭଳି ସନସାଇନ ଗ୍ରାଉଣ୍ଡରେ ପ୍ରଥମେ ବ୍ୟାଟିଂ କରି ବଲାଙ୍ଗିର ୬ ୱିକେଟରେ ୩୪୯ ରନ ସଂଗ୍ରହ କରିଥିଲା। ସିଦ୍ଧେଶ୍ୱର ବାଗ ଓ ଆୟୁଷ ସେଠ୍ ୮୦ ରନ ଲେଖାଏ କରିଥିଲେ। ଏହାକୁ ପିଛା କରି ପାରାଦୀପ ୪୨.୫ ଓଭରରେ ୧୬୯ ରନରେ ସମସ୍ତ ୱିକେଟ୍ ହରାଇଥିଲା। ସିଦ୍ଧେଶ୍ୱର ବୋଲିଂରେ ମଧ୍ୟ ୨ଟି ୱିକେଟ୍ ନେଇଥିଲେ।

ଆଜି ଖେଳାଯାଇଥିବା ଅନ୍ୟ ମ୍ୟାଚ୍‌ଗୁଡ଼ିକରେ ଭୁବନେଶ୍ୱର-ବି ୮୪ ରନରେ କେନ୍ଦ୍ରାପଡ଼ାକୁ, ଝାରସୁଗୁଡ଼ା ୧ ୱିକେଟରେ ନୟାଗଡ଼କୁ, ଭଦ୍ରକ ୯୫ ରନରେ ବରଗଡ଼କୁ ଓ କେନ୍ଦୁଝର ୯ ୱିକେଟରେ କଳାହାଣ୍ଡିକୁ ପରାସ୍ତ କରିଥିଲା। କେନ୍ଦୁଝରର ସାଇ ଶାଶ୍ୱତ ଖୁଣ୍ଟିଆ (୪ ୱିକେଟ), ଭଦ୍ରକର ସୂର୍ଯ୍ୟ ସେଠୀ (୧୧୪ ରନ), ଭୁବନେଶ୍ୱରର ଆୟୁଷ ରାଉତ (୪ ୱିକେଟ) ଓ ଝାରସୁଗୁଡ଼ାର ଆଦର୍ଶ ଯାଦବ (୫ ୱିକେଟ) ଶ୍ରେଷ୍ଠ ପ୍ରଦର୍ଶନ କରିଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS